ଗୋରସ୍ଥ ଉପନ୍ୟାସ

ଶେଷ ଖଣ୍ଡ

ଅଦ୍ୟ ଦୁଇ ଖଣ୍ଡ ଭଳି ଏଥିରେ ନାହିଁତ,
ନ ପଢ଼ିଲେ ଏହି ମନ [illegible] ।

ମୌଲବୀ ସୟଦ ଅବଦୁଲ୍ ଜଲିଲଙ୍କଦ୍ୱାରା ଲିଖିତ

ଶ୍ରୀରାଧାକୃଷ୍ଣ ବସୁ ଏମ୍, ଏ, ଙ୍କଦ୍ୱାରା
ପ୍ରକାଶିତ ।

ଦ୍ୱିତୀୟ ସଂସ୍କରଣ—[illegible]

ପ୍ରାପ୍ତିସ୍ଥାନ:—

ଶ୍ରୀରାଧାରମଣ-ପୁସ୍ତକାଳୟ

ବାଲୁବଜାର, କଟକ ।

ଫୋ: [illegible] ।

ମୂଲ୍ୟ [illegible] ଅଣା ମାତ୍ର ।

Digitized by PPRACHIN, SOA

ମୋ ପରମେଶ୍ୱର

ମୋର ଆତ୍ମାସ୍ଥରେ— ଛନ୍ତି ନିରନ୍ତରେ
ମହାପ୍ରଭୁ ପରମେଶ୍ୱର
ତାଙ୍କର ଅସୀମ ଦୟା ପ୍ରଭାବରେ
ସୁଖେ ଯାଏ ଦିନ ମୋର
ସର୍ବ ଶୁଭଦାତା— ସର୍ବ ଦୁଃଖୁଁ ତ୍ରାତା
ସର୍ବ ବ୍ରହ୍ମାଣ୍ଡର ସାଇଁ
ଧର୍ମର ସାଗର— ପ୍ରଭୁ ମହେଶ୍ୱର
ସଦା ଛନ୍ତି ସବୁଠାଇଁ
ସମ୍ପଦେ ବିପଦେ ଜୀବନେ ମରଣେ
ରୋଗେ ଶୋକେ ଅନୁକ୍ଷଣ
ମୋ ପ୍ରାଣ ସଖାଙ୍କୁ— ଭଜୁଥିବି ମନେ
ଏହି ମୋର ନିବେଦନ ।
ତାଙ୍କ ପାଦପଦ୍ମେ ଅତି ବିନୟରେ
କରୁଅଛୁ ଏ ଗୁହାରି
ନିଜ ପ୍ରେମେ ରତ କରନ୍ତୁ ମୋ ଚିତ୍ତ
ଆନ ଚିନ୍ତା ମନୁଁ ଝାଡ଼ି ।

Digitized by PPRACHIN, SOA

ଭାରତୀୟ ଉପନ୍ୟାସ

(୩ୟ ଖଣ୍ଡ)

ବିମର୍ଷ ମନ୍ତ୍ରୀ କଥାର ପୁନଃରାରମ୍ଭ ।

ଏ ମହା ସାଗର ଉତ୍ତୀର୍ଣ୍ଣ ହେବାକୁ
ସାଧୁସଙ୍ଗ ତରୀ ଅଟେ ।
ସେହି ନାବେ ବସି ଦାନ କାଣ୍ଡ ମାର
ଉପସ୍ଥିତ ହୁଅ ତଟେ ।
ଦାନ କର ସଦା ସାଧୁସଙ୍ଗ ଧର ।
ଏହା ଭିନ୍ନ ଆନ ନାହିଁ ।
ମୁକ୍ତିର ଉପାୟ ଏହିତ ଅଟଇ
ସଦା ଏହା କର ଭାଇ ।

ଫକୀରର ଭକ୍ତି ନୀତିପୂର୍ଣ୍ଣ ଗାନ ଶୁଣି ସଂସାରର ଅନିତ୍ୟତା ଓ ମୋହର ସେହି ସମୟର ମନ ଅବସ୍ଥାର କଥା ଚିନ୍ତା ପୁଣି ଶୂନ୍ୟହସ୍ତ ବଶତଃ ଫକୀରକୁ କିଛି ଦେଇ ନ ପାରି ଅତିଶୟ ଦୁଃଖିତ ହେଲି । ଫକୀର ମୋଠାରୁ କିଛି ନ ପାଇ "ମୁଁ ଫାରସୀ ବୁଝି ପାରିଲି ନାହିଁ ମନେକରି ନିମ୍ନଭାବ ବିଶିଷ୍ଟ ଆରବୀ ଗୀତଟି ଗାଇଲେ ।

ଗୀତ ।

ଦଅ ଦଅ ହେ ଦାନରୁ ହୁଅନାହିଁ ବିମୁଖ,
ଦାନଦ୍ୱାରା ପୁଣ୍ୟ ଅର୍ଜି ଲଭିବ ମହାସୁଖ ।
ପାପ ପ୍ରାୟଶ୍ଚିତ୍ତ ଦୟା ଅଟେ ଏକମାତର
ଦୟା କଲେ ପାପ ଖଣ୍ଡନ୍ତି ତୁଷ୍ଟ ହୋଇ ଈଶ୍ୱର ।
ଦୟା ଅଟେ ଶ୍ରେଷ୍ଠତମ ବିଭୁ ପ୍ରୀତି କରମ
ତପ ଜପ ଯାହା ବୋଲ ନୁହଇ ତାହା ସମ ।

Digitized by PPRACHIN, SOA

ଏକ ଅମ୍ବା ତୋଷେ ଶତ ତୀର୍ଥ ଦର୍ଶନ ଫଳ
ବିନା କଷ୍ଟେ ପ୍ରାପ୍ତ ହୁଏ, ଶୁଣ ହେ ଦାନଶୀଳ ।
ଶତବନ୍ଧ ମୋଚନର ପୁଣ୍ୟ ଫଳ ଭୋଗିବ
ଜଣେ ମାତ୍ର ପ୍ରାର୍ଥୀ ଆଶା ଯେ ପୂରଣ କରିବ ।
ଯଦି ଧନ ଅଛି ଘରେ ଦିଅ ମୁକ୍ତହସ୍ତରେ
ଜମା କଲେ ଭୂମିପରେ ଖାଇବେ ରେ ତସ୍କରେ ।
ଧନ ସଞ୍ଚୟର ଲୋଭ ଅଟେ ମହାବିଷମ
କୃପଣଙ୍କୁ ମୃତ୍ୟୁକାଳେ ପୀଡ଼ା ଦିଅନ୍ତି ଯମ ।
ବନ୍ଧୁ ବାନ୍ଧବ ଆତ୍ମୀୟ କେହି ନୁହେ କାହାର
ତୋର ଜୀବେ କହୁ ତୋର ହୁଅନ୍ତି ବାହାର ।
ପୁଅ ଝିଅ ଭାର୍ଯ୍ୟା ଲାଗି ହୁଅ ନାହିଁ ଆତୁର
ଦେଇ ଖାଇ ତାଙ୍କପାଇଁ ଶ୍ରଦ୍ଧଦିଅ ଈଶ୍ୱର ।

ମହାଭାଗ ! ଦାନର ମହାତ୍ମ୍ୟପୂର୍ଣ୍ଣ ଉକ୍ତ ଗାନଟି ଗାଇ ଏଥର ସୁଦ୍ଧା ମୋଠାରୁ କିଛି ମିଳିଲା ନାହିଁ ଦେଖି ଫକୀର କହିଲା, "ଦାତା ! ଆକାରରୁ ତୁମ୍ଭେ କୃପଣ ବୋଲି ଜଣାଯାଉ ନାହଁ, ତେବେ ଅଭାବଯୋଗୁଁ ମୋହର ଆଶା ପୂରଣକରି ପାରିଲନାହିଁ ମନେକରେଁ ।" ମୁଁ କହିଲି ସାଇଁ, ତୁମ୍ଭର ଅନୁମାନ ଅଣୁମାତ୍ର ଭୁଲ ନାହିଁ । ମୋହର ବର୍ତ୍ତମାନ ଏପରି ହୀନଦଶା ଯେ ଆଜ ପେଟର ଦାନାର ଭରସା ନାହିଁ । କଣ ଦେଇ ତୁମ୍ଭର ଆଶା ପୂରଣ କରିବି ? ଉତ୍ସୁକ କହିଲା, "ଚିନ୍ତା ନାହିଁ ତୁମ୍ଭର କଣ ଦରକାର କହ ମୁଁ ଯୋଗାଇବି ।" ତାହାର କଥା ଶୁଣି ମୁଁ ଭାବିଲି ଏ ତ ନିଜେ ଫକୀର ଏହାଠାରେ କଣ ଅଛି ଯେ ଦେଇ ମୋହର ଅଭାବ ଦୂର କରିବ, ସମ୍ଭବତଃ ମୋହର ଦୁଃଖ ଶୁଣି ଆଶୀର୍ବାଦ କରି କହିବ, "ଖୋଦା ତେରା ଭଲାକରେ ବାବା" ମୁଁ ମନେ ୨ ଏହିପରି ଭାବି ତାହାର ଉତ୍ତର ଦେବାରେ ବିଳମ୍ବ କରିବାରୁ ଫକୀର କହିଲା, "କ୍ୟା ସୋଚତାହେ ବାବା, ଫକୀରସେ କୁଚ୍ ମିଲେଗା ନାହିଁ, ଅଏସା ଫିକର୍ ମତ୍ କରୋ । ଆମ୍ଭେ ଭଣ୍ଡ ତପସ୍ୱୀ, ବାହ୍ୟଯୋଗୀ ବେଶୀ, ଏହି କପଟ ବେଶେ ନାନାସ୍ଥାନକୁ ଯାଇ ଅଶେଷ ସମ୍ମାନ ଓ ସୁଖ ପାଇଥାଉ ।

Digitized by PPRACHIN, SOA

ସଂସାରର ବୋକାମାନଙ୍କର ମସ୍ତକରେ ହସ୍ତ ବୁଲାଇ, ଛଳେ, ବଳେ, କୌଶଳେ ଗୃହସ୍ଥମାନଙ୍କୁ ଯାହାକୁ ଯେ କୌଣସି ଉପାୟରେ ଭୁଲାଇ ସେମାନଙ୍କଠାରୁ ଯଥେଷ୍ଟ ପାଇ ସ୍ୱଚ୍ଛନ୍ଦରେ କାଳଯାପନ କରୁଅଛୁଁ । ସଂସାରବୈରାଗୀ, ଧର୍ମପରାୟଣ, ନଷ୍ଟାପନ୍ନ ଫକୀରଗଣ ଆମ୍ଭ ସମାନ ସୁଖୀ ନୁହନ୍ତି, କାରଣ ସେମାନେ ବାସନାରହିତ ହୋଇ ଅନାହାରରେ ଓ ନର୍ଜଳରେ ଘୋର ତପସ୍ୟା କରି ଆତ୍ମାକୁ ବିଶେଷ କଷ୍ଟ ଦେଇ ଅତିଦୁଃଖେ ଦିନଯାପନ କରନ୍ତି । ଆମ୍ଭେମାନେ ଭାରି ହୁସିଆର, ପରକାଳରେ ଉଦ୍ଧାର ଆଶାରେ ଶରୀରକୁ ନାରଖାର ନ କରି ତାହାକୁ ବଳିଆର କରିବା ନିମିତ୍ତ ସର୍ବଦା ତତ୍ପର ଅଛୁଁ । ଲୋକଙ୍କୁ ଠକାଇ ସେମାନଙ୍କଠାରୁ ବେଶ ଗୃହସ୍ଥ ରୋଜଗାର କରିବାର ଉପାୟ ଆମ୍ଭମାନଙ୍କୁ ଭଲରୂପେ ଜଣାଅଛି । ସେଥିପାଇଁ ଆମ୍ଭେମାନେ ବାହ୍ୟରୂପ-ଧାରୀ ଧର୍ମକାରୀ ଓ ବ୍ରହ୍ମଗୃହୀ ମାତ୍ର, ଅନ୍ତରରେ ଭଣ୍ଡ ଉକାରୀ ଓ ଠକଙ୍କର ସରଦାରଅଛୁଁ । ଭୋଜନରେ ଆମ୍ଭମାନଙ୍କର ଖାଦ୍ୟାଖାଦ୍ୟର ବିଚାର କମ୍ପା ପରଧନ ଅପହରଣରେ ମନେ ବିଚାର ନାହିଁ । ଯଦି ତୁମ୍ଭେ ଏହି ବ୍ୟବ-ସାୟଦ୍ୱାରା ବିନା ପରିଶ୍ରମରେ ସୁଖେ ଜୀବନ ଯାପନ କରିବାକୁ ଇଚ୍ଛା କରି ତାହାହେଲେ ଆମ୍ଭସଙ୍ଗେ ବୋଷ୍ଟଗ୍ରାମକୁ ଚାଲ ସେଠାରେ ଆମ୍ଭର ପନ୍ଦର ଅନୁଚର ଦୁଇଜଣ ଅଛନ୍ତି ତୁମ୍ଭେ ଗଲେ ଚାରିଜଣ ହେବୁଁ ଏବଂ ଏକାବେ ରୋଜଗାର କରି ସ୍ୱଚ୍ଛନ୍ଦରେ କାଳଯାପନ କରିବୁଁ । ତାହାର କଥା ଶୁଣି ମୁଁ କହିଲି "ନା, ଭାଇ, ମୁଁ ଫକୀରଙ୍କର ରୀତି ଗତି କିଛି ଜାଣେ ନାହିଁ କଣ କରିବାକୁ ଯାଇ କଣ କରିପକାଇ ଅପଦ ଘଟାଇବି ବୋଲି ଭୟ ହେଉଅଛି । ଫକୀର କହିଲା, "ମୁଁ ପୂର୍ବରୁ କହିଛି ପରା ଆମ୍ଭେମାନେ ଠିକ ଫକୀର ନୋହୁଁ ଧାର୍ମିକ ବେଶଧାରୀ ଅଛୁଁ ମାତ୍ର, କେବଳ ଶଠତାପୂର୍ଣ୍ଣ ବାକ୍‌ପଟୁତା ହେଲେ ଆମ୍ଭ ବ୍ୟବସାୟ ଉତ୍ତମରୂପେ ଚାଲିବ ।" ତାହାର ଉପଦେଶ ଶୁଣି ସେହିପରି କରିବାକୁ ସମ୍ମତ ହେବାରୁ ମୋତେ ସଙ୍ଗେ ଘେନି ଚାଲିଲା । ଯାଉଁ ଯାଉଁ କେତେକ ଗୃହସ୍ଥଙ୍କ ଘରକୁ ଯାଇ କବିତା ଓ ଶ୍ଳୋକମାନ ଗାଇ ସେମାନଙ୍କୁ ଭୁଲାଇ ଏତେ ଚାଉଳ ଓ ପରିବାକ୍ଷ ପାଇଲା ଯେ,ତାହା ଆମ୍ଭ ଦୁଇଜଣଙ୍କୁ

Digitized by PPRACHIN, SOA

ମସ୍ତ ବୋଝ ହେଲା । ଉକ୍ତ ଜନସମାନ ନେଇ ବୋଷ୍ଟୁଗ୍ରାମରେ ପହଞ୍ଚିଲୁଁ । ଗ୍ରାମର ପ୍ରାନ୍ତରେ ଥିବା ଗୋଟିଏ କ୍ଷୁଦ୍ର ଘରକୁ ଫକୀର ମୋତେ ଘେନଗଲା । ସେଠାରେ ଥିବା ଅପର ଦୁଇଜଣ ମୋତେ ସମାଦର ସହିତ ବସାଇଲେ, ମୁଁ ସେମାନଙ୍କ ପନ୍ଥା ଧରିଛି ଶୁଣି ବଡ଼ ଖୁସିହେଲେ । ପରେ ସେମାନେ ମୋତେ ଦଣ୍ଡାମୀର କଳକୌଶଳ ଶିଖାଇଲେ । ମୁଁ ଶିକ୍ଷାପାଇ ଉଦାସୀନ ବେଶରେ ଦେଶେ୨ ବୁଲି ଲୋକମାନଙ୍କୁ ଫଳ ଫୁଲ ଦେଇ ସେମାନଙ୍କ ମୁଣ୍ଡରେ ହାତ ବୁଲାଇ ପ୍ରତାରଣା ପୂର୍ଣ୍ଣ ଗୀତ ଗାଇ ଅନେକ ରୋଜଗାର କରିବାକୁ ଲାଗିଲି ।

ମୁଁ ଏହି ନବ ଭେକ ଧରି ଯେଉଁ ପ୍ରିୟାର ବିଚ୍ଛେଦରେ ଦେଶତ୍ୟାଗୀ ଓ ଫକୀର ବେଶ ଧରିଥିଲି ତାହାକୁ କ୍ରମେ କ୍ରମେ ପାଶୋରି ଗଲି । କୌଣସି ସମୟେ ଘଟଣାକ୍ରମେ ପ୍ରିୟତମା ରାଜକେମାର କଥା ମନେ ପଡ଼ିଗଲେ "ମୃତ ମନୁଷ୍ୟ ପାଇଁ ଶୋକକରି ବୃଥା, କାରଣ ନୟନ-ଜଳଦ୍ୱାରା କେବେହେଁ ମୃତଲୋକ ଜୀବିତ ହୋଇ ନାହିଁ କିମ୍ବା ହେବ-ନାହିଁ ତେବେ ଅକାରଣ ଶୋକଦ୍ୱାରା ଶରୀର କ୍ଷୀଣ ଓ ପ୍ରାଣକୁ ପୀଡ଼ନ କରି ବୃଥା ।" ଏହିପରି କହି ମନକୁ ଭୁଲାଇ ଦେଉଥିଲି । ଉକ୍ତ ଅବସ୍ଥାରେ ବୋଷ୍ଟୁରେ ଦୁଇବର୍ଷ ଅତୀତ ହେଲା ପରେ, ଦିନେ ଦେଶ ଭ୍ରମଣ ଓ ସେଥିରେ ମନ ପ୍ରଫୁଲ୍ଲ ଓ ବିଶେଷ ସୁଖେ ଜୀବନ ଯାପନ କଥା ପଡ଼ିବାରୁ ମୋହର ପ୍ରଥମ ସଙ୍ଗୀ ଫକୀର କହିଲା, "ଗୋଟିଏ ସ୍ଥାନରେ ଅଧିକ ଦିନ ରହିଲେ ମନ ବିରକ୍ତ ହୁଏ ପୁଣି ଲୋକଙ୍କର ଚକ୍ଷୁରୁ ପତିତ ଏବଂ ଅନାଦୃତ ହେବାକୁ ହୁଏ । ଯେପରି କବିଙ୍କର ଉକ୍ତି ଅଟେ ଯଥା ।—ଅତିଥି ସମ୍ମାନ ସଦା ନ ଥାଏ ସମାନ, ଅଳ୍ପ ସମାଦର କାଲି ନ ଥିବ ପ୍ରମାଣ ।

ଅନ୍ୟର ମଧ୍ୟ ପାଠରେ କହନ୍ତି ।

ନିତ ମାଗଂତାକୁ ଦାତା ନାହିଁ, ନିତ ମଲ୍ଲକୁ ଗୃହେତା ନାହିଁ ।
ଏଠାରେ ସମସ୍ତେ ଆମ୍ଭମାନଙ୍କର କରାମତ୍ ଜାଣି ସାରିଲେଣି, ବର୍ତ୍ତମାନ ଏଠାରେ ଆଉ ପୂର୍ବପରି ଆଦର କିମ୍ବା ରୋଜଗାର ନାହିଁ ସୁତରାଂ

Digitized by PPRACHIN, SOA

ଏହିସ୍ଥାନ ଛାଡ଼ି ବାବାହାର ଯିବା ଉଚିତ, ସେଠାରେ ଅତିଥିଙ୍କର ସମାଦର ଓ ଫକୀରଙ୍କର କଦର ଅଛି ବୋଲି ଶୁଣିଅଛି, ସେଠାକୁ ଯିବାରେ ତୁମ୍ଭର ମତ କଣ ? ମୁଁ ସମ୍ମତ ହେବାରୁ ଉଭୟେ ସେଠାରୁ ବାହାରି ଶାହଜେହାନ ପ୍ରଭୃତି ସ୍ଥାନ ପରିଦର୍ଶନ କରି ବାବାହାରରେ ଉପସ୍ଥିତ ହେଲୁ । ତତ୍କାଳେ ଫିରୋଜଶାହା ନାମକ ରାଜା ଏଠାରେ ରାଜତ୍ୱ କରୁଥିଲେ । ସେ ଅତି ବିଚକ୍ଷଣ ଓ ନ୍ୟାୟପରାୟଣ, ଦୁଷ୍ଟଦମନ ଓ ଶିଷ୍ଟପାଳନଦ୍ୱାରା ରାଜ୍ୟ ଶାସନ କରୁଥିବାର ଶୁଣିଲୁଁ । କ୍ଳାନ୍ତି ଦୂର କରିବା ନିମିତ୍ତ ଦିନେ ପନ୍ଥଶାଳାରେ ବିଶ୍ରାମ କରି ପରଦିନ ନଗର ପରିଦର୍ଶନନିମିତ୍ତ ବାହାରିଲୁଁ । ନଗର ଅତି ମନୋହର, ତାହାର ଚତୁର୍ଦ୍ଦିଗରେ ସୁଦୃଢ଼ ପ୍ରାଚୀର । ପ୍ରାଚୀରର ଚତୁର୍ଦ୍ଦିଗରେ ସୁବିସ୍ତୃତ ଗଭୀର ଜଳପ୍ରଣାଳୀ ପ୍ରବାହିତ । ପ୍ରଣାଳୀର ପାର୍ଶ୍ୱରେ ସୁମଧୁର ଫଳ ଓ ମନୋହର ଏବଂ ସୁଗନ୍ଧଯୁକ୍ତ ଫୁଲର ଉଦ୍ୟାନ ଶୋଭିତ ଥିଲା । ଏବଂ ପ୍ରଣାଳୀର ସ୍ୱଚ୍ଛଜଳ ନଳଦ୍ୱାରା ଉତ୍ତୋଳିତ ହୋଇ ବୃକ୍ଷମାନଙ୍କରେ ସିଞ୍ଚିତ ହେଉଥିଲା । ନଗରର ରାସ୍ତାମାନ ପରିଷ୍କାର, ତାହାର ଦୁଇ ପାର୍ଶ୍ୱରେ ନାନା ପଣ୍ୟ ଦ୍ରବ୍ୟ ପୂର୍ଣ୍ଣ ଅଟ୍ଟାଳିକାମାନ ଶୋଭିତ ହେଉଥିଲା । ଆମ୍ଭେ-ମାନେ ନଗରର କିୟଦଂଶ ଦର୍ଶନ କରି ଫେରି ଆସି ସରାଇରେ ଅବସ୍ଥାନ କଲୁଁ ଏବଂ ନିତି ନିତି ନଗରରେ ଭ୍ରମଣ କରି ମନୋହର ଜିନିସମାନ ଦର୍ଶନ ଓ ଅଧିବାସୀମାନଙ୍କୁ ଠକାଇ ବେଶ୍ ଗୁର ପଇସା ଉପାର୍ଜ୍ଜନ କରୁଥିଲୁଁ ।

କିଛିଦିନ ପରେ ରାଜାଙ୍କର ଦ୍ୱାଦଶବର୍ଷ ବ୍ୟାପୀ ସିଂହାସନାରୋହଣର ଯୁବିଲି ମହୋତ୍ସବ ଉପଲକ୍ଷେ ନଗର ଓ ରାଜପ୍ରାସାଦରେ ମହା ଧୁମ୍‌ଧାମ୍ ଲାଗିଲା । ଆମ୍ଭେ ଦୁହେଁ ଅତି କଷ୍ଟେ ଲୋକଗହଳ ଅତିକ୍ରମପୂର୍ବକ ଆଲୋକମାଳା ଓ ନୃତ୍ୟାଦି ଦର୍ଶନ କରୁ କରୁ ରାଜଦ୍ୱାରେ ଉପସ୍ଥିତ ହେଲୁଁ । ରାଜଦରବାରରେ ଚମତ୍କାର ଆଲୋକ ଏବଂ ସୁଶ୍ରାବ୍ୟ ଗୀତ ବାଦ୍ୟ ହେଉଥିବାର ଶୁଣି ସିଂହଦ୍ୱାର ଡେଇଁ ଭିତରକୁ ଯିବାକୁ ଉଦ୍ୟତ ହେଲୁଁ । ଆମ୍ଭମାନଙ୍କର ସନ୍ନ୍ୟାସ ବେଶ ଦର୍ଶନ କରି କେହି ବାରଣ ନ କରିବାରୁ ଅକ୍ଳେଶେ ଦରବାରରେ ପହଞ୍ଚି ସେଠାର ଅଲୌକିକ

Digitized by PPRACHIN, SOA

ଶୋଭା ଓ ଅଦୃଷ୍ଟପୂର୍ବ ନୃତ୍ୟାଦ ଦର୍ଶନ କରୁଅଛୁଁ ଏହିସମୟରେ ହଠାତ୍ କେହି ପଛରୁ ମୋହର ବାହୁ ଧର ଟାଣିଲା । ମୁଁ ପଛକୁ ଅନାଇଁ ଦେଖିଲି ଶିରାଜନଗରରେ ଯେଉଁ ନପୁଂସକ ମୋତେ ରାଜକୁମାରୀ ଜୁଲେଖାର ଲେଖା ଦେ ଥିଲା ସେହି ଠାଣୁଅଛି. ମୁଁ ତାହାକୁ ଏଠାରେ ଏବଂ ସେ ମୋତେ ଫକୀର ବେଶରେ ଦେଖି ଉଭୟେ ବିସ୍ମିତ ହେଲୁଁ । ସେ ପଚାରିଲା. ତୁମ୍ଭର ଏ ବେଶ କାହିଁକି ? ମୁଁ କହିଲି କୁମାରୀଙ୍କ ବିଚ୍ଛେଦ ମୋତେ ଏହି ପରିଚ୍ଛଦଧାରୀ କରାଇଅଛି, ମାତ୍ର ହେ, ଗୃହର ତୁମ୍ଭେ ଶିରାଜ ଛାଡ ଏଠାକୁ କି ପ୍ରକାରେ ଆସିଲ ଏବଂ ଏଠାରେ କଣ ବା କରୁଛ ? ସେ କହିଲା, ତୁମ୍ଭ ସଙ୍ଗେ ଅନେକ କଥାବାର୍ତ୍ତା ଅଛି, ତୁମ୍ଭେ କାଲି ଏଠାକୁ ଆସିଲେ ସବୁ ଶୁଣିବ, ମାତ୍ର ସାବଧାନ ଏକାକୀ ଆସିବ, କାହାରକୁ ସଙ୍ଗେ ଆଣିବ ନାହିଁ ।

ମୁଁ ସେଠାରୁ ଆସି ଉଦ୍ବିଗ୍ନରେ ରାତ୍ରି ଯାପନ କଲି ସକାଳ ହେବା ମାତ୍ରକେ ନିର୍ଦ୍ଦିଷ୍ଟସ୍ଥାନକୁ ଗମନ କଲି ନପୁଂସକ ସେଠାରେ ପହଞ୍ଚି କହିଲା, "ସେହି ଗୁପ୍ତ କଥା ଏଠାରେ ହୋଇ ପାରିବ ନାହିଁ, ନିର୍ଜନରେ କହିବି ।" ଏହା କହି ମୋହର ହାତଧରି ଗୋଟିଏ ଗଳି ପଥ ଦେଇ ଏକ ବୃହତ୍ ଅଟ୍ଟାଳିକାକୁ ଘେନିଗଲା । ଏହି ଅଟ୍ଟାଳିକା ସଂଲଗ୍ନରେ ମଲ୍ଲୀ, ମାଳତୀ, ଯୁଈ, ଯାଈ, ଗୋଲାପ, ସେବତୀ, ନାଗେଶ୍ୱର ବଉଳ ପ୍ରଭୃତି ନାନା ଜାତି ଫୁଲର ଉଦ୍ୟାନ, ମର୍ମ୍ମର ପ୍ରସ୍ତରର ମନୋହର ସୋପାନ-ମୟ ସୁନିର୍ମଳ ଜଳର ଗୋଟିଏ ପୁଷ୍କରିଣୀ ଥିଲା । ସେହି ପୁଷ୍କରିଣୀରେ ନାନା ବର୍ଣ୍ଣର ମତ୍ସ୍ୟ ସନ୍ତରଣ ଓ ବିଭିନ୍ନ ଜାତିର ପକ୍ଷୀ ବିଚରଣ କରୁଥିଲେ । ପକ୍ଷୀଙ୍କର ମଧୁର ନିଃସ୍ୱନରେ ସ୍ଥାନ ଶବ୍ଦାୟମାନ ହେଉଥିଲା ମୁଁ ମନୋହର ଭବନ ଓ ସୁରମ୍ୟ ଉଦ୍ୟାନ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ତାହାର ବିଶେଷ ପ୍ରଶଂସା କଲି, ଗୃହର ମୋହର ଆନନ୍ଦ ଭାବ ବୁଝିପାରି କହିଲା, "ହୋସେନ, ଏ ଘର ତୁମ୍ଭର ମନକୁ ଆସିଲା ତ ? ମୁଁ କାଲି ଏହାକୁ ଭଡ଼ା କରି ଅଛି । ତୁମ୍ଭର ଆବଶ୍ୟକୀୟ ସମସ୍ତ ଜିନିଷ ମହଜୁଦ ଅଛି, କେବଳ ଦାସଦାସୀର ଅଭାବ, ତୁମ୍ଭେ ଘନସର କିଛିକ୍ଷଣ ଏକାକୀ ବସ, ମୁଁ ଯାଇ ସେମାନଙ୍କୁ ଘେନି ଆସିବି ଏହା କହି

Digitized by PPRACHIN, SOA

ମୋହର ହାତ ଧରି ସ୍ନାନ ଗୃହକୁ ନେଇ ଯାଇ ସେଠାରେ ଥିବା ସୁଗନ୍ଧ-ତୈଳ ମୋହର ଦେହରେ ମର୍ଦ୍ଦନ କରିବାକୁ ଲାଗିଲା । ଏହି ସମୟରେ ମୁଁ କହିଲି, ଅହେ ଶୃଗର, ତୁମ୍ଭେ ମୋତେ କଣ କହିବ ବୋଲି କହିଥିଲ ପରି ତାହା ଅବଧି କହିଲ ନାହିଁ ? ବର୍ତ୍ତମାନ କହ ନା । ନପୁଂସକ କହିଲା, ଏତେ ବ୍ୟସ୍ତ କାହିଁକି ? ସ୍ନାନ ଭୋଜନ କରି ସୁସ୍ଥ ହୁଅ, ପରେ ସମସ୍ତ କଥା ଶୁଣିବ ଏବଂ ତାହା ଶୁଣି ନିଶ୍ଚୟ ପୁଲକିତ ହେବ । ସଂକ୍ଷେପତଃ ଆପଣଙ୍କର ଅଦୃଷ୍ଟ ଫେରିଅଛି, ଶୀଘ୍ର ଦୁର୍ଦ୍ଦଶା ମେଣ୍ଟିବ, ନଭୁବା ଆପଣଙ୍କୁ ଏତେ ଆଦର କରିବାକୁ ମୋତେ ଆଦେଶ ହୁଅନ୍ତା ନାହିଁ ।

ଶୃଗର ଏହିପରି ଅଶାଜନକ ଅସମ୍ପୂର୍ଣ୍ଣ କଥା କହି ସେଠାରୁ ପ୍ରସ୍ଥାନ କଲା । ମୁଁ ଏକାକୀ ସେଠାରେ ରହି ମନେ ମନେ କହିଲି ନପୁଂସକ କାହିଁକି ମୋତେ ଏଠାକୁ ଆଣିଲା ଏବଂ ମୋତେ ଅଶାତୀତ ଆଦର କରିବାକୁ କିଏ ବା ତାହାକୁ ଆଦେଶ ଦେଇଅଛି ? ମୋହର ବନ୍ଧୁ, ବାନ୍ଧବ, ଆତ୍ମୀୟ ସ୍ୱଜନ କେହି ତ ଏଠାରେ ନାହାନ୍ତି, ତେବେ ଏହି ଦୁର୍ଦ୍ଦଶା ସମୟରେ କିଏ ଭରସା ହେଲା । ଯାହାହେଉ କରୁଣାନିଧାନ ଭଗବାନ ସଦୟ ହୋଇ ଏତେଦିନେ ମୋହର ଭାଗ୍ୟ ପରିବର୍ତ୍ତନ କରି-ଅଛନ୍ତି ଏଥିନିମିତ୍ତ ତାଙ୍କୁ ଶତ ଶତ ଧନ୍ୟବାଦ ପ୍ରଦାନ କରୁଅଛି । ଏହିପରି ଅନେକ କ୍ଷଣ ଚିନ୍ତା କରୁ କରୁ ସ୍ନାନ କରିବାକୁ ଉଦ୍ୟତ ହେଉଅଛି, ଏମନ୍ତ ସମୟରେ ଶୃଗର ଶୃଗରଜଣ କିଙ୍କର ସହିତ ଫେରି ଆସିଲା । କିଙ୍କରମାନେ ନାନାପ୍ରକାର ଖାଦ୍ୟ ଦ୍ରବ୍ୟ ଓ ମେଦର ପରିଧାନ ନିମିତ୍ତ ସୁନ୍ଦରତର ବସ୍ତ୍ର ଆଣିଥିଲେ । ସେ ସବୁ ଘରେ ରଖି ସେମାନେ ମୋ ନିକଟକୁ ଆସି ପରିଚିତ ବଣ୍ଠାଣୀ କିଙ୍କର ପରି କେହି ମୋହର ଦେହରେ ଜଳ ଢାଳି, କେହି ଦେହ ଘଷିଦେଇ ସ୍ନାନ କରାଇ ଦେଲେ । ସ୍ନାନ ଅନ୍ତେ ମଳିନ ବସ୍ତ୍ର ପରିତ୍ୟାଗ କରାଇ ନୂତନ ବସ୍ତ୍ର ପିନ୍ଧାଇ ଦେଲେ । ମୁଁ ଏହିସବୁ ଆଦର ଅଭ୍ୟର୍ଥନାର କାରଣ ବୁଝି ନ ପାରି ଚିନ୍ତିତ ହେଲି । ଶୃଗର ମୋତେ ଚିନ୍ତାକୁଳ ଦେଖି କହିଲେ—ହୋସେନ, ତୁମ୍ଭେ ଏତେ ଖିନ୍ନ ହେଉଛ କାହିଁକି ? ଅଳ୍ପ ଅଳ୍ପକ୍ଷଣ ଅପେକ୍ଷା କର, ସବୁ ମରମ କଥା ଜାଣି ଖୁସି-

Digitized by PPRACHIN, SOA

ହେବ । ଗୃହର ଉକ୍ତ କଥାରେ ମୋହର ଆଗ୍ରହ ବଢ଼ାଇ ଗୃହଗଲା । ଦାସଗଣ ଅତି ଯତ୍ନ ସହିତ ମୋତେ ଆହାର କରାଇ ପଦସେବା କରି-ବାକୁ ଲାଗିଲେ । ମୁଁ ସମସ୍ତ ବିବରଣ ଜାଣିବା ନିମିତ୍ତ ବ୍ୟଗ୍ର ହୋଇ ଅତିକଷ୍ଟରେ ଦିନ ଯାପନ କଲି । ସନ୍ଧ୍ୟା ହେବା ମାତ୍ରେ ଗୃହର ଆସି ଖୁସି ଖବର କହିଲା, "ଆଜ୍ଞା ଅଳ୍ପକ୍ଷଣ ଧୈର୍ଯ୍ୟ ଧର, ସବୁ ସଂଶୟ ଦୂର ହେବ ।" ଏହାର ଅଳ୍ପକ୍ଷଣ ପରେ ବାହାରେ କୌଣସି ଲୋକର ପଦଶବ୍ଦ ଶୁଣାଯିବାରୁ ଗୃହର ବାହାରକୁ ଯାଇ ଗୋଟିଏ ଅବଗୁଣ୍ଠନବତୀ ଯୁବତୀ ସହିତ ଫେରି ଆସିଲା । ରମଣୀ ଘରେ ପଶି ମୁହଁରୁ ଆବରଣ ବାହାର-କରି ଦେଲା । ମୁଁ ସେହି ସୁନ୍ଦରୀର ମୁଖ ଦର୍ଶନ କରି ସକଳ ଦୁଃଖ ପାସୋରି "ଗୋ କେଳକାରୀ ତୁମ୍ଭେ ଏଠାରେ କପରି ?" କହି ବ୍ୟଗ୍ରତା ସହିତ ଆଲିଙ୍ଗନ କଲି । କେଳକାରୀ କହିଲା, "ମୋତେ ଦେଖି ତୁମ୍ଭେ ଯେ ଚମକୃତ ହେବ ଏହା ଚମତ୍କାର ନୁହେ, ମାତ୍ର ସମସ୍ତ କଥା ଶୁଣିଲେ ଯେ ତୁମ୍ଭେ କେତେ ବିସ୍ମିତ ହେବ ତାହା କହି ନ ପାରେଁ ।" ଆମ୍ଭମାନଙ୍କ କଥାର ସୂତ୍ର ଦେଖି ଚତୁର ଗୃହର ସେଠାରୁ ଅନ୍ତର ହେଲା । କେଳ-କାରୀ ପଲଙ୍କରେ ମୋ ପାଖେ ବସି କହିଲା, ନାଗର, ଶେଷଦିନ ବିଦାୟ ସମୟର କଥା ତୁମ୍ଭର ମନେ ଅଛି ତ ? ଜେମା ତୁମ୍ଭଙ୍କୁ ବିଦାୟ କରି ମୋ ସହିତ ଅନ୍ତଃପୁରକୁ ଗଲେ, ସେଠାରେ ନିର୍ଜ୍ଜନରେ ତାଙ୍କୁ ପଚାରିଲି "ସଖି, ତୁମ୍ଭେ ଆଗ ପଛ ନ ଦେଖି ଏହି ଯେ ପ୍ରେମବ୍ରତ ଆଚରୁଛ ତାହା ସମ୍ପନ୍ନ ହେବାର କୌଣସି ଉପାୟ ସ୍ଥିର କରିଛ କି?" କୁମାରୀ କହିଲେ— "ସହଚରି, ଏହି ବ୍ରତ ସହଜରେ ସମ୍ପନ୍ନ ନ ହେଲେ ପ୍ରାଣପର୍ଯ୍ୟନ୍ତ ଆହୁତି ଦେବାକୁ ପଣ କରିଅଛି ।" ଏହି କଠିନସଂକଳ୍ପରୁ ରହିତ କରିବା ନିମିତ୍ତ ମୁଁ ତାଙ୍କୁ କହିଲି—କୁମାରୀ ବାଉଳ ପରି ଏହିକଥା କହୁଛ କାହିଁକି ? ତୁମ୍ଭେ କି ଜାଣ ନା ଯେ, ତୁମ୍ଭେ ରାଜକନ୍ୟା ରାଜପୂଜ୍ୟା ଓ ରାଜଭାର୍ଯ୍ୟା ହେବ, ଦାସର ପ୍ରେମାକାଙ୍କ୍ଷିଣୀ ହୋଇ ନିଜକୁ କଳଙ୍କିନୀ ଓ ମାନହୀନା କରିବ କାହିଁକି ? ଏଥିରେ ସଂସାରଯାକରେ ଦୁର୍ନାମ, କୁଳର ଅପମାନ ରଟନା ହେବ, ବିଶେଷତଃ ପ୍ରାଣର ମଧ୍ୟ ଭୟ ଅଛି । ଅତଏବ ଏହି ଭୟଙ୍କର ଅପମାନ ଜନକ ହୀନ ସଂକଳ୍ପ ପରିତ୍ୟାଗ କରି ଦାସର ପ୍ରେମରୁ

Digitized by PPRACHIN, SOA

ରହିତ ହୁଅ । କୁମାରୀ ମୋହର ଏହି ଉପଦେଶ ବିଷୟର ମନେ କରି କହିଲେ—ତୁମ୍ଭେ କି ମୋତେ ଦାସୀ ବୋଲି ମନେ କରୁଅଛ ଯେ, ନିତ୍ୟ ନବ ନବ ନାଗର ସଙ୍ଗେ ନୂଆ ନୂଆ ରଙ୍ଗେ ମାତି କଳାଉପାତ କରୁଥିବ । ସତୀର ମନ ଗୋଟିଏ ମାତ୍ର । ସେଥିରେ ଜଣେ ମାତ୍ର ସ୍ଥାନ ପାଇ ପତି ହୋଇ ଇଷ୍ଟଦେବ ସମାନ ପୂଜା ପାଉଥାଏ ଅନ୍ୟ ଲୋକ ଯେତେ ବଡ଼ଲୋକ ହେଲେ ମଧ୍ୟ ସେ ସ୍ଥାନ ଅଧିକାର କରି ନ ପାରେ । ମୁଁ ତାନ୍ତଙ୍କୁ ନିଜ ଇଷ୍ଟଦେବ ବୋଲି ବରଣ କରିଅଛି ସୁତରାଂ ତାଙ୍କୁ ପାଇବା ନିମିତ୍ତ ମୁଁ ଅତିଶୟ ଯତ୍ନ କରିବି, ନ ପାଇଲେ ଅଗ୍ନିରେ ଝାସ ଦେଇ ମରିବି ।" ଏହା କହି କ୍ରନ୍ଦନ କରିବାକୁ ଲାଗିଲେ, ତାଙ୍କର ଏହି ଅକୃତ୍ରିମ ପ୍ରେମ ଦେଖି ମୁଁ ବ୍ୟଥିତ ହୋଇ କହିଲି—ସଖି, ଆଉ କ୍ରନ୍ଦନ ନ କର ଯହିଁରେ ରାଜକୁଳ ଓ ପ୍ରେମକୁଳ ଉଭୟ କୁଳ ରକ୍ଷାହୁଏ ତାହାର ଉପାୟ ଚିନ୍ତାକର । କୁମାରୀ କହିଲେ—ସହଚରି, ମୁଁ ପ୍ରେମୋନ୍ମତ୍ତ ହୋଇ ଜ୍ଞାନ ରହିତ ହୋଇଅଛି, କୌଣସି ବିଷୟ ଭାବି ସ୍ଥିରକରିବାକୁ ଅଶକ୍ତ, ତୁମ୍ଭେ କୌଣସି ଉପାୟ କୁହ, ତାହା କରିବାକୁ ପ୍ରସ୍ତୁତ ଅଟେ । ମୁଁ କହିଲି—ଗୋଟିଏ ଉତ୍ତମ ଉପାୟ ସ୍ଥିର କରିଅଛି । ମାତ୍ର ତାହା ଅତି ଭୟଙ୍କର । କେମା କହିଲେ—ମୁଁ ଯହିଁରେ ହୋସେନଙ୍କୁ ପାଖେ ରଖି ସର୍ବଦା ତାହାର ମୁହଁ ଦେଖିପାରିବି ତାହା ଯେତେ ଭୟଙ୍କର ହେଉ ପଛକେ ତୁମ୍ଭେ କୁହ ମୁଁ ନିଶ୍ଚୟ ତଦନୁସାରେ କାର୍ଯ୍ୟ କରିବି । ମୁଁ କହିଲି—ତୁମ୍ଭର ଯଦି ଏହାହିଁ ଏକାନ୍ତ ଇଚ୍ଛା ତେବେ ପିତାମାତାଙ୍କୁ ଛାଡ଼ିବାକୁ ହେବ, ମାନ ସମ୍ଭ୍ରମ ପ୍ରତି ଦୃଷ୍ଟି ନ ରଖି ସୁଖ ଛାଡ଼ି ଦୁଃଖରେ ଅତି ସାମାନ୍ୟ ଅବସ୍ଥାରେ ରହିବାକୁ ହେବ । ବିଶେଷତଃ ଜୀବିତ ଅବସ୍ଥାରେ କିଛିକ୍ଷଣ କବରରେ ଶୋଇବାକୁ ରାଜି ହେଲେ ତେବେ ଯାଇ ମନୋରଥ ସିଦ୍ଧି ହେବ ।

ରାଜକନ୍ୟା କହିଲେ—ମୁଁ ହୋସେନଙ୍କୁ ପାଇବା ପାଇଁ ଜାତି, କୁଳ, ମାନ, ସମ୍ଭ୍ରମ, ସୁଖ, ସମ୍ଭୋଗ, ପିତାମାତା ସବୁ ଛାଡ଼ିବାକୁ ପ୍ରସ୍ତୁତ ଅଟେଁ । ମୁଁ ଏଠାରେ ନାନା ସୁଖରେ ରହିବା ଅପେକ୍ଷା ରାମଙ୍କର ବନ ସଙ୍ଗିନୀ ସୀତାଙ୍କ ପରି ହୋସେନ ସଙ୍ଗେ ୨ ବନେ ବନେ ବୁଲି ଫଳ ମୂଳ ଖାଇ

Digitized by PPRACHIN, SOA

ଜୀବନ ଯାପନ କରିବାକୁ ଉତ୍କଣ୍ଠା ମନେ କରୁଅଛି । ହୋସେନ ଭିନ୍ନ-ରାଜ୍ୟ, ଐଶ୍ୱର୍ଯ୍ୟ, ଧନ, ସମ୍ମାନ ସଂସାରର ସମସ୍ତ ସମ୍ପଦ ମୋହର ଦୃଷ୍ଟିରେ ସାମାନ୍ୟ ଅଟେ । ହେ ସଖି, ମୁଁ କି ଉପାୟରେ ତାହାଙ୍କୁ ସର୍ବଦା ଦେଖୁଥିବି ଏବଂ ହୃଦୟଦେବତା ସ୍ୱରୂପ ମଣି ତାଙ୍କର ପଦ ସେବା କରି ଆପଣାକୁ କୃତାର୍ଥ କରିବି ତାହା ଶୀଘ୍ର ବୋଲ ।" ମୁଁ କହିଲି--ତେବେ ସେହି ଉପାୟ କହୁଅଛି ଶୁଣ । ମୁଁ ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ କୋଟିଏ ବୃକ୍ଷ ଜାଣେ । ଯାହାର ପତ୍ର କର୍ଣ୍ଣମୂଳରେ ରଖିଲେ ଜୀବିତ ମନୁଷ୍ୟ ଅର୍ଦ୍ଧପ୍ରହରରେ ମଡ଼ା ଆକାର ଧାରଣ କରିବ । ଯଦି ତୁମ୍ଭେ ସେହି ପତ୍ରର ବ୍ୟବହାରଦ୍ୱାରା ମୃତ ହେବାକୁ ସମ୍ମତ ହୁଅ ତାହାହେଲେ ସମସ୍ତେ ତୁମ୍ଭଙ୍କୁ ପ୍ରକୃତରେ ମୃତ ଜ୍ଞାନକରି ସମାଧିସ୍ଥ କରିବେ । ମୁଁ ରାତ୍ରି କାଳରେ ତୁମ୍ଭଙ୍କୁ କବରରୁ ବାହାର କରି ପୁଣି ଜୀଆଁଇବି ସେତେବେଳେ ତୁମ୍ଭର ଯେପରି ଇଚ୍ଛା କରିବ । ଏ କଥା ଶୁଣି ରାଜଦୁହିତା ଅତ୍ୟନ୍ତ ପୁଲକିତା ହୋଇ ମୋତେ ଆଲିଙ୍ଗନ କଲେ । ପରେ ଶିରଃପୀଡ଼ାର ଛଳକରି ଶଯ୍ୟାଶାୟିନୀ ହେଲେ ରାଜା କନ୍ୟାର ପୀଡ଼ାବାର୍ତ୍ତା ଶୁଣି ବ୍ୟସ୍ତ ହୋଇ ତତ୍‌କ୍ଷଣାତ୍ ରାଜ-ବୈଦ୍ୟଙ୍କୁ ପଠାଇଲେ । ବୈଦ୍ୟ ନାଡ଼ୀ ଦେଖି ଜ୍ୱରର ପୂର୍ବଲକ୍ଷଣ ସ୍ଥିର କରି ଉପଯୁକ୍ତ ଔଷଧ ଦେଲେ । ମୁଁ ତାହା ସେବନ ନ କରାଇ ଫିଙ୍ଗିଦେଲି ଏବଂ ଔଷଧରେ ଉପକାର ନ ହୋଇ ବରଂ ରୋଗ ବୃଦ୍ଧି ହେଉଅଛି ବୋଲି ରାଷ୍ଟ୍ର କଲି । ଅନନ୍ତର ତୃତୀୟ ଦିନ ଦୁଇ ପ୍ରହର ସମୟରେ ପତ୍ର ଆଣି ନେମାଙ୍କ କର୍ଣ୍ଣମୂଳରେ ଦେଇ କାନ୍ଦି ' ରାଜାଙ୍କ ନିକଟକୁ ଯାଇ କହିଲି ପଣିମା, ନେମାଙ୍କର ଶେଷ ସମୟ ଉପସ୍ଥିତ । ସେ ଆମ୍ଭଙ୍କ ସହିତ ଶେଷ ସାକ୍ଷାତ କରିବାକୁ ବ୍ୟସ୍ତ ହେଉଅଛନ୍ତି ଆପଣ ଶୀଘ୍ର ଚାଲନ୍ତୁ । ରାଜା ଏହି ସମ୍ବାଦ ଶୁଣି ଝଡ଼ଝଡ଼ ଶବ୍ଦାହତ ଲୋକ ସଦୃଶ କମ୍ପିତ ଶରୀରରେ ଶୀଘ୍ର ଅନ୍ତଃପୁରକୁ ଆସିଲେ ଏବଂ କନ୍ୟାର ଅନ୍ତିମକାଳ ଉପସ୍ଥିତ ଦେଖି ଦୁଃଖରେ କ୍ରନ୍ଦନ କରିବାକୁ ଲାଗିଲେ । ରାଜଦୁହିତା କହିଲେ--ପିତା ମୋ ପାଇଁ କ୍ରନ୍ଦନ କରି ବୃଥା । ଆପଣଙ୍କର ସ୍ନେହପାଳିତ କନ୍ୟାକୁ ଯମ ଘେନି ଯିବାକୁ ଉପସ୍ଥିତ ହେଲେଣି; ଅଳ୍ପକ୍ଷଣ ପରେ ମୁଁ ଆପଣଙ୍କର ସ୍ନେହଦୃଷ୍ଟିରୁ ଅନ୍ତର ହୋଇ ଯମପୁରୀକୁ

Digitized by PPRACHIN, SOA

ଗମନ କରିବ । ଆପଣଙ୍କର ଶ୍ରୀଚରଣରେ ଦାସୀର ଶେଷ ନିବେଦନ ଏହି ଯେ, ମୋହର ଅନ୍ତେ ଆପଣ ମୋ ନିମନ୍ତେ ଦୁଃଖ କରି କୋମଳ ପ୍ରାଣରେ ବ୍ୟଥା ଦେବେ ନାହିଁ । ଈଶ୍ୱରଙ୍କ କୃପାରେ ଆପଣ କୁଶଳ ଓ ମଙ୍ଗଳ ସହିତ ଥିଲେ କୋଟି କୋଟି ଲୋକଙ୍କର କଷ୍ଟ ଦୂରୀଭୂତ ହେବ । ଅପର ଅନୁରୋଧ ମୋହର ପରମ ପ୍ରିୟା କେଳକାଣ୍ଡା ଭିନ୍ନ ଅନ୍ୟ କାହାରିକୁ ମୋହର ଶବସ୍ନାନ କରାଇବା ଓ କଫନ ପିନ୍ଧାଇବାକୁ ଅନୁମତି ଦେବେ ନାହିଁ । ଆଉ ଗୋଟିଏ ଅନୁରୋଧ ଏହି ଯେ, ସ୍ନାନାନ୍ତେ ମୋହର ଅତ୍ୟନ୍ତ ଆଦରର ରତ୍ନ ଓ ଅଳଙ୍କାରମାନ ମୋତେ ପିନ୍ଧାଇ କବର ଦେବେ ଏବଂ ପ୍ରିୟ କେଳକାଣ୍ଡା ଅଳ୍ପ ରାତି ସେଠାରେ ମୋହର କବର ଜଗି ରହିବ । କାଲି ସକାଳେ ତାହାର ଦାସୀତ୍ୱ ମୋଚନ କରି ଭରଣ ପୋଷଣ ନିମିତ୍ତ ଉପଯୁକ୍ତ ଧନ ଦେଇ ବିଦାୟ କରିବେ । ରାଜା କ୍ରନ୍ଦନସ୍ୱରରେ କହିଲେ —ରେ ମୋ ଘରର ଲକ୍ଷ୍ମୀ ମା ଜୁଲେଖା, ମୁଁ ତୋତେ ଅଳ୍ପଦିନେ କନ୍ୟା ବେଶରେ ଦେଖି ଚକ୍ଷୁ ସାର୍ଥକ କରିବି ବୋଲି ଆଶା କରିଥିଲି ମାତ୍ର ତୁ ମୋହର ଗଳାରେ ଛୁରୀ ଦେଇ ଯିବାକୁ ବସିଲୁଣି । ତୋହର ଅନ୍ତେ ତୋହର କଥାମତେ ସବୁ କାର୍ଯ୍ୟ କରିବାକୁ ଅଙ୍ଗୀକାର କରୁଅଛି ।

ଏହିପରି କଥୋପକଥନରେ ରାଜକନ୍ୟାର ବାକ୍‌ରୋଧ ହୋଇ ଚକ୍ଷୁ ମୁଦ୍ରିତ ଓ ଶରୀର ହିମବତ୍ ଶୀତଳ ହେଲା, ରାଜା କନ୍ୟାର ଅବସ୍ଥା ଦେଖି ବ୍ୟାଧବାଣାହତ କୁରଙ୍ଗବତ୍ ଭୂପତିତ ଓ ମୂର୍ଚ୍ଛିତ ହେଲେ । ଆତ୍ମୀୟ ଓ ସଖୀମାନଙ୍କର କ୍ରନ୍ଦନ ରୋଳରେ ନଅର ଆକୁଳ ହେଲା, ମୁଁ ଜଳ ସେଚନଦ୍ୱାରା ରାଜାଙ୍କୁ ଚେତନ କଲି, ରାଜା ଚେତନା ପାଇ କନ୍ୟାପାଇଁ ଅନେକ କ୍ଷଣ କ୍ରନ୍ଦନ କଲେ; ପରେ ଅଙ୍ଗୀକାରାନୁସାରେ ଶବସ୍ନାନ ଓ ରତ୍ନ ଅଳଙ୍କାରମାନ ପିନ୍ଧାଇବାର ଭାର ମୋତେ ଦେଇ ବାହାରକୁ ଗଲେ, ମୁଁ ଶବକୁ ସ୍ନାନ କରାଇ ଅଳଙ୍କାରମାନ ପିନ୍ଧାଇ କଫନଲୁଗା ଦ୍ୱାରା ଶବ ଆଚ୍ଛାଦିତ କରିବା ପରେ ରାଜବଂଶୀୟ ଲୋକେ ଏବଂ ନିମ୍ନରୁ ଉଚ୍ଚପର୍ଯ୍ୟନ୍ତ ସମସ୍ତ କର୍ମଚାରୀମାନେ ଅତି ସମାରୋହରେ ଶବ ଗୋରସ୍ଥାନକୁ ଘେନିଯାଇ ସମାଧିସ୍ଥ କରି ନିଜ ନିଜ ଘରକୁ

Digitized by PPRACHIN, SOA

ଫେରିଗଲେ, କେବଳ ମୁଁ ଏକାକୀ ସେଠାରେ ରହିଲି, ରାତ୍ରି ଅଧିକ ହେବାରୁ ଶବ ସିନ୍ଦୁକରୁ ବାହାର କରି ଉକ୍ତ ପତ୍ର କର୍ଣ୍ଣ ମୂଳରୁ କାଢ଼ି-ଦିଅନ୍ତେ, ଜେମା ଜୀବନ୍ତ ହୋଇ ଉଠି ବସିଲେ, ମୁଁ ତାଙ୍କ କଫନ ବାହାର କରି ଖଣ୍ଡେ ଭଲ ଲୁଗା ପିନ୍ଧାଇ କବର ସ୍ଥାନରୁ ବାହାରକୁ ଆସିଲି, ମୋହର ସଙ୍କେତ ମତେ ଗୃପର ସନ୍ଧ୍ୟାରୁ ସେଠାରେ ଉପ-ସ୍ଥିତ ଥିଲା, ତାହାକୁ ସମସ୍ତ କଥା ଜଣାଇ ରାଜକନ୍ୟାଙ୍କୁ ଘେନି ଯାଇ ଗୃହନମ୍ର ପାନ୍ଥଶାଳାରେ ରଖିବାକୁ କହି, ପୁଣି ଗୋର ସ୍ଥାନକୁ ଫେରି-ଆସି ବସ୍ତ୍ରର ଗୋଟିଏ ଶବ ତିଆରି କରି ତାହାକୁ ସିନ୍ଦୁକରେ ରାଜକନ୍ୟା ସ୍ଥାନରେ ସ୍ଥାପନପୂର୍ବକ ସେଠାରେ ବସିରହିଲି, ସକାଳେ ଅନ୍ୟ ସଖିମାନେ ଆସି ଥିବାର ଦେଖି ଅତିଶୟ ଶୋକ କରିବାକୁ ଲାଗିଲି । କିଛିକ୍ଷଣ ପରେ ମୁଁ ଅତ୍ୟନ୍ତ ଶୋକାତୁର ଥିବାର ଶୁଣି ରାଜା ମୋତେ ଡାକି ପଠାଇ ମୋହର ଦାସୀତ୍ୱ ମୋଚନପୂର୍ବକ ଦଶ ସହସ୍ର ମୁଦ୍ରା ଏବଂ ମୋହର ଅନୁରୋଧ ମତେ ଗୃପରକୁ ମୋତେ ପ୍ରଦାନ କରି ବିଦାୟ କଲେ । ଅମ୍ଭେମାନେ ସେଠାରୁ ରାଜକନ୍ୟାଙ୍କ ନିକଟକୁ ଆସିଲୁଁ, ଜେମା ମୋତେ ଦେଖି ଅତ୍ୟନ୍ତ ଆନନ୍ଦିତା ହୋଇ ତୁମ୍ଭଙ୍କୁ ସେଠାକୁ ଆଣିବା ନିମନ୍ତେ ଗୃପରଙ୍କୁ ପଠାଇଲେ । କିନ୍ତୁ ତୁମ୍ଭେ ଦୁଃଖେ ଓ ବ୍ୟଥାରେ ଶଯ୍ୟାଗତ ଥିବାରୁ ସେ ତୁମ୍ଭଙ୍କୁ କିଛି ନ କହି ଫେରିଆସିଲା, ତୁମ୍ଭ ଅସୁସ୍ଥତାର ବାର୍ତ୍ତା ଶୁଣି ଅମ୍ଭେମାନେ ଦୁଃଖିତ ହେଲୁଁ ଏବଂ ତିନିଦିନ ପରେ ପୁଣି ଗୃପରକୁ ପଠାଇଲୁଁ ମାତ୍ର ସେ ତୁମ୍ଭଙ୍କୁ ଅନେକ ଅନୁସନ୍ଧାନ କରି କୌଣସି ସ୍ଥାନରେ ସନ୍ଧାନ ନ ପାଇ ତୁମ୍ଭେ ଦୁଃଖରେ କେଉଁ ସ୍ଥାନକୁ ପଳାୟନ କରି ଥିବାର ଶୁଣି ଆସିଲା ।

କେଲକାସ୍ତି ଏହି ପର୍ଯ୍ୟନ୍ତ କହନ୍ତେ ମୁଁ ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହିଲି ସଖି, ତୁମ୍ଭେ ପୂର୍ବରୁ ଏହା ମୋତେ ଜଣାଇଲ ନାହିଁ କାହିଁକି ? ମୁଁ ଟିକିଏ ମାତ୍ର ଟେର ପାଇଥିଲେ କେହି ମୋତେ ପିଟି ବାହାର କରିଥିଲେ ସୁଦ୍ଧା ମୁଁ ସେଠାରୁ ବାହାର ନ ଥାନ୍ତି ଏବଂ କେତେ ଦୁଃଖ ଓ କଷ୍ଟ ଦୂର ହୋଇଥାନ୍ତା । ସଖି କହିଲା, "ଯଥାର୍ଥ ତାହା କରିଥିଲେ ତ ଆଜି ତୁମ୍ଭେମାନେ ମହାସୁଖରେ ଥାନ୍ତ । ମୁଁ

Digitized by PPRACHIN, SOA

ପୂର୍ବରୁ ତୁମ୍ଭଙ୍କୁ ଜଣାଇବାକୁ କହିଥିଲି ମାତ୍ର, ରାଜବାଳା ନିଜ ଅଲ୍ପ-ଲଜ୍ଜା ପ୍ରଯୁକ୍ତ ମୋହର କଥାକୁ ଅବହେଳା କରି ତୁମ୍ଭର ପ୍ରେମ ପରୀକ୍ଷା ନିମିତ୍ତ ବାଳକା ପରି ଖେଳା କରୁଥିଲେ । ସେ କହୁଥିଲେ, "କାନ୍ତଙ୍କୁ ଏ କଥା ଆଗରୁ ଜଣାଇବ ନାହିଁ, ଦେଖିବା ମୋହର ମୃତ୍ୟୁର ଖବର ଶୁଣି ସେ କଣ କରିବେ ।" ଏପର ତୁମ୍ଭର ନିରୁଦ୍ଦେଶର ଖବର କହିବାରୁ ରାଜବାଳା ଶୋକବିହ୍ୱଳା ହୋଇ କ୍ରନ୍ଦନ କରୁ କରୁ ବାହୁନି କହିଲେ, "ହେ ପ୍ରାଣନାଥ, ତୁମ୍ଭ ସଙ୍ଗେ ଚିରକାଳ ଏକତ୍ର ବାସ ଆଶାରେ ବିଷମ ଦୁର୍ଦ୍ଦଶା ସହି ଶେଷେ ପୁଣି ଏହି ଦଶା ଲଭିଲି, ତୁମ୍ଭେ ଟିକିଏ ମାତ୍ର ମୋ ପ୍ରତି ଦୟାବନ୍ତ କଷ୍ଟ ନ କହି ଦାସୀକୁ ଅନାଥିନୀ କରି ଚାଲିଗଲ । ମୁଁ ତୁମ୍ଭ ପ୍ରେମରେ ପଡ଼ି ରାଜ୍ୟ, ଐଶ୍ୱର୍ଯ୍ୟ, ମାତାପିତା, ଆତ୍ମୀୟସ୍ୱଜନ ସମସ୍ତଙ୍କୁ ଛାଡ଼ି, ନିଜ ପ୍ରାଣ ମହା କଷ୍ଟରେ ପକାଇ ଜୀଅନ୍ତା ପୋଡା ହେଲି, ତେବେ ସୁଦ୍ଧା ତୁମ୍ଭଙ୍କୁ ପାଇଲି ନାହିଁ । ହେ ପ୍ରାଣେଶ୍ୱର,ମୋହର କି ଦୋଷ ଦେଖି ମନ ପ୍ରାଣ ନେଇ ଶୂନ୍ୟ ଶରୀର ଛାଡ଼ିଦେଇ ଚାଲିଗଲ । ତୁମ୍ଭେ ଏକମୁହୂର୍ତ୍ତି ଚକ୍ଷୁର ଅନ୍ତର କରିବ ନାହିଁ ବୋଲି ଅଙ୍ଗୀକୃତ ହୋଇଥିଲ ମାତ୍ର ଏତେ ଶୀଘ୍ର ସତ୍ୟ ବିସ୍ମୃତ ହୋଇ ମୋତେ ଦୁଃଖରେ ଭସାଇ କେଉଁ ଠାରେ ଯାଇଁ ନିଶ୍ଚିନ୍ତ ହୋଇ ବସି ରହିଲ ।" ରାଜନନ୍ଦିନୀ ଏହିପରି ବାହୁନି ଦିବସ ରଜନୀ କ୍ରନ୍ଦନ କରିବାକୁ ଲାଗିଲେ, ତାଙ୍କର ଅତ୍ୟଧିକ ଶୋକ ଦେଖି ନପୁଂସକ ବ୍ୟସ୍ତ ହୋଇ ପୁଣି ଥରେ ଯାଇ ନଗରଯାକ ଖୋଜି ପକାଇଲା ମାତ୍ର କୌଣସି ସ୍ଥାନରେ ତୁମ୍ଭର ଦେଖା ନ ପାଇ ନିରାଶ ହୋଇ ଫେରି ଆସିଲା । ଏଥର ତୁମ୍ଭର ପ୍ରାପ୍ତି ଆଶାରୁ ଏକାବେଳକେ ନିରାଶ ହୋଇ ତିନିଜଣ ମିଳି ଅନେକ କ୍ରନ୍ଦନ କଲୁଁ ଏବଂ ନଗର ବାହାରେ ଖୋଜିଲେ କାଳେ ମିଳିବ ମନେ ଆଶାଧରି କ୍ଷିତିଜ ନଗର ଛାଡ଼ି ତିନିଜଣ ଗ୍ରାମେ ଗ୍ରାମେ ଖୋଜି ବୁଲିଲୁଁ । ଏହିପରି ଖୋଜୁ ଖୋଜୁ ସିନ୍ଧୁ ତୀରରେ ପହୁଞ୍ଚିଲୁଁ, ସେଠାରୁ କାନ୍ଦାହାର ଯାଉଥିବା ଏକଦଳ ବଣିକଦଳ ସହିତ ମିଳିତ ହୋଇ ସେହି ଦିଗେ ଗମନ କଲୁଁ କେତେକ ଦିନ ନିର୍ବିଘ୍ନେ ଗତ ହେଲା ସତ୍ୟ ମାତ୍ର ଆମ୍ଭମାନଙ୍କର କପାଳ ଲେଖା ଦୁର୍ଦ୍ଦଶା ଅବଧି ସରି ନ ଥିଲା ଏଣୁ ଦିନେ ଅନେକ

Digitized by PPRACHIN, SOA

ଗୁପ୍ତଏ ତସ୍କର ଆସି ଆମ୍ଭମାନଙ୍କୁ ଆକ୍ରମଣପୂର୍ବକ ସର୍ବସ୍ୱ ଲୁଣ୍ଠନ କରି ସମସ୍ତଙ୍କୁ ବନ୍ଧନ କରି ଏଠାକୁ ଆଣି ଦାସବ୍ୟବସାୟୀମାନଙ୍କ ହସ୍ତରେ ବିକ୍ରୟ କଲେ, ସୌଭାଗ୍ୟକ୍ରମେ ଆମ୍ଭ ତିନି ଜଣଙ୍କୁ ଜଣେ ବ୍ୟବସାୟୀ ଖରିଦ କରି ଏଠାରେ ରାଜା ଫିରୋଜସାହାଙ୍କ ନିକଟରେ ବିକ୍ରୟ କଲା । ନୃପତି ରାଜକନ୍ୟାର ଅପୂର୍ବ ରୂପଲାବଣ୍ୟ ଦେଖି ମୋହିତ ହୋଇ ଅନ୍ତଃପୁରରେ ଅତି ଯତ୍ନ ସହିତ ରଖି ଅନ୍ୟ ଦାସଦାସୀ ସହିତ ମୋତେ ଓ ଗୃପରକୁ ମଧ୍ୟ ତାଙ୍କର ସେବାରେ ନିଯୁକ୍ତ କରି ଅଛନ୍ତି ।" ଏହିକଥା ଶୁଣି ମୁଁ ଆନନ୍ଦରେ ବିହ୍ୱଳ ହୋଇ କହିଲି—ଗୋ ପ୍ରିୟେ କେଳକାରି, ମୋହର ପ୍ରେୟସୀ ଖୁସିରେ ଅଛନ୍ତି ତ ? ମୁଁ କି ସେହି ବିଧୁମୁଖୀ, ସ୍ୱର୍ଗ ଶଶିର ମୁଖ-ଆରଶୀ ପୁନର୍ବାର ଦର୍ଶନ କରି ପାରିବି ? ଓହୋ ରାଜା ଯାହାର ପ୍ରେମାଶକ୍ତ ମୋ'ପରି ଦୀନହୀନ ଅକିଞ୍ଚନର ତାହାର ଦର୍ଶନ ଆଶା କରି ବାମନର ଚନ୍ଦ୍ର ଧରିବାର ପ୍ରୟାସ ପରି ଅଟେ । ଯାହା-ହେଉ, ମୋର ପ୍ରାଣନିଧି ଅବଧି ଜୀବିତ ଅଛି ଶୁଣି ମୋହର ମନ ଆନ-ନ୍ଦରେ ନାଚି ଉଠିଲା । ହେଗୋ ସହଚରି, ତୁମ୍ଭର ହାତ ଧରି ଅନୁରୋଧ କରୁ-ଅଛି, ତୁମ୍ଭେ ମୋହର ମନ ପ୍ରାଣହାରୀ ରାଜକୁମାରୀଙ୍କୁ ବିଶେଷ କରି କହିବ, 'ସେ ମୋ ପାଇଁ କିଛିମାତ୍ର ଚିନ୍ତା ନ କରି ରାଜାଳୟରେ ରାଜପ୍ରିୟା ପ୍ରାୟ ସ୍ୱଚ୍ଛନ୍ଦରେ ମହାନନ୍ଦରେ ବାସ କରନ୍ତୁ । ମୁଁ ତାଙ୍କର ବିରହରେ ବୈରାଗ୍ୟ ଗ୍ରହଣ କରି ତାଙ୍କର ନାମ ହୃଦୟରେ ଧାରଣ ଓ ତାଙ୍କୁ ସର୍ବଦା ସ୍ମରଣ-ପୂର୍ବକ ନାନାସ୍ଥାନରେ ଭ୍ରମଣ କରି ଦିନ ଯାପନ କରିବି । କେଳକାରୀ କହିଲେ—ହୋସେନ, ତୁମ୍ଭେ ପ୍ରେମର ପ୍ରକୃତ ପାତ୍ର ଓ ପ୍ରେମର ଆଦର କରି ଜାଣ, ତାହା ନ ହେଲେ କି ରାଜକୁମାରୀ ତୁମ୍ଭର ପ୍ରଣୟରେ ପଡ଼ି ରାଜସୁଖ ଓ ପିତାମାତାଙ୍କୁ ଛାଡ଼ି ଜୀଅନ୍ତା ପୋଡାହେବାକୁ ପସନ୍ଦ କରନ୍ତେ ? ବର୍ତ୍ତମାନ ମଧ୍ୟ କାହାକେଣ୍ଡର ତାହାଙ୍କୁ ପ୍ରାଣାଧିକ ସ୍ନେହ ଓ ତାହାଙ୍କ ସହିତ ସହବାସ ପାଇଁ ଅହର୍ନିଶି ତୋଷାମୋଦ କରୁଅଛନ୍ତି, ମାତ୍ର ସେ ତାଙ୍କ ପ୍ରତି ଦୃଷ୍ଟିପାତ କିମ୍ବା ତାଙ୍କର ପ୍ରସ୍ତାବରେ ସମ୍ମତ ନ ହୋଇ ରାତିଦିନ ତୁମ୍ଭର ଧ୍ୟାନ ଓ ତୁମ୍ଭ ପାଇଁ ଝୁରି ତାଙ୍କର ତନୁ କ୍ଷୀଣ, ମୁଖ ମଳିନ ଓ ଶରୀର କୁବର୍ଣ୍ଣ ହେଲାଣି । ତୁମ୍ଭର ବିଚ୍ଛେଦ ଦିନୁ ଆମୋଦ

Digitized by PPRACHIN, SOA

ପ୍ରମୋଦ, ଅନନ୍ଦ ସବୁ ଗ୍ଭଡ଼ ବିଷାଦରେ କାଳ ଯାପନ କରୁଥିଲେ । ରାବଣର ଅଶୋକବନସ୍ଥିତା ଅମୋଦ, ପ୍ରମୋଦ ବିବର୍ଜିତ ସୀତା ରାମଙ୍କର ଶୁଭାଗମନ ବାର୍ତ୍ତା ଶୁଣି ସଙ୍କଟ ଚନ୍ତା ଭୁଲିଯାଇ ଯେପରି ପୁଲକିତା ହୋଇଥିଲେ, ରାଜଦୁହିତା କାଲି ତୁମ୍ଭର ଶୁଭାଗମନ ବାର୍ତ୍ତା ଶୁଣି ତତୋଧିକ ଆନନ୍ଦିତା ହୋଇ ଏହି ଘର ଖରଚ କରି ଏଥିରେ ଅତି ସମାଦର ସହିତ ତୁମ୍ଭଙ୍କୁ ରଖିବା ନିମନ୍ତେ ମୃପରଙ୍କୁ ଆଦେଶ ଦେଇଥିଲେ । ତୁମ୍ଭର ଚିତ୍ତ ବିନୋଦନ ଓ ସମସ୍ତ ସମାଦ ଜ୍ଞାପନନିମିତ୍ତ ଆଜ ମୋତେ ପ୍ରେରଣ କରି ଅଛନ୍ତି । କାଲି ନିଜେ ଶୁଭାଗମନ ଓ ଚନ୍ଦ୍ରବଦନ ଦର୍ଶନ କରାଇ ମନ ପ୍ରାଣ ଶୀତଳ କରିବେ । କେଲକାସ୍ ଏହିପରି ଆଶ୍ୱାସ ଦେଇ ପ୍ରସ୍ଥାନ କଲେ । ରାଜଦୁହିତା ଜୀବିତା ଅଛନ୍ତି ଶୁଣି ମୋହର ପ୍ରେମାନଳ ପୁଣି ପ୍ରବଳ ହେଲା । ମୋହର ଗମ୍ଭୀର ଚିନ୍ତା ଓ ନାନାପ୍ରକାର ଆଶାର ଉଷାକାଳ ହେଲା, ତଥାପି ନିମିଷେ ମାତ୍ର ନିଦ୍ରା ହେଲା ନାହିଁ । ସକାଳ ହୁଅନ୍ତେ ସ୍ନାନ ସାରି ଅଳ୍ପମାତ୍ର ଭୋଜନ କରି ପ୍ରିୟାର ଆଗମନ ପ୍ରତୀକ୍ଷାରେ ଏକ ଏକକ୍ଷଣ ଏକବର୍ଷ ସମାନ ମନେକରି ଅତିକଷ୍ଟରେ ଦିନ ମଧ୍ୟ ଯାପନ କଲି । କ୍ରମେ ସନ୍ଧ୍ୟା ଆଗତ ଓ ଗତ ହେଲା ତଥାପି ପ୍ରିୟତମା ରାଜଯେମା ଅସିଲା ନାହିଁ ଦେଖି ମନ ଅତ୍ୟନ୍ତ ଅଧୈର୍ଯ୍ୟ ହେଲା । ମହାଭାଗ୍ ମୋହର ମନର ସେ ସମୟର ଅବସ୍ଥା କଥାରେ କହି ହେବ ନାହିଁ, ଭୁକ୍ତଭୋଗୀ ସଜ୍ଜନେ ହୃଦୟଙ୍ଗମ କରି ପାରିବେ ଯେ, ପ୍ରିୟାସହ ମିଳନର ନିର୍ଦ୍ଦିଷ୍ଟ ସମୟର ନିମେଷ ମାତ୍ର ଅତୀତ ହେଲେ ମନ କିପରି ବ୍ୟଥିତ ହୋଇଥାଏ, ସେ ଯାହାହେଉ ଅତି ଅଧୈର୍ଯ୍ୟରେ ଦୁଇ ପ୍ରହର ରାତ୍ରି ଗତ ହେବାପରେ ପୂର୍ଣ୍ଣିମାର ଚନ୍ଦ୍ରମା ସଦୃଶ ଜେମା ଗୃହେ ଉପସ୍ଥିତ ହେଲେ । କେଲକାସ୍ ନକ୍ଷତ୍ର ପରି ତାଙ୍କ ସଙ୍ଗେ ଆସିଲେ । ରାଜକନ୍ୟାଙ୍କୁ ପୁନର୍ବାର ଦର୍ଶନ କରି ମୋହର ମନ ଆନନ୍ଦ-ସାଗରେ ନିମଗ୍ନ ହେଲା । ମୁଁ ଅତ୍ୟନ୍ତ ପୁଲକିତ ହୋଇ ତାହାର ଚରଣରେ ଲୁଣ୍ଠିତ ହେଲି, ରାଜକୁମାରୀ ଅତ୍ୟନ୍ତ ପ୍ରେମରେ ମୋତେ ଉତ୍ତୋଳନ କରି ପର୍ଯ୍ୟଙ୍କରେ ବସାଇ ଆପେ ମୋ ପାଖରେ ବସି କହିଲେ, "ହେ ପ୍ରାଣନାଥ, ଜଗନ୍ନାଥ ସଦୟ ହୋଇ ଏହି ସୁଯୋଗ ଘଟାଇବେ ବୋଲି କାହାର

Digitized by PPRACHIN, SOA

ବିଶ୍ୱାସ ଥିଲା । ତୁମ୍ଭ ସହିତ ପୁନର୍ମିଳନ ଓ ତୁମ୍ଭର ଶ୍ରୀଚରଣ ଦର୍ଶନ କରିବ ବୋଲି ମୋହର ଅଣୁ ପ୍ରମାଣ ଆଶା ଥିଲା ନାହିଁ । ବିଧି ଅନୁକୂଳ ହୋଇ ଏହି ଅତୁଲ ଆନନ୍ଦପ୍ରଦ ମିଳନର ସୁଯୋଗ ଘଟାଇ ଥିଲେହେଁ ଫିରୋଜଶାହା ଅବଧି ମଝିରେ ଅନ୍ତରାୟ ହୋଇଅଛି । ତାହାର ଡରରେ ମୋହର ଆସିବାରେ ବିଲମ୍ବ ହେଲା ଏବଂ ସେହି କାରଣରୁ ସତତ ତୁମ୍ଭ ସହିତ ସାକ୍ଷାତ ହୋଇ ପାରିବ ନାହିଁ । ଯାହାହେଉ ଯେଉଁ କରୁଣା-ନିଦାନ ଭଗବାନଙ୍କର କରୁଣାରେ ଆମ୍ଭମାନଙ୍କର ଏତେ ଯାତନା ବିଦୂରିତ ହୋଇଅଛି ତାଙ୍କର ପ୍ରସାଦରେ ଅବଶିଷ୍ଟ ବିଷାଦ ଅନ୍ତହିତ ଓ ଆମ୍ଭମାନଙ୍କର ପୂର୍ଣ୍ଣ କାମନା ସମ୍ପାଦିତ ହେବ ବୋଲି ମୋହର ଦୃଢ଼ ଧାରଣା ଅଛି । ତୁମ୍ଭେ ତାଙ୍କର ଦୟା ଉପରେ ନିର୍ଭର କରି ଏଠାରେ ବାସକର, ତାଙ୍କର ଅନୁଗ୍ରହରେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ଓ ଚିର ସହବାସର କୌଣସି କାରଣ ହେବ । ରାଜକୁମାରୀ ମନୋରଥ ସିଦ୍ଧି ନିମିତ୍ତ ଦୈବଙ୍କୁ ସହାୟ କରି ମୋତେ ପଚାରିଲେ, "ପ୍ରାଣନାଥ, ତୁମ୍ଭେ ଏ କଠିନ ବିଚ୍ଛେଦ ଦିନ କେଉଁଠାରେ ଓ କପରି ଯାପନ କଲ ?" ମୁଁ ସମସ୍ତ ବିବରଣ ଜଣାଇବାରୁ ସେ ବିଷଣ୍ଣ ହୋଇ କହିଲେ, "ହାୟ ମୁହିଁ କୁଲକ୍ଷଣା ଯୋଗେ ତୁମ୍ଭେ ଏତେ ଯାତନା ସହିଲ । ନାଥ. ତୁମ୍ଭର ଏହି କଷ୍ଟ ନିମିତ୍ତ ମୁଁ ଅତ୍ୟନ୍ତ ଦୁଃଖିତ ହେଉଅଛି ।" ମୁଁ କହିଲି "ସୁନ୍ଦରି ତୁମ୍ଭେ ଏହି ଦାସପାଇଁ ମୋଠାରୁ ବଳି କଷ୍ଟ ସହି ଷଡ୍ୟପ୍ରେମର ଯେଉଁ ନିଦର୍ଶନ ଦେଖାଇଅଛ ତାହା ମୁଁ ଆଜୀବନରେ ସୁଝି ପାରିବିନାହିଁ, ମାତ୍ର ନାରୀକୁଳରେ ତୁମ୍ଭର ଏହି ଅତୁଳ ସତୀତ୍ୱର ସୁଖ୍ୟାତି ଚିରକାଳ ଘୋଷିତ ହେଉଥିବ । ବର୍ତ୍ତମାନ ଈଶ୍ୱରଙ୍କଠାରେ ମୋହର ଏକାନ୍ତ ପ୍ରାର୍ଥନା ଏହି ଯେ, ସେ ତୁମ୍ଭର ସତୀତ୍ୱ ବ୍ରତରେ ସନ୍ତୁଷ୍ଟ ହୋଇ ଆମ୍ଭ-ମାନଙ୍କର କଷ୍ଟ ଦୂରିଭୂତ ଓ ଅବିଚ୍ଛିନ୍ନ ସହ ବାସର ସୁଯୋଗ କରି ଦିଅନ୍ତୁ । ଏହିପରି ଦୁଃଖ ସୁଖ ଓ ସହବାସରେ ଆମ୍ଭମାନେ ପରମ ସୁଖରେ ରାତ୍ରି ଯାପନ କଲୁଁ ।

ରାତ୍ରି ଚତୁର୍ଥ ପ୍ରହର ସମୟରେ କେଳକାରୀ ଦ୍ୱାରେ କରାଘାତପୂର୍ବକ କହିଲା, "ଦେବି, ଉଷାସେବି ଶୀତଳ ପବନ ପ୍ରବାହିତ ହେଲାଣି,

Digitized by PPRACHIN, SOA

କୁକ୍କୁଟେ କୁକ୍‌କୁକୁ କରି ଡାକିଲାଣି । ରାତ୍ରି ପ୍ରାୟ ଶେଷ ହେଲାଣି । ସୁତରାଂ ଆଉ ମଠ ନ କରି ଶୀଘ୍ର ଉଠି ରାଜପୁରୀକୁ ଯିବା ଆସ ।” ସଖୀ କଥାରେ ରାଜକୁମାରୀ ବିରକ୍ତା ହୋଇ କହିଲେ, “ଗୋ ସହଚରି, ପ୍ରେମ-ମଧୁରୀ ଅନଭିଜ୍ଞା ନାରୀ ପ୍ରେମିକ ପ୍ରେମିକାର ମିଳନ ଓ ବିଚ୍ଛେଦକୁ ପିଲାଙ୍କ ଖେଳ ବୋଲି ମନେ କରନ୍ତି, ପ୍ରିୟଜନଙ୍କ ମିଳନକୁ ବିଚ୍ଛିନ୍ନ କରି ସେମାନଙ୍କଠାରେ ଗର୍ହିତ ବା ଅନୁଚିତ କର୍ମ ନୁହେ । ଅନେକ ଦିନ ବିଚ୍ଛେଦ କଷଣ ସହି ଭଗବାନଙ୍କ କୃପାରେ କାନ୍ତଙ୍କ ଭେଟ ପାଇ ଅଳ୍ପକ୍ଷଣ ମିଳନ ସୁଖ ଭୋଗ କରନ୍ତେ, ତାହା ତୁମ୍ଭର ଚକ୍ଷୁଶୂଳ ହେଲା, ତୁମ୍ଭେ ତାହା ସହ୍ୟ କରି ପାରିଲ ନାହିଁ । ଏହି ବର୍ତ୍ତମାନ ମୋହର ଆଗମନ ସଙ୍ଗେ ସଙ୍ଗେ ନିଶାବସାନ ହେଲା କହି ପ୍ରିୟଙ୍କ ମୁଖ ଦର୍ଶନରୁ ରହିତ ହୋଇ ଶୀଘ୍ର ପଳାୟନ କରିବାକୁ ଉଚ୍ଛନ୍ନ କରୁଅଛ” ସଖୀ କହିଲା, “ଦେବି ମୁଁ ମିଥ୍ୟା କହୁ ନାହିଁ, ତୁମ୍ଭେ ବାହାରକୁ ଆସି ଦେଖ, ଚନ୍ଦ୍ରର ମନୋହର ବର୍ଣ୍ଣ ବିବର୍ଣ୍ଣ ଏବଂ ନକ୍ଷତ୍ରଗଣ ଏକେ ଏକେ ଅନ୍ତ-ର୍ଦ୍ଧାନ ହେଲେଣି । ସୁରଞ୍ଜିତ ମନୋହର ରଥରେ ଆରୋହଣ କରି ଉଷା ଦେବୀ ବିଜେ ଏବଂ ତାଙ୍କ ପଶ୍ଚାତରେ ରକ୍ତବର୍ଣ୍ଣ ବାଳାରୁଣ ସ୍ୱୀୟ କୋମଳ କିରଣ ବିସ୍ତାର କଲେଣି, ଏହି କ୍ଷଣ କାଉ ରାଉ ୨ ବୋଲି ରଡ଼ି ଛାଡ଼ିଲାଣି, ଆସ ଶୀଘ୍ର ରାଜଭବନକୁ ଗମନ କରିବା ଆସ ଏହା ଶୁଣି ରାଜନନ୍ଦିନୀ ଦୁଃଖିତ ମନରେ ମୋଠାରୁ ବିଦାୟ ହୋଇ ସଖୀ ସହିତ ରାଜପୁରୀକୁ ଗମନ କଲେ ।

ରାଜକନ୍ୟା ସହିତ ପୁନର୍ମିଳନବଶତଃ ମୋହର ଅପାର ଆନନ୍ଦ ଜାତ ହେଲା ସତ, ମାତ୍ର ଫକୀରକୁ କ୍ଷଣକ ନିମନ୍ତେ ମଧ୍ୟ ବିସ୍ମୃତ ହେଲି ନାହିଁ । ମୋତେ ନ ଦେଖି କେତେ ଚିନ୍ତିତ ଓ ଦୁଃଖିତ ହେଉ ଥିବ, ଭାବି ଅତି ପ୍ରଭାତରେ ତାହା ସହିତ ସାକ୍ଷାତ କରିବାକୁ ବହିର୍ଗତ ହେଲି । ଯାଉଁ ୨ ପଥରେ ତାହା ସହିତ ସାକ୍ଷାତ ହେଲା, ମୁଁ ତାହାକୁ ଦେଖି ଅତି ଆହ୍ଲାଦିତ ହୋଇ ଆଗ୍ରହ ସହିତ ଆଲିଙ୍ଗନ କରି କହିଲି “ଭ୍ରାତଃ ମୋହର ଦୁଇଦିନ ଅଦର୍ଶନରେ ନିତାନ୍ତ ଭାବିତ ହୋଇଥିବ, ମାତ୍ର ମୋହର ଅଦୃଷ୍ଟର ଅଦ୍ଭୁତ ପରିବର୍ତ୍ତନର ବୃତ୍ତାନ୍ତ ଶୁଣିଲେ ଆନନ୍ଦିତ-

Digitized by PPRACHIN, SOA

ହେବ, ସନ୍ୟାସୀ କହିଲା "ମୋହର ଚନ୍ତାର କଥା କଣ ପଚାରୁଛ ? ତୁମ୍ଭଙ୍କୁ ନ ଦେଖି ଦୁଇଦିନ ହେଲା ମୋହର ଆଖିରେ ନିଦ ନାହିଁ । ସେ ଯାହାହେଉ ଏହି ଅଳ୍ପ ସମୟରେ ତୁମ୍ଭର ମୁଖ ପ୍ରସ୍ଫୁଟିତ ପୁଷ୍ପପରି ପ୍ରଫୁଲ୍ଲ ଶରୀର ଉଜ୍ଜ୍ୱଳ ଏବଂ ପରିଧେୟ ବସ୍ତ୍ର ବହୁମୂଲ୍ୟ ଓ ଝଲମଲ ହେଉଥିବାର ଦେଖୁଅଛି, ଏହି ଅଭାବନୀୟ ସୌଭାଗ୍ୟର କଥା କହି ମନ ସନ୍ତୋଷ କରାଅ ।" ମୁଁ କହିଲି ଭାଇ ହଠାତ୍ ପରିବର୍ତ୍ତିତ ମୋହର ଅଦୃଷ୍ଟ ବୃତ୍ତାନ୍ତ ପଶ୍ଚାତ ଶୁଣିବ, ବର୍ତ୍ତମାନ ସଦ ବର୍ତ୍ତି ସ୍ଥାନ ଛାଡ଼ି ମୋ ସଙ୍ଗେ ଆସି ମୋହର ସୌଭାଗ୍ୟର ଭାଗୀ ହୁଅ, ଏହା କହି ଗୃହକୁ ଆଣିଲି । ଉଦାସୀନ ସୁବିଶାଳ ଭବନ, ସୁରମ୍ୟ ଉଦ୍ୟାନ ଓ ମୂଲ୍ୟବାନ୍ ଦ୍ରବ୍ୟମାନ ଦେଖି ଘନଘନ ନିଶ୍ୱାସ ବିସର୍ଜନ କରି କହିଲା ହା ଭଗବାନ ! ଏ କେଉଁ ଏମନ କି ପୁଣ୍ୟକର୍ମ କରିଅଛି ଯାହା ନିମିତ୍ତ ତାହାକୁ ଅଗଣନ ଧନ ପ୍ରଦାନ କରି ହଠାତ୍ କୁବେର ସମାନ ଧନବାନ କରିଦେଲ ଏବଂ ଆମ୍ଭର ବା କଣ ଅପରାଧ ଯାହାପାଇଁ ଚିରଦିନ ଦୀନ ହୀନ ଭାବେ ଜୀବନ ଯାପନର କଠିନ ନିୟମ ନିର୍ଦ୍ଧାରଣ କରିଅଛ । ମୁଁ ଯତିକୁ ଅତି କାତର ଦେଖି କହିଲି, "ମିତ,ମୋହର ବଳବତ୍ ଅଦୃଷ୍ଟ ଦେଖି କାତର ହେଉ ଅଛ କି ? ମୋ କଥା ଶୁଣି ସେ ଲଜ୍ଜିତ ହୋଇ କହିଲା, ଛି ଛି ବନ୍ଧୁସୁଖ ଦର୍ଶନେ ଅସୁଖୀ ହେବା ଅଜ୍ଞାନ ହିଂସ୍ରକର କର୍ମ ଅଟେ,ତୁମ୍ଭର ସୌଭାଗ୍ୟ ଦର୍ଶନ କରି ମୁଁ ବାସ୍ତବିକ ଅସୁଖୀ ନୁହେଁ, ସୁଖୀ ଅଟେଁ । ଏହାକହି ଆନନ୍ଦ ସହିତ ମୋତେ ଆଲିଙ୍ଗନ କଲା । ମୁଁ ସେହି ଖଳ ଅନ୍ତରଣ ଉଦାସୀନର ପ୍ରକାଶ୍ୟ ସରଳ ବଚନ ଶୁଣି ପୂର୍ବୋକ୍ତ ଈର୍ଷାଯୁକ୍ତ ଉକ୍ତି ଭୁଲିଯାଇ ତାହାକୁ ସଙ୍ଗେ ନେଇ ଭୋଜନରେ ବସିଲି । ଭୋଜନାନ୍ତେ ମଦ୍ୟପାନରେ ପ୍ରବୃତ୍ତ ହେଲୁଁ । ମଦ୍ୟପାନରେ ମତ୍ତ ହୋଇ ଯୋଗୀ ହସି କହିଲା ମିତ ମୋତେ ଅବିଶ୍ୱାସ ନକରି ମନର ଦ୍ୱାର ଉନ୍ମୁକ୍ତ କରି ଗୁପ୍ତକଥା ଅବଗତ କରାଅ ଏଥିରେ ତୁମ୍ଭେ କ୍ଷତିଗ୍ରସ୍ତ ହେବ ନାହିଁ, କିନ୍ତୁ ମୁଁ ଅତ୍ୟନ୍ତ ଆହ୍ଲାଦିତହେବି ।" ମୁଁ ଜ୍ଞାନାନ୍ଧ ମଦ୍ୟପାନରେ ଅନ୍ଧୁର ଅନ୍ଧ ଓ ଯୋଗୀର କଥାରେ ଭ୍ରାନ୍ତ ହୋଇ ଆଦ୍ୟୋପାନ୍ତ ସମସ୍ତ ବୃତ୍ତାନ୍ତ କହିଦେଲି । ଉଦାସୀନ ସକଳ ବିବରଣ ଶ୍ରବଣ କରି କହିଲା "ଭାଇ

Digitized by PPRACHIN, SOA

ନିଶ୍ଚୟ ସେହି ରାଜକନ୍ୟା ଅତି ରୂପବତୀ ଥିବ ନୋହିଲେ ନୃପତି ତାହାର ପ୍ରୀତିପାଇଁ ଏତେ ଚିନ୍ତିତ କରନ୍ତେ କି ?" ମୁଁ କହିଲି—ତାହାର ସୌନ୍ଦର୍ଯ୍ୟର କଥା କଣ ପଚାରୁଛ ? ତାହାର ବଦନ ଚନ୍ଦ୍ରଙ୍କୁ ବଳି ଦୀପ୍ତିମାନ, ଦନ୍ତ ମୁକ୍ତା ସମାନ ଏବଂ ଆକର୍ଣ୍ଣ ବିସ୍ତୃତ ନୟନ ମୁନି ମନ ଆକର୍ଷଣ କରୁଅଛି, ଶରୀରର ଗଠନ କବି କଳ୍ପନାର ବହିର୍ଭୂତ ଏବଂ ସୁଦକ୍ଷ ଚିତ୍ରକରର ତୁଳିକାରେ ଚିତ୍ରିତ ହେବା ଅନିଶ୍ଚିତ ଅଟେ । ଏହି ରାଜକୁମାରୀ କାଲି ଯେତେବେଳେ ପୂର୍ଣ୍ଣିମା ଚନ୍ଦ୍ରମା ସଦୃଶ ବିରାଜିତ ହୋଇ ସ୍ୱୀୟ ସୌନ୍ଦର୍ଯ୍ୟ ଜ୍ୟୋତ୍ସ୍ନାଦ୍ୱାରା ଗୃହ ଆଲୋକିତ କରିବେ ତୁମ୍ଭେ ତାହାଙ୍କୁ ଦେଖି ଆମ୍ଭ କଥାର ସତ୍ୟାସତ୍ୟ ଜାଣି ପାରିବ । ଯୋଗୀ ଆନନ୍ଦେ ଗଦ୍‌ଗଦ ହୋଇ ମୋହର ଗୋଡ଼ ଧରି ପକାଇ କହିଲା ଭାଇ ତୁମ୍ଭେ ଅନୁଗ୍ରହ କରି ସେହି ସୁନ୍ଦରୀଙ୍କୁ ମୋତେ ଦେଖାଇ ଦେଲେ ମୁଁ ତୁମ୍ଭର ଚିରକୃତଜ୍ଞ ଦାସ ହେବି ।

ଏହିପରି କଥୋପକଥନରେ ଅର୍ଦ୍ଧରାତ୍ରି ଅତିବାହିତ ହେଲାପରେ ଉଭୟେ ଶୟନ କଲୁଁ । ସକାଳେ ଗୃହର ଉପସ୍ଥିତ ହୋଇ ସହର୍ଷେ କହିଲା, "ରାଜକୁମାରୀ ଆଜ ସନ୍ଧ୍ୟାପରେ ଏଠାରେ ବିଜେ କରିବେ । ଏହି ସମ୍ବାଦ ଶୁଣି ଉଦାସୀନ ସନ୍ନ୍ୟାସୀ ଶୀଘ୍ର ଦର୍ଶନ ଆଶାରେ ଅତି ପ୍ରସନ୍ନ ହୋଇ ମହା ଆନନ୍ଦେ ଦିନ ଯାପନ କଲା । ସନ୍ଧ୍ୟାବେଳେ ମୁଁ ତାହାକୁ କହିଲି"ଭାଇ ନିଜସ୍ୱୂତା ତୁମ୍ଭଙ୍କୁ ହଠାତ୍ ଦେଖିଲେ ରୁଷ୍ଟା ହେବାର ଡ଼ର ଅଟେ ସୁତରାଂ ତୁମ୍ଭେ ପ୍ରଥମେ କିଛିକ୍ଷଣ ଗୋପନେ ରହିବ,ପରେ ତାହାକୁ ତୁମ୍ଭର କଥା କହି ତାହାର ଅନୁମତି ନେଇ ସାକ୍ଷାତ କରାଇବି ।"ଫକୀର ମୋହର ପରାମର୍ଶ ବିଶେଷ ଆଗ୍ରହ ସହିତ ମାନିଲା । ଅଳ୍ପକ୍ଷଣ ପରେ ଦ୍ୱାରେ କରାଘାତ ହୁଅନ୍ତେ ମୋହର ଇଙ୍ଗିତ ମତେ ସନ୍ନ୍ୟାସୀ କକ୍ଷାନ୍ତରେ ଲୁଚିଗଲା, ମୁଁ ଦ୍ୱାର ଫିଟାଇ ରାଜକନ୍ୟାଙ୍କୁ ସମାଦରରେ ପାଛୋଟି ଆଣି, ଉତ୍ତମ ଆସନରେ ବସାଇଲି । ଆମ୍ଭେମାନେ କିଛିକ୍ଷଣ ଅବାଧେ ସ୍ୱାଧୀନ-ଭାବେ ସଦାଳାପ କଲୁଁ, ପରେ ମୁଁ କହିଲି "ପ୍ରେୟସୀ ଆଜ ମୋହର ଗୋଟିଏ ଅନୁରୋଧ ରକ୍ଷାକରିବାକୁ ହେବ, ଯେଉଁ ସନ୍ନ୍ୟାସୀ କ୍ଷମା ସହିତ କାଳାହାରଙ୍କୁ ଅଡ଼ିଥିଲେ ତାହାକୁ ଆମନ୍ତ୍ରଣ କରି ଗୃହକୁ ଆଣିଅଛି !

Digitized by PPRACHIN, SOA

ତାହାର ପ୍ରକୃତ ନିତାନ୍ତ ପ୍ରଶଂସନୀୟ ଅଟେ । ପୁଣି ସେ ମୋହର ଅକୃତ୍ରିମ ବନ୍ଧୁ ଅଟେ, ଏଣୁ ମୁଁ ତାହାକୁ ଅନ୍ତରେ ରଖିବା ଅନୁଚିତ ମନେକରି ଏଠାକୁ ଆଣିବାକୁ ଅନୁମତି ମାଗୁଅଛି । ରାଜକୁଲଶ୍ରୀ କହିଲା କାହାର ମନେ କଣ ଅଛି ଜଣା ନାହିଁ ସୁତରାଂ ସେଠାକୁ ଏଠାକୁ ଆଣନା କାରଣ ସୁଖେ ଥାଇ ବୁଦ୍ଧି ବଣା ହୋଇ ଆପଣା ଗୁପ୍ତ ପ୍ରଣୟ ଅନ୍ୟକୁ ଜଣାଇବା ମୋହର ବିବେଚନାରେ ବିପଦକୁ ଅର୍ଜନା କରିବା ଅଟେ । ମୁଁ କହିଲି ପ୍ରେୟସୀ ସେହି ସନ୍ୟାସୀ ଅତ୍ୟନ୍ତ ବିଶ୍ୱାସୀଲୋକ ଅଟେ ଆମ୍ଭମାନଙ୍କ ଗୁପ୍ତପ୍ରଣୟ କଥା ଜାଣି ସେ ନିଶ୍ଚୟ କାହାରଠାରେ ପ୍ରକାଶିବ ନାହିଁ । ଯୁବତୀ କହିଲା "ଯଦି ପରକୁ ଆଣି ଆପଣା ଉଭୟଙ୍କର ପ୍ରୀତିର କଥା ତାହାକୁ ଜଣାଇବାକୁ ମତିଥାଅ ଆଣ ଆମ୍ଭର ଆପତ୍ତି ନାହିଁ ମାତ୍ର ନିଶ୍ଚୟରୂପେ ଜାଣ ଯେ ଶେଷେ ନିଃସନ୍ଦେହେ ବିପତ୍ତି ଘଟିବ ।" ରମଣୀର ସଂଶୟଯୁକ୍ତ ଉଭୟଙ୍କର ବାଣୀ ଶୁଣି ମୁଁ ସମସ୍ତ କଥା ଜାଣି ନ ଜାଣିବା ପରି ହୋଇ ସେହି ଧୂର୍ତ୍ତକୁ ଡାକି ଆଣିଲି । ମୋହର ବନ୍ଧୁ ବୋଲି ଅନାଗ୍ରସତ୍ତ୍ୱେ ମଧ୍ୟ ମୋହର ପ୍ରୀତି ନିମିତ୍ତ ରାଜକୁମାରୀ ଆଦର କରି ତାହାକୁ ନିକଟରେ ବସାଇଲେ ।

ଅନନ୍ତର ଭୋଜନ ସମୟ ହୁଅନ୍ତେ ସମସ୍ତେ ଏକତ୍ରେ ଆହାର କରିବାକୁ ବସିଲୁ । ଏହି ସମୟରେ ରାଜସୁତା ବଦନ ଆବରଣ ଉନ୍ମୁକ୍ତ କରିବାରୁ ତାଙ୍କର ସୌନ୍ଦର୍ଯ୍ୟ ଜ୍ୟୋତି ଦେଖି ଯତି ବିଚଳିତ ମତି ହୋଇ ଲମ୍ପଟତାପୂର୍ଣ୍ଣ କଥାବାର୍ତ୍ତା କରିବାକୁ ଲାଗିଲା । ତାହାର କଥା ଚତୁରୀ ଦେଖି ଲୋକଟା ପ୍ରକୃତ ଧର୍ମାତ୍ମା ନୁହେ ବୋଲି ସୁନ୍ଦରୀ ଜାଣି ପାରିଲେ । ମାତ୍ର ମୋହର ଉପରୋଧରେ କିଛି ନ କହି ଟାଳି ଦେଲେ । ଆମ୍ଭେମାନେ ଭୋଜନସାରି ମଦ୍ୟପାନରେ ପ୍ରବୃତ୍ତ ହେଲୁଁ । ଦାସଗଣ ମଣିମୟ ପାତ୍ରରେ ମଦ୍ୟ ଦେବାକୁ ଲାଗିଲେ ଉଦାସୀନ ସର୍ବାଧିକ ପାନକରି ଉନ୍ମତ୍ତ ହୋଇ ବଳପୂର୍ବକ ରାଜ କନ୍ୟାର ହାତ ଧରିପକାଇଲା । ତାହାର ଏହି ଅଯଥା ବ୍ୟବହାରରେ ରାଜସୁତା ଅତ୍ୟନ୍ତ କୁପିତା ହୋଇ

Digitized by PPRACHIN, SOA

କହିଲେ, "ରେ ନିର୍ଲଜ୍ଜ, ନରାଧମ, ଲମ୍ପଟ, ତୋହର ଏତେ ସାହସ, ଏହିକ୍ଷଣି ତୋହର ମସ୍ତକ ଛେଦନ କରାଇ ଶବ କୁଅ ସାଗୁଣାଙ୍କୁ ଖୁଆନ୍ତି, ମାତ୍ର ତୋହର ବୁଦ୍ଧିହୀନ ଏହି ବନ୍ଧୁ ନିମିତ୍ତ କ୍ଷମାକଲି । ତୁ ଶୀଘ୍ର କଳାମୁହଁ ଘେନି ମୋ ଆଗରୁ ଦୂର ହୋ । ଫକୀରକୁ ଏହିପରି ତିରସ୍କାରି କରି ଆରକ୍ତ ନୟନ ଓ କ୍ରୋଧ କମ୍ପିତ ଶବ୍ଦରେ ରାଜପୁତ୍ରୀକୁ ବାହାରିଲେ । ମୁଁ ଶୀଘ୍ରମନେ ତାଙ୍କର ପଶ୍ଚାତ୍ ପଶ୍ଚାତ୍ ଯାଇ ଦ୍ୱାରପାର୍ଶ୍ୱରେ ଚରଣ ଧରି କହିଲି—ସୁନ୍ଦରି, ଏ ଦୋଷ ମୋହର ଅଟେ, ତୁମ୍ଭେ ରୋଷ ନ ଧରି ଏଥର କ୍ଷମା କର । ରାଜନନ୍ଦିନୀ କହିଲେ "ରେ ନିର୍ବୋଧ ମୁଁ ଆଗନ୍ତୁ ଏପରି ଭଣ୍ଡାଗୃହୀ ଫକୀରଙ୍କୁ ଆପଣା ବଳାମଧ୍ୟରୁ ଆଣିବାକୁ ମନା କରିଥିଲି, ମାତ୍ର ତୁମ୍ଭେ ତାହା ନ ମାନି ଏହି ଉପଦ୍ରବ ଘଟାଇଲ । ଏହି ଦୁର୍ବୃତ୍ତ ଲମ୍ପଟ ଯେ ପର୍ଯ୍ୟନ୍ତ ତୁମ୍ଭଘରୁ ଦୂରୀଭୂତ ନ ହେବ ମୁଁ ଏ ଦିଗକୁ ଦୃଷ୍ଟିପାତ ସୁଦ୍ଧା କରିବି ନାହିଁ । ଏହାକହି ଗୋଡ଼ରେ ମୋର ହାତ ଠେଲିଦେଇ ବେଗେ ପ୍ରସ୍ଥାନ କଲେ ।

ମୁଁ ନିରାଶ ହୋଇ ବିରସ ମନେ ସ୍ୱସ୍ଥାନକୁ ଫେରି ଆସି ସନ୍ନ୍ୟାସୀକୁ କହିଲି "ଭାଇ ତୁମ୍ଭେ ଜ୍ଞାନହୀନହୋଇ ପଶୁ ସମାନ ଅତି ନିର୍ଲଜ୍ଜ ଓ ଜଘନ୍ୟ କାର୍ଯ୍ୟ କଲ, ଏହି ରମଣୀ ରାଜନନ୍ଦିନୀ, ତୁମ୍ଭେ ଜାଣି ଶୁଣି ତାହା ନ ମାନି ଇତର ନାରୀପରି ତାହା ସହିତ ନିତାନ୍ତ ହୀନ ଘୃଣ୍ୟ କର୍ମ କଲ । ମଦୋନ୍ମତ୍ତ ଦୁଷ୍ଟ ଫକୀର ମୋ କଥା ଶୁଣି କହିଲା, "ହୋସେନ, ତୁମ୍ଭେ ନିତାନ୍ତ ଅଜ୍ଞାନ ଅଟ, ନାରୀ ଚରିତ୍ର ତୁମ୍ଭଙ୍କୁ ଜଣା ନାହିଁ, ନାରୀଙ୍କ ଆଚରଣ ସମ୍ବନ୍ଧରେ କବି କହିଛନ୍ତି "ସଂସାର ଚକ୍କର ନାରୀଙ୍କ ମକ୍କର, ନ ଜାଣନ୍ତି ସୁରାସୁର, କାହୁଁ ଜାଣିବ କ୍ଷୁଦ୍ର ନର ।" ସେମାନେ କେବଳ ମୁଁ ହେ ମୁଁ ହେ ସତୀତ୍ୱ ଦେଖାଇ ହେଉଥାନ୍ତି, ମାତ୍ର ସୁବିଧା ପାଇଲେ ଉଲଙ୍ଘିକ କଣ ଘୋଡ଼ା-ସହିସ ସହିତ ମଧ୍ୟ ପ୍ରୀତି କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ପୁରୁଷ ନାରୀର ହାତ ଧଇଲେ ସେ ରୁଷ୍ଟ ନ ହୋଇ ବରଂ ସନ୍ତୁଷ୍ଟ ହୁଏ । ସେତେବେଳେ ତୁମ୍ଭର ପ୍ରେୟସୀ ଯେ ବିରକ୍ତି ଭାବ ପ୍ରକାଶିଲା ତାହା କାହାର

Digitized by PPRACHIN, SOA

ଛଳନା ମାତ୍ର, ତୁମ୍ଭେ ପାଖରେ ଥିଲ ବୋଲି ସେ କୃତ୍ରିମ କ୍ରୋଧ ଦେଖା-ଇଲେ ନଚେତ୍ ଆମ୍ଭର ବ୍ୟବହାରରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ କେତେ ପ୍ରେମ କରଥାନ୍ତା ।

ଫକୀର ମଦମତ୍ତ ହୋଇ ନାଶ୍ତ ଉଚ୍ଚସ୍ୱର ଆମ୍ଭର ଅନେକ ନିନ୍ଦା କରୁଥିବାର ଦେଖି, ସେହି ଅଜ୍ଞାନ ସମୟରେ ତାଙ୍କୁ ହିତ କଥା କହିବା ବୃଥା ମନେ କରି ଶୟନ କରାଇବାକୁ ଯତ୍ନ କଲି । ସେ ଅନେକ ବେଳଯାଏ ବାତୁଳଙ୍କ ପରି ପ୍ରଳାପ କରି ଶେଷେ ଶୋଇ ପଡ଼ିଲା । ସେ ନିଶ୍ଚିନ୍ତ ହୋଇ ଶୋଇବାରୁ ପ୍ରିୟା ନିର୍ଦ୍ଦୟା ହୋଇ ଚାଲିଯିବା ଏବଂ ତାଙ୍କ ସଙ୍ଗେ ପୁନର୍ମିଳନ ହେବ କି ନାହିଁ ଭାବି ଭାବି ମୁଁ ରାତ୍ରି ଯାପନ କଲି । ପ୍ରଭାତ ସମୟେ ଫକୀରର ନିଦ୍ରା ଭଙ୍ଗ ହେଲା ଏ ଯେତେ ତାହାର ଆଉ ମଦାଚରଣର ଲକ୍ଷଣ ନାହିଁ । ବର୍ତ୍ତମାନ ସେ ଅତି ଶିଷ୍ଟ ଓ ସଜ୍ଜନ, ରାତ୍ରିର କଥା ମନେ କରି କରୁଣ ଭାବେ କ୍ରନ୍ଦନ କରୁ କରୁ କହିଲା "ରାତ୍ରିରେ ମୁଁ ଅତି କୁବୁଦ୍ଧିବଶତଃ ପଶୁବତ୍ ବ୍ୟବହାର କରିଅଛି । ସେହି ଦୁଷ୍କର୍ମର ପ୍ରାୟଶ୍ଚିତ୍ତ ନିମିତ୍ତ ମୁଁ ଦେଶାନ୍ତରିତ ହେବି, ଏହି କଳଙ୍କିତ ମୁଖ ଏଠାରେ କାହାରିକି ଦେଖାଇବି ନାହିଁ । ଫକୀରର ଅନୁତାପ ଦେଖି ମୋ ମନରେ କଷ୍ଟ ହେଲା, ମୁଁ ସେହିକ୍ଷଣି ରାଜନନ୍ଦିନୀଙ୍କୁ ଏହିପରି ଖଣ୍ଡେ ପତ୍ର ଲେଖିଲି "ପ୍ରିୟେ ଧର୍ମଦ୍ରୋହୀ ସୁରା ସକଳ ଅନିଷ୍ଟର ମୂଳ ଅଟେ, ଏହା ସେବନ କଲେ ଜ୍ଞାନବାନ୍ ମଧ୍ୟ ଅଜ୍ଞାନ ହୋଇ ପଶୁବତ୍ ଆଚରଣ କରିବାକୁ ସକ୍ଷମ ହୁଏ । ଏଥିପାଇଁ ଜ୍ଞାନ ରହିତ ବ୍ୟକ୍ତିର ଅପରାଧକୁ ପାଗଳର କାର୍ଯ୍ୟ ମନେ କରି ଜ୍ଞାନମାନେ ତାହା କ୍ଷମା କରନ୍ତି । ପ୍ରେୟସି ! ଯୋଗୀ ବର୍ତ୍ତମାନ ଜ୍ଞାନ ପ୍ରାପ୍ତ ହୋଇ ସ୍ୱକୃତ ଦୋଷ ନିମିତ୍ତ ତାପିତ ହେଉଅଛି, ତାହାର ଅଜ୍ଞାନ କୃତ ଦୋଷ କ୍ଷମା କଲେ ବିଶେଷ ବାଧିତ ହେବି ।" ଏହି ପତ୍ର ମୁଁ ପରି ଯେତେ ସତ୍ୱର ରାଜକନ୍ୟାଙ୍କୁ ଦେଲି, ସେ ତାହାର ଉତ୍ତରରେ ଲେଖିଲେ "ସେହି ଦୁରାତ୍ମାର ଭଣ୍ଡ ପ୍ରତି ମୋହର ଯେଉଁ ରାଗ କୌଣସି ପ୍ରକାରେ ଦୂର ହେବ ନାହିଁ । ସେହି ଲମ୍ପଟର ଦୁଷ୍କୃତ ମୁଁ ଆଜୀବନ ବିସ୍ମୃତ ହେବି ନାହିଁ । ବିଶେଷତଃ ପାପିଷ୍ଠ ତୁମ୍ଭ ଘରେ ଥିବା ପର୍ଯ୍ୟନ୍ତ ମୁଁ ତୁମ୍ଭ ସହିତ ସାକ୍ଷାତ କରିବାକୁ ଯିବି ନାହିଁ ।

Digitized by PPRACHIN, SOA

ଯଦି ଆଜିର ଗୃହ ପ୍ରହର ମଧ୍ୟରେ ସେ ସେଠାରୁ ବାହାର ହୋଇ ନ ଯାଏ ତାହାହେଲେ ମୋହର ସାକ୍ଷାତର ଆଉ ଆଶା କରିବ ନାହିଁ । ମୁଁ ପତ୍ର ପାଠ କରୁଥିବା ସମୟରେ ଉଦାସୀନ ତାହା ପଢ଼ି କହିଲା—ରମଣୀର ମତ ପ୍ରକୃତ ଅଟେ । ବାସ୍ତବିକ୍ ମୁଁ ଅତି ଅଧମ ଓ ପାପିଷ୍ଠ ଅଟେ । ସେ ମୋହର ଅପରାଧ ନିମିତ୍ତ ଯେଉଁ ଶାସ୍ତି ଦେଇ ଅଛନ୍ତି ତାହା ଶୀଘ୍ର ହେବା ଉଚିତ । ସୁତରାଂ ତାହା ପାଳନ ନିମିତ୍ତ ତୁମ୍ଭ ଘରୁ କଣେ ଏହିକ୍ଷଣି କାନ୍ଦାହାରରୁ ପଳାୟନ କରିବ । ଗୃହର ଏହି ଖବର ଘେନ ପ୍ରିୟା ନିକଟକୁ ଗଲା । ମୁଁ ତାହାର ପୁନର୍ମିଳନ ଆଶାରେ ଆନନ୍ଦିତ ହେଲି ସତ୍ୟ, କିନ୍ତୁ ଫକୀର ଚିରକାଳନିମିତ୍ତ ବିଦାୟ ହେବ ଭାବି ବ୍ୟଥିତ ହୋଇ ରାଜକନ୍ୟାଠାରୁ ପ୍ରାପ୍ତ ଏକଥଳି ମୁଦ୍ରା ତାହାଙ୍କୁ ଦେଇ କହିଲି "ଭାଇ ମୋହର ବର୍ତ୍ତମାନ ଅବସ୍ଥା ତୁମ୍ଭର ଅଗୋଚର ନୁହେ, ପରର ଦାନ ଉପରେ ନିର୍ଭର କରି ଜୀବନ ଯାପନ କରୁଅଛି ଏଣୁ ତୁମ୍ଭର ଯଥୋଚିତ ସମାଦର କରିବାକୁ ଅକ୍ଷମ ହୋଇ ଏହି ସାମାନ୍ୟ ଧନ ବାଟ ଖରଚ ନିମିତ୍ତ ଦେଉଅଛି ନେଇ ସନ୍ତୁଷ୍ଟ ହୁଅ । ଧନ ଲୁବ୍ଧ ଯୋଗୀ ତାହା ପାଇଁ ସନ୍ତୁଷ୍ଟ ହୋଇ ମୋତେ ଆଲିଙ୍ଗନ କରି ବିଦାୟ ହେଲା ।

ଫକୀରର ଗମନାନ୍ତେ ମୁଁ ଦୁଃଖିତ ହୋଇ ଅନେକକ୍ଷଣ ବିଳାପ କଲି, ପରେ ରାତ୍ରି ଉଜାଗରବଶତଃ ନିଦ୍ରାତୁର ହୋଇ ଶୋଇ ପଡ଼ିଲି । କିଛିକ୍ଷଣ ପରେ ଗୋଟିଏ ଭୟଙ୍କର କଳରବରେ ମୋହର ନିଦ୍ରାଭଙ୍ଗ ହେବାରୁ ମୁଁ ପ୍ରାଙ୍ଗଣରେ ଅନେକ ସୈନ୍ୟ ପରିପୂର୍ଣ୍ଣ ଦେଖି ଭୀତ ହେଲି । ଏହି ସମୟରେ ସେନାଧ୍ୟକ୍ଷ ମୋ ନିକଟକୁ ଆସି କହିଲା "ଉଠ ଶୀଘ୍ର ରାଜାଙ୍କ ନିକଟକୁ ଯିବାକୁ ହେବ ।" ମୁଁ ଭୟରେ କହିଲି, "ମହାଶୟ, ମୁଁ ତ କୌଣସି ଅପରାଧ କରି ନାହିଁ ? କାହିଁକି ରାଜାଙ୍କ ନିକଟକୁ ଯିବି ? ସେନାପତି କହିଲା "ଅମ୍ଭେମାନେ ଆଜ୍ଞାକାରୀ ହୁକୁମ ଧରି ଅଛୁଁ; ଦୋଷାଦୋଷର ଖବର ରଖି ନାହୁଁ, ତେବେ ଏତିକି କହିପାରୁ ଯଦି ଦୋଷ ନାହିଁ ତେବେ ତ୍ରସ୍ତ ହେବାର ଆବଶ୍ୟକ ନାହିଁ, ପାପ କରିଥିଲେ ଅବଶ୍ୟ ଫଳ ଭୋଗ କରିବ । ନଚେତ୍ ସୁଖେ ଘରକୁ ଆସିବ ।" ଏହାକହି ମୋତେ ଧରି ଦରବାର ଆଡ଼େ ଚଳିଲେ । ଯାଉଁ ଯାଉଁ ପଥରେ

Digitized by PPRACHIN, SOA

ଭାବିଲି ମୁଁ ଯେ ନିର୍ଦ୍ଦୋଷୀ ତାହା କପରି କହିବି ? କାରଣ ଆମ୍ଭମାନଙ୍କର ଗୁପ୍ତ ପ୍ରଣୟର ବିବରଣ ନିଶ୍ଚୟ ରାଜା ଶ୍ରବଣ କରି କୋପାନ୍ବିତ ହୋଇ ମୋତେ ଧରାଇ ନେଉଛନ୍ତି । ସବୁ ଦୋଷର ଅଳ୍ପ ଦଣ୍ଡ ପାଇବାକୁ ହେବ । ଏଣୁ ଭାବନା କରିବା ଅନାବଶ୍ୟକ, ଏହା କହି ରାଜଦ୍ୱାରେ ଉପସ୍ଥିତ ହୋଇ ଦେଖିଲି ଗୃହଟା ଫାଶୀ ଖୁଣ୍ଟ ସେଠାରେ ପ୍ରସ୍ତୁତ ରହିଅଛି । ତାହା ଦେଖି ଅନୁମାନ କଲି ଆମ୍ଭ ଦୁହିଙ୍କର ପ୍ରାଣଦଣ୍ଡ ନିମିତ୍ତ ଏହି ଅୟୋଜନ ହୋଇଅଛି । ତତ୍‌ପରେ ଉର୍ଦ୍ଧ୍ୱକୁ ଚାହିଁ ଛିଣ୍ଡିଙ୍କୁ ଡାକି କହିଲି, "ହେ ସର୍ବଶକ୍ତିମାନ୍ ଭଗବାନ୍ ମୋ ହିର ପ୍ରାଣ-ଦଣ୍ଡ ହେଲେ ହେଉ ମାତ୍ର ରାଜନନ୍ଦିନୀ ନିର୍ଦ୍ଦୋଷୀ ଅଟେ ତୁମ୍ଭେ ତାହାକୁ ରକ୍ଷାକର ।"

ଅନନ୍ତର ସୈନ୍ୟମାନେ ମୋତେ ନୃପତି ନିକଟେ ଉପସ୍ଥିତ କରାଇଲେ, ସେଠାରେ ମୋହର ଶଠମିତ୍ର ସେହି ଅସଚ୍ଚରିତ୍ର ଯୋଗୀବର ଆଗରୁ ଉପସ୍ଥିତ ଥିବାର ଦେଖି ମୋହର ସକଳ ସଂଶୟ ଦୂର ହେଲା । ରାଜା ମୋତେ ଦେଖି କର୍କଶ ବଚନରେ କହିଲେ, "ରେ ନରାଧମ ତୋହର ଏତେ ବିକ୍ରମ ଜଳରେ ରହି ମଗର ସଙ୍ଗେ ଶତ୍ରୁତା ରଖିଇ କେତେଦିନ ଚଳିବୁ ? ତୁ ବାମନଟା ଚନ୍ଦ୍ର ଧରିବାକୁ ହାତ ଟେକୁଛୁ ପରା ? ଶୃଗାଳ ହୋଇ ଶାର୍ଦ୍ଦୁଳର ଜାୟା ଭୋଗ କରିବାକୁ ମାୟାବିସ୍ତାର କରୁଛୁ । ମୁଁ ଦୁଃଖିଦମନକାରୀ ଏ କଥା କାହାର ମୁହଁରୁ ଶୁଣି ନାହୁଁକି ? ଯାହାହେଉ ପରଦାରା ସଙ୍ଗେ ସୈର ପ୍ରୀତି କରିବାର ଉପଯୁକ୍ତ ଶାସ୍ତି ପାଇବାକୁ ପ୍ରସ୍ତୁତ ହୁଅ ।" ମୁଁ ରାଜବାଣୀ ଶୁଣି ମରଣ ନିଶ୍ଚୟ ଜାଣି ସାହସ କରି କହିଲି, "ମହାରାଜ, ଅତଭୀରୁ କପୋତ ମଧ ପ୍ରେମୋନ୍ମତ୍ତ ହେଲେ ଭୟ ଶୂନ୍ୟ ଓ ବଳବାନ ହୁଏ । ଅଧୀନ ମନୁଷ୍ୟ, ଅଦୃଷ୍ଟ ଲିଖିତ ବିଧିବିଧାନ ବଶତଃ ପ୍ରଣୟରେ ପତିତ ଓ ଅନାୟତ୍ତ ହୋଇ ଅଛି ସୁତରାଂ ଛାମୁ ମରଣ ଭୟ ଦେଖାଇଲେ କି ସେଥିରୁ ଛାନ୍ତ ହେବାର କ୍ଷମତା ଅଛି, ଆପଣଙ୍କ ନ୍ୟାୟ ବିଚାରରେ ଅଧୀନ ଯେଉଁ ଦଣ୍ଡର ଯୋଗ୍ୟ ଅଟେ ତାହା ପ୍ରଦାନ କରନ୍ତୁ ମାତ୍ର ଅବଳା କୁଳବାଳା ପ୍ରତି ନିର୍ଦ୍ଦୟ ବ୍ୟବହାର କରିବେ ନାହିଁ । ସେ ନିତାନ୍ତ ନିରପରାଧିନୀ ଅଟେ, ତାହାର କଣ୍ଠମାତ୍ର

Digitized by PPRACHIN, SOA

ଦୋଷ ନାହିଁ । ମୁଁ ପାପିଷ୍ଠ ଏଠାକୁ ଆସି ସକଳ ଅନର୍ଥର କାରଣ ହେଲି, ବରଂ ମୋହର ନିଧନ ଅତ୍ୟନ୍ତ ପ୍ରୟୋଜନ । ମୋତେ ସଂହାର କଲେ ଆପଣଙ୍କର ସୁବିଚାରର ସୁଖ୍ୟାତି ସର୍ବତ୍ର ପ୍ରଚାରିତ ହେବ, ମାତ୍ର ତାହାକୁ ହତ୍ୟା କଲେ ନାରୀ ବଧ ଦୁର୍ନାମ ଆପଣଙ୍କ ଯଶର କଳଙ୍କ ହେବ ।"

ମୁଁ ନୃପତିଠାରେ ଯୁବତୀର ନିର୍ଦ୍ଦୋଷିତା ବିଷୟ ଜଣାଇ ତାହାର ଜୀବନ ରକ୍ଷାର ଭିକ୍ଷା କରୁଅଛି ଏହି ସମୟେ ରାଜକୁମାରୀ କେଳଦ୍ଧାରୀ ଓ ଗୃହର ପ୍ରହରୀ ବେଷ୍ଟିତ ହୋଇ ଦରବାରକୁ ଆନୀତ ହେଲେ । ରାଜ-କୁମାରୀ ସେଠାରେ ଉପସ୍ଥିତ ମାତ୍ରେ ରାଜାଙ୍କର ଚରଣ ଧରି କହିଲେ; "ରାଜେଶ୍ୱର ଏହି ବ୍ୟକ୍ତି ନିତାନ୍ତ ନିର୍ଦ୍ଦୋଷ ଏହାଙ୍କୁ ମୁକ୍ତି ଏବଂ ନିତାନ୍ତ କଳଙ୍କିନୀ ଦାସୀର ନିଧନର ଆଜ୍ଞା ଦେଇ ସକଳ କଳଙ୍କ ନିବାରଣ-ପୂର୍ବକ ସୁଖ୍ୟାତି ଅର୍ଜନ କରନ୍ତୁ ।" ରମଣୀର ଅନୁରୋଧ ଶୁଣି ରାଜାଙ୍କର କ୍ରୋଧ ପ୍ରବଳ ହେଲା ସେ ରାଗି କହିଲେ, "ରେ ପାପୀୟସି ତୁ ଏଡ଼େ ସାହସୀ ମୋହର ଦ୍ରବ୍ୟରେ ପରମନ ତୋଷି ମୋହର ଭବିକାଳ ସୁଖର ପରମ ବିଦ୍ୱେଷୀ ଉପପତି ନିମିତ୍ତ ଅନୁରୋଧ କରୁଅଛୁ । ଏହାର ପାଇଁ ପରି ମୋତେ ପାଖେ ଛିଡ଼ା ହେବାକୁ ଦେଉଥିଲୁ ନାହିଁ । ହେଉ ହୋଇତ ଅତି ଅଦଭୁତ ଜାର ଓ ଅନ୍ୟ ସଙ୍ଗିଙ୍କୁ ସଙ୍ଗେ ଘେନି ଶୀଘ୍ର ଯମ ଘରକୁ ଗମନ କର, ସେଠାରେ ଖୁବ ସୁଖଭୋଗ କରିବୁ ।" ହେ ମନ୍ତ୍ରିନ୍ ! ବିଲମ୍ବ ନ କରି ଶୀଘ୍ର ଏହି ପାପାଚାରୀ ନରନାରୀମାନଙ୍କୁ ଫାଶି-କାଠରେ ଝୁଲାଇବା ନିମିତ୍ତ ଘାତକକୁ ଆଦେଶ ଦିଅ । ଆହୁରି ମଧ୍ୟ କହିଦିଅ ଯେ ଏମାନଙ୍କର ଶବକୁ ଖଣ୍ଡ ଖଣ୍ଡ କରି କୁଅ, ଶାଗୁଣା, କୁକୁର ଓ ବିଲୁଆମାନଙ୍କୁ ଦେଉ, ସେମାନେ ତାହା ଭକ୍ଷଣ କରନ୍ତୁ ।" ରାଜାଦେଶ ଶୁଣି ମୁଁ ଉଚ୍ଚୈଃସ୍ୱରରେ କହିଲି—ମହାରାଜ, ମୁଁ ଅରକ୍ଷିତ ଓ ଲମ୍ପଟ ଅଟେ, ମୋହର ପ୍ରାଣଦଣ୍ଡର ଆଜ୍ଞା ଉପଯୁକ୍ତ ହୋଇଅଛି ମାତ୍ର ଏହି ରାଜନନ୍ଦିନୀ ନିରପରାଧିନୀ ଅଟେ, ଆପଣ ରାଗାନ୍ଧ ହୋଇ ତାହାର ପ୍ରାଣଦଣ୍ଡ କରନ୍ତୁ ନାହିଁ । 'ରଜା ରାଜନନ୍ଦିନୀ' ବାଣୀ ଶୁଣନ୍ତେ ଚମକ-ପଡ଼ି ମିଷ୍ଟସ୍ୱରରେ ରାଜକନ୍ୟାକୁ ପଚାରିଲେ, "ତୁମ୍ଭେ କାହାର ସୁତା !

Digitized by PPRACHIN, SOA

ତୁମ୍ଭର ପିତା କେଉଁ ଦେଶର ରାଜା ଅଟନ୍ତି ? ନିଜର ପରିଚୟ ଶୀଘ୍ର ଦିଅ ।” ରାଜସୁତା ଉତ୍ତର ଦେବା ପୂର୍ବେ ଅତ୍ୟନ୍ତ କୁପିତା ହୋଇ ମୋତେ କହିଲେ-ନାଥ, ତୁମ୍ଭେ ଅତି ନିର୍ବୋଧ, ନୃପତି ସମ୍ମୁଖରେ ମୋହର ପ୍ରକୃତ କଥା କହିଲ କାହିଁକି ? ମୁଁ ଯେଉଁ ନିନ୍ଦନୀୟ କର୍ମମାନ କରି-ଅଛି ସେଥିପାଇଁ ମୁଁ ନିଜେ ଲଜ୍ଜିତା ଓ ଦୁଃଖିତା ଅଟେ । ଆଶା କରି-ଥିଲି ଏହି ଲଜ୍ଜାପୂର୍ଣ୍ଣ ଅଚରଣ ଗୋପନ ଥାଇ ମୋହର ଶୀଘ୍ର ନିଧନ ହେଲେ ଜନ୍ମସ୍ଥାନ ଓ ପିତାଙ୍କର ନାମ ଗୁପ୍ତ ରହି କୁଳର କଳଙ୍କ ଓ ଦୁର୍ନାମ ଲୁପ୍ତ ହୋଇ ଥାନ୍ତା, କିନ୍ତୁ ହାୟ, ତୁମ୍ଭେ ମୋହର ଗୁପ୍ତକଥା ପ୍ରକାଶିତ କରି ମୋତେ ଲଜ୍ଜା-ସାଗରେ ବୁଡ଼ାଇ ମୋହର ଜଗଦ୍ୱିଖ୍ୟାତ କୁଳକୁ କଳଙ୍କିତ କଲ । ନୃପ ତାଙ୍କର ପରିତାପ ଶୁଣି ସଦୟ ହୋଇ କହିଲେ, “ସୁନ୍ଦରି, ଦୁଃଖିତ ହୁଅ ନାହିଁ, ଅମ୍ଭେ ସଭାର ସମସ୍ତଙ୍କୁ ବିଦାୟ କରି ଦେଉଅଛୁ । ତୁମ୍ଭେ ନିର୍ଭୟ ହୋଇ ନିଜ ପରିଚୟ ଦିଅ, ତୁମ୍ଭର ଗୁପ୍ତ ବିବରଣ ଗୋପନରେ ରହିବ, ଅନ୍ୟ କେହି ଜାଣିବେ ନାହିଁ ।” ତଦନନ୍ତର ସଦସ୍ୟ ସମସ୍ତଙ୍କୁ ବିଦାୟ କରିଦେଲେ । ସଭାରେ ଅମ୍ଭେ ଗୃହଜଣ ନୃପତି ଓ ସେହି ଦୁର୍ମତି ଯତି ଭିନ୍ନ ଆଉ କେହି ନ ଥିବାର ଦେଖି ରାଜକୁମାରୀ ରାଜାଙ୍କୁ ସମ୍ବୋଧନ କରି କହିଲେ, “ମହାରାଜ, ଏହି ନିର୍ଲଜ୍ଜା ଦାସୀ ପାରସ୍ୟ ରାଜା ସାହସୁଦାଙ୍କର ଆତ୍ମଜା ଅଟେ, ନିଜ କଳୁଷିତ ଚରିତ ଆଜୀବନ ଅପ୍ରକାଶିତ ରଖିବି ବୋଲି ମନସ୍ଥ କରିଥିଲି ମାତ୍ର ବିପଦରେ ପଡ଼ି ଆପଣଙ୍କର ପ୍ରତାପ ଭୟରେ କହିବାକୁ ବାଧ ହେଲି, ଆପଣଙ୍କର ଦୟା ଉପରେ ଭରସା କରେ, ପ୍ରେମେ ଅନାୟତ୍ତା ହୋଇ ଯେଉଁ ନିନ୍ଦନୀୟ କର୍ମ କରିଅଛି ସେଥି ନିମିତ୍ତ କେବେ ନିନ୍ଦା କରିବେନାହିଁ,ଅତଃପର ଶୈଶବକାଳେ ଆପଣାର ଅଳ୍ପଜ୍ଞତା ଏବଂ ପିତା-ଙ୍କର ମମତା ପୁଣି ମୋ ସଙ୍ଗେ ପ୍ରେମସଞ୍ଚାର ଏବଂ ନିରବଚ୍ଛିନ୍ନ ଓ ନିଃଙ୍କୋଚ ଏକତ୍ର ବାସ ଆଶାରେ ଜୀବନ୍ମୃତ ଏବଂ ସହଚରୀ ସାହାଯ୍ୟରେ କବରରୁ ବହିର୍ଗତ ହୋଇ ଖଣ୍ଡମାନଙ୍କ ହସ୍ତେ ପତିତ ହେବାର ବୃତ୍ତାନ୍ତ ସହିତ ଦୈବ ପ୍ରଭାବରେ ମୋ ସଙ୍ଗେ ପୁନର୍ମିଳନ ଏବଂ କୃତଘ୍ନ ଉଦାସୀନ ପ୍ରତି ଅମ୍ଭମାନଙ୍କର ସଙ୍କୋଚିତ ବ୍ୟବହାର ପ୍ରଭୃତି ତାବତୀୟ ବୃତ୍ତାନ୍ତ ସୁମଧୁର

Digitized by PPRACHIN, SOA

କୋକିଳ ସ୍ୱରରେ ବର୍ଣ୍ଣନ କଲେ । ଭୂପାଳ ଏହି ସକଳ ସମାଚାର ଶୁଣି ବିସ୍ମୟାପନ୍ନ ହୋଇ ସଦୟରେ କହିଲେ "ସୁଲୋଚନେ, ତୁମ୍ଭମାନଙ୍କର ପ୍ରଣୟ ବିବରଣ ଅତୀବ ଆଶ୍ଚର୍ଯ୍ୟଜନକ ଓ ଭୟଙ୍କର ଅଟେ । ବିଶେଷତଃ ତୁମ୍ଭର ପତିବ୍ରତା ଗୁଣ ସ୍ୱର୍ଣ୍ଣାକ୍ଷରରେ ଲେଖି ରଖିବାର ଯୋଗ୍ୟ, ସେଥି ନିମିତ୍ତ ଅନ୍ୟ ସାକ୍ଷୀ ଆବଶ୍ୟକ ନୁହେ, ମୋହର ସାକ୍ଷତା ଯଥେଷ୍ଟ ଅଟେ, ତୁମ୍ଭମନରେ ହୋସେନକୁ ଯେଉଁ ସ୍ଥାନ ପ୍ରଦାନ କରିଥିଲ ସେଥିରେ ଅଧି-କାର ପାଇବା ନିମିତ୍ତ ମୁଁ ଯଥାସାଧ୍ୟ ଯତ୍ନ କରି ସୁଦ୍ଧା କୃତକାର୍ଯ୍ୟ ହୋଇ ପାରନ୍ତି ନାହିଁ । ଅପର ବ୍ୟକ୍ତିର କି ଶକ୍ତି ଯେ, ତୁମ୍ଭଙ୍କୁ କୁପ୍ରବୃତ୍ତିର ବଶବର୍ତ୍ତିନୀ କରି ପାରିବ । ସେ ଯାହାହେଉ ତୁମ୍ଭର ସେହି ଦେବ-ପ୍ରଶଂସିତ ସତୀତ୍ୱର ପୁରସ୍କାର ମୁଁ ସ୍ଥିର କରି କଣ ଦେଇ ପାରିବି । ପରାତ୍ପର ପରମେଶ୍ୱର ନିଶ୍ଚୟ ତାହାର ଉଚିତ ପୁରସ୍କାର ଦେବେ । ମୁଁ ଆନନ୍ଦର ସହିତ ତୁମ୍ଭଙ୍କୁ ମୋହର ଅଧୀନତାରୁ ମୁକ୍ତ କରି ତୁମ୍ଭର ପ୍ରିୟତମ ହୋସେନ ସଙ୍ଗେ ନିର୍ବିଘ୍ନେ ଅବସ୍ଥାନ ନିମିତ୍ତ ଅନୁମତି ଦେଲି । ତୁମ୍ଭର ପ୍ରିୟା ସହଚରୀ କେଲିକାଶ୍ରୀ ଓ ପ୍ରଣୟ ସମ୍ପାଦନର ସହକାରୀ ଗୃପର ମଧ୍ୟ ଆମ୍ଭର ଦାସତ୍ୱରୁ ମୁକ୍ତ ହୋଇ ତୁମ୍ଭଙ୍କୁ ପ୍ରଦତ୍ତ ହେଲେ । ତୁମ୍ଭେ-ମାନେ ପ୍ରେମର ଯଥାର୍ଥ ମର୍ମ ଜାଣ ଏବଂ ସେହି ପ୍ରେମମାଧୁରୀ ନିର୍ବିବାଦେ ଭୋଗ କର, ଈଶ୍ୱର ତୁମ୍ଭମାନଙ୍କର ସର୍ବଦା ସହାୟ ଥାଇ ଦୁଃଖରାଶି ମୋଚନ ଓ ଅନନ୍ତ ସୁଖ ପ୍ରଦାନ କରନ୍ତୁ ! ଜୁଲେଖା, ତୁମ୍ଭେ ଅଦ୍ୟଠାରୁ ମୋହର ଭଗ୍ନୀ ଲେଖା ହେଲ, ମୋହର ଭାଗ୍ୟ ସହିତ ତୁମ୍ଭର ଭାଗ୍ୟ ଯୋଖାଗଲା । ନରେଶ ଦେବଦୁର୍ଲ୍ଲଭ ସୌଜନ୍ୟ ଓ କାରୁଣ୍ୟଦ୍ୱାରା ଆମ୍ଭ-ମାନଙ୍କୁ ଆଶ୍ୱାସ ଦେଇ କୋପପୂର୍ଣ୍ଣ ଦୃଷ୍ଟିରେ ଫକୀର ଆଡ଼କୁ ଚାହିଁ କହିଲେ "ରେ କୃତଘ୍ନ, ବିଶ୍ୱାସଘାତକ, ହିଂସ୍ରକ ତୋପରି ବନ୍ଧୁଦ୍ରୋହୀ ଲୋକ ସଂସାରରେ ଦ୍ୱିତୀୟ ନାହିଁ, ବନ୍ଧୁର ସୌଭାଗ୍ୟ ତୋହର ଚକ୍ଷୁ-ଶୂଳ ହେଲା । ତୁ ଅତି ଖଳପ୍ରକୃତି ଓ ବିଶ୍ୱସଘାତୀ ତୋହର ଅଧିକଦିନ ସଂସାରରେ ବସତି ଭୀତିର କାରଣ ଅଟେ ।" ରେ ଘାତକ, ବଦନ ଆସି ଦୁର୍ଜ୍ଜନର ଅଙ୍ଗ ପ୍ରତ୍ୟଙ୍ଗ କର୍ତ୍ତନ ପୂର୍ବକ ମସ୍ତକ ଛେଦନକର । ରାଜାଙ୍କର ସୁବିଚାର ଓ ଦ୍ୱେଷଶୂନ୍ୟ ଆଚାର ଦେଖି ଅନ୍ତରର କୃତଜ୍ଞତାର

Digitized by PPRACHIN, SOA

ଚନ୍ଦ୍ର ସ୍ୱରୂପ ଅଭିବାଦନ ପୂର୍ବକ ଧନ୍ୟବାଦ ଦେଇ କହିଲି "ରାଜନ ଆପଣଙ୍କର ସୌଜନ୍ୟ ଓ ସୁବ୍ୟବହାରର ପ୍ରଶଂସା ମୁଁ ଆଉ କଣ କରିପାରିବି ? ଆପଣ ସାକ୍ଷାତ୍ ଧର୍ମ ସ୍ୱରୂପ ପୃଥିବୀରେ ଅବସ୍ଥାନ କରି ଦୁଷ୍ଟଦମନ ଓ ଶିଷ୍ଟ ପାଳନ ଓ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇ ଅକ୍ଷୟ କୀର୍ତ୍ତି ଅର୍ଜନ କରୁ-ଅଛନ୍ତି । ଏହି ଦାସ ପ୍ରତି ଯେଉଁ ସଦୟ ବ୍ୟବହାର କରି ଅଛନ୍ତି ସେଥିପାଇଁ ପରମେଶ୍ୱର ଆପଣଙ୍କ ସୁଖ୍ୟାତି ସମଗ୍ର ଜଗତରେ ବିସ୍ତାରିତ ଓ ପରକାଳରେ ଅକ୍ଷୟ ମୋକ୍ଷ ପ୍ରଦାନ କରନ୍ତୁ ।"

ଅନନ୍ତର ଆମ୍ଭେମାନେ ନୃପତିଙ୍କଠାରୁ ବିଦାୟହୋଇ ନିଜ ଗୃହକୁ ଆସି ଦେଖିଲୁଁ ତାହା ରାଜାଙ୍କର ପ୍ରଚଣ୍ଡ ଆଦେଶରେ ଭଗ୍ନ ଓ ସେଥିରେ ଥିବା ଦ୍ରବ୍ୟମାନ ଲୁଣ୍ଠିତ ହୋଇଅଛି । ଗୃହାଦିର ଦୁର୍ଦ୍ଦଶା ଦେଖି ବିଷାଦ-ବିବଶ ହୋଇ ନବୀନ ଗୃହର ଉପାୟ ଚିନ୍ତା କରୁଅଛୁଁ ଏମନ୍ତ ସମୟରେ ରାଜ ପ୍ରେରିତ ଜଣେ ଦୂତ ଆସି କହିଲା "ନୃପତି ଆପଣମାନଙ୍କୁ ଗୋଟିଏ ସୁରକ୍ଷିତ ଅଟ୍ଟାଳିକା ପ୍ରଦାନ କରିଅଛନ୍ତି, ସେଠାକୁ ଯାଇଁ ଅବସ୍ଥାନ କରନ୍ତୁ ।" ଏହା କହି ଆମ୍ଭମାନଙ୍କୁ ବାଟ ଦେଖାଇ ସୁପ୍ରଶସ୍ତ ଉଚ୍ଚ ଦ୍ୱିତଳବିଶିଷ୍ଟ ଗୋଟିଏ ଅଟ୍ଟାଳିକାକୁ ଘେନିଗଲେ । ଏହି ଗୃହ ପୂର୍ବଗୃହ ଅପେକ୍ଷା ଅତି ମନୋହର ଓ ଆବଶ୍ୟକୀୟଦ୍ରବ୍ୟରେପୂର୍ଣ୍ଣଥିଲା। ଆମ୍ଭେମାନେ ପରମସୁଖରେ ଏଥିରେ ଦୁଇଦିନ ଯାପନ କରିବା ପରେ ତୃତୀୟଦିନ ରାଜା ଆମ୍ଭମାନଙ୍କ ପାଇଁ କୋଡିଏ ସହସ୍ର ସ୍ୱର୍ଣ୍ଣମୁଦ୍ରା ଓ ଅନେକଗୁଡ଼ିଏ ମୂଲ୍ୟବାନ ବସ୍ତ୍ର ପଠାଇଲେ । ତାହା ପାଇ ମୁଁ ଓ ଜୁଲେଖା ଉଭୟେ ଯାଇଁ ରାଜାଙ୍କର ଦୟାର ଅନେକ ପ୍ରଶଂସାବାଦ ଦ୍ୱାରା କୃତଜ୍ଞତା ସ୍ୱୀକାର କରି ଆସିଲୁଁ ।

ଆମ୍ଭେମାନେ ରାଜାନୁଗ୍ରହରେ କାନ୍ଦାହାରରେ କେତେକବର୍ଷ ମହା-ସୁଖରେ ଅତିବାହିତ କଲୁଁ । ପଛେ ମୋହର ଜନ୍ମସ୍ଥାନ ବାଗ୍‌ଦାଦ ଦେଖିବା ନିମିତ୍ତ ପ୍ରିୟା ଅତ୍ୟନ୍ତ ଆଗ୍ରହ କରିବାରୁ ସେଠାକୁ ଯିବା ନିମନ୍ତେ ରାଜାଙ୍କର ଅନୁମତି ପ୍ରାର୍ଥନା କଲି । ରାଜା ଶୀଘ୍ର ଫେରି ଆସିବାର ଅଙ୍ଗୀକାର ନେଇ ଅନେକ ଗୁଡ଼ିଏ ଧନ ଓ ନିର୍ବିଘ୍ନେ ପହୁଞ୍ଚାଇ ଦେବା

Digitized by PPRACHIN, SOA

ନିମିତ୍ତ ଶତାଧିକ ସୈନ୍ୟ ପ୍ରଦାନ କରି ବିଦାୟ କଲେ । ଆମ୍ଭେମାନେ କୁଶଳ ସହିତ ଶୀଘ୍ର ବାଗଦାଦରେ ପହୁଞ୍ଚି ମୋହର ପୈତୃକ ଗୃହରେ ଅବସ୍ଥାନ କଲୁଁ । ଅବରୀ ବନ୍ଧୁଗଣ ମୋହର ସକୁଶଳେ ପ୍ରତ୍ୟାଗମନ ଦେଖି ସୁପ୍ରସନ୍ନ ଓ ତତୋଧିକ ବିସ୍ମୟାପନ୍ନ ହେଲେ । ବିସ୍ମୟର କାରଣ ମୋହର ବାଣିଜ୍ୟଯାତ୍ରାର ସଙ୍ଗୀ ସେହି ଖଣ୍ଡ ବଣିକ ଦ୍ଵୟ ଏଠାରେ ମୋହର ମୃତ୍ୟୁର ବାର୍ତ୍ତା ପ୍ରଚାର କରିଥିଲେ । ସେମାନେ ଅଦ୍ୟାପି ଜୀବିତ ଅଛନ୍ତି ଶୁଣି ମୁଁ ଆନନ୍ଦିତ ହୋଇ ଖଳିଫାଙ୍କ ନିକଟକୁ ଯାଇ ସେମାନଙ୍କର ଦୁଷ୍କାଚରଣ ଓ ମୋହର ସର୍ବସ୍ଵାପହରଣ ବିଷୟର ଅଭିଯୋଗ କଲି । ଖଳିଫା ପ୍ରଜାଦ୍ଵାରା ସେମାନଙ୍କୁ ଡକାଇ ଆଣି ଦୋଷର ପ୍ରମାଣ ନେଇ କଠିନ ପରିଶ୍ରମ ସହିତ କାରାବାସ ଦେଲେ । ମାତ୍ର ଦୁଷ୍ଟଦ୍ଵୟ କୌଶଳକ୍ରମେ କାରାଗାର ଲଂଘନ ପୂର୍ବକ ଶୀଘ୍ର ପଳାୟନ କଲେ । ଅନେକ ଅନୁସନ୍ଧାନରେ ତାଙ୍କର ସନ୍ଧାନ ନ ମିଳିବାରୁ ସମ୍ରାଟ୍ କୁପିତ ହୋଇ ସେମାନଙ୍କର ସ୍ତ୍ରୀ ପୁତ୍ରମାନଙ୍କୁ କାରାଗାରକୁ ପ୍ରେରଣ ଓ ତାଙ୍କର ସମ୍ପତ୍ତିର ଅର୍ଦ୍ଧାଂଶ ମୋତେ ପ୍ରଦାନ କଲେ । ଅତଃପର ମୁଁ ନୂରଲେଖା ସହିତ ପରମସୁଖରେ ଓ ନିଶ୍ଚିନ୍ତରେ ବାସକରିବାକୁ ଲାଗିଲି । ନୂରଲେଖା ମଧ୍ୟ ମୋତେ ନିତାନ୍ତ ଅନୁରାଗ ଓ ଅନୁରକ୍ତ ଦେଖି ରାଜକାର୍ଯ୍ୟ ସୁଖ ପାଶୋରି ପରମସୁଖରେ କାଳଯାପନ କରୁଥିଲେ । ଏହିପରି ସୁଖ ସନ୍ତୋଷରେ ଥାଇ ମନେ କରୁଥିଲୁ, ଆମ୍ଭମାନଙ୍କର ଦୁଃଖ ଓ କଷ୍ଟ ଚିରକାଳ ନିମିତ୍ତ ତିରୋହିତ ହୋଇଅଛି । ଆମ୍ଭେମାନେ ଅଦୃଷ୍ଟ ଲିଖନ ପ୍ରତି ଧ୍ୟାନ ନ କରି ମନେ ମନେ ସୁଖୀ ହେଉଅଛୁ ଏମନ୍ତ ସମୟରେ ମୋହର ପ୍ରିୟା ସହିତ ବିଚ୍ଛେଦ ଓ ଚିର ବିଷାଦର ଦୁର୍ଯୋଗ ପହୁଞ୍ଚିଲା । ଦିନେ ମୁଁ ନଗରରେ ଭ୍ରମଣ ଓ ସାୟଂସମୀରଣ ସେବନ କରି ରାତ୍ରି ପ୍ରହରକ ପରେ ଘରକୁ ଫେରିଆସି ସଦର ଦ୍ଵାର ଭିତରୁ ବନ୍ଦଥିବାର ଦେଖି କରାଘାତ ଓ ଅନେକ ଡାକାଡ଼କ କଲି, ମାତ୍ର କାହାର ଶବ୍ଦ ଶୁଣିଲି ନାହିଁ । ପ୍ରତିବେଶିମାନେ ମୋହର ଡାକ ଶୁଣି ଦୌଡ଼ି ଆସିଲେ ଏବଂ ଦ୍ଵାର ଫିଟାଇବା ପାଇଁ ସେମାନେ ମଧ୍ୟ ଅନେକ ଡାକିଲେ, କିନ୍ତୁ କେହି ଜବାବ ନ ଦେବାରୁ ଶେଷେ ଦ୍ଵାର ଭାଙ୍ଗି ଗୃହରେ ପ୍ରବେଶ କରି ଦେଖିଲୁଁ ଘରେ

Digitized by PPRACHIN, SOA

ରକ୍ତସ୍ରୋତ ପ୍ରବାହିତ ଏବଂ ଦାସଗଣଙ୍କର ଅଙ୍ଗପ୍ରତ୍ୟଙ୍ଗ ଏଣେ ତେଣେ ବିକ୍ଷିପ୍ତ । ଏହି ଭୀଷଣ ହତ୍ୟାକାଣ୍ଡ ଦେଖି ମୁଁ ଭୀତ ହୋଇ ବ୍ୟସ୍ତ-ଭାବେ ପ୍ରିୟତମାକୁ ଦେଖିବାକୁ ଦୌଡ଼ିଗଲି ଏବଂ ଏଣେ ତେଣେ ଅନେକ ଅନ୍ୱେଷଣ କରି ଶୟନ କୋଠରୀକୁ ଯାଇ ଦେଖିଲି ପ୍ରିୟା କେଳିକାଶ୍ରୀ ଓ ଗୃହର ଉଭୟେ ନିହତ ହୋଇ ଭୂମିରେ ପଡ଼ିଅଛନ୍ତି, ମାତ୍ର ରାଜକନ୍ୟାର ଚିହ୍ନ ପର୍ଯ୍ୟନ୍ତ ପାଇଲି ନାହିଁ । ପ୍ରିୟା ନିରୁଦ୍ଦେଶ ଦେଖି ତାହାର ପ୍ରାପ୍ତିରୁ ହତାଶ ହୋଇ 'ହା ପ୍ରିୟେ' ଉଚ୍ଚୈଃସ୍ୱରରେ କହି ଅଜ୍ଞାନହୋଇ ଭୂତଳରେ ପଡ଼ିଗଲି । ସଙ୍ଗେଥିବା ପ୍ରତିବେଶିମାନଙ୍କର ଯତ୍ନରେ ସଚେତନ ହୋଇ ପୁଣି ପ୍ରିୟାକୁ ଅନେକ ଅନୁସନ୍ଧାନ କରି କେଉଁଠାରେ ନ ପାଇ 'ହା ପ୍ରିୟେ' କହି ପୁଣି ମୂର୍ଚ୍ଛିତ ହେଲି । ସେହି ପ୍ରତିବେଶିଙ୍କ ଅନେକ ଯତ୍ନରେ ଏଥର ମଧ୍ୟ ଜ୍ଞାନ ପାଇ ସେମାନଙ୍କୁ ପଚାରିଲି, "ଏଡ଼େ ବଡ଼ ହତ୍ୟାକାଣ୍ଡ ହେଲା ତୁମ୍ଭେମାନେ କି ତାହାର କିଛି ଠିକ ପାଇଲ ନାହିଁ ?" ସେମାନେ ଦୁଃଖିତ ହୋଇ କହିଲେ, "କେଉଁ ଧୂର୍ତ୍ତ ଏହି ମହା ବିଷମ ହତ୍ୟାକାଣ୍ଡ ଅତି ଗୋପନରେ କରି-ଗଲା ଆମ୍ଭେମାନେ ଲେଶମାତ୍ର ସନ୍ଧାନ ପାଇ ପାରିଲୁ ନାହିଁ, ଜାଣିଥିଲେ ଅବଶ୍ୟ କୌଣସି ପ୍ରତିକାର କରିଥାନ୍ତୁ ।" ପରେ ମୁଁ ବିଚାରାଳୟରେ ଏହି ଘଟଣାର ସମ୍ବାଦ ଦେବାରୁ ବିଚାରକ ନଗରପାଳକଙ୍କୁ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ । କିନ୍ତୁ ଆଳି ଅନେକ ଅନୁସନ୍ଧାନ କରି ଦସ୍ୟୁଙ୍କର ସନ୍ଧାନ ପାଇଲେ ନାହିଁ । ମୋହର ପୂର୍ବ ଶତ୍ରୁ ରତ୍ନବଣିକ୍ ବ୍ୟତୀତ ଅନ୍ୟ କାହାରିଦ୍ୱାରା ଏହି ଅସୀମସାହସିକ କାର୍ଯ୍ୟ ହୋଇ ନାହିଁ ବୋଲି ମୋହର ଧାରଣା ହେଲା ଏବଂ ରାଜକନ୍ୟାର ବିଚ୍ଛେ-ଦରେ ଘରେ ରହିବା କଷ୍ଟକର ହେବାରୁ ପିତାଙ୍କର ଅନ୍ୟାୟାର୍ଜିତ (ଅର୍ଥାତ୍ ତାଙ୍କ ଉତ୍ତମର୍ଣଗଣଠାରୁ ବଳାତ୍କାର ଗୃହୀତ) ଘର ଅମଙ୍ଗଳ-ଜନକ ମଣି ତାହା ବିକ୍ରୟ କରି ଯରସମ୍ପତ୍ତିକ ଓ ହାତରେ ଥିବା ନଗଦ ଧନ ଦରିଦ୍ରଙ୍କୁ ବଣ୍ଟନ ପୂର୍ବକ ମୋଜେଲ ରାଜ୍ୟକୁ ଗମନ କଲି । ସେଠାର ପ୍ରଧାନ ଦେୱାନ ମୋହର ପରମ ପ୍ରିୟ ପୈତୃକ ଭ୍ରାତୃ ଭାଇ ସରଫୁଦ୍ଦୀନ-ଠାରେ ଉପସ୍ଥିତ ହେଲି । ସେ ଅତି ଆଦର ସହିତ ମୋତେ ରଖିଲେ

Digitized by PPRACHIN, SOA

ଏବଂ ତାଙ୍କର ଯୋଗେ ସେଠାର ମନ୍ତ୍ରୀ ସହିତ ଭାବ ହେଲା । ମନ୍ତ୍ରୀ ମୋହର ବିଚକ୍ଷଣତା ଓ କର୍ମଦକ୍ଷତା ଦେଖି ଦପ୍ତରରେ ଗୋଟିଏ କର୍ମ ପ୍ରଦାନ କଲେ । ମୁଁ ନିଜ ଯୋଗ୍ୟତା ଯୋଗେ ଉଚ୍ଚ କର୍ମକୁ ଉନ୍ନୀତ ହେଲି ଏବଂ କାଳକ୍ରମେ ମନ୍ତ୍ରୀଙ୍କର ମୃତ୍ୟୁ ହେବାରୁ ରାଜା କର୍ତ୍ତୃକ ଉକ୍ତ କର୍ମ ପ୍ରାପ୍ତ ହେଲି । ଏହିକର୍ମ ଦୂଇବର୍ଷ ପର୍ଯ୍ୟନ୍ତ ସୁଚାରୁ ରୂପେ ନିର୍ବାହ କରିବାରୁ ନରେଶ ସନ୍ତୋଷ ହୋଇ ମୋତେ ଅତାଉଲ ମୂଲକ ନାମକ ଉଚ୍ଚ ଉପାଧି ପ୍ରଦାନ କଲେ । ମୋହର ସୁଖ୍ୟାତିରେ ଅନେକ ଲୋକ ବିଦ୍ୱେଷପରବଶ ହୋଇ ମିଥ୍ୟା ଦୋଷାରୋପ ପୂର୍ବକ ନୃପତିଙ୍କଠାରେ ଖଳ କହିଲେ । ରାଜା ପ୍ରଥମେ ସେମାନଙ୍କ କଥାକୁ ବିଶ୍ୱାସ କଲେ ନାହିଁ । ମାତ୍ର ଶେଷେ ଯୁବରାଜ ବିଦ୍ୱେଷିମାନଙ୍କର ଦଳଭୁକ୍ତ ଏବଂ ସମସ୍ତେ ଏକମୁଖରେ ଅନେକ ନିନ୍ଦା କରିବାରୁ "ସାତର କଥାରେ ସତୀ ଭୁଲିବା" ପରି ରାଜା ସେମାନଙ୍କ କଥାରେ ଭୁଲିଯାଇ ମୋହର କ୍ଷମତା କମକରିବାକୁ ଇଚ୍ଛାକରିବାରୁ ତାଙ୍କ ରାଜ୍ୟ ଛାଡି ଏଠାକୁ ଆସି ମହାରାଜାଙ୍କର ଆଶ୍ରୟରେ ପରମସୁଖରେ କାଳଯାପନ କରୁଅଛି ।

ଏଠାରେ କୌଣସି ବିଷୟର ଅଭାବ ନାହିଁ ତଥାପି ରାଜ କନ୍ୟାର ବିରହାନଳ ରାତି ଦିନ ମନ ବିହ୍ୱଳ କରୁ ଅଛି ଏବଂ ତାହାର ଧ୍ୟାନ ମୋତେ ସତତ ବିଷର୍ଣ୍ଣ ଓ ଉଦ୍ଭ୍ରାନ୍ତ କରୁଅଛି । ରାଜକନ୍ୟା ମରଯାଇଥିଲେ କିମ୍ବା ଦୁଷ୍ଟମାନଙ୍କ କର୍ତ୍ତୃକ ନିହତ ହୋଇଥିଲେ ମନକୁ ପ୍ରବୋଧ ଦେଇ ତାହାକୁ ପୂର୍ବପରି ମନରୁ ଭୁଲାଇ ଦେଇ ଥାନ୍ତି । ମାତ୍ର ତାହାର ନିଧନ ଚକ୍ଷୁରେ ଦେଖି ନ ଥିବାରୁ ସେ ମରଛି କି ଦୁଷ୍ଟମାନଙ୍କର କବଳରେ ଥାଇ ସେମାନଙ୍କ କର୍ତ୍ତୃକ ଯନ୍ତ୍ରଣା ଭୋଗ କରୁଅଛି ତାହା କିରୂପେ ଜାଣି ନ ପାରି ଦୁଃଖିତ ଓ ତାପିତ ହେଉଅଛି । ମହାଭାଗ୍ ଏହି ମୋହର ଦୁଃଖ ପୂର୍ଣ୍ଣ ବିବରଣ ଏବଂ ରାଜ କନ୍ୟାର ନିରୁଦ୍ଦେଶ ମୋହର ଶୁଷ୍କ ବଦନର କାରଣ ଅଟେ ।

Digitized by PPRACHIN, SOA

ରାଜା ବଦରୁଦ୍ଦୀନଙ୍କ କଥା ପୁନରାରମ୍ଭ ।

ରାଜା ମନ୍ତ୍ରୀର କଥା ଶୁଣି କହିଲେ, "ମନ୍ତ୍ରିନ ତୁମ୍ଭ କଥା ଶୋଚନୀୟ ଅଟେ । ସନ୍ଦେହ ନାହିଁ ପୁଣି ତୁମ୍ଭର ବିଷର୍ଣ୍ଣ ଥିବାର ଗୋଟିଏ ବିଶିଷ୍ଟ କାରଣ ଅଛି, ମାତ୍ର ସଂସାରଯାକର ଲୋକେ ତ ପରଧନାପହାରକ ଓ ନିଷ୍ଠୁର । ତୁମ୍ଭର ପିତାଙ୍କପରି ଭଗ୍ନୀ ଧନ ଅପହରଣ କରି ନାହାନ୍ତି କିମ୍ବା ତୁମ୍ଭପରି ରାଜକନ୍ୟା ହରାଇ ନାହାନ୍ତି ଏଣୁ ସମସ୍ତଙ୍କୁ ନିଜପରି ଦୁଃଖୀ ଭାବିବା ତୁମ୍ଭର ଭୁଲ ଅଟେ । ତୁମ୍ଭ ଭିନ୍ନ ଆଉ ସମସ୍ତେ ଯେ ଚିର ସୁଖୀ ସେଥିରେ ସନ୍ଦେହ ନାହିଁ । ଦୂରର କଥା ଛାଡ଼ିଦିଅ ଏହି ଆମ୍ଭମାନଙ୍କର ନିକଟରେ ଥିବା ସପ୍ତଫୁଲମୂଲକଙ୍କୁ ଦେଖ ସେ ଚିର ସୁଖୀ, ଦୁଃଖ ଶୋକ ତାହାଙ୍କୁ ସ୍ପର୍ଶ କରି ନାହିଁ ।" ମନ୍ତ୍ରୀ ଈଷଦ୍ଧାସ୍ୟ କରି କହିଲେ "ମହାଭାଗ ଲୋକଙ୍କର ଅନ୍ତର ଓ ବାହାରେ ଭାବ ସମାନ ନାହିଁ । ତାହାଙ୍କର ମନର ଅବସ୍ଥା କିପରି ତାହା କିଏ କହି ପାରିବ, ତାଙ୍କର ମନ ମୁହଁ ପରି ପ୍ରଫୁଲ୍ଲ ବୋଲି ମୋହର ବିଶ୍ୱାସ ହେଉନାହିଁ ।" ରାଜା କହିଲେ, "ବେଶ କଥା, ଏହା ବୁଝି ନେଲେ ତ ତୁମ୍ଭର ସଂଶୟ ଦୂର ହେବ ।" ଏହା କହି ରାଜା ପ୍ରିୟପାତ୍ର ସପ୍ତଫୁଲମୂଲକଙ୍କୁ ଡାକିପଠାଇଲେ, ସପ୍ତଫୁଲମୂଲକ ରାଜାଦେଶ ଶୁଣି ଶୀଘ୍ର ଆସି ଅଭିବାଦନ କରି ଛିଡ଼ା ହେଲେ । ରାଜା କହିଲେ ପ୍ରିୟପାତ୍ର ରାଜ କୁମାର ତୁମ୍ଭେ ପ୍ରକାଶ୍ୟ ଅତି ସୁଖୀ ବୋଲି ଦେଖାଯାଉଛ । ତୁମ୍ଭର ଅନ୍ତଃକରଣ ସୁଖ ପୂର୍ଣ୍ଣ ଅଛି କି ନା ସତ୍ୟ କରି କୁହ, ରାଜକୁମାର କହିଲେ, "ନରେନ୍ଦ୍ର ଆପଣ ସସାଗରା ଧରଣୀର ଅଧୀଶ୍ୱର, ଅଧୀନ ଆପଣଙ୍କର ଅନୁଗୃହୀତ ଏବଂ ଆପଣଙ୍କର ଆଦେଶମତେ ସଭାସ୍ଥ ସମସ୍ତେ, ମୋହର ଅନୁଗତ ମୁଁ ସେମାନଙ୍କ ଉପରେ ପ୍ରଭୁତ୍ୱ କରୁଅଛି ସୁତରାଂ ମୋହର ଅଭାବ କଣ ଯେ ମୁଁ ତାହାପାଇଁ ବିଷର୍ଣ୍ଣ ହେବି ।" ରାଜା କହିଲେ, "ରାଜକୁମାର, ମୌଖିକ ପ୍ରଶଂସାବାଦଦ୍ୱାରା ଠିକାଠିକ ଏ ବେଳ ନୁହେ । ବର୍ତ୍ତମାନ ମନର ଅବସ୍ଥା ସତ ୨ କହି ସଂଶୟ ଦୂର କରିବାକୁ ହେବ । ମନ୍ତ୍ରୀଙ୍କର ଧାରଣା ସଂସାରର ସମସ୍ତେ ଦୁଃଖପୀଡ଼ିତ ଓ ଅସ୍ଥିରଚିତ୍ତ, ମାତ୍ର ତାଙ୍କ ମତ ଆମ୍ଭର ଅନୁମୋଦିତ ନୁହେ । ଆମ୍ଭ ମତରେ ସଂସାରର ଅଧିକାଂଶ

Digitized by PPRACHIN, SOA

ଙ୍କେଙ୍କେ ସୁଖୀ, ଦୁଃଖ, ଶୋକ, ଚିନ୍ତା ଇଣ ସମାନେ ଜାଣନ୍ତି ନାହିଁ ଏବଂ ତୁମ୍ଭେ ପ୍ରାପ୍ତ ଆମ୍ଭ ମଙ୍ଗଳ ଠିକ ପାତ୍ର ଅଟ, କାରଣ ତୁମ୍ଭେ ସର୍ବଦା ପ୍ରଫୁଲ୍ଲ ଓ ହର୍ଷଯୁକ୍ତ ଦେଖା ଯାଉଅଛ । ରାଜାଙ୍କର ଅନୁମାନ ଶୁଣି ରାଜକୁମାର ଦୀର୍ଘନିଃଶ୍ୱାସ ତ୍ୟାଗ କହିଲେ 'ମହାରାଜ, ଆପଣ ଯଥାର୍ଥ କଥା କହିବାକୁ ଆଦେଶ କରୁଅଛନ୍ତି, ସୁତରାଂ ପ୍ରକୃତ କଥା ଗୋପନ ରଖି ଶ୍ରୋତୃଙ୍କର କୁସଂସ୍କାର ବୃଦ୍ଧିକରିବା ଅନୁଚିତ, ବିଶେଷତଃ ରାଜସମୀପେ ମିଥ୍ୟା କଥା କହିବାଦ୍ୱାରା ମନୁଷ୍ୟ ଇହ ଓ ପରକାଳରେ ଲକ୍ଷ୍ମୀଛଡ଼ା ହୋଇ ବିଶେଷ କଷ୍ଟ ଭୋଗୀ ହେବାର ଶାସ୍ତ୍ରୀୟ ବ୍ୟବସ୍ଥା ଅଛି, ସୁତରାଂ ମିଥ୍ୟା କହିବାକୁ ଅକ୍ଷମ ହୋଇ ଜଣାଉଅଛି ଯେ, ଅଧୀନ ଶ୍ରୀମୁଙ୍କ ପ୍ରସାଦରୁ ଯଦିବା ଅପାର ସୁଖରେ ଅଛି ତଥାପି ଦାସର ମନ ଦୁଃଖଶୂନ୍ୟ ନୁହେ । ଗୋଟିଏ ଭୀଷଣ ଦୁଃଖ ଜାକଇ ଅନୁବେଳ ମୋହର ହୃଦୟ-କମଳ ଦଗଧ କରୁଅଛି । ରାଜକୁମାରର କଥା ଶୁଣି ରାଜା ଆଶ୍ଚର୍ଯ୍ୟାନ୍ୱିତ ହୋଇ କେତେବେଳ ଯାଏ ମୌନ ହୋଇ ରହିଲେ, ପରେ କହିଲେ, ହେ ପ୍ରିୟପାତ୍ର, ତୁମ୍ଭର ଦୀର୍ଘଶ୍ୱାସ ଓ କଥାରୁ ବିଶ୍ୱାସ ତୁମ୍ଭେ ମଧ୍ୟ ମନ୍ତ୍ରୀ-ପର କୌଣସି ରମଣୀର ପ୍ରେମାସକ୍ତ ହୋଇ ତାହାର ବିରହାନଳରେ ବ୍ୟାକୁଳ ହେଉଅଛ । ଯାହାହେଉ ତୁମ୍ଭେ ନିଜର ପ୍ରକୃତ ବିବରଣ ବର୍ଣ୍ଣନ କରି ଆମ୍ଭର କୌତୁହଳ ନିବାରଣ କର । ରାଜାଦେଶ ଶୁଣି କୁମାର ନରେଶ ଓ ସଦସ୍ୟମାନଙ୍କର ମନଯୋଗ ଆକର୍ଷଣ କରି ନିଜ ବିବରଣ କହିବାକୁ ଲାଗିଲେ ।

ସଯୃଫୁଲମୂଲକ ରାଜକୁମାରର କାହାଣୀ

ମହାରାଜ ଅଧୀନ ମିସରାଧିପତି ଅସନବେନ ସଯୃଫୁଲର ପୁତ୍ର ମୋହର ଜ୍ୟେଷ୍ଠ ବର୍ତ୍ତମାନ ସେଠାରେ ଅଧୀଶ୍ୱର ଏକଥା ପୂର୍ବରୁ ଶ୍ରୀମୁଖରେ ଗୋଚର କରାଇଅଛି । ପିତାଙ୍କର ଜୀବିତକାଳରେ ମୋହର ଷୋଡ଼ଶ ବର୍ଷ ବୟସବେଳେ ଥରେ ରାଜଭଣ୍ଡାରର ଦ୍ୱାର ଉନ୍ମୁକ୍ତ ଦେଖି ସେଥି ମଧ୍ୟକୁ ଯାଇ ସୁନ୍ଦର ମନୋହର ଦ୍ରବ୍ୟମାନ ଓ ବହୁପ୍ରକାର ଧନ ଦର୍ଶନ କରୁଁ ଗୋଟିଏ ଅପୂର୍ବକାରୁକାର୍ଯ୍ୟ କୃତ କାଷ୍ଠନିର୍ମିତ ବାକ୍ସ

Digitized by PPRACHIN, SOA

ଦେଖିଲି । ତାହା ଉପରେ ଗୋଟିଏ ସୁନାର ଗୃହ ମଧ ଦେଖିଲି । ମୁଁ ଗୃହଦ୍ୱାର ଫିଟାଇ ପଛାର ଦେଖିଲି ସେଥିରେ ଅତି ମୂଲ୍ୟବାନ୍ ରତ୍ନ ଜଡିତ ଗୋଟିଏ ସୁନ୍ଦର ଅଙ୍ଗୁଳୀ ଓ ଗୋଟିଏ ସୁନାର ଚୁଙ୍ଗା ରଖାଅଛି । ମୁଁ ଚୁଙ୍ଗା ଫିଟାଇ ସେଥିରେ ଥିବା ଗୋଟିଏ ରମଣୀର ଚିତ୍ର ଦେଖିଲି । ସେହି ଚିତ୍ର ଏମନ୍ତ ସୁନ୍ଦର ଓ ମନୋହର ଥିଲା ଯେ, ତାହା ଦେଖିବା, ମାତ୍ରେ ମୋହର ମନେ ପ୍ରେମାଙ୍କୁର ଜାତ ହୋଇ ସଙ୍ଗେ ସଙ୍ଗେ ବଢ଼ିଗଲା । ମୁଁ ପ୍ରେମୋନ୍ମତ୍ତ ହୋଇ କହିଲି କେଉଁ ରତ୍ନଗର୍ଭାର ଗର୍ଭେ ଏହି ସଂସାରଦୁର୍ଲ୍ଲଭ ରତ୍ନ ଜାତ ହୋଇଅଛି ? ମୁନିମନମୋହିନୀ ଏହି ରମଣୀର ମନୋହର ବର୍ଣ୍ଣ, ଆକର୍ଣ୍ଣବିସ୍ତୃତ ନୟନର ଅପୂର୍ବ ଗଠନ, କେଶଗୁଚ୍ଛ ମୟୂର ପୁଚ୍ଛପରି ଶୋଭମାନ, ଭଗବାନ ଯେଉଁ ଭାଗ୍ୟବାନ ନିମିତ୍ତ ଏହି ରମଣୀ ରତ୍ନ ସର୍ଜନ କରିଅଛନ୍ତି ସେ ଜନ ଧନ୍ୟ, ପୁନଶ୍ଚ ଯେଉଁ ଚିତ୍ରକର ଏହି ମନୋହର ଚିତ୍ର ଅଙ୍କିତ କରିଅଛି, ତାହାର ଶିଳ୍ପ ନୈପୁଣ୍ୟକୁ ଧନ୍ୟ, ପୁଣି ମୁଁ ଯେ ସ୍ୱର୍ଗଦୁର୍ଲ୍ଲଭ ରମଣୀର ଏହି ଛବି ଦେଖିଲି ସେଥି ନିମିତ୍ତ ମୁଁ ମଧ ଧନ୍ୟ । ଏହିପରି ଚିନ୍ତା କରୁ କରୁ ଅନ୍ତଃକରଣ ବିଚଳିତ ହେଲା, ବିଚିତ୍ର ଚିତ୍ରରୁ ନେତ୍ର ଉଠିଲା ନାହିଁ । ଏହି ଭୁବନମୋହିନୀ ରମଣୀ ଅବଶ୍ୟ କୌଣସି ରାଜନନ୍ଦିନୀ ହେବ ଭାବି ଅଙ୍ଗୁଳୀ ଓ ଚିତ୍ରଟି ଚେଷ୍ଟାକରି ସ୍ୱସ୍ଥାନକୁ ଫେରିଆସିଲି ଏବଂ ମୋହର ପରମ ପ୍ରିୟବୟସ୍ୟ ବୈଦ୍ୟକୁ ଡାକି ଚିତ୍ର ଦେଖାଇଲି । ସେ ଏକାଗ୍ରତା-ସହିତ ଚିତ୍ରଖଣ୍ଡ ଦେଖୁଁ ଦେଖୁଁ ତାହାର ଏକ ପାର୍ଶ୍ୱରେ "ବିଶାଳସାମ୍ରାଜ୍ୟାଧିଶ୍ୱର ପ୍ରବଳ ପରାକ୍ରାନ୍ତ କାବାଲରାଜାଙ୍କର କନ୍ୟା ବଦରୁଲ ଯମାଲ" ଲେଖା ଥିବାର ଦେଖି ମୋତେ ଦେଖାଇଲେ, ଚିତ୍ରଟି ରାଜନନ୍ଦିନୀର ଅଟେ, ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି । କିନ୍ତୁ କାବାଲ କେଉଁ ଦେଶର ରାଜା ତାହା ଜାଣି ନ ପାରି ଅନୁସନ୍ଧାନ ଦ୍ୱାରା ଜାଣିବାକୁ ବୟସ୍ୟକୁ ଆଦେଶ ଦେଲି । ସେ ବୃଦ୍ଧ କେତେକଦିନ ପର୍ଯ୍ୟନ୍ତ ଅନେକ ଅନୁସନ୍ଧାନ କରି କୌଣସି ତତ୍ତ୍ୱ ପାଇଲା ନାହିଁ । ଏଥିରେ ମୁଁ ଅତ୍ୟନ୍ତ ଦୁଃଖିତ ହୋଇ ରାଜକନ୍ୟାର ଅନ୍ୱେଷଣରେ ଦେଶ ଦେଶାନ୍ତରରେ ଭ୍ରମଣ ନିମିତ୍ତ ଦୃଢ଼ପ୍ରତିଜ୍ଞ ହୋଇ ବାଗ୍‌ବାଦ ଦର୍ଶନର ଛଳନାରେ ପିତାଙ୍କର ଅନୁମତି ଗ୍ରହଣ କଲି ।

Digitized by PPRACHIN, SOA

କେତେକ ଜଣ ଅନୁଚର ଓ ସୈୟଦଙ୍କୁ ସଙ୍ଗେ ଘେନି ଅଙ୍ଗୁରୀ ଅଙ୍ଗୁଳିରେ ପରିଧାନ ଓ ଚିହ୍ନ ହସ୍ତରେ ଧାରଣପୂର୍ବକ ବଦରୁଲ ଜମାଲଙ୍କୁ ମନେ ଧ୍ୟାନକରି ଯାତ୍ରା କଲି । ଦୈବ ଅନୁକୂଳରେ ଶୀଘ୍ର ବାଟ୍‌ବାଦରେ ପହୁଞ୍ଚି ସେଠାରେ ବଣିକ୍‌ଲୋକଙ୍କୁ କାବାଲ ରାଜାର ପରିଚୟ ପଚାରିବାରୁ ସେମାନେ କାବାଲ ବିଷୟ କିଛି ଜାଣନ୍ତି ନାହିଁ, ମାତ୍ର ବସୋରାବାସୀ ଏକଶତ ସତୁରିବର୍ଷ ବୟସ୍କ ପଦ୍ୟାନୁବା ନାମକ ବୃଦ୍ଧଙ୍କ ନିକଟକୁ ଗଲେ, ତାଙ୍କଠାରୁ ସନ୍ଧାନ ମିଳିପାରିବ ବୋଲି କହିବାରୁ ଆମ୍ଭେମାନେ ବସୋରାକୁ ଯାଇ ବୃଦ୍ଧଙ୍କ ସଙ୍ଗେ ସାକ୍ଷାତ କଲୁଁ । ପ୍ରାଚୀନ ମୋତେ ଦେଖି ସହାସ୍ୟେ ପଚାରିଲେ ଆଗମନର କାରଣ କଣ ? ମୁଁ ସବିନୟେ କହିଲି ‘ କାବାଲ ରାଜାଙ୍କର ଠିକଣା ଆପଣଙ୍କଠାରୁ ଜାଣିବା ଆଶାରେ ଆସିଅଛୁଁ, ଜାଣିଥିଲେ କହି ଦିଅନ୍ତୁ । ବୃଦ୍ଧ କହିଲେ କାବାଲ କେଉଁ ଦେଶର ରାଜା ଠିକକରି କହିପାରିବି ନାହିଁ, ସିଂହଳ ଦ୍ୱୀପର ନିକଟବର୍ତ୍ତି କୌଣସି ଦ୍ୱୀପର ଅଧିପ ବୋଲି ଶୁଣିଅଛି । ବୃଦ୍ଧଠାରୁ ଏତିକି ଖବର ପାଇ ସୁରଟଗମନୋଦ୍ୟତ ଗୋଟିଏ ଜାହାଜରେ ସୁରଟକୁ ଆସିଲୁଁ । ସେଠାରୁ ଫରାସୀ ଅଧିକୃତ ଗୋଆ, ଗୋଆରୁ ଗୋଟିଏ ଜାହାଜ ଭଡ଼ାକରି ସିଂହଳ ଅଭିମୁଖେ ଯାତ୍ରା କଲୁଁ । ପ୍ରଥମ ଦିନ ଅନୁକୂଳ ପବନ ପାଇ ଜାହାଜ ଉତ୍ତମରୂପେ ଚାଲିଲା ମାତ୍ର ତାହାର ପରଦିନ ସୂର୍ଯ୍ୟୋଦୟ ସମୟେ ଆକାଶ ମେଘାଚ୍ଛନ୍ନ ଓ ସମୁଦ୍ର ନିର୍ବାତ ଏବଂ ନିସ୍ତରଙ୍ଗ ହେଲା । ଅଳ୍ପ ସମୟେ ବୃଷ୍ଟିପାତ ଓ ପ୍ରବଳ ଝଟିକା ପ୍ରବାହିତ ହେବାକୁ ଲାଗିଲା । ସମୁଦ୍ରରୁ ଉତ୍ତାଳ ତରଙ୍ଗମାନ ଉତ୍ଥିତ ହୋଇ ଜାହାଜକୁ ଇତସ୍ତତଃ ଚାଳିତ କରିବାକୁ ଲାଗିଲା । ନାବିକଗଣ ଜାହାଜର ମଙ୍ଗ ଧାରଣ କରିବାକୁ ଅକ୍ଷମ ହୋଇ ଈଶ୍ୱରଙ୍କୁ ଆତ୍ମ ସମର୍ପଣପୂର୍ବକ ନିଜ ନିଜ କାର୍ଯ୍ୟ ଛାଡ଼ି ସ୍ଥିର ହୋଇ ବସି ରହିଲେ । ତହିଁ ପବନ ଧରି ଯେଣେ ଇଚ୍ଛା ତେଣେ ଚାଲିଲା । ମୁଁ ଏହି ଭୟଙ୍କର ଘଟଣାରେ ଭୀତ ହୋଇ ଜୀବନ ଆଶା ଛାଡ଼ି କେବଳ ଈଶ୍ୱରଙ୍କୁ ଭରସା କରି ତାଙ୍କୁ ଡାକୁଥିଲି । ଯାହାହେଉ ଜାହାଜ ଏହିପରି ପବନଦ୍ୱାରା ଦୁଇଦିନ ଯାଇଁ ତୃତୀୟଦିନ ଗୋଟିଏ ଦ୍ୱୀପ କୂଳରେ ଲାଗିଲା । ଏହି ଦ୍ୱୀପର ଉପ-

Digitized by PPRACHIN, SOA

କୂଳଅଂଶ ବ୍ୟାଘ୍ର ଭଲ୍ଲୂକ ସଂକୁଳ ନିବାଡ଼ ଅରଣ୍ୟ, ଦୂରେ ମନୁଷ୍ୟଙ୍କର ଘର ଥିବାର ଦେଖା ଗଲା । ସେ.ହର ସଙ୍ଗୀଗଣ ସେଠାକୁ ଯିବା ଅଭି· ପ୍ରାୟରେ ଜାହାଜରୁ ଓହ୍ଲାଇବାକୁ ଉଦ୍ୟତ ହେଲେ । ଜଣେ ପ୍ରବୀଣ ନାବିକ ସେମାନଙ୍କର ଅଭିପ୍ରାୟ ଜାଣିପାରି କହିଲା, "କେହି ଜାହାଜରୁ ତଳକୁ ଯାଅ ନାହିଁ ଏହା ମାଳଦ୍ୱୀପ, ଏଠାରେ ମନୁଷ୍ୟ ରୂପଧାରୀ ରାକ୍ଷସଙ୍କୁ ବଳି ହିଂସ୍ରକ ଜଡ଼ୋପାସକ ଲୋକ ବାସ କରନ୍ତି । ଅଜଗର ସର୍ପ ସେମାନ- ଙ୍କର ପ୍ରଧାନ ପୂଜ୍ୟ । ଅସ୍ମଜାତୀୟ ମନୁଷ୍ୟ ପାଇଲେ ସେମାନେ ବଳି ରୂପେ ସର୍ପମୁଖରେ ଅର୍ପଣ କରନ୍ତି ।"

ନାବିକର କଥା ଶୁଣି କେହି ଜାହାଜରୁ ଓହ୍ଲାଇଲୁ ନାହିଁ ସତ୍ୟ, ମାତ୍ର ଲଲାଟଲିଖିତ ଦୁର୍ଦ୍ଦଶା ଲଙ୍ଘନ କରି ପାରିଲୁ ନାହିଁ । ଜାହାଜ ସେହି ସମୟେ ଶୁଷ୍କ ହୋଇଥିଲେ କୌଣସି ଅମଙ୍ଗଳ ଘଟି ନ ଥାନ୍ତା । ମାତ୍ର ଅବିବେକତା ବଶତଃ ସେଠାରେ ରାତ୍ରିଯାପନ ନିମିତ୍ତ ଜାହାଜ ନଙ୍ଗର କରିଦେଲୁ । ରାତ୍ରି ଦୁଇପ୍ରହର ସମୟେ କୃଷ୍ଣବର୍ଣ୍ଣ ବିକଟାକାର ଦଲେ କାଫ୍ରି ପୁରୁଷ ଆସି ଆମ୍ଭମାନଙ୍କୁ ଆକ୍ରମଣ ଓ ଲୌହଶୃଙ୍ଖଳରେ ବନ୍ଧନ- ପୂର୍ବକ ଅରଣ୍ୟପଥରେ ନିଜ ଗ୍ରାମକୁ ଘେନି ଚଳିଲେ । ଅନ୍ଧକାର ରାତ୍ରିରେ କଣ୍ଟକମୟ ବାଟରେ ଗମନକାଳେ କଣ୍ଟା ବାଜି ଶରୀରରୁ ରକ୍ତସ୍ରୋତ ପ୍ରବାହିତ ହେବାକୁ ଲାଗିଲା, ସେଥିରେ ପୁଣି ଟିକିଏ ମନ୍ଦଗତି ହେଲେ ନିର୍ଦ୍ଦୟ କାଫ୍ରିଗଣ କଣ୍ଟକମୟ ଯଷ୍ଟିରେ ପିଟି ପିଟି ଅତ୍ୟନ୍ତ ଦୁର୍ଗତି କରୁଥିଲେ । ଯାହାହେଉ ଅତିକଷ୍ଟେ ପ୍ରଭାତ ସମୟରେ ଅରଣ୍ୟ ପାର ହୋଇ ଗ୍ରାମରେ ପହଞ୍ଚିଲୁ । ଏହି ଗ୍ରାମରେ କ୍ଷୁଦ୍ର କ୍ଷୁଦ୍ର ଅନେକ ଗୁଡ଼ିଏ କୁଟୀର ଓ ମଧ୍ୟସ୍ଥଳେ କିଞ୍ଚିତ ଉଚ୍ଚତର ଆଉ ଗୋଟିଏ କୁଟୀର ଥିଲା । କାଫ୍ରିମାନେ ଆମ୍ଭମାନଙ୍କୁ ଛେଳି ମେଣ୍ଢା ପରି ଟାଣି ସେଥିରେ ଥିବା ତାଙ୍କର ରାଜାଙ୍କ ନିକଟକୁ ଘେନି ଯାଇ ତାହାକୁ ଭୂମିଷ୍ଠ ହେବାକୁ କହିଲେ । ଗୋଟାଏ ମୋଟ ବୃକ୍ଷ ଗଣ୍ଡି ରାଜାଙ୍କର ସିଂହାସନ, ସେଥିରେ ରାଜା ଆସୀନ; ତାହାର ଆକାର ଭୀଷଣ, ବର୍ଣ୍ଣ ମହିଷଚର୍ମ ପରି କର୍କଶ ଓ କୃଷ୍ଣବର୍ଣ୍ଣ, ଚକ୍ଷୁ କୋଟରଗତ ଓ ଆରକ୍ତ, ବରାହଦନ୍ତ ସଦୃଶ ବୃହତ୍ ଘମୃଦନ୍ତ ବାହାରକୁ ବହିର୍ଗତ, ଏହାକୁ ଦେଖିଲେ ଭୂତଯୋନି ସମ୍ଭୂତ

Digitized by PPRACHIN, SOA

ବୋଲି ଅନୁମିତ ହେଉଥିଲା । ଆମ୍ଭେମାନେ ଏହି ପ୍ରକାଣ୍ଡ ଶରୀର ଲୋକ ଦେଖି ଭୟରେ ଥର ଥର ହୋଇ କମ୍ପିବାକୁ ଲାଗିଲୁଁ ଏବଂ ଇଚ୍ଛା ନ ଥିଲେ ମଧ୍ୟ ଲମ୍ବ ହୋଇ ଗୋଡ଼ତଳେ ପଡ଼ିଲୁଁ । ରାଜା ଆମ୍ଭ ଏତେଗୁଡ଼ିଙ୍କୁ ଦେଖି ଅତ୍ୟନ୍ତ ଖୁସି ହୋଇ ଭୀଷଣାକାର ମନ୍ତ୍ରୀଙ୍କୁ କହିଲା, "ଏମାନଙ୍କୁ କାରାଗାରରେ ବନ୍ଦ କରାଇ ପ୍ରତିଦିନ ଗୋଟିଏ ଲେଖାଏଁ ଆମ୍ଭମାନଙ୍କର ଇଷ୍ଟଦେବ ଅଜଗର ସର୍ପମୁଖରେ ନିକ୍ଷେପ କରିବାର ବ୍ୟବସ୍ଥା କର । ମନ୍ତ୍ରୀ ରାଜାଙ୍କ ଆଦେଶ ନୁସାରେ ଆମ୍ଭ-ମାନଙ୍କୁ କାରାଗାରରେ ବନ୍ଧ କରାଇ ପ୍ରତିଦିନ ଗୋଟିଏ ଗୋଟିଏ କରି ନୈବେଦ୍ୟରୂପେ ଅଜଗରଠାରେ ପ୍ରଦାନ କରିବାକୁ ଲାଗିଲା । କ୍ରମେ କାପ୍ତାନ, ସାରଙ୍ଗ, ନାବିକ ଓ ଭୃତ୍ୟଗଣ ଅଜଗର ପେଟରେ ଜୀର୍ଣ୍ଣ ହେଲେ । କେବଳ ମୁଁ ଓ ମୋହର ପରମ ପ୍ରିୟ ସୈୟଦ ଅବଶିଷ୍ଟ ରହିଲୁଁ । ଆମ୍ଭମାନଙ୍କ ମଧ୍ୟରୁ କିଏ ପ୍ରଥମେ ଅଜଗରଙ୍କ ଅର୍ପିତ ହେବ ଏହାହିଁ ଭାବନା ହେଲା । ସୈୟଦ କ୍ରନ୍ଦନ କରି କହିଲା-ହାଲେ ଯେପରି ମୁଁ ସର୍ପଠାରେ ଅର୍ପିତ ହୁଏଁ ଈଶ୍ୱରଙ୍କ ନିକଟରେ ଏହାହିଁ ଏକାନ୍ତ ପ୍ରାର୍ଥନା । ଈଶ୍ୱର ନ କରନ୍ତୁ ମୋତେ ରଖି ଯଦି ତୁମ୍ଭଙ୍କୁ ପ୍ରଥମେ ସର୍ପକୁ ଦିଅନ୍ତି ତାହାହେଲେ ମୃତ୍ୟୁର ଯନ୍ତ୍ରଣା ଅପେକ୍ଷା ଏହା ମୋତେ ଅଧିକ ବାଧିବ । ସୈୟଦର କ୍ରନ୍ଦନ ଦେଖି ମୁଁ ଅଶ୍ରୁବର୍ଷଣ କରି କହିଲି ବନ୍ଧୁ, ତୁମ୍ଭେ ଘରୁ ଆସିବାକୁ ମୋତେ ଅନେକ ବାରଣ କରି-ଥିଲ, ମାତ୍ର ମୁଁ ପ୍ରେମପାଗଳ ହୋଇ ତୁମ୍ଭର କଥା ନ ମାନି ଘରୁ ଆସି ଅକାଳେ ଅରକ୍ଷିତ ପ୍ରାୟ ମରୁଅଛି, ସେଥିପାଇଁ ଭାବନା ନାହିଁ ତୁମ୍ଭେ ବୁଦ୍ଧିମାନ ଏହି ବୁଦ୍ଧିହୀନର ମାୟାରେ ପଡ଼ି ସଙ୍ଗରେ ଆସି ଅକାରଣ ପ୍ରାଣ ହରାଉଛ ଏହାହିଁ ଦୁଃଖର ବିଷୟ । ଆମ୍ଭେ ଦୁହେଁ ମିଳି ଅନାଥ ପରି ବିଳାପ କରୁଅଛୁଁ, ଏହି ସମୟରେ କଳା କଳା ଦୁଇ ଜଣ ହାବସି ଆସି "ଆସ" ବୋଲି ମୋତେ ଡାକିଲେ । ତାଙ୍କର ଡାକ ଶୁଣି "ମୁଁ ଉଦ୍-ଜନ୍ତୁ ନିମନ୍ତେ ବିଦାୟ ହେଉଅଛି" ଏହି କଥା ସୈୟଦକୁ କହିବାକୁ ଇଚ୍ଛା କରିଥିଲି, ମାତ୍ର ଭୟ ଓ ଶୋକରେ ବାକ୍‌ରୋଧ ହେବାରୁ କିଛି କହି ନ ପାରି ଅଜ୍ଞାନ ହେଲି ଏବଂ ସୈୟଦର ଯତ୍ନରେ ଚେତନା

Digitized by PPRACHIN, SOA

ପାଉ ମୌନଭାବରେ ହାବସି ସଙ୍ଗେ ଗମନ କଲି । ସେମାନେ ମୋତେ ଗୋଟିଏ କୁଟୀର ଆଡ଼କୁ ଘେନି ଗଲେ । ଏହି କୁଟୀରରେ ଅଜଗର ଅଛି, ଏମାନେ ମୋତେ ତାହାର ମୁଖରେ ନିକ୍ଷେପ କରିବେ ଭାବି ଦୁଃଖିତମନରେ ଯାଉଁ ଯାଉଁ କୁଟୀର ଦ୍ୱାରରେ ଉପସ୍ଥିତ ହୁଅନ୍ତେ ସର୍ପ ଅପେକ୍ଷା ଭୟଙ୍କର କୁରୂପିଣୀ ଗୋଟିଏ ହାବସିଣୀ ଆସି କାଳସର୍ପିଣୀରୂପେ ମୋତେ ଆଲିଙ୍ଗନ କଲା । ମୁଁ ଅକସ୍ମାତ୍ କାଳହସ୍ତରେ ପଡ଼ିଲି ଭାବି, ଭୟରେ "ମା ଲୋ, ମଲି" ବୋଲି ଉଚ୍ଚସ୍ୱରରେ ଚିତ୍କାର କଲି । ତାହା ମୋତେ ଭୀତ ଦେଖି ହାସ୍ୟ କରି କହିଲା, "କାନ୍ତ, ଏତେ ଭୀତ କାହିଁକି ? ତୁମ୍ଭେ ଆପଣାକୁ ଅତ୍ୟନ୍ତ ଭାଗ୍ୟବନ୍ତ ମଣି ଆନନ୍ଦିତ ହୁଅ, କାରଣ ମୋପରି ସୁନ୍ଦରୀ ରାଜକୁମାରୀ ସ୍ୱଇଚ୍ଛାରେ ତୁମ୍ଭର ପ୍ରେମଭିକାରୀ, କହ ଦେଖି ତୁମ୍ଭକୁ ବଳି ଭାଗ୍ୟବନ୍ତ ତିନିପୁରରେ ଆଉ କିଏ ଅଛି ? ମୁଁ ଏହି ଯୋଷାର ପ୍ରୀତିପୂର୍ଣ୍ଣ ଭାଷା ଶୁଣି ବିଷାଦବିବଶ ହୋଇ ବକ୍ରଦୃଷ୍ଟିରେ ତାହାକୁ ଚାହିଁ ସୌନ୍ଦର୍ଯ୍ୟାଭିମାନିନୀ ରମଣୀର ଯେ ଭୀଷଣରୂପ ଦର୍ଶନ କଲି ତାହା ମନେ କଲେ ଆଜି ମଧ୍ୟ ଭୟରେ ପ୍ରାଣ କମ୍ପମାନ ହେଉଛି । ଏହାର ରୂପ ଘୋର କୃଷ୍ଣ ଓ ମଳିନ, ମୁଖମଣ୍ଡଳ ସୁବୃହତ୍, ନେତ୍ର ଅତି କ୍ଷୁଦ୍ର ଓ ଆରକ୍ତ, ନାସିକା ସୁପ୍ରଶସ୍ତ ଓ ନିମ୍ନ ହୋଇ ଓଷ୍ଠକୁ ନିଜଆଡ଼କୁ ଟାଣିଅଛି, ଅଧର ବକ୍ଷୋରୁହର ଆବରଣ ହେବାକୁ ନିମ୍ନକୁ ପ୍ରସାରିତ । ବୃହତ୍ ବୃହତ୍ ବତିଶଟି ଦନ୍ତ ବାହାରେ ଶୋଭିତ, ସ୍ତନଦ୍ୱୟ କୁଷ୍ମାଣ୍ଡସମାନ ଶୋଭମାନ, ଭ୍ରୂ ବିଗତଲୋମ, କପାଳ ଉଚ୍ଚ, କୁନ୍ତଳ କୁଟୀଳ ଏବଂ ମସ୍ତକର ମଧ୍ୟସ୍ଥଳ ନିର୍ବାଳ ଏବଂ ତାହାର ଚତୁର୍ଦ୍ଦିଗରେ ସୀମନ୍ତର ନ୍ୟାୟ ଖଣ୍ଡେ ହରିତ୍ ବସ୍ତ୍ର ପରିବେଷ୍ଟିତ, ସେଥିରେ ଶ୍ୱେତ, ପୀତ, ନୀଳ ଓ କୃଷ୍ଣବର୍ଣ୍ଣ ପକ୍ଷୀର ଲୋମ ଗୁଞ୍ଜା ହୋଇ ଶିରର ଶୋଭା ବର୍ଦ୍ଧନ କରୁଥିଲା । ଗଳଦେଶେ ରକ୍ତ ପୀତବର୍ଣ୍ଣ ରଞ୍ଜିତ ଅସ୍ଥିଖଣ୍ଡମାନ ଲମ୍ବିତ ହୋଇ ନରମୁଣ୍ଡମାଳିନୀ କାଳୀର ଭ୍ରମ ଜାତ କରୁଥିଲା । ମହାଭାଗ ଯେ ବ୍ୟକ୍ତି ବଦରୁଲ ଯମାଲର ପ୍ରେମାସକ୍ତ ହୋଇ ତାହାର ଅନ୍ୱେଷଣରେ ଦେଶ ଦେଶାନ୍ତର ଭ୍ରମଣରେ ବ୍ୟାପୃତ, ଏହି ରମଣୀ ଯେ ତାହାର କେତେଦୂର ଉପଯୁକ୍ତ

Digitized by PPRACHIN, SOA

ତାହା ସନ୍ଧ୍ୟାକରେ ଅନୁମିତ ହୋଇ ପାରିବ । ସେ ଯାହାହେଉ ସୌନ୍ଦର୍ଯ୍ୟାଭିମାନିନୀ ଅତି ଆଦରରେ ମୋର ହାତ ଟାଣି ଘରକୁ ନେଇଗଲା ଏବଂ ସେଠାରେ ବ୍ୟାଘ୍ର ଚର୍ମାସନରେ ବସାଇ ଆପେ ମୋ ନିକଟରେ ବସି କହିଲା "ନାଥ ତାଙ୍କ ହାତରେ ପଡ଼ିଛ ବୋଲି ଭାବୁଛ କି ? ସେହି ବୃଥା ଭାବନା ଆଉ କରନା । ତୁମ୍ଭର ଶୁଷ୍କ ବଦନ ଦେଖିଲେ ମୋ ମନରେ ବିଶେଷ ବେଦନା ହେଉଅଛି । ତୁମ୍ଭେ କେଡ଼େ ଭାଗ୍ୟବନ୍ତ ତାହା କି ଥରେ ଭାବୁନା ? ସ୍ୱର୍ଗେ ଅପ୍ରାପ୍ତ ସୌନ୍ଦର୍ଯ୍ୟ ବିଶିଷ୍ଟ ଯେଉଁ ସୁନ୍ଦରୀର ପ୍ରାପ୍ତି ନିମିତ୍ତ ସହସ୍ର ଶତ ଶତ ରାଜପୁତ୍ର ଲାଳାୟିତ ତୁମ୍ଭର ପ୍ରବଳ ଅଦୃଷ୍ଟ ବଶତଃ ଜଗତାଦୃତା ସେହି ରାଜସୁତା ଅଯାଚିତଭାବେ ତୁମ୍ଭପାର୍ଶ୍ୱେ ଉପବିଷ୍ଟ, ତୁମ୍ଭେ କୃତଜ୍ଞତା ଦେଖାଇବା ନିମିତ୍ତ ତାହାକୁ ଆଲିଙ୍ଗନ ନ କରି ସ୍ଥିର ହୋଇ ବସି ରହିଛ । ନାଥ, ମୌନବ୍ରତ ଛାଡ଼ି ତ୍ୱରିତ କଥା କହି ମନ ସନ୍ତୁଷ୍ଟ କର । ନାରୀର ରୂପ ଦେଖି ମୁଁ ଅର୍ଦ୍ଧମୃତ ହୋଇଥିଲି, ବର୍ତ୍ତମାନ ତାହାର ପାଶ୍ୱେ ବସି ରସମୟ ବଚନ ଶୁଣି ଏବଂ ମୁଖର ଦୁର୍ଗନ୍ଧ ଆଘ୍ରାଣ କରି ମୋହର ପ୍ରାଣ ବାହାରିବାକୁ ହେଲା । ମୁଁ ସ୍ପନ୍ଦହୀନ ଓ ବାକ୍‌ଶୂନ୍ୟ ହୋଇ ଜଡ଼ ବତ ଅବସ୍ଥାନ କଲି । ମୋତେ ମୌନ ଦେଖି ଦାନୁଡ଼ୀ ହାସ୍ୟ କରି କହିଲା "ହେ ନାଥ କି ପରତାପର ବିଷୟ, ମୁଁ ଏଡ଼େ ସୁନ୍ଦରୀ ଥାଇ ପୁଣି ତୁମ୍ଭଙ୍କୁ କେତେ ଆଦର କରୁଅଛି, ତେବେ ସୁଦ୍ଧା ତୁମ୍ଭର ସ୍ୱର ବାହାରୁ ନାହିଁ । ଆହା ଜାଣିଲି ଅତି ଆହ୍ଲାଦ ତୁମ୍ଭର ବାକ୍ ରୋଧ କରିଅଛି । ବାସ୍ତବିକ ତୁମ୍ଭର ଅତ୍ୟଧିକ ଆହ୍ଲାଦ ଉପଯୁକ୍ତ ଅଟେ, ତୁମ୍ଭର ସୁଖକୁ ବଳି ଅଧିକ ସୁଖ ସଂସାରରେ ଆଉ କାହାର ଅଛି, ସମ୍ମୁଖେ ସର୍ଗିମାନେ ଅଧୋମୁଖେ ପଡ଼ିଲେ, ମାତ୍ର ତୁମ୍ଭେ ସେହି ଅହିର ଉଦରରେ ନ ଯାଇ ମହୀର ଶ୍ରେଷ୍ଠ ସୁନ୍ଦରୀକୁ ଅଯତ୍ନେ ପାଇଲ ଏଥିଁ ବଳି ଦେହୀର ଅଧିକ ସୌଭାଗ୍ୟ କଣ ?" ମୁଁ ତାହାର କଥା ଶୁଣି ତୁଣ୍ଡୀ ବଶତଃ କୌଣସି କଥା ନ କହି ମନେ ମନେ ଭାବିଲି ହା ବିଧାତା କି ଅପରାଧେ ଏହି କାଳୀ ଦେବତାଙ୍କୁ ମୋହର-ପ୍ରେମୋନ୍ମତ୍ତା କରାଇଲ ? ମୁଁ କି ସତେ ଏହି ରୂପରେ ରସି ପାଶେ ବସି ତାହାର ଅଶ୍ରାମଚ

Digitized by PPRACHIN, SOA

କାର୍ଯ୍ୟରେ ରତ ହେବ । ମୋତେ ପୁଣି ମୌନ ଦେଖି ରାଜସୁତା ବିସ୍ମିତ ହୋଇ କହିଲା "କାନ୍ତ, ଏତେ ଭାବିତ ହେଉଛ କାହିଁକି ? ତୁମ୍ଭର ତାବତ୍ କଷ୍ଟ ମୁଁ ଦୂରୀଭୂତ କରିବ । ତୁମ୍ଭେ କଥା କହୁନା ବୋଲି ମୁଁ ରୁଷ୍ଟା ନୁହେଁ ସ୍ପଷ୍ଟବୁଝି ପାରିଲିଣି ତୁମ୍ଭେ ମୋ ପରି ପରମା ସୁନ୍ଦରୀ ସ୍ତ୍ରୀ ପାଇ କି ସନ୍ତୁଷ୍ଟ ନୁହ ? ନିଶ୍ଚୟ ମନେ ଆନନ୍ଦିତ ଅଛ, କେବଳ ପିତାଙ୍କ ଭୟରେ ଭୀତ ହୋଇ ମୋ ସଙ୍ଗେ କଥା କହିବାକୁ ସଙ୍କୁଚିତ ହେଉ ଅଛ । ଆଉ ପିତାଙ୍କର ଭୟ ନାହିଁ, ତୁମ୍ଭେ ତାଙ୍କର ଜାମାତା ହେଲଣି କିଏ ପ୍ରାଣଦଣ୍ଡ ବିହିତ କରାଇବ, ସେ ମୋତେ ଅତ୍ୟନ୍ତ ଗେହ୍ଲା କରନ୍ତି, ସ୍ୱର୍ଗର ତାରା ମାଗିଲେ ମଧ୍ୟ ଆଣିଦେବେ, ତୁମ୍ଭଙ୍କୁ କ୍ଷତ ହେବାଟାତ ବଡ଼ କଥା ନୁହେଁ । ତୁମ୍ଭର ସଙ୍ଗୀଟିର ମଧ୍ୟ ପ୍ରାଣନାଶ ରହିତ କରାଇ ମୋହର ସହଚରୀ ମିଶାସଙ୍ଗେ ବିବାହ କରାଇବ । ସେ ମଧ୍ୟ ଅତି ସୁନ୍ଦରୀ ଅଟେ ।" ଏହି ସମୟେ ଦୁଇଟି ଦାସୀ ଖାଦ୍ୟ ନିମନ୍ତେ ମୋଟେ ରୁଟି ଓ ମଧୁମିଶ୍ରିତ ବଡ଼ ମାଂସ ଖଣ୍ଡମାନ ଆଣିଲେ । ରମଣୀ ଖାଦ୍ୟ ସନ୍ନିକଟରେ ବସି ମୋତେ ସଙ୍ଗେ ବସାଇଲା । ଖାଦ୍ୟଦ୍ରବ୍ୟର ରୂପ ଦେଖି ମୋ ମନରେ ବିକାର ହେବାରୁ ଖାଇବାକୁ ରୁଚି ହେଲାନାହିଁ । ଖାଇବାକୁ ଇତସ୍ତତଃ ହେଉଅଛି ଦେଖି ନାରୀ ଆପଣା ହାତରେ ରୁଟି ଓ ମାଂସଖଣ୍ଡ ଆଣି ମୋ ମୁହଁରେ ଦେଲା । ସେହି ମାଂସର ଗନ୍ଧରେ ମୋହର ମା'ର ଦୁଧ ପର୍ଯ୍ୟନ୍ତ ପେଟରୁ ବାହାରିବାର ଉପକ୍ରମ ହେଲା, ତଥାପି ବାଳୀ ତାହା ଉପରେ ଆହୁରି ମାଂସଖଣ୍ଡମାନ ମୋ ମୁହଁରେ ଭରି ଖାଅ, ଖାଅ, ବୋଲି ଅନୁରୋଧ କଲା । ଭୋଜନରେ ଅପ୍ରବୃତ୍ତି ଦେଖି କହିଲା "କାନ୍ତ, ତୁମ୍ଭେ ମୋହର ସୌନ୍ଦର୍ଯ୍ୟରେ ଆସକ୍ତ ଏ ଶୀଘ୍ର ସହବାସ ନିମନ୍ତେ ବ୍ୟସ୍ତ ହୋଇ ଭୋଜନରେ ପ୍ରବୃତ୍ତ ହେଉ ନା ଅଳ୍ପକ୍ଷଣ ଅପେକ୍ଷା-କର, ମୁଁ ବର୍ତ୍ତମାନ ଅନୁମତି ପାଇଁ ପିତାଙ୍କ ନିକଟକୁ ବାହାରିଲି ସେଠାରୁ ଫେରି ଆସିଲେ ସୁନ୍ଦରୀ ରମଣୀ ନେଇ ସୁଖେ ରଜନୀ ପୁହାଇବ ।" ଏହା କହି ସହାସ୍ୟେ ଗାତ୍ରୋତ୍ଥାନ କରି ପିତାଙ୍କ ନିକଟ ଯିବାକୁ ପ୍ରସ୍ତୁତ ହେଲା । ଗମନକାଳେ ହସ୍ତ ପ୍ରସାରଣ ପୂର୍ବକ ମୋହର ମସ୍ତକ ଧାରଣ କରି ସପ୍ରେମରେ ଚୁମ୍ବନ କଲା । ହାୟ, ସେହି ଚୁମ୍ବନଜାତ ଦୁର୍ଗନ୍ଧ ମୋ ମସ୍ତକରୁ

Digitized by PPRACHIN, SOA

ଅବଧି ଯାଇନାହିଁ । ରମଣୀ ମୋତେ ସୁହାଗ କରି କୁଟୀରରୁ ବାହାରଗଲା । ସେ କେତେଦୂର ଯାଇ ମୋହର ଚକ୍ଷୁରୁ ଅନ୍ତରହୁଅନ୍ତେ ଯମ ହସ୍ତରୁ ଉଦ୍ଧାର ପାଇଲି ଭାବି ଆନନ୍ଦେ ଅଧୀର ହେବାକୁ ଲାଗିଲି, ହାୟ, ମୋହର ଦୁର୍ଦ୍ଦଶା ଯେ ଅବଧି ଶେଷ ହୋଇନାହିଁ ତାହା ଭାବି ନ ଥିଲି । ମୁଁ ଅନନ୍ତେ କାରାଗାରକୁ ପଳାଇବାକୁ ଉଦ୍ୟତ ହେଉଅଛି ଏହି ସମୟେ ଦେଖିଲି ନାରୀ ଯମଦୂତପରି ବେଗେ ମୋ ଆଡ଼କୁ ଦୌଡ଼ି ଆସୁଛି । ତାହାକୁ ଦେଖି ମୋହର ରକ୍ତ ଶୁଷ୍କ ହେଲା, ସେ ମୋ ନିକଟକୁ ଆସି କହିଲା, ଦେଖ କାନ୍ତ, ମୁଁ ତୁମ୍ଭ ଉପରେ କେଡ଼େ ଆସକ୍ତ, ତୁମ୍ଭଙ୍କୁ ଏକକ୍ଷଣ ନ ଦେଖିଲେ ମନ ବ୍ୟସ୍ତ ହେଉଅଛି ଏଥି-ପାଇଁ ପିତାଙ୍କ ନିକଟକୁ ଯାଉଁ ଯାଉଁ ତୁମ୍ଭଙ୍କୁ ଆଉ ଥରେ ଦେଖି ଯିବା-ପାଇଁ ବାଟରୁ ଫେରି ଆସିଲି । ତୁମ୍ଭେ ଏଠାରେ ଏକାକୀ ରହିଲେ ମୋହନ୍ତେ ବିରହେ ବ୍ୟାକୁଳ ହେବ ସୁତରାଂ ମୋହର ଫେରିବା ପର୍ଯ୍ୟନ୍ତ ତୁମ୍ଭେ ସଙ୍ଗୀ ନିକଟକୁ ଯାଇ ଏହି ସୁସମ୍ବାଦ ଜଣାଇ ତାହାକୁ ମଧ୍ୟ ସନ୍ତୁଷ୍ଟ କରିଥା । ରମଣୀକୁ ପୁଣି ନିକଟେ ଦେଖି ଓ ତାହାର ପ୍ରେମ ପୂର୍ଣ୍ଣ କଥା ଶୁଣି ପୁନର୍ବାର ମୃତ୍ୟୁ ଦେବ ଭାବି ଭୟେ କମ୍ପିତ ହୋଇ ଈଶ୍ୱରଙ୍କୁ ଡାକୁଥିଲି । ସୌଭାଗ୍ୟକ୍ରମେ କିଛିକ୍ଷଣର ଅବସର ଖୋଜି ପାଇ ତାହାର ଗମନର ଅପେକ୍ଷା ନ କରି ଶୀଘ୍ର ବନ୍ଦିଘରକୁ ପଳାଇଲି । ଏଠାରେ ବୈଦ୍ୟ ଏକାକୀ ବସି କାନ୍ଦୁଥିଲା ମୋତେ ପୁନର୍ବାର କୁଶଳ ଦେଖି ପୁଲକିତ ହୋଇ କହିଲା "ରାଜକୁମାର, ତୁମ୍ଭର କି ଚମତ୍କାର ସୌଭାଗ୍ୟ ତୁମ୍ଭେ କି କୌଶଳ କରି ଯମ ମୁଖରୁ ଉଦ୍ଧାର ପାଇ ଫେରି ଆସିଲ ? ପ୍ରାଣରକ୍ଷାର କିଛି ଉପାୟ କରିଛ କି ? ମୁଁ କହିଲି-ମିତ୍ର ଆପଣ ହାତେ ପ୍ରାଣର ଭାର ଅର୍ପିତ ଇଚ୍ଛା ହେଲେ ଜୀବନ ରକ୍ଷା କର ନଚେତ୍ ସର୍ପ ମୁଖେ ପଡ଼ିତ ହୁଅ ।" ବୈଦ୍ୟ କହିଲା "କୁମାର ଏତ ବଡ଼ ସୁନ୍ଦର ସମାଚାର, ଯଦି ଆପଣା ହସ୍ତ ଆପଣ ଉଦ୍ଧାର ତେବେ ଚାଲ ଏହି ଅନ୍ଧାରେ ଅନ୍ଧାରେ ଏଠାରୁ ହୋଇଯିବା ପାଇଁ । ମୁଁ କହିଲି ନା ଭାଇ ଆମ୍ଭମାନଙ୍କର ଭାଗ୍ୟ ଏଡ଼େ ବଳବତ୍ତର ନୁହେ । ଉଦ୍ଧାରର ଯେଉଁ ସମା-ଚାର ଶୁଣିଲେ ବଞ୍ଚିବା ଅପେକ୍ଷା ମରିବାକୁ ଶ୍ରେୟସ୍କର ମନେ କରିବା ।

Digitized by PPRACHIN, SOA

ଏହା ଜଣେ ରମଣୀର ପ୍ରଣୟ କାହାଣୀ ଶୁଣି ଉଲ । ସୈୟଦ କହିଲେ, ମିତ, ସେହି କୁତ୍ସିତା ନାରୀ ତୁମ୍ଭର ଏକାନ୍ତ ଅଯୋଗ୍ୟ ତଥାପି ପ୍ରାଣ ଅତି ମୂଲ୍ୟବାନ ରତ୍ନ ତାହା ରକ୍ଷା ନିମିତ୍ତ ଲୋକେ କେତେ ଯତ୍ନ କରନ୍ତି ସୁତରାଂ ଏହି ଦୁର୍ଲ୍ଲଭ ଜୀବନ ପାଇଁ ତାହାର ଅଭିଳାଷ ପୂରଣ କରିବାକୁ କୁଣ୍ଠିତ ହୁଅ ନାହିଁ । ବିପଦକାଳେ ଶ୍ରୀକୃଷ୍ଣ ଗଧର ଗୋଡ଼ ଧରିଥିଲେ ବୋଲି ପ୍ରବାଦ ଅଛି, ମାତ୍ର ଏବେ ମନୁଷ୍ୟ, ପୁଣି ରାଜକୁଳ ସମ୍ଭୂତ, ଏହା ସହିତ ପ୍ରେମାସକ୍ତ ହେଲେ ତୁମ୍ଭର ଗୌରବ ଲାଘବ ହେବ ନାହିଁ ।

ମୁଁ କହିଲି ବାସ୍ତବିକ ଜୀବନ ଅମୂଲ୍ୟ ଧନ ଅଟେ ତାହା ରକ୍ଷା ନିମିତ୍ତ ତୁମ୍ଭର ଉପଦେଶ ମତେ ମୁଁ ଏହି ଜଘନ୍ୟ ଓ ଘୃଣ୍ୟକର୍ମ କରିବାକୁ ଚେଷ୍ଟା କରିବି ସତ ମାତ୍ର ତୁମ୍ଭର ଏହିପରି ଦଶା ହେଲେ ତୁମ୍ଭେ ତାହା କରି ପାରନ୍ତ କି ? ତୁମ୍ଭେ କି ଭାବିଛ ମୋତେ ଗର୍ତ୍ତେ ଠେଲି ଆପେ ସୁଖେ ସ୍ୱଚ୍ଛନ୍ଦେ ରହିଯିବ, ତାହା ନୁହେ ତୁମ୍ଭେ ମଧ୍ୟ ଏହି ସୁଖରୁ ବଞ୍ଚିତ ନୁହ । ରାଜକୁମାରୀଙ୍କୁ ବଣ ଜାମୁକୋଳି ପରି କାଳୀ ତାହାର ମିର୍ଶା ସହଚରୀ ତୁମ୍ଭ ନିମନ୍ତେ ନିର୍ବାଚିତ ହୋଇଅଛି, ତୁମ୍ଭେ ଏଥିରେ କଣ ପରାମର୍ଶ କରୁଅଛ, ତାହାର ମନ ତୋଷ ନିମନ୍ତେ ତୁମ୍ଭେ ନିଜ ଉପଦେଶ ପାଳନ କରନ୍ତ, ଏହା ଶୁଣି ସୈୟଦ ସ୍ତବ୍ଧ ହୋଇ କିଛିକ୍ଷଣ ନିଶବ୍ଦେ ରହିଲେ ପରେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ ଭାଇ, ପ୍ରେତମାନଙ୍କ ବାହିନୀ ସଙ୍ଗେ ମୂହୂର୍ତ୍ତେ ସହବାସ ଅପେକ୍ଷା ଲକ୍ଷ ଲକ୍ଷ ଥର ଭୁଜଙ୍ଗ ଉଦରେ ଯିବା ମୋ ପକ୍ଷେ ଶ୍ରେୟସ୍କର ଅଟେ । ଛି ଛି ଯାହାର ରୂପ ଦେଖି କାମଦେବ ଶତ ଯୋଜନ ପଳାୟନ କରିବ ମାନବ ସେହି କୁତ୍ସିତା ସଙ୍ଗେ କିପରି ସହବାସ କରିବ ।

ସୈୟଦର କଥା ଶୁଣି ମୁଁ କହିଲି କହେ। ଆମ୍ଭ ବେଳେ ଜୀବନ ଅମୂଲ୍ୟ ଧନ, ତୁମ୍ଭ ବେଳେ ତାହା ଅତି ଅକିଞ୍ଚନ ହୋଇ ଲକ୍ଷ ଲକ୍ଷବାର ସର୍ପକୁ ଅର୍ପଣ କରାଯାଉଛି କିପରି । ସୈୟଦ କହିଲେ ମୁଁ ଯାହା କହିଲି ତାହା ପ୍ରକୃତ କାରଣ, ତୁମ୍ଭେ ରାଜସୁତ ତୁମ୍ଭର ଜୀବନ ଓ ମୋହର ଜୀବନର ମୂଲ୍ୟ ବହୁତ ତଫାତ୍ । ତୁମ୍ଭେ କୌଣସି କୌଶଳେ ଜୀବନ ବଞ୍ଚାଇ ରାଜ୍ୟକୁ ଫେରିଲେ କୋଟି କୋଟି ଲୋକଙ୍କର ଆଦର ଓ ସମ୍ମାନ

Digitized by PPRACHIN, SOA

ପାଇବ ମାତ୍ର ମୁଁ ସାମାନ୍ୟ ଶୂକର ଏଠାରୁ ଫେରଗଲେ ମଧ୍ୟ ସେହି ଶୂକର ହୋଇ କାହାର ଯୁଦା ବହିଲେ ତଡ ଖାଇବ ସୁତରାଂ ଏହି ସାମାନ୍ୟ ଶୂର ଜୀବନ ନିମିତ୍ତ ଏତେ ଘୃଣିତ କାର୍ଯ୍ୟରେ କାହିଁକି ପ୍ରବୃତ୍ତ ହେବି ।” ମୁଁ କହିଲି “ବେଶ ତୁମ୍ଭର ସାମାନ୍ୟ ଜୀବନ ତାହାର ପାଇଁ ତାହାର ଅଧିକ ସମ୍ମାନ, ଘୃଣା ଜନକ କାର୍ଯ୍ୟ ନ କରିବାକୁ ଭାଜନ, ମୋହର ଜୀବନ ଶ୍ରେଷ୍ଠ ଓ ଭବିଷ୍ୟତରେ ଅନେକ ଲୋକଦ୍ୱାରା ସମ୍ମାନିତ ହେବ ବୋଲି ଅତି ଘୃଣିତ କାର୍ଯ୍ୟ କରିବାକୁ ସଙ୍କୁଚିତ ହେବ ନାହିଁ । ଭାଇ, ସେହି ସମ୍ମାନ ମୋହର ଦରକାର ନାହିଁ, ଭବିଷ୍ୟତର କଥା ଥାଉ, ବର୍ତ୍ତମାନ ମୋତେ କେହି ସୋଲେମାନଙ୍କର (୧) ସିଂହାସନରେ ବସାଇବାର ଆଶାଦେଇ ମଧ୍ୟ ଏହି ଘୃଣିତ କାର୍ଯ୍ୟରେ ପ୍ରବର୍ତ୍ତାଇ ପାରିବ ନାହିଁ । ଏଠାରୁ ଜୀବିତଦେହେ ଯାଇ ରାଜ୍ୟରେ ଯାହା କିଛି ପାଇବ ତାହା ତୁମ୍ଭଙ୍କୁ ଦେବ ବୋଲି ଅଙ୍ଗୀକାର କରୁଛି ତୁମ୍ଭେ ହାବସିନୀ ଦ୍ୱୟଙ୍କର ମନୋରଞ୍ଜନ କରିବାକୁ ଯତ୍ନବାନ ହୁଅ । ସୈୟଦ କହିଲେ ରାଜକୁମାର ରାଜ୍ୟଧନ ତୁମ୍ଭଙ୍କୁ ଭୋଗ ହେଉ, ତାହା ମୋହର ଦରକାର ନାହିଁ । ପିଶାଚିନୀ ହାବସିନୀଙ୍କ ସହବାସ ଭିନ୍ନ ତୁମ୍ଭର ଉପକାର ନିମିତ୍ତ ଅନ୍ୟ ଯାହା କରିବାକୁ ଆଦେଶ କର ତାହା କରିବାକୁ ତୟାର ଅଛି ।

ଆମ୍ଭେ ଦୁଇ ମିତ୍ର ହାବସିନୀଙ୍କର ପ୍ରେମାସକ୍ତ ହେବୁ ନାହିଁ ବୋଲି ଏହିପରି ଦୃଢ଼ ସଙ୍କଳ୍ପ କରି ବସିଅଛୁ ଏହି ସମୟେ ଘୋର କୃଷ୍ଣବର୍ଣ୍ଣ ଦୁଇଜଣ ହାବସୀ ଆମ୍ଭ ନିକଟକୁ ଆସି ଅତି ଖୁସି ହୋଇ କହିଲେ “ହେ ଭାଗ୍ୟବନ୍ତମାନେ, ତୁମ୍ଭେ ଅତି ଶୁଭକ୍ଷଣେ ଏଠାରେ ପଦାର୍ପଣ କରିଥିଲ, ରତିକୁ ବଳ ଅତି ସୁନ୍ଦରୀ ରାଜକୁମାରୀ ଓ ତାହାର ନିର୍ଗା ସହଚରୀ ତୁମ୍ଭ ଦୁହିଁଙ୍କୁ ପତିରୂପେ ବରଣ କରିବାକୁ ଅପେକ୍ଷା କରି ବସିଛନ୍ତି । ବିଳମ୍ବ ନ କରି ଶୀଘ୍ର ଆସ, ମନସ ସଫଳ ହେଲେ ବେଶ ତାକିଦ୍ ଦେଇ ଅମ୍ଭମାନଙ୍କର ମନ ତୋଷ କରିବ । ହାବସୀଙ୍କର କଥାର କିଛି ଉତ୍ତର ନ ଦେଇ ମରିବାକୁ ପ୍ରସ୍ତୁତ ହୋଇ ଆମ୍ଭେ ମୌନ-

(୧) ସୋଲେମାନ ପୟଗମ୍ବର ଦେବ ଦାନବ ଓ ମାନବଙ୍କର ଉପରେ ରାଜତ୍ୱ କରୁଥିଲେ ।

Digitized by PPRACHIN, SOA

ଭାବେ ତାଙ୍କ ସଙ୍ଗେ ଗମନ କଲୁଁ । କୁଟୀରେ ପ୍ରବିଷ୍ଟ ହୋଇ ଦେଖିଲୁଁ ରାଜକୁମାରୀ ସହଚରୀ ସହିତ ବ୍ୟାଘ୍ରଚର୍ମ ନିର୍ମିତ ଖାଦ୍ୟାସନରେ ବସି ଆମ୍ଭ ଦୁହିଙ୍କ ଅପେକ୍ଷା କରୁଅଛନ୍ତି । ରାଜକୁମାରୀ ମୋତେ ଦେଖିବା-ମାତ୍ରକେ ହାସ୍ୟବଦନରେ କହିଲା "ପ୍ରାଣେଶ୍ୱର, ହୃଦବଲ୍ଲଭ, ଆସ, ଶୀଘ୍ର ଆସ, ତୁମ୍ଭର ଅଭାବେ ଏହି ସୁଖକର ସ୍ଥାନ ଶ୍ମଶାନପରି ହୋଇଥିଲା । ମୁଁ ବସିବାକୁ କିଞ୍ଚିତ ବିଳମ୍ବ କରନ୍ତେ ଜେମା ନିଜେ ଉଠି ମୋହର ହସ୍ତ ଧରି ସମାଦର ସହିତ ଆପଣା ନିକଟରେ ବସାଇଲା, ମିର୍ଜା ମଧ୍ୟ ସେହିପରି ହାତ ଧରି ଆପଣା ପାଖକୁ ଟାଣି ଆଣିଲା, ପରେ ରାଜକୁମାରୀ ଶୀଘ୍ର ଆହାର କରିବାକୁ ଅନୁରୋଧ କଲା । ଖାଇବାରେ ଇତସ୍ତତଃ କଲେ କାଳେ ପୂର୍ବବତ୍ ପକ୍ୱମାଂସଖଣ୍ଡମାନ ଗିଳାଇବ ଭାବି ଭୟେ ଖଣ୍ଡେ ୨ ରୁଟୀ ଖାଇଲୁଁ । ମିର୍ଜା ମୃତ୍ତିକା ପାତ୍ରରେ ମଦ୍ୟ ପୂର୍ଣ୍ଣକରି ମୁହୁର୍ମୁହୁ ରାଜକନ୍ୟାକୁ ଦେବାକୁ ଲାଗିଲା । ରାଜକନ୍ୟା ଅତି ଆନନ୍ଦ ସହିତ ତାହା ପାନକରି ଉନ୍ମତ୍ତ ହୋଇ ମୋ ସଙ୍ଗେ ଅଶ୍ଳୀଳ ଓ ପ୍ରେମୋତ୍ତେଜକ କଥା କହିବାକୁ ଆରମ୍ଭ କଲା । ଏଣେ ମିର୍ଜା ସେହିପରି ମନ ଟାଣିବା ପାଇଁ ନାନା ପ୍ରକାର ଭାବ ଭଙ୍ଗି ଓ ରସାତ୍ମକ କଥା କହୁଥିଲା । ଆମ୍ଭେମାନେ ସେମାନଙ୍କର ଅଯଥା ପ୍ରଣୟର କଥା ଶୁଣି କିଛିକ୍ଷଣ ପରେ ଅଧିକ ଅନୁଚିତ କାର୍ଯ୍ୟ କରିବେ ଭାବି ତାଙ୍କ ମନ ଭାଙ୍ଗିବା ଅଭିପ୍ରାୟରେ ବ୍ୟଙ୍ଗ ବିଦ୍ରୂପ କରିବାକୁ ଲାଗିଲୁଁ । ହାବସିନୀଦ୍ୱୟ କ୍ରମେ ଆମ୍ଭମାନଙ୍କର ବ୍ୟଙ୍ଗ ହୃଦୟଙ୍ଗମ କରିପାରି ନିଜର ପ୍ରଚଣ୍ଡ ରୁଦ୍ରମୂର୍ତ୍ତି ଧାରଣ କଲେ । ରାଜକନ୍ୟା କୋପେ କମ୍ପିତାଧରା ହୋଇ କହିଲା "ରେ ଦୁରାଚାର ! ମୁଁ ଯେ ତୁମ୍ଭ-ମାନଙ୍କପ୍ରତି ସଦ୍‌ବ୍ୟବହାର କଲି ତାହାର କି ଏହି ପୁରସ୍କାର ? ତୁମ୍ଭ-ମାନଙ୍କ ପ୍ରାଣରକ୍ଷା ନିମିତ୍ତ ଯେଉଁ ଯତ୍ନ କଲି ତାହାର କି ଏହି ପ୍ରତିଦାନ, ପରେ ମୋତେ ପୁଣି କିଞ୍ଚିତ କୋମଳ ଦୃଷ୍ଟି କରି ମୃଦୁଭାବେ କହିଲା "ହେ ମୂର୍ଖ ତୁମ୍ଭର କି କିଞ୍ଚିତ ବିବେକ ନାହିଁ । ତୁମ୍ଭେ ଅପସରା ମୁଁ, ଖୁରସିଦ ଅଟଇ ତୁମ୍ଭର ଯେ ମନୋହାରୀ ହେଉନାହିଁ ସୁତରାଂ ତୁମ୍ଭକୁ କି ପାଗଳା ଅଉ ଧଏଅଛି ? ମୋହର ରୂପେ କଣ କଳଙ୍କ ଦେଖିଲ ଯେ ମୋହର ସଙ୍ଗକୁ ଣା କରୁଛ, ମୋଠି ବଳି ସୁନ୍ଦରୀ ନାରୀ କି ତୁମ୍ଭକୁ ମିଳିବ ଯେ

Digitized by PPRACHIN, SOA

ତାହାପାଇଁ ମୋତେ ଛାଡ଼ିଦେଉଛନ୍ତି । ମନେକର ମୋ ଅପେକ୍ଷା ଅଧିକ ସୁନ୍ଦରୀ କୌଣସିଠାରେ ଥିଲେ ମଧ୍ୟ ମୋ କବଳରୁ ଉଦ୍ଧାର ପାଇ ତାହାଙ୍କୁ ଯିବା ସହଜକଥା ନୁହେ । ଏଣୁ ମୋହର ନିନ୍ଦ ଜୀବନକୁ ଅପଦରେ ପକାଇବା କି ଉଚିତ ଅଟେ । ବୁଦ୍ଧିକୁ ନିକଟକୁ ଆଣି ମୋହର କଥା ମାନ ମୋତେ ଘଡ଼ିଏ ଧୀର ସୁଖ୍ୟାତି ସହିତ ଦୁଃଖେ ଧରଣୀରେ ରହିବାକୁ ପ୍ରସ୍ତୁତ ହୁଅ, । ପରେ ସଖିଙ୍କି ସମ୍ବୋଧନକରି କହିଲା "ଗୋ ସହଚରି ! ତୁମ୍ଭେ ମୋହରି ସର୍ବାଙ୍ଗ ଭଲରୂପେ ନିରୀକ୍ଷଣ କରି କହିବଟି, ମୁଁ କି ସୁନ୍ଦରୀ ନୁହେଁ ? ମୋହର କି କୌଣସିଠାରେ କିଛି ଦୋଷ ଅଛି ? ସଖି କହିଲା "ଆହା ! ମୁଁ ତୁମ୍ଭର ସେହି ଅପରୂପ ରୂପ ଠିକ୍ ବର୍ଣ୍ଣିପାରିବି କି ? ସୁଲେଖକ ହବ ଆଜୀବନ ଭାବି୨ଥକି ଯିବ ତଥାପି ତୁମ୍ଭର ରୂପର ପ୍ରକୃତ ଛବି ବର୍ଣ୍ଣି ପାରିବ ନାହିଁ କିମ୍ବା ତୁମ୍ଭର ତୁଳନା କରିବାକୁ କୌଣସି ସୁନ୍ଦରୀ ପାଇବ ନାହିଁ । ନିଜେ ବିଶ୍ୱକର୍ମା ଆପଣା ହାତରେ ଏହି ଅପୂର୍ବ ରତ୍ନ ପ୍ରତିମା ଗଢ଼ିଅଛନ୍ତି, ଆହା ? କି ନୟନଭଙ୍ଗୀମା, ଯେ ଏହାର ମହିମା ବୁଝିପାରେ ସେ ଦେଖିଲେ ତାହାର ଆନନ୍ଦର ସୀମା ରହିବ ନାହିଁ । ଯେ ଲୋକ ଏହି ଅଲୌକିକ ରୂପର ଗୌରବ ନ କରେ ତାହାପରି ଉଲ୍ଲୁକ ଭୂଲୋକରେ ଦ୍ୱିତୀୟ ନାହିଁ । ମୁଁ ଏହି ପଶୁସ୍ୱଭାବ ମାନବଦ୍ୱୟଙ୍କର ବ୍ୟବହାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଉ ଅଛି । ଏମାନେ ପ୍ରକୃତ ପୁରୁଷ ତ ? ଯେଉଁରୂପ ଦେଖିଲେ ପଥର ମଧ୍ୟ ଟଳିଯିବ ତାହା ଦେଖି ଏମାନେ ଯେ ନିଶ୍ଚିନ୍ତ ହୋଇ ବସିଅଛନ୍ତି ତାହାରପାଇଁ ଏମାନଙ୍କର ପୁରୁଷତ୍ୱରେ ମୋହର ସଂଶୟ ହେଉଅଛି । ତୁମ୍ଭର ସୌନ୍ଦର୍ଯ୍ୟ ଦେଖି ଏମାନେ ଯଦି ମୂର୍ଚ୍ଛିତ ବା ଉନ୍ମାଦଗ୍ରସ୍ତ ହୋଇ ଥାନ୍ତେ ତାହାହେଲେ ମୋହର ସଂଶୟ ବଦୂରିତ ଓ ତୁମ୍ଭର ରୂପର ଆଂଶିକ ଗୌରବ ହେଲା ବୋଲି ମୋହର ଅନୁମିତ ହୋଇଥାନ୍ତା।"

ରାଜକନ୍ୟା କହିଲା "ହାହା ସଖି, ତୁମ୍ଭେ ଯଥାର୍ଥ କହିଛ, ଅମ୍ଭମାନଙ୍କ ପରି ସୁନ୍ଦରୀଙ୍କ ଗୁଣର ଆଦର କରି ପାରିଲେନାହିଁ ଏଥିରୁ ଅନୁମିତ ଏମାନେ ସୌନ୍ଦର୍ଯ୍ୟ କି ଜିନିସ ଜାଣନ୍ତିନାହିଁ । ଗୁଣୀଠାରେ ସିନା ଗୁଣର ଆଦର, ନିର୍ଗୁଣିଠାରେ ତାହା ନାରଖାର ହୁଏ । ମୂଲ୍ୟବାନ ରତ୍ନ ରାଜା କିମ୍ବା

Digitized by PPRACHIN, SOA

ରତ୍ନବ୍ୟବସାୟୀ ହସ୍ତରେ ପଡ଼ିଲେ ଯତ୍ନ ସହକାରେ ରକ୍ଷାଯାଏ ମାତ୍ର ତାନ୍ତ୍ରିକର ହାତକୁ ଗଲେ ସେ ସାମାନ୍ୟ ପଥରଖଣ୍ଡ ବୋଲି ମଣି ଫିଙ୍ଗିଦେବ । ଏହି ପାଇଁ କହନ୍ତି ପରା 'ଗଧ କି ଜାଣେ କର୍ପୂରର ଗୁଣ' । ସୁନ୍ଦି ସୁନ୍ଦି କହେ ଶୈନିକ ନୃଣ । ଆମ୍ଭେମାନେ ମଧ୍ୟ ଅଜ୍ଞାନ ଏହି ପ୍ରେମହୀନଙ୍କୁ ନିଜର ଅସାଧାରଣ ସୌନ୍ଦର୍ଯ୍ୟ ଏବଂ ନବଯୌବନ ବଳେ ବଳେ ଦେବାକୁ ଯାଇ ଏହି ଅପମାନ ପାଇଲୁଁ । "ଯାଚିଲେ ସୁନା ଝଣ୍ଡ" ଏହିକଥାର ସତ୍ୟତା ଆମ୍ଭମାନଙ୍କଠାରେ ଘଟିଲା । ପାଷଣ୍ଡ ମୂଢ଼ ଦ୍ୱୟଙ୍କର ଜୀବନ ରକ୍ଷାନିମିତ୍ତ ମୁଁ କେତେ କଷ୍ଟ ପାଇଲି, ମାଏ କୃତଘ୍ନ ମୋହର ଉପକାର ମାନିବା ଦୂରେ ଥାଉ ବରଂ ଅପମାନକର ମୋହର କୋମଳପ୍ରାଣରେ କଠୋର ଯନ୍ତ୍ରଣା ପ୍ରଦାନ କଲେ, ଯାହାହେଉ ଏହି ଦୁରନ୍ତ ଅଭଦ୍ରଦ୍ୱୟଙ୍କୁ ଉପଯୁକ୍ତ ଦଣ୍ଡ ଦେବା ଉଚିତ, ତୁମ୍ଭେ ତୁରନ୍ତ ଜମାଦାରକୁ ଡାକିଆଣ, ଦୁଷ୍ଟଙ୍କୁ ଏହି ମୁହୂର୍ତ୍ତରେ ଅଜଗର ମୁଖରେ ପକାଇଦେବାକୁ ଆଦେଶ ଦେବ । ଆଦେଶମାତ୍ରେ ମିର୍ଶା ଜମାଦାରକୁ ଡ଼ାକିଆଣିଲା । ରାଜକନ୍ୟା କର୍କଶ ସ୍ୱରେ କହିଲା "ଜମାଦାର, ଏହି ଦୁରାଚାରଦ୍ୱୟଙ୍କୁ ଏହିକ୍ଷଣି ଅଜଗର ଠାରେ ଅର୍ପଣ କର । ଜମାଦାର ହୁକୁମ ଶୁଣି ଯେ ଆଜ୍ଞା କହି ଆମ୍ଭମାନଙ୍କୁ ଘେନି ବାହାରିଲା । କିଛିଦୂର ବାହାରି ଯାଆନ୍ତେ ହାବସିକନ୍ୟା ଜମାଦାରକୁ ଡ଼ାକି କହିଲା "ଏମାନଙ୍କୁ ଏକାବେଳକେ ନଷ୍ଟ କଲେ ମୋହର ମନ ସନ୍ତୁଷ୍ଟ ହେବ ନାହିଁ, ଏମାନେ କଷ୍ଟପାଇ ଦୁର୍ଗତି ସହି ମରନ୍ତୁ ଏହି ମୋହର ଏକାନ୍ତ ଇଚ୍ଛା । ତୁମ୍ଭେ ଏମାନଙ୍କୁ ନେଇ ବର୍ତ୍ତମାନ ଅଜଗର ଠାରେ ନ ପକାଇ କ୍ଷଣେ ବିଶ୍ରାମ ନ ଦେଇ ଅନୁକ୍ଷଣ ବୃହତ୍ ଯନ୍ତ୍ରା-ପେଷଣ ଓ ବୋଝ ବହନ କାର୍ଯ୍ୟରେ ନିଯୋଜିତ କର । ଜମାଦାର ଯେ ଆଜ୍ଞା କହି ଆମ୍ଭମାନଙ୍କୁ ନଗର ପ୍ରାନ୍ତକୁ ଘେନିଯାଇ ଗୁରୁବହନ ଯନ୍ତ୍ରା ପେଷାଇ ଓ ବୋଝ ତୋଳେଇ କାର୍ଯ୍ୟରେ ଲଗାଇ ମୁହୂର୍ତ୍ତିକ ପାଇଁ ବିଶ୍ରାମ ନେବାକୁ ଦେଲାନାହିଁ । କେବେ କେବେ ମୁଣ୍ଡରେ ଏଡ଼େ ବୋଝ ଲଦିଦିଏ ଯେ ତାହା ଘେନି ପଦେଣ୍ଟେ ମାତ୍ର ଅଗ୍ରସର ହେବା କଷ୍ଟକର ହେଉଥିଲା । ଏହିପରି କଷ୍ଟେ ଦୁଇତିନ ଦିନ ଗତପରେ ଦିନେ

Digitized by PPRACHIN, SOA

ସୌଭାଗ୍ୟ କ୍ରମେ ରକ୍ଷକମାନେ ଅମ୍ଭ ଦୁହିଙ୍କ କାର୍ଯ୍ୟେ ନିଯୁକ୍ତ କରି ନଗରକୁ ଗମନ କଲେ ।

ଦୁରନ୍ତ ମଧ୍ୟରୁ ଗୋଟିଏ ସୁଦ୍ଧା ନିକଟରେ ନାହିଁ ଦେଖି ମୁଁ ସୈଯ୍ୟଦକୁ କହିଲି, ମିତ ବଳବତ୍ ଅଦୃଷ୍ଟ ଯୋଗେ ଆଜି ସବୁ ଦୁଷ୍ଟ ଅମ୍ଭଠାରୁ ଅନ୍ତର୍ହିତ । ସୁତରାଂ ଏହି ଉପଯୁକ୍ତ ସମୟେ ସମୁଦ୍ର ତଟକୁ ଯିବା ଚାଲ । ସୌଭାଗ୍ୟକ୍ରମେ ତରି ପାଇଲେ ସମୁଦ୍ର ପାର ହୋଇ ପଳାଇବୁଁ । ଏଠାରେ ଥାଇ ଏତେ କଷ୍ଟ ସହିପାରିବୁଁ ନାହିଁ । ସୈଯ୍ୟଦ କହିଲା "ସେ କଥା ଆଉ ପଚାରିବାକୁ ଅଛି ? ଅମ୍ଭମାନଙ୍କର ସାଧ୍ୟର ଅତୀତ ଏହି କଷ୍ଟ ଆଉ ସହି ହେବ ନାହିଁ । ଚାଲ ସମୁଦ୍ରତୀରେ ତରିପାଇଲେ ସମୁଦ୍ର ତରିବୁଁ, ନୋହିଲେ ଜଳରେ ଝାସଦେଇ ମରିବୁଁ । ଏହା ସ୍ଥିରକରି ସମୁଦ୍ରକୂଳକୁ ଯାଇ ଦେଖିଲୁଁ ତାହା ଜନଶୂନ୍ୟ । କେବଳ ଗୋଟିଏ କ୍ଷୁଦ୍ର ନୌକା କୂଳରେ ବନ୍ଧାଥିବାରଦେଖାଗଲା । ଏହି ତରୀ ବ୍ରହ୍ମାଣ୍ଡଯାକର ଧନ ମନେ କରିକ୍ଷଣେ ବିଳମ୍ବ ନକରି ସେଥିରେ ଆରୋହଣପୂର୍ବକ ଆହୁଲବାହିବାକୁ ଲାଗିଲୁଁ । ତରୀର ଅଧିକାରୀ ତାହାର ଜୀବନ ସର୍ବସ୍ୱ ଅମ୍ଭେମାନେ ଚୋରି କରି ନେଇ ଯାଉଥିବାର ଦୂରରୁ ଦେଖି ବଡ ପାଟିରେ ଡାକାଡାକି କରିବାକୁ ଲାଗିଲା; ମାତ୍ର ତାହାର ଡାକରା ସେ ସମୟେ କିଏ ଶୁଣୁଥିଲା ଭଲା ? ଅମ୍ଭେମାନେ ତାହାର ଆହ୍ୱାନ ପ୍ରତି ଧ୍ୟାନ ନ କରି ବଡ଼େ ଆହୁଲା ଭିଡ଼ି ସମୁଦ୍ର ମଝିକୁ ପଳାୟନ କଲୁଁ । ଲୋକଟି ଡାକ ଡାକ ଥକି ରହିଗଲା । ଦିନବେଳେ ଆହୁଲା ବଳରେ ଅନେକ ଦୂର ବାହାରିଗଲୁଁ । ରାତି ହେବାରୁ ଦଗହାରି ଓ କ୍ଷୁଧାତୁର ହୋଇ ବ୍ୟସ୍ତ ହେଲୁଁ ସତ୍ୟ, ମାତ୍ର କାଫ୍ରିମାନଙ୍କ ହସ୍ତରୁ ଉଦ୍ଧାର ପାଇଥିବା ଯୋଗେ ସନ୍ତୁଷ୍ଟ ଥାଇ ତରଙ୍ଗବେଗେ ଯିବା ପାଇଁ ନୌକା ଛାଡିଦେଲୁଁ । ନୌକା ରାତିଯାକ ସ୍ୱଇଚ୍ଛାରେ ଚାଲି ସକାଳବେଳେ ଗୋଟିଏ ଦ୍ୱୀପ କୂଳରେ ଲାଗିଲା । ଏହି ଦ୍ୱୀପରେ ଅମ୍ବ, ଡାଳିମ୍ବ, ପଣସ, କଦଳୀ ପ୍ରଭୃତି ନାନାପ୍ରକାର ସୁସ୍ୱାଦ ସୁପକ୍ୱ ଫଳମାନ ବୃକ୍ଷମାନଙ୍କରେ ପୂର୍ଣ୍ଣ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ନୌକାରୁ ଓହ୍ଲାଇ ନିର୍ଭୟଭାବରେ ପୂର୍ଣ୍ଣ ଗ୍ରାସେ ଭକ୍ଷଣ କଲୁଁ । ଆହାରାନ୍ତେ ଗୋଟିଏ ବୃକ୍ଷ ଛାଇରେ କିଛିକ୍ଷଣ ମହାନନ୍ଦେ ବିଶ୍ରାମ କରି,

Digitized by PPRACHIN, SOA

ଅପରାହ୍ଣ ସମୟେ ଦ୍ୱୀପର ଶୋଭା ସନ୍ଦର୍ଶନ ନିମିତ୍ତ ବହିର୍ଗତ ହେଲୁଁ । ଏହି ଦ୍ୱୀପର ଶୋଭା ଅତି ମନୋଲୋଭା । କେଉଁଠାରେ ଆମ୍ର, ଜାମ୍ବ, ପଣସ, ନାରିକେଳ, ଗୁବାକ, ତାଳ, ଖର୍ଜୁର ପ୍ରଭୃତି ବୃକ୍ଷମାନ ସୁପକ୍ୱ ଫଳରେ ପୂର୍ଣ୍ଣ, କେଉଁଠାରେ ଚମ୍ପା, ମାଳତୀ, ଯୁଈ, ଯାଈ, ଗୋଲାପ, ସେବତୀ, କଦମ୍ବ, ନାଗେଶ୍ୱର, ବକୁଳଫୁଲ ପ୍ରସ୍ଫୁଟିତ ହୋଇ ଚତୁର୍ଦ୍ଦିଗ ଆମୋଦିତ କରୁଥିଲା । ନାନାଜାତି ପକ୍ଷୀଙ୍କର ସୁମଧୁର ଗାନରେ ଦ୍ୱୀପ ପୂର୍ଣ୍ଣ ହୋଇଥିଲା । ଦ୍ୱୀପର ମନୋହର ଶୋଭା ଦର୍ଶନ କରୁ କରୁ ଦିବାବସାନ ସମୟେ ଗୋଟିଏ ସ୍ୱଚ୍ଛଜଳା ପୁଷ୍କରିଣୀ ନିକଟରେ ପହଞ୍ଚି ରାତ୍ରିଯାପନ ନିମନ୍ତେ ସେଠାରେ ଅବସ୍ଥାନ କରି ମୁଁ ସୈୟଦଙ୍କୁ କହିଲି, "ଭାଇ, ଏ ଦ୍ୱୀପର ଶୋଭା ଅକଥନୀୟ ଅଟେ, ମାତ୍ର ଏପରି ମନୋହର ସ୍ଥାନରେ ଜନମାନବର ଚିହ୍ନ ନାହିଁ । ଏଥିଯୋଗେ ମୋ ମନରେ ଭୟ ହେଉଅଛି ।" ସୈୟଦ୍ କହିଲେ ତୁମ୍ଭର ଅନୁମାନ ଠିକ ଅଟେ । ନିଶ୍ଚୟ କୌଣସି ଭୟ ଯୋଗେ ମନୁଷ୍ୟ ଏଠାରେ ବସବାସ କରି ପାରୁ ନାହାନ୍ତି । ଯାହାହେଉ ସାବଧାନରେ ରହିବା ଉଚିତ । ଏହା କହି ଉଭୟେ ଶୟନ କଲୁଁ । ସାରାଦିନ ଭ୍ରମଣଯୋଗେ କ୍ଳାନ୍ତ ହୋଇଥିଲୁଁ, ଶୀତଳ ପବନ ପାଇ ଭୟ କଥା ଭୁଲି ଯାଇ ଗଭୀର ନିଦ୍ରାରେ ପତିତ ହେଲୁଁ । ପ୍ରଭାତ ସମୟେ ମୋହର ନିଦ୍ରାଭଙ୍ଗ ହେଲା, ମୁଁ ସୈୟଦଙ୍କୁ ନିକଟରେ ପାଇଲି ନାହିଁ । ସେ ପ୍ରସ୍ରାବ କରିବାକୁ ଯାଇଛନ୍ତି ଭାବି ଡାକିଲି, ମାତ୍ର ଜବାବ ନ ପାଇ ବ୍ୟସ୍ତ ହୋଇ ଏଣେ ତେଣେ ନିକଟରେ ଖୋଜିଲି ମାତ୍ର କୌଣସିଠାରେ ସନ୍ଧାନ ନ ପାଇ ବ୍ୟାକୁଳ ହୋଇ ଦୂରେ ଦୂରେ ଯାଇଁ ବହୁତ ଖୋଜିଲି, ତଥାପି ସନ୍ଧାନ ପାଇଲି ନାହିଁ । ସନ୍ଧ୍ୟାବେଳେ ଗୋଟିଏ ଗଛତଳେ ପଡ଼ି ଶୋଇ ରହିଲି । ସକାଳେ ଉଠି ପୁଣି ଖୋଜିବାକୁ ବାହାରିଲି । ଖୋଜୁ ଖୋଜୁ ତାଙ୍କୁ ନ ପାଇ ବନ ମଧ୍ୟରେ ଗୋଟିଏ ସୁନ୍ଦର ଅଟ୍ଟାଳିକା ଦେଖିଲି । ଏହି ସୁରମ୍ୟ ଅଟ୍ଟାଳିକାର ଚତୁର୍ଦ୍ଦିଗ ଉଚ୍ଚପ୍ରାଚୀରବେଷ୍ଟିତ ଏବଂ ସିଂହଦ୍ୱାରରେ ସିଂହାକାର ଗୋଟିଏ ବୃହତ୍ ତାଲା ପଡ଼ିଥିଲା । କି ଆଶ୍ଚର୍ଯ୍ୟ ! ମୁଁ ଏହି ତାଲା ଭଲ କରି ଦେଖିବା ଅଭିପ୍ରାୟରେ ସ୍ପର୍ଶ କରନ୍ତେ ତାହା ବିନା ଚାବିରେ ଫିଟିଗଲା ।

Digitized by PPRACHIN, SOA

ମୁଁ ତାହା ଭିତରେ ପ୍ରବିଷ୍ଟ ହୁଅନ୍ତେ ଭୀଷଣାକାର ସିଂହ, ବ୍ୟାଘ୍ର, ଭଲ୍ଲୁକପ୍ରଭୃତି ହିଂସ୍ରକଜନ୍ତୁ ଆସି ମୋ ନିକଟରେ ଭୟାନକ ଗର୍ଜନକଲେ । ମୁଁ ସେମାନଙ୍କୁ ଦେଖି ଭୀତ ହୋଇ ଭାବିଲି ମୁଁ ଏଥର ମଲି । ଏମାନେ ମୋତେ ଚିରି ଖଣ୍ଡ ଖଣ୍ଡ କରି ଭକ୍ଷଣ କରିବେ । ମାତ୍ର ସୌଭାଗ୍ୟକ୍ରମେ ସେମାନେ ମୋତେ ଦେଖି କିଞ୍ଚିନ୍ମାତ୍ର ଅନିଷ୍ଟ ନ କରି ଯେଉଁ ବାଟେ ଆସିଥିଲେ ସେହି ବାଟେ ଫେରିଗଲେ । ମୁଁ ଏହି ଆପଦରୁ ରକ୍ଷା ପାଇ ଆଗକୁ ଯାଇ ଅଟ୍ଟାଳିକାରେ ପହୁଞ୍ଚିଲି । ଏହି ଅଟ୍ଟାଳିକାରେ ସ୍ୱର୍ଣ୍ଣନିର୍ମିତ ରତ୍ନଜଡିତ କବାଟମାନ ଲଗିଥିଲା ମାତ୍ର ସମସ୍ତ ଦ୍ୱାର ଉନ୍ମୁକ୍ତ । ମୁଁ ନିଃଶଙ୍କିତମନେ ଭିତରେ ପଶି ଦେଖିଲି ପୃଥିବୀର ସମସ୍ତ ସ୍ଥାନର ବହୁମୂଲ୍ୟ ଓ ଆଶ୍ଚର୍ଯ୍ୟଜନକ ଦ୍ରବ୍ୟମାନ ସେଠାରେ ସଞ୍ଚିତ ହୋଇଅଛି ଏବଂ ସୁଗନ୍ଧ ଓ ଉଜ୍ଜ୍ୱଳ ଆଲୋକମାଳାରେ ସବୁ ଘର ଆଲୋକିତ ହେଉଥିଲା । ମୁଁ ସ୍ୱଚ୍ଛନ୍ଦେ ଏଣେ ତେଣେ ଅନେକକ୍ଷଣ ବୁଲି ଗୋଟିଏ ଅତି ମନୋହର କୋଠରୀରେ ପ୍ରବିଷ୍ଟ ହେଲି । ସେହି କୋଠରୀରେ ରକ୍ଷିତ ଅପୂର୍ବ ଦ୍ରବ୍ୟମାନଙ୍କର ସୌନ୍ଦର୍ଯ୍ୟ କଥାରେ କହି ହେବ ନାହିଁ । ମଧ୍ୟସ୍ଥଳରେ ଗୋଟିଏ ମନୋହର ପଲ୍ୟଙ୍କରେ ସୁକୋମଳ ଶଯ୍ୟା ଉପରେ ପରମ ରୂପବତୀ ଯୁବତୀ ଗଭୀର ନିଦ୍ରାରେ ଶୟନ କରିଥିଲା । ଏହି କାମିନୀର ଅଲୌକିକ ରୂପଲାବଣ୍ୟ ସନ୍ଦର୍ଶନ କରି ମୁଁ ମୋହିତ ଓ ବିସ୍ମିତ ହୋଇ କ୍ଷଣକାଳ ଜଡ଼ବତ୍ ଦଣ୍ଡାୟମାନ ରହିଲି । ପରେ ଜନଶୂନ୍ୟ ଦ୍ୱୀପରେ ଅପ୍ସରା ପରି ସୁନ୍ଦରୀ ନାରୀ କେଉଁଠାରୁ ଆସିଲା ଜାଣିବାର କୌତୂହଳ ମୋ ମନରେ ଜାତ ହେବାରୁ ରମଣୀର ନିଦ୍ରାଭଙ୍ଗ ନିମିତ୍ତ ନାନାପ୍ରକାର ଉପାୟ କଲି ମାତ୍ର ତାହାର ନିଦ୍ରାଭଙ୍ଗ ହେଲା ନାହିଁ ଦେଖି ଉଚ୍ଚୈଃସ୍ୱରରେ ଅନେକ ଡକାଡକି କଲି । ତେବେ ମଧ୍ୟ ଯୁବତୀ ଚେତିଲା ନାହିଁ । ଶେଷରେ ଅନନ୍ୟୋପାୟ ହୋଇ ସେ ପରସ୍ତ୍ରୀ ଏ ଧାରଣା ମନୁ ଛାଡ଼ି ତାହାର ହାତ ଧରି ଟଣାଟଣି କଲି । ତେବେ ସୁଦ୍ଧା ତାହାର ନିଦ୍ରାଭଙ୍ଗ ନ ହେବାରୁ ରମଣୀ ମାୟାନିଦ୍ରାରେ ଜଡ଼ିତ ଭାବ ବୋଧିତ ହେଲା । କି ଉପାୟରେ ନିଦ୍ରାଭଙ୍ଗ ହେବ ଏ ବିଷୟ ମନେ ଆନ୍ଦୋଳନ କରୁ କରୁ ରମଣୀର ମସ୍ତକ ପାର୍ଶ୍ୱରେ ରକ୍ଷିତ ନାନାବର୍ଣ୍ଣେ ଚିତ୍ରିତ ଖଣ୍ଡିଏ ରକ୍ତବର୍ଣ୍ଣର

Digitized by PPRACHIN, SOA

ପ୍ରସ୍ତର ଫଳକରେ ଦୃଷ୍ଟି ପଡ଼ିଲା । ଏହି ପ୍ରସ୍ତର ଫଳକରେ କୌଣସି ମାୟା ମନ୍ତ୍ର ଲିଖିତ ଥିବ ମନେ କରି ତାହା ଦେଖିବା ନିମିତ୍ତ ଉଠିଲି ! ଫଳକରେ ମୋହର ହସ୍ତ ବାଜନ୍ତେ ରମଣୀ ଦୀର୍ଘ ନିଃଶ୍ୱାସ ଛାଡ଼ି ଉଠି ବସିଲା ଏବଂ ମୋତେ ଦେଖି ଭୟାକୁଳ ହୋଇ କହିଲା, "ତୁମ୍ଭେ କିଏ ?" ଏହି ମାୟାନିର୍ମିତ ହିଂସ୍ରଜନ୍ତୁ ରକ୍ଷିତ ମନୁଷ୍ୟର ଅଗମ୍ୟ ଏହି ଭୟଙ୍କର ଦୁର୍ଗେ କିପରି ଆଗମନ କଲ ? ସମ୍ଭବତଃ ତୁମ୍ଭେ ମାନବ ବଂଶୋଦ୍ଭବ ନୁହଁ, ତେବେ ଦେବ କି ଦାନବ ଠିକ୍ କରି କହି ସଂଶୟ ଦୂର କର ।" ମୁଁ କହିଲି, "ସୁନ୍ଦରୀ, ମୁଁ ସୁରାସୁର କିମ୍ବା ପୀର ପୟଗମ୍ବର ନୁହେ, ତୁମ୍ଭର ଜାତୀୟ ସାଧାରଣ ମନୁଷ୍ୟ ଅଟେ ଏବଂ ଏଠାକୁ ଆସି-ବାରେ ମୁଁ କୌଣସି କଷ୍ଟ ଭୋଗ କରି ନାହିଁ । ବିଶେଷତଃ ସ୍ପର୍ଶମାତ୍ରେ ତାଲା ଅକ୍ଲେଶରେ ଫିଟି ଦ୍ୱାର ଉନ୍ମୁକ୍ତ ହେଲା ଏବଂ ଗଡ଼ ଭିତରେ ପ୍ରବେଶ ସମୟେ ଅନେକଗୁଡ଼ିଏ ହିଂସ୍ରଜନ୍ତୁ ଆସି ଭୟଙ୍କର ଗର୍ଜନ କରିଥିଲେ ସତ୍ୟ ମାତ୍ର ମୋହର କିଛି କ୍ଷତି ନ କରି ନିଜ ନିଜ ଜୀବପରି ଫେରିଗଲେ । କେବଳ ତୁମ୍ଭର ନିଦ୍ରାଭଙ୍ଗ କରାଇବାରେ ମୋତେ କିଛି ପରିଶ୍ରମ କରିବାକୁ ହୋଇଥିଲା ।" ନାରୀ କହିଲା, "ଏଥିପାଇଁ ତୁମ୍ଭେ ମନୁଷ୍ୟ ନୁହଁ ବୋଲି ମୁଁ କହୁଛି । ମନୁଷ୍ୟର କି ସାଧ ଯେ ସେ ଅବାଧେ ସିଂହଦ୍ୱାର ପର୍ଯ୍ୟନ୍ତ ଆସନ୍ତା ? ଯଦି ମନୁଷ୍ୟ, ତେବେ ସାମାନ୍ୟ ନୁହଁ; କୌଣସି ମହାପୁରୁଷ ବା ଦେବଅଂଶ ସମ୍ଭୂତ ଅଟ ।" ମୁଁ କହିଲି, "ସୁନ୍ଦରି ମୁଁ ବାସ୍ତବିକ ମନୁଷ୍ୟ, କେବଳ ରାଜକୁମାର, ଏଥିପାଇଁ ସାମାନ୍ୟ ବା ଅସାମାନ୍ୟ ଯାହା ଇଚ୍ଛା ମନେ କରିପାର, ମାତ୍ର ତୁମ୍ଭର ରୂପଯୌବନ ଓ ଏଠାରେ ଅବସ୍ଥାନ ଦେଖି ମୋ ଅପେକ୍ଷା ତୁମ୍ଭେ ଶ୍ରେଷ୍ଠ ଜାତି ବୋଲି ମନେ କରେ ।" ଯୁବତି କହିଲା, "ମୁଁ ତୁମ୍ଭର ଜାତି ମନୁଷ୍ୟ । ମୋର ଏଠାରେ ବସତି ଓ ଦୁର୍ଗତିର କଥା ଶୁଣିଲେ ଦୁଃଖରେ ତୁମ୍ଭର ଛାତି ଫାଟିଯିବ ସୁତରାଂ ତାହା କହିବି ନାହିଁ । ମାତ୍ର ହେ ରାଜକୁମାର ତୁମ୍ଭର ସୁଖାଗାର ରାଜ ନଅର ଛାଡ଼ି କି ପ୍ରକାରେ ଏହି ଭୟଙ୍କର ରାକ୍ଷସ ଘରକୁ ଆସିବାର ହେଲା, କୃପାକରି କହିବ କି ?" ରମଣୀର ଅନୁରୋଧ ଶୁଣି ମୁଁ ସମସ୍ତ ବିବରଣ ଶୁଣାଇ ବଦିଉଲ୍ ଯମାଲର ଚିତ୍ର ବାହାରି କରି

ଦେଖାଇଲି । ତାହା ଦେଖି କାମିନୀ କହିଲା "ଲଙ୍କା ନାମକ ଦ୍ୱୀପରେ କାବୁଲ ରାଜତ୍ୱ କରୁଥିଲେ ବୋଲି ଶୁଣିଅଛି । ଯଦି ତାଙ୍କର କନ୍ୟା ଏହି ପରି ରୂପବତୀ ଥାଏ ତାହା ହେଲେ, ସେ ପ୍ରକୃତ ପ୍ରଶଂସାର ପାତ୍ରୀ ଅଟେ; ସନ୍ଦେହ ନାହିଁ । କିନ୍ତୁ ଚିତ୍ର ଦେଖି ପ୍ରକୃତରୂପ ନିର୍ଣ୍ଣିତ ହୋଇ ନ ପାରେ । କାରଣ ଚିତ୍ରକର ରାଜକନ୍ୟାର ହେଲେ ମନୋହର ଚିତ୍ର ଅଙ୍କନ ଦ୍ୱାରା ରାଜମନ ସନ୍ତୋଷ କରି ଅଧିକ ପୁରସ୍କାର ପାଇବା ଆଶାରେ ଅପ୍ରାକୃତ ଓ ଅତି ରଞ୍ଜିତ ଚିତ୍ର ଅଙ୍କିତ କରିଥାନ୍ତି ।"

ଯୁବତୀର କଥା ଶୁଣି ତାହାର ମତ ଠିକ ହୋଇପାରେ କହି ତାହାର ବିବରଣ ଜାଣିବା ନିମନ୍ତେ ଅତ୍ୟନ୍ତ ଆଗ୍ରହ କରିବାରୁ ସେ କହିଲା, "ଲଙ୍କା ବୋଲି ଗୋଟିଏ ଦ୍ୱୀପ ଅଛି । ମୋହର ପିତା ସେଠାର ଅଧିପତି ଅଟନ୍ତି । ଏହି ଅଭାଗିନୀ ତାଙ୍କର ଏକାକିନୀ କନ୍ୟା ଅଟେ । ପିତା ମୋତେ ଏମନ୍ତ ସ୍ନେହ କରୁଥିଲେ ଯେ କ୍ଷଣେ ଚକ୍ଷୁରୁ ଅନ୍ତର କରୁ ନ ଥିଲେ ଏବଂ ମୋହର ସୁଖକୁ ସମସ୍ତ କାର୍ଯ୍ୟର ମୁଖ୍ୟ ମନେ କରୁଥିଲେ । କୌଣସି କାରଣରେ ମୋହର ମୁଖ ଶୁଷ୍କ ହେଲେ ତାହାଙ୍କର ମସ୍ତିଷ୍କ ଘୂରି ଯାଉଥିଲା । ଏହିପରି ଅତି ଆଦରରେ ବଢ଼ି ଚଉଦ ବର୍ଷ ବୟସ ସମୟେ ଦିନେ ସଖୀଗହଣେ ନଦୀରେ ସ୍ନାହାନ କରୁଅଛି ଏମନ୍ତ ସମୟେ ମେଘୋଦୟହୋଇ ଚତୁର୍ଦ୍ଦିଗ ଅନ୍ଧାର କରିଦେଲା ଏବଂ ସେଥିରୁ ଗୋଟିଏ ବୃହତ୍ ପକ୍ଷୀ ଜାତହୋଇ ପ୍ରବଳ ଝଟିକା ବେଗରେ ମୋ ନିକଟକୁ ଆସି ମୋତେ ଚଞ୍ଚୁପୁଟରେ ଧରି ଆକାଶକୁ ଉଠିଲା ଏବଂ ଶୂନ୍ୟେ ଶୂନ୍ୟେ ଏଠାରେ ପହୁଞ୍ଚି ଗୋଟିଏ ଦୈତ୍ୟ ରୂପ ଧାରଣ କରି ମୋଠାରେ ଛାଡ଼ିଦେଲା । ଆକାଶମାର୍ଗରେ ବେଗେ ଆସିବା ଓ ପରପୁରୁଷକୁ ଦେଖିବା ଦ୍ୱାରା ମୁଁ ଅଜ୍ଞାନ ହେଲି । ଦୈତ୍ୟ ସୁଗନ୍ଧଜଳ ସିଞ୍ଚି ମୋତେ ଚେତନା କରାଇ କହିଲା ଗୋ ଚପଲାବରଣି ! ତୁମ୍ଭେ ଧରଣୀର ଅଦ୍ୱିତୀୟ ରୂପବତୀ ରମଣୀ ଅଟ । ମୁଁ ମଧ୍ୟ ଦୈତ୍ୟଙ୍କର ଶ୍ରେଷ୍ଠକୁଳେ ଜାତ । ଏଣୁ ତୁମ୍ଭର ପତି ହେବାର ଉପଯୁକ୍ତ ଅଟେ । ଭ୍ରମଣକାଳେ ଅକସ୍ମାତ୍ ତୁମ୍ଭ ଉପରେ ଦୃଷ୍ଟି ପାତ ହୁଅନ୍ତେ, ତୁମ୍ଭର ଅପରୂପ ରୂପ ଦର୍ଶନେ ମୋହିତ ହୋଇ ହରଣ କରି ଆଣିଅଛି । ତୁମ୍ଭେ ବିରକ୍ତ ବା ଦୁଃଖିତ ନ ହୋଇ

Digitized by PPRACHIN, SOA

ସଦୟତା ପ୍ରକାଶ ପୂର୍ବକ ମୋ ପ୍ରତି ପ୍ରୀତ ହୁଅ ।' ଦୈତ୍ୟର କଥା ଶୁଣି ମୁଁ ଦୁଃଖେ କ୍ରନ୍ଦନ କରୁ କରୁ ମୂର୍ଚ୍ଛିତ ହେଲି ଏବଂ ଦୈତ୍ୟର ସୁପ୍ରହାରେ ପୁନର୍ବାର ଚେତନା ପାଇ ଭର୍ତ୍ସନା କରି କହିଲି "ରେ ଦୁରାଚାର, ରମଣୀ ଚୋର ରାବଣର ଚାକର ! ମୋ ନିକଟରୁ ଶୀଘ୍ର ଦୂର ହୁଅ, ତୁ ମୋତେ ଚୋରାଇ ଆଣି କି ବଡ଼ ବାହାଦୁର ହେଲୁ ! ରେ ଖଳ, ତୁ ମାଙ୍କଡ଼ ଅପେକ୍ଷା ହୀନତର ପ୍ରାଣି ମୋହର ବର ହେବାକୁ ମନେ ସ୍ଥିର କରୁଅଛୁ ? ତୁ ଯେ ମୋହର ଦାସୀଙ୍କର ପଦ ସେବା ଚାକରର ଯୋଗ୍ୟ ନୋହୁ, ଏହା କି ଭାବୁନାହୁଁ । ହାୟ, ପିତା ମୋତେ କେଡ଼େ ଆଦରରେ ପାଳନକରି ନାନାଶାସ୍ତ୍ର ପଢ଼ାଇ ସୁଶିକ୍ଷିତା କରିଥିଲେ ଏବଂ ଆଶା କରିଥିଲେ କୌଣସି ସତ୍ପାତ୍ର ରାଜପୁତ୍ର ହସ୍ତେ ଦେଇ ସୁଖୀ ହେବେ । ତାଙ୍କର ସମସ୍ତ ଆଶା ଭରସା ବିନାଶ ହେଲା । ମୁଁ ମଧ୍ୟ ତାଙ୍କର ମୁଖ-କମଳ ଦର୍ଶନ ସୁଖରୁ ବଞ୍ଚିତ ହେଲି । ମୋହର ରୂପ ମୋହର କାଳ ହେଲା, ମୁଁ ନିଜରୂପ ଯୋଗେ ଦୁରାଚାର ଚୋର ରାକ୍ଷସ ହସ୍ତେ ପଡ଼ି ଇହ ଜନ୍ମ ସୁଖରୁ ବଞ୍ଚିତହେଲି । ଯାହା ହେତୁ ମୋହର ଜୀବନ ଓ ସମସ୍ତ ଅମଙ୍ଗଳର ମୂଳ ଏହି ନବଯୌବନ ଶୀଘ୍ର ପତନକର ଏହି ରାକ୍ଷସର ବିକଟ ରୂପ ଦର୍ଶନରୁ ତ୍ରାଣ ପାଇବି । ଏହାକହି ବ୍ୟାକୁଳହୋଇ କ୍ରନ୍ଦନ କରିବାକୁ ଲାଗିଲି । ମୋହର ବ୍ୟାକୁଳତା ଦେଖି ଦୈତ୍ୟ କହିଲା, "ସୁନ୍ଦରି, ପଛକଥା ମନେକରି ଆଉ ବୃଥା ଭାବନା କରୁଛ କାହିଁ ? ତୁମ୍ଭେ ବେଗେ ସେହି ନିରର୍ଥକ ଶୋକ ଛାଡ଼ି, ମୋତେ ଗେରସ୍ତ ରୂପେ ଆଦର କରି ସୁଖେ ଦିନ ଯାପନ କର । ମୁଁ ତାହାର କଥା ଶୁଣି ରାଗରେ ମୁଣ୍ଡକୁଟି କହିଲି ରେ ମୁହଁପୋଡ଼ା ବୁଢ଼ାମାଙ୍କଡ଼, ମୋହର ଅଗରୁ ଦୂର ହୁଅ, ତୁ ମୋତେ ଚୋରିକରି ଆପଣା ଅଧୀନରେ ରଖିଛୁ ବୋଲି କି ଏଡ଼େ ଠାଣିକଥା କହୁଛୁ ? ତୁ କି ଜାଣୁନାହୁଁ ସତୀର ସତୀତ୍ୱ ରକ୍ଷା କରିବାକୁ ଭଗବାନ ପ୍ରସ୍ତୁତ । ରାବଣର ଏତେ ଧନ ଏତେ ମାନ ଏକା ସୀତା ସତୀଙ୍କର ସତୀତ୍ୱ ଅନଳେ ପୋଡ଼ିପାଡ଼ି ଭସ୍ମ ହୋଇଗଲା । ତୋହର କି ତାହାଠାରୁବଳ ଐଶ୍ୱର୍ଯ୍ୟ ଯେ ତୁ ତହିଁରେ ମାତି ବୀର୍ଯ୍ୟ ଦେଖାଇ ହେଉଛୁ ? ଭଗବାନଙ୍କର କୃପା ହେଲେ ଆରବର୍ଷ ଏହି ଦିନକୁ ତୋହର ଚିହ୍ନ

Digitized by PPRACHIN, SOA

ଥିବ ନାହିଁ । ପୁନଶ୍ଚ ଏହା ନିଶ୍ଚୟ ଜାଣିଥା, ଯଦି କୌଣସି ମତେ ତୋହର କବଳରୁ ଉଦ୍ଧାର ନପାଏଁ ତାହା ହେଲେ ତୋର ପ୍ରାଣ ହରାଇବି ତଥାପି ତୋତେ ପ୍ରେମ ପ୍ରଦାନ କରିବି ନାହିଁ । ଦୈତ୍ୟ ହାସ୍ୟକରି କହିଲା, "ହେଉ ଦେଖା ଯିବ" । ଏହା କହି ବାହାରକୁ ଯାଇ କିଛି କ୍ଷଣପରେ ଅନେକ ଗୁଡ଼ାଏ ମୂଲ୍ୟବାନ ବସ୍ତ୍ର ଓ ଅଳଙ୍କାର ଆଣି ମୋ ନିକଟରେ ରଖି ଅଭୀଷ୍ଟ ସିଦ୍ଧି ନିମନ୍ତେ ଚାଟୁବାଦ କରିବାକୁ ଲାଗିଲା । ମୁଁ ରାଗେ ବସ୍ତ୍ରାଦି ଗୋଡ଼ରେ ଠେଲିଦେଇ ତାହାକୁ ଗାଳିଦେଲି । ଦୈତ୍ୟ ଏଥର କିଛି ବିରକ୍ତ ହୋଇ କେତେକ ଅବ୍ୟକ୍ତ ମନ୍ତ୍ର ଉଚ୍ଚାରଣ କରି ପ୍ରକାଶ୍ୟେ କହିଲା ଏହି ଅବୁଝା ରମଣୀ ମୋହର କଥା ନ ମାନିବାରୁ ମୁଁ ତାହାକୁ ବନ୍ଦିନୀ କରି ଆଜ୍ଞା କରୁଅଛି ଯେ, ଦ୍ୱୀପ ଓ ଏହି ଦୁର୍ଗ ସର୍ବଦା ମନୁଷ୍ୟର ଦୃଷ୍ଟିର ଅଗୋଚର ରହିବ ଏବଂ ବୁଦ୍ଧିହୀନା ଲଳନା ଘୃଣା ପୂର୍ବକ ମୋତେ ଅବମାନନା କରିଥିବା ଯୋଗେ ଜୀବନ୍ତ ତାର ଯନ୍ତ୍ରଣା ଭୋଗ କରୁଥିବ । ଏହା କହି ଏଠାରୁ ବାହାରିଗଲା । ତଦବଧି ମୁଁ ନିୟତ ନିଦ୍ରାଭିଭୂତା ଅଛି । ଦୈତ୍ୟ ମଧ୍ୟେ ମଧ୍ୟେ ଆସି ମୋତେ ସଚେତନ କରାଇ ନିଜ ଅଭିଳାଷ ପୂରଣପାଇଁ ଅନୁନୟ ଓ ବିନୟ କରି ଶେଷେ ହତାଶ ହୋଇ ଫେରିଯାଉଛି । ମାୟାମନ୍ତ୍ରପ୍ରଭାବେ ଏହି ଦ୍ୱୀପ ମନୁଷ୍ୟର ଅଗୋଚର । କେହି ଲୋକ ଏଠାକୁ ଆସିବାର ଦେଖାନାହିଁ । ସିଂହଦ୍ୱାରର ତାଲା ମାୟାକୃତ, ତାହା ମୁକ୍ତକରି ମନୁଷ୍ୟର ସାଧ୍ୟାତୀତ । ପୁଣି ଏହି ଦ୍ୱୀପ ହିଂସ୍ରକଜନ୍ତୁଦ୍ୱାରା ସୁରକ୍ଷିତ । ସେମାନେ ମନୁଷ୍ୟର ଛାଇ ଦେଖିଲେ ଖାଇଯାନ୍ତି. ଅତଏବ ଏତେଗୁଡ଼ାଏ ବାଧାବିଘ୍ନ ଲଙ୍ଘନକରି ତୁମ୍ଭେ ଯେ ଏଠାକୁ ଆସିଲ, ଏଥିରୁ ମୁଁ ଅନୁମାନ କରେ ତୁମ୍ଭେ ସାମାନ୍ୟ ମନୁଷ୍ୟ ନୁହ, କୌଣସି ଦେବ ବା ଦେବାନୁଗୃହୀତ ଅଛ ।" ରାଜକନ୍ୟା ଏହିପରି କଥା କହୁଅଛି ଏହି ସମୟେ ଦୁର୍ଗମଧ୍ୟେ ଭୟାନକ ଗର୍ଜନ ଶୁଣାଗଲା, ରମଣୀ ତାହା ଶୁଣି ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା. "ରାଜକୁମାର ସର୍ବନାଶ ରାକ୍ଷସ ଆସି ପହଞ୍ଚିଲାଣି, ମୋହର ଦୁର୍ଗତି କରିବ ଭାବନା ନାହିଁ, ମାତ୍ର ଏହିକ୍ଷଣି ତୁମ୍ଭଙ୍କୁ ବିନାଶ କରିବ, ଏଥିପାଇଁ ମୁଁ କ୍ଷୋଭ ପ୍ରକାଶ କରୁଅଛି ।" କୁମାରୀର କଥା ଶୁଣି ମୁଁ ଡରରେ ଥରିବାକୁ ଲାଗିଲି ଏବଂ

Digitized by PPRACHIN, SOA

ଭାବିଲି, ଏଥର ନିଶ୍ଚୟ ମଲି, ନିଶ୍ଚୟ ମୋହର ଆୟୁଷ ଆଜ ରାକ୍ଷସ ହସ୍ତେ ଶେଷ ହେବ ।" ଏହିପରି ଭାବି ବ୍ୟସ୍ତ ହେଉଅଛି, ଏହି ସମୟେ ଭୀଷଣାକାର ଦୈତ୍ୟ ପ୍ରକାଣ୍ଡ ଦଣ୍ଡ ହାତରେ ଧରି ପ୍ରଚଣ୍ଡ ବେଗରେ ଘରେ ପଶୁଥିଲା । ତାହାର ପ୍ରକାଣ୍ଡ ଆକାର ଦେଖି ମୁଁ ଭୟେ ଚକ୍ଷୁ ବନ୍ଦକରି ଭାବିଲି ଏହି ବୃହତ୍ ଦଣ୍ଡରେ ରାକ୍ଷସ ମୋହର ଚୂର୍ଣ୍ଣ ଖଣ୍ଡ ଖଣ୍ଡ କରିବ । ଦୈତ୍ୟର ଦୃଷ୍ଟି ମୋ ଉପରେ ପଡ଼ନ୍ତ ହୁଅନ୍ତେ ସେ ବିକଟରୂପ ଛାଡ଼ି ମାନବରୂପ ଧାରଣ ପୂର୍ବକ ନତମସ୍ତକରେ ଭୂମିଷ୍ଠ ହୋଇ ମୋହର ପଦଦ୍ୱୟ ଧାରଣକରି ସବିନୟେ କହିଲା "ରାଜକୁମାର ଏ ଦାସ ଆପଣଙ୍କର ହୁକୁମ ବରଦାର ଚାକର ଅଟେ, ଯାହା ଇଚ୍ଛା ଆଦେଶ କରନ୍ତୁ ଶୀଘ୍ର ପାଳନ କରିବ ।" ମୁଁ ତାହାର ଏପରି ବିନୀତ କଥାର କାରଣ ନ ବୁଝି ମୋ ସଙ୍ଗେ ପରିହାସ କରୁଅଛି, ଏହିକ୍ଷଣି ବିନାଶ କରିବ ଭାବି ବ୍ୟସ୍ତହୋଇ ଏବଂ ପ୍ରାଣରୁ ନିରାଶ ହୋଇ ମନେ ମନେ ଈଶ୍ୱରଙ୍କୁ ଡାକିଲି ।

ରାକ୍ଷସ ମୋହର ମନର ଭାବ ଜାଣିପାରି କହିଲା, "ନୃପନନ୍ଦନ, ତୁମ୍ଭ ହସ୍ତର ଅଙ୍ଗୁରୀ ମୋତେ ପ୍ରଦାନ କରି ନିଶ୍ଚିନ୍ତ ଏଠାରେ ଭ୍ରମଣକର, କେହି କିଛି ତୁମ୍ଭର ନୋକସାନ କରିବ ନାହିଁ ।" ତାହାର କଥା ଶୁଣି ମୋହର ଜ୍ଞାନ ଉଦୟ ହେଲା । ମୁଁ ମନେକଲି ନିଶ୍ଚୟ ଏହି ଅଙ୍ଗୁରୀର କିଛି ମାହାତ୍ମ୍ୟ ଅଛି ନଚେତ୍ ଏହି ଦୈତ୍ୟ ମୋତେ ଦେଖି ଏତେ ବିନୀତ ହୁଅନ୍ତା କାହିଁକି ଓ ଏହି ସାମାନ୍ୟ ଅଙ୍ଗୁରୀ ମାଗନ୍ତା କାହିଁକି ? ମନେ ଏହା ବିଚାରି ପ୍ରକାଶ୍ୟେ କହିଲି "ରେ ଧୂର୍ତ୍ତ, ତୁ ମୋହର ଜୀବନ-ସର୍ବସ୍ୱ ନେବାକୁ ଉଦ୍ୟତ ? ମୁଁ କି ଅଜ୍ଞାନ ଯେ ତୋତେ ଏହା ଅର୍ପଣ କରିବ ? ସେ ଯାହାହେଉ ଏହାର କି କି ଗୁଣ ଅଛି ଶୀଘ୍ର ବର୍ଣ୍ଣନ କର ।" ମୋହର କଥା ଶୁଣି ଦୈତ୍ୟ ଅପ୍ରସ୍ତୁତ ହୋଇ କହିଲା, "ତୁମ୍ଭେ ଦେବ କି ନା ମୁଁ ମନ ବୁଝୁଥିଲି, ସୁଲେମାନଙ୍କର ମହା ମୂଲ୍ୟବାନ ଅଙ୍ଗୁରୀ ତୁମ୍ଭେ କି ସହଜେ ମୋତେ ଦାଅନ୍ତ । ଏଥିରେ ସୁଲେମାନ ପୟଗମ୍ବରଙ୍କ ନାମର ମୋହର ଅଛି । ଏହି ଅଙ୍ଗୁରୀଧାରୀ ବ୍ୟକ୍ତିର ଦୈତ୍ୟ ଦାନବ ହିଂସ୍ର ଜୀବ ଏମନ୍ତ କି ଦେବଲୋକ ପର୍ଯ୍ୟନ୍ତ ବଶୀଭୂତ । ପୁଣି ସେ

Digitized by PPRACHIN, SOA

ସମୁଦ୍ର ତରଙ୍ଗେ, ଭୀଷଣ ହୁତାଶନେ ପ୍ରବଳ ପ୍ରଭଞ୍ଜନେ କିମ୍ବା ହିଂସ୍ରକ ଜନ୍ତୁଗଣେ ବିନଷ୍ଟ ହେବ ନାହିଁ । ବିଶେଷତଃ ଏହି ଅଙ୍ଗୁରୀ ପ୍ରଭାବରେ ମାୟାମନ୍ତ୍ର ବିଦୂରିତ ହୁଏ । ଏହାର ଗୁଣେ ଆପଣ ଏ ସ୍ଥାନେ ନିର୍ବିଘ୍ନେ ଅବସ୍ଥାନ କରିଅଛ ନଚେତ୍ କେତେବେଳୁଁ ବିନାଶ ହୋଇଥାନ୍ତ । ଦୈତ୍ୟଠାରୁ ଅଙ୍ଗୁରୀର ମହାତ୍ମ୍ୟ ଅବଗତ ହୋଇ ମୁଁ ସନ୍ତୁଷ୍ଟ ହୋଇ ପଚାରିଲି "ମୋହର ହିତ ସମ୍ବାଦ କେଉଁଠାରେ ଅଛି କହି ପାରିବ କି ?" ଦୈତ୍ୟ କହିଲା,"ରାଜସୁତ ତୁମ୍ଭର ମିତ ଆଉ କାହିଁ ? ଗତ ପୂର୍ବରାତ୍ରରେ ତୁମ୍ଭ ହିତ ଶୟନକାଳେ ହିଂସ୍ରକ ଜନ୍ତୁଦ୍ୱାରା ଭକ୍ଷିତ ହୋଇଅଛି ।" ବନ୍ଧୁର ବିୟୋଗ ସମ୍ବାଦ ଶୁଣି ମୋହର ଦୁଃଖର ପୁନରୁଦ୍ରେକ ହେଲା । ମୁଁ କିଛିକ୍ଷଣ କ୍ରନ୍ଦନ କଲି, ପୁଣି ପଚାରିଲି,"କାବାଲ ଓ ନାଙ୍କର କନ୍ୟା ବଦରିଲ ଜମାଲଙ୍କର ବିଷୟ ତୁମ୍ଭଙ୍କୁ ଜଣାଥିଲେ ଆମ୍ଭଙ୍କୁ କହ ।" ସେ କହିଲା,"ଆଜ୍ଞା, କାବାଲ ନରପତି ଲକ୍ଷାଦ୍ୱୀପର ଅଧିପତି ଥିଲେ । ତାଙ୍କର ବଦରିଲ ଜମାଲ ନାମରେ ପରମ ରୂପବତୀ ଗୋଟିଏ କନ୍ୟା ଥିଲେ । ସୁଲେମାନ ପଯୃମ୍ବର ତାହାଙ୍କୁ ବିବାହ କରିଥିଲେ । ସୁଲେମାନ ବିବାହ କରିଥିଲେ ଶୁଣି ମୁଁ ଚମକି ପଡ଼ି ପଚାରିଲି, ହେ ଦୈତ୍ୟ, ତେବେ କି ସେ ବର୍ତ୍ତମାନ ଜୀବିତ ନାହାନ୍ତି ?" ସେ ଉପହାସ୍ୟ କରି କହିଲା, ଦୁଇହଜାର ବର୍ଷ ଗତ ହେଲା ସେ ମଲେଣି ।

ଏହି କଠୋର ସମ୍ବାଦ ଶୁଣି ମୁଁ ବିଷମ ବିଷାଦରେ ପତିତ ହୋଇ ମନେ ମନେ କହିଲି,"ହାୟ, ମୋପରି ମୂଢ଼ ଅଜ୍ଞାନ ଲୋକ ପୃଥିବୀରେ ଦ୍ୱିତୀୟ ନାହିଁ, ମୋ ପିତାଙ୍କର ଭଣ୍ଡାରରେ ଥିଲା; ତାଙ୍କୁ ପଚାରିଥିଲେ ସମସ୍ତ ବିବରଣ ଜାଣିଥାନ୍ତି । ତାହା ନ କରି ମୋହର ତୁଲ୍ୟ ଦୁର୍ଜନ ପୁରୁଷ ଆଉ ଯେଉଁ ନାହିଁ, ତାହାର ଚିତ୍ରରେ ବାତୁଳପରି ମୋହିତ ହୋଇ, ଘର ଦ୍ୱାର ଛାଡ଼ି ନାନାସ୍ଥାନେ "ପ୍ରିୟା ପ୍ରିୟା" ବୋଲି ଡାକି ବୁଲିଲି । କଳ୍ପିତ ପ୍ରେମବୃକ୍ଷରେ ନାନାସ୍ଥାନ ଭ୍ରମଣରୂପ ଜଳ ସେଚନ ଦ୍ୱାରା ହତାକାଙ୍କ୍ଷୀ ବିଶ୍ୱାସୀ ମିତର ମୃତ୍ୟୁରୂପ ଫଳ ପାଇଲି । ଏହିପରି ଅନେକକ୍ଷଣ ଅନୁତାପ ପରେ ରାଜକନ୍ୟାକୁ ସମ୍ବୋଧନ କରି କହିଲି "ସୁନ୍ଦରି ମୋହର ସମସ୍ତ ଆଶା ଭରସା ମରୁଭୂମିରେ ବରଷାର ଦଶା

Digitized by PPRACHIN, SOA

ଲଭିଲି, ତଥାପି ଅଙ୍ଗୁରିର ମାହାତ୍ମ୍ୟେ ତୁମ୍ଭଙ୍କୁ ଉଦ୍ଧାର କରିବ ପାରିବି । ସୁତରାଂ ମୋହର ଶ୍ରମ ବୃଥା ଗଲା ନାହିଁ ଭାବି ଅତ୍ୟନ୍ତ ଆନନ୍ଦିତ ହେଉଅଛି ।" ପରେ ଦୈତ୍ୟଙ୍କୁ ଆହ୍ୱାନ କରି କହିଲି, ଦୈତ୍ୟବର ସୁଲେମାନ ପୟଗମ୍ବରର ଯଦି ତୁମ୍ଭେ ସମ୍ମାନ କର ଅଙ୍ଗୁରୀୟଧାରୀର ଆଜ୍ଞାବଦ୍ଧ ଅଛ, ତେବେ ମୋହର ଆଜ୍ଞାନୁସାରେ ରାଜକୁମାରୀ ସହିତ ମୋତେ ସତ୍ୱର ସିଂହଳଦ୍ୱୀପରେ ଛାଡ଼ିଦିଅ ।" ଦୈତ୍ୟ କହିଲା, "ରାଜକୁମାର ତୁମ୍ଭର ଆଉ ସମସ୍ତ ଆଦେଶ ମୋହର ଶିରୋଧାର୍ଯ୍ୟ, ମାତ୍ର ରାଜକନ୍ୟାର ମୁଁ ନିତାନ୍ତ ପ୍ରଣୟାସକ୍ତ, ତାହାଙ୍କୁ ସମୟେ ସମୟେ ଦେଖି ମନ ତୃପ୍ତ କରୁଅଛି । ଏଣୁ ତାହାଙ୍କୁ ମଧ୍ୟ ଛାଡ଼ିଦେବାର ନାମ ଶୁଣି, ମୋହର ମନ ବ୍ୟଥିତ ହେଉଅଛି । ସୁତରାଂ ତାହାଙ୍କ ଦର୍ଶନ ସୁଖରୁ ମୋତେ ବଞ୍ଚିତ କରନ୍ତୁ ନାହିଁ ।" ମୁଁ କହିଲି, "ରେ ପାମର ତୁ ଯେଉଁ ଅତ୍ୟାଚାର କରିଥିଲୁ ସେଥି ନିମିତ୍ତ ତୋହର ପ୍ରାଣଦଣ୍ଡ ଉଚିତ ଥିଲା, କିନ୍ତୁ ସେଥିରୁ ଉଦ୍ଧାର ପାଇଲୁ ଏହି ହିଁ ତୋହର ପରମଭାଗ୍ୟ । ତୁ ଛାର ଦାନବ, ନରଶ୍ରେଷ୍ଠ ମାନବ କନ୍ୟା ଭୋଗ କରିବାକୁ ଦୁଃସାହସ କରିଅଛୁ । ଯଦି ନିଜର ମଙ୍ଗଳ ପ୍ରତି ଆଶା ଥାଏ ତେବେ ସେହି ଦୁରାଶାରୁ ରହିତ ହୋଇ ତୁରନ୍ତ ଆଜ୍ଞା ପାଳନ କର । ଦୈତ୍ୟ ମୋହର କଠୋର ଆଜ୍ଞା ପାଇ ଭୀତ ହୋଇ ଆମ୍ଭ ଦୁହିଙ୍କି ଦୁଇ ବାହୁରେ ବସାଇ ଆକାଶକୁ ଉଠିଲା ଏବଂ ଶୀଘ୍ର ଶୀଘ୍ର ସିଂହଳରେ ପହଞ୍ଚାଇ ଦେଇ କର ଯୋଡ଼ି ଛିଡ଼ା ହୋଇ କହିଲା, "ଆଉ କଣ କରିବାକୁ ହେବ ଆଜ୍ଞା ହେଉ, ଦାସ କରିବାକୁ ପ୍ରସ୍ତୁତ ଅଛି ।" ମୁଁ କହିଲି, "ବର୍ତ୍ତମାନ ଆଉ ତୁମ୍ଭର ପ୍ରୟୋଜନ ନାହିଁ, ବିଦାୟ ହୁଅ ।" ଦୈତ୍ୟ ମୋହର କଥା ଶୁଣି ସହର୍ଷେ ଅଭିବାଦନ କରି ବିଦାୟ ହେଲା । ମୁଁ ରାଜକନ୍ୟାଙ୍କୁ ଗୋଟିଏ ଗୁପ୍ତ ସ୍ଥାନରେ ରଖି ରାଜାଙ୍କୁ ସୁସମ୍ବାଦ ଦେବାକୁ ଗଲି । ରାଜା ଦରବାରରେ ବସି ବିଚାର କରୁଥିଲେ, ମୋତେ ଦେଖି ପଚାରିଲେ, "ତୁମ୍ଭେ କିଏ ? ଆଗମନର କାରଣ କଣ ? ମୁଁ କହିଲି, "ମହାରାଜ ମୁଁ ନିଶାପୁରେଶ୍ୱରଙ୍କର କନିଷ୍ଠ କୁମାର, ତୁମ୍ଭଙ୍କ ସୁସମାଚାର ଦେବାକୁ ଆସିଛି ।" ଏହି କଥା ଶୁଣି ରାଜା କ୍ରନ୍ଦନ କରି,

Digitized by PPRACHIN, SOA

କହିଲେ, "ମୋହର ନୟନାନନ୍ଦ ଓ ମନ ଶୀତଳକାରିଣୀ ଗୋଟିଏ ମାତ୍ର କନ୍ୟା ଥିଲା । ବର୍ଷାଧିକ କାଳ ହେଲା କେଉଁ ନିଷ୍ଠୁର ଦୁର୍ବୃତ୍ତ ତାହାକୁ ବଳପୂର୍ବକ ଘେନିଯାଇ ମୋହର ସମସ୍ତ ସୁଖଶାନ୍ତି ନିର୍ମୂଳ କଲା, ତାହାର ଅଦୃଶ୍ୟାବଧି କୌଣସି ସମ୍ବାଦ ମୋହର ସୁଖପ୍ରଦ ନୁହେ, ତେବେ ତୁମ୍ଭେ କି ସମ୍ବାଦ ଆଣିଛ । ଯାହା ମୋହର ମନ ଆନନ୍ଦ କରିବ ବୋଲି ଆଶା କରୁଛ ?" ମୁଁ କହିଲି, "ମହାଭାଗ, ଆପଣଙ୍କର ସେହି ହାରାଧନ ଶୁଭାଗମନ କରୁଅଛି, ଆପଣ ଶୀଘ୍ର ବିଧୁବଦନ ଦର୍ଶନ କରି ତାପିତ ପ୍ରାଣ ଶୀତଳ କରି ପାରିବେ । ଏହି ନିବେଦନ କରିବାକୁ ଆସିଅଛି ।"

ରାଜା ଦୁହିତାର ଜୀବିତ ବାର୍ତ୍ତା ଶୁଣି ଆନନ୍ଦୋତ୍ଫୁଲ୍ଲ ମୁଖେ କହିଲେ "ହେ ରାଜନନ୍ଦନ, ତୁମ୍ଭର କି ସତ ବଚନ ? ମୋହର ପ୍ରାଣଧନ ସେହି କନ୍ୟା ରତନ ସତ କି ଜୀବିତ ଅଛି ? ତାହାର ପଦ୍ମାନନ ଦର୍ଶନ କରି ସତେ କି ମୋହର ତାପିତ ପ୍ରାଣ ଶୀତଳ ଓ ନୟନ ସାର୍ଥକ ହେବ ? କିଏ ତାକୁ ନେଇ କେଉଁଠାରେ କି ଅବସ୍ଥାରେ ରଖିଥିଲା କହି ମନର ଉଦ୍‌ବେଗ ଦୂର କର, ପୁଣି କହିଲେ, "ନାହିଁ ବିଳମ୍ବରେ ମନ ବ୍ୟାକୁଳ ହେଉଅଛି, ପ୍ରଥମେ ତାହାର ରୂପ ଦେଖାଇ ଦିଅ, ପରେ ସମସ୍ତ କଥା କହିବ ।" ଏହା କହି ସିଂହାସନରୁ ଉଠି ମୋତେ ଆଲିଙ୍ଗନ କରି ଯାନ ଆନୟନ ନିମିତ୍ତ ଆଦେଶ କଲେ । ଶିବିକା ଆସନ୍ତେ ରାଜା ସେଥିରେ ଆରୋହଣ କରି ମୋତେ ଆପଣା ପାର୍ଶ୍ୱରେ ବସାଇଲେ । ଅଶ୍ୱାରୋହୀ ସୈନ୍ୟ ଅଗ୍ର ପଶ୍ଚାତ୍, ମନ୍ତ୍ରୀ ଓ ଅମାତ୍ୟମାନେ ସଙ୍ଗେ ସଙ୍ଗେ ଚଳିଲେ ।

ତେଣେ ରାଜକୁମାରୀ ଦୂରରୁ ଦେଖି ଅସ୍ଥିର ହେଉଥିଲେ, ପିତାଙ୍କୁ ଦେଖି ମହାନନ୍ଦେ ପ୍ରଣିପାତ ହେଲେ । ରାଜା ତାହାଙ୍କୁ ସସ୍ନେହ ଆଲିଙ୍ଗନ ଏବଂ ପରସ୍ପର ମିଳନରେ ଆନନ୍ଦାଶ୍ରୁ ବିସର୍ଜନ କଲେ । ପରେ ରାଜା କନ୍ୟା ମୁଖରୁ ସମସ୍ତ ବିବରଣ ଶ୍ରବଣେ ମୋ ହାତରେ କୃତଜ୍ଞତା ସ୍ୱୀକାର ପୂର୍ବକ ଧନ୍ୟ କହି କନ୍ୟା ସହିତ ମୋତେ ସୁଦ୍ଧା ଘେନିଯାଇ ନଗରେ ହେବାଇନା ପ୍ରଭୃତି ମାଙ୍ଗଳିକ

Digitized by PPRACHIN, SOA

ମହୋତ୍ସବ ଏବଂ ଅତି ଆଡ଼ମ୍ବରରେ ମୋହର ଅର୍ଚ୍ଚନା କଲେ । ତଦପରେ ମୁଁ କେତେକ ଦିନ ମହାସୁଖରେ ସେଠାରେ ଅବସ୍ଥାନ କଲି । କିଛିଦିନ ପରେ ଦିନେ ରାଜା ମୋତେ ଆପଣା ବିଶ୍ରାମ କୋଠରୀକୁ ଡାକିନେଇ କହିଲେ, "ରାଜକୁମାର ! ବର୍ତ୍ତମାନ ମୋହର ବୃଦ୍ଧକାଳ, ତୁମ୍ଭର ଚେଷ୍ଟାରେ ଉଦ୍ଧାର ପ୍ରାପ୍ତକନ୍ୟା ବ୍ୟତୀତ ମୋହର ଅନ୍ୟ ପୁତ୍ର କନ୍ୟା ନାହିଁ । ଦୈତ୍ୟଠାରୁ ତୁମ୍ଭେ ତାହାକୁ ଉଦ୍ଧାର କରି ଅଣି ନିଜ ଅନୁଗ୍ରହରେ ମୋତେ କିଣିଅଛ । ତୁମ୍ଭର ସେହି ଉପକାର ଋଣରୁ ଉଦ୍ଧାର ହେବାର ଯୋଗ୍ୟ ଧନ ମୋଠାରେ ନାହିଁ, ସେଥି ନିମିତ୍ତ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛି । ବର୍ତ୍ତମାନ ତୁମ୍ଭଠାରେ ମୋହର ଅନ୍ୟ ଗୋଟିଏ ମାଗଣା ଅଛି, ଅନୁଗ୍ରହ ପୂର୍ବକ ତାହା ପୂରଣ କଲେ ଇହ ଓ ପରକାଳରେ ସବୁବେଳେ ତୁମ୍ଭର ଦୟା ସ୍ମରଣ ପୂର୍ବକ କୃତଜ୍ଞ ଥିବି । ତାହା ଏହି ଯେ, ତୁମ୍ଭ ଦ୍ୱାରା ଉଦ୍ଧାର ପ୍ରାପ୍ତ ସେହି କନ୍ୟାଟିକୁ ନିଜ ଦାସୀରୂପେ ଗ୍ରହଣ ଓ ମୋହର ରାଜ୍ୟଭାର ମସ୍ତକେ ଧାରଣ କରି ମୋହର ଅଭିଳାଷ ପୂରଣ କର । ରାଜାଙ୍କର ପ୍ରସ୍ତାବ ଶୁଣି ମୁଁ କୃତାଞ୍ଜଳି ହୋଇ କହିଲି, ମହାରାଜ, ଆପଣଙ୍କର ଜାମାତା ହେବା ମୋହର ଅତ୍ୟନ୍ତ ସୌଭାଗ୍ୟ ଓ ଗୌରବର କଥା, ମାତ୍ର ବଦରିଲଜ୍ଜମାଲ ମୋହର ଜୀବନସୁଖର ଅନ୍ତରାୟ ହୋଇଅଛି । ମୁଁ କ୍ଷଣକ ସକାଶେ ତାହାକୁ ଅନ୍ତରରୁ ଅନ୍ତର କରି ପାରୁନାହିଁ । ନିଦ୍ରା ସମୟରେ କିଛିକ୍ଷଣ ତାହାର ଧ୍ୟାନରୁ ରହିତ ଥିଲେହେଁ, ସ୍ୱପ୍ନରେ ତାହାର ସୌନ୍ଦର୍ଯ୍ୟମାଧୁରୀ ଦର୍ଶନ କରି ସୁଖାନୁଭବ କରୁଥାଏଁ । ମହାରାଜ, ଏଥିରୁ ଅନୁମାନ କରିବେ ଯେ ସେହି ରମଣୀ ମୋହର ଚିତ୍ତର ପୂର୍ଣ୍ଣ ଅଧିକାରିଣୀ ହୋଇଅଛି । ଅନ୍ୟ ଯୁବତୀ ମୋହର ମନର ଗତି ରୋଧ କିମ୍ବା ଚିତ୍ତବିନୋଦନ କରି ପାରିବ ନାହିଁ, ସୁତରାଂ ଆପଣ ସ୍ୱୀୟ ଦୁହିତାକୁ ମୋତେ ବୃଥା ପ୍ରଦାନ କରି ତାହାକୁ ସୁଖରୁ ରହିତ ଓ ଦୁଃଖସାଗରେ ଭସାଇବେ କାହିଁକି ? ରାଜା ମୋହର କଥା ଶୁଣି ଅତ୍ୟନ୍ତ ଦୁଃଖିତ ହୋଇ କହିଲେ, "ରାଜକୁମାର ତେବେ କିପ୍ରକାର ମୁଁ ତୁମ୍ଭର ଋଣରୁ ଉଦ୍ଧାର ହେବି ? ମୁଁ କହିଲି ମହାରାଜ ଆପଣଙ୍କର

Digitized by PPRACHIN, SOA

ଦୁହିତାଙ୍କୁ ଦୈତ୍ୟ ହସ୍ତରୁ ଉଦ୍ଧାର କରି ଆଣିଲି, ଏହି ମୋହର ଅପାର ଆନନ୍ଦର ବିଷୟ, ପୁଣି ଏଠାରେ ଆପଣଙ୍କର ଅଯାଚିତ ସ୍ନେହରେ ବିଶେଷ ବାଧିତ ହୋଇ ଅଛି, ଏଥୁଁ ବଳି ଆଉ କଣ ପାଇବାକୁ ମୁଁ ହକଦାର ହୋଇପାରେ ? ମୁଁ ଅନେକକାଳ ହେଲା ପିତା ମାତାଙ୍କୁ ଛାଡି ଦେଶ ଦେଶାନ୍ତରେ ଭ୍ରମଣ କରୁଅଛି. ସେମାନଙ୍କୁ ଦେଖିବା ନିମିତ୍ତ ମନ ଉଦ୍‌ବିଗ୍ନ ହେଲାଣି । ଅନୁଗ୍ରହ କରି ସ୍ୱଦେଶ ଗମନର ସୁଯୋଗ କରିଦେଲେ ଚିରବାଧିତ ହେବି ଏବଂ ଶ୍ରମର ଉପଯୁକ୍ତ ପୁରସ୍କାର ପାଇଲି ବୋଲି ଅନ୍ତରର ସହିତ ସ୍ୱୀକାର କରିବି । ରାଜା ମୋତେ ନିଜ ସଂକଳ୍ପରୁ ରହିତ କରାଇ ଆପଣା ରାଜ୍ୟେ ରଖିବା ନିମିତ୍ତ ବିଶେଷ ଚେଷ୍ଟା କଲେ, ମାତ୍ର ସ୍ୱଦେଶ ଗମନେ ମୋହର ନିତାନ୍ତ ଆଗ୍ରହ ଦେଖି ଶେଷେ ଗମନର ସମସ୍ତ ଆୟୋଜନ କରାଇ-ଦେଲେ । ମୋହର ଗମନବାର୍ତ୍ତା ଶୁଣି ରାଜସୁତା ଅତ୍ୟନ୍ତ ଦୁଃଖିତା ହୋଇ ବ୍ୟାକୁଳରେ କ୍ରନ୍ଦନ କରିବାକୁ ଲାଗିଲେ । ତାହାଙ୍କୁ ନାନା ପ୍ରକାର ପ୍ରବୋଧ ବାକ୍ୟେ ସାନ୍ତ୍ୱନା କରି ଘୋଡାରୋହଣେ ଯାତ୍ରା କଲି । ଅନୁକୂଳ ପବନ ପାଇ ଯାହାଜ ନିର୍ବିଘ୍ନେ ଶୀଘ୍ର ସୟୂଦ ବନ୍ଦରରେ ପହଞ୍ଚିଲା । ସେଠାରୁ ସୁୟେଜ, ସୁୟେଜରୁ ପଦବ୍ରଜରେ ରାଜଧାନୀ କେରୁରରେ ପହଞ୍ଚିଲି, ମାତ୍ର ଏଠାକୁ ଆସି ସମସ୍ତ ରୂପାନ୍ତର ଅର୍ଥାତ୍ ପିତା ସ୍ୱର୍ଗଗମନ ଓ ଜ୍ୟେଷ୍ଠଭ୍ରାତା ସିଂହାସନାରୋହଣ କରି ଥିବାର ଦେଖିଲି । ମୁଁ ପିତାଙ୍କର ମୃତ୍ୟୁ ସମ୍ବାଦରେ ଅତ୍ୟନ୍ତ ଦୁଃଖିତ ହେଲି । ଭାଇ ମୋତେ ସକୁଶଳେ ସମାଗତ ଦେଖି ଆନନ୍ଦିତ ଓ ମୋହର ସଙ୍କଟପୂର୍ଣ୍ଣ ଭ୍ରମଣ ବୃତ୍ତାନ୍ତ ଶୁଣି କପଟତା ପୂର୍ଣ୍ଣ ବାହ୍ୟ ଦୁଃଖ ପ୍ରକାଶ କଲେ । ମୁଁ ତାଙ୍କର ସ୍ନେହରେ ଆନନ୍ଦରେ ଭାସିଯାଇ ଅଙ୍ଗୁରୀଟି ଦେଇ ଦେଲି । ଅଙ୍ଗୁରୀ ପାଇ ସେ ମୋହର ଅନେକ ପ୍ରଶଂସା ଓ ଧନ୍ୟବାଦ କରି ଅତ୍ୟନ୍ତ ଆନନ୍ଦ ପ୍ରକାଶ କଲେ । ତାଙ୍କର ଏହି ପ୍ରେମ କୃତ୍ରିମ ଥିବାର ଶୀଘ୍ର ପ୍ରମାଣିତ ହେଲା । କାରଣ ମୁଁ ବିଦାସୃ ହୋଇ ଅସଂବାପରେ ମୋତେ ରାଜ୍ୟର କଣ୍ଟକ ମନେକରି ଭବିଷ୍ୟତ ଶଙ୍କା ନିବାରଣ ନିମିତ୍ତ ମନ୍ତ୍ରୀଙ୍କ ପରାମର୍ଶାନୁସାରେ ସେହି ରାତ୍ରିରେ

Digitized by PPRACHIN, SOA

ମୋତେ ନିହତ କରିବା ନିମିତ୍ତ ଘାତକ ନିଯୁକ୍ତ କଲେ । ଘାତକ ଜାତି ନିର୍ଦ୍ଦୟ, ତଥାପି ଏହି ଅନ୍ୟାଯ୍ୟ କାର୍ଯ୍ୟ କରିବାକୁ ତାହାର ମନ ବଳିଲା ନାହିଁ ସେ ଗୁପ୍ତଭାବରେ ମୋ ନିକଟକୁ ଆସି ଦୁଃଖ ପ୍ରକାଶି କହିଲା "ହାୟ, ହାୟ, ଏହି ଅନିତ୍ୟ ସଂସାରର ଲୋଭ କି ଭୟଙ୍କର ? ଦେବୋପମ ମନୁଷ୍ୟର ପ୍ରକୃତିକୁ ଏହାର ମାୟା ସମୟେ ୨ ରାକ୍ଷସ ପ୍ରକୃତି ଅପେକ୍ଷା କ୍ରୂରତର କରିଦିଏ । ପୁତ୍ରକୁ ପିତାର, ଭ୍ରାତାକୁ ଭ୍ରାତାର ବିରୁଦ୍ଧେ ଶତ୍ରୁତା କରିବାକୁ ପ୍ରବର୍ତ୍ତାଇ ଦିଏ । ତୁମ୍ଭେ କାଳେ ରାଜ୍ୟରେ ଲୋଭ କରିବ, ଏହି ସନ୍ଦେହରେ ତୁମ୍ଭର ଭାଇ ଅଦ୍ୟ ରଜନୀରେ ତୁମ୍ଭର ମୁଣ୍ଡ କାଟାଇ ଦେବା ନିମିତ୍ତ ମୋତେ ପଠାଇ ଛନ୍ତି । ବରଂ ମୁଁ ନିଜେ ମରିବି ସେ ପ୍ରମାଣ, ତଥାପି ବିନା ଦୋଷରେ ତୁମ୍ଭର ମସ୍ତକ ଛେଦନ କରି ଦୋଷ-ଶୂନ୍ୟ ନ୍ୟାୟପରାୟଣ ନସୀରର ନିର୍ଦ୍ଦୟ ଘାତକ ପରି ନିଷ୍ଠୁରତାର ମହା କଳଙ୍କ ମସ୍ତକରେ ଧାରଣ କରିବି ନାହିଁ । ଏହି ଦୁର୍ନାମରୁ ରକ୍ଷା ପାଇବ ପାଇଁ ତୁମ୍ଭଙ୍କୁ ଜଣାଇ ଦେଲି; ଦେଖ ରାଜଦ୍ୱାର ମୁକ୍ତ, ରାତ୍ରି ଚନ୍ଦ୍ରାଲୋକେ ଆଲୋକିତ । ଏହି ସୁଯୋଗ ଉପଯୁକ୍ତ ମଣି ରାତାରାତି ଏଠାରୁ ଚମ୍ପଟ ହୁଅ । ମୁଁ ଘାତକଠାରୁ ଏହି ସମସ୍ତ ନିଦାରୁଣ ବିବରଣ ଶୁଣି ଭ୍ରାତାଙ୍କର ନିର୍ଦ୍ଦୟତା ଓ ବିଶ୍ୱାସଘାତକତା କଥା ମନେ କରି ଅତ୍ୟନ୍ତ ଦୁଃଖିତ ହୋଇ ଘାତକର ସଜ୍ଜନତା ଓ ସଦୟତାର ବିଶେଷ ପ୍ରଶଂସା କରି ବିଧାତାଙ୍କୁ ଆତ୍ମସମର୍ପଣ ପୂର୍ବକ ସେହିକ୍ଷଣି ସେ ସ୍ଥାନରୁ ପଳାୟନ କଲି । କେତେ ରାଜ୍ୟ, ନଗର, ନଦୀ, ପର୍ବତ, ବନ ଉପବନ ଅତିକ୍ରମ କରି ଆପଣଙ୍କ ରାଜ୍ୟରେ ଉପସ୍ଥିତ ଏବଂ ଆପଣଙ୍କର ଆଶ୍ରୟରେ ମହା ସୁଖରେ କାଳ ଯାପନ କରୁଅଛି । ଆପଣଙ୍କ ଅନୁଗ୍ରହରେ ଏଠାରେ କୌଣସି ଦ୍ରବ୍ୟର ଅଭାବ ନାହିଁ, ସବୁ ଦ୍ରବ୍ୟ ବହୁଳରୂପେ ପାଇ ମହାସୁଖରେ ଅଛି, ମାତ୍ର ମରୀଚିକା ସଦୃଶ ସେହି ପ୍ରିୟତମାଙ୍କ ବଦନକମଳର ଖିଆଲ ମୋର ପ୍ରାଣର ଜଞ୍ଜାଳ ହୋଇଅଛି । ମୁଁ ସବୁବେଳେ ତାହାର ଧ୍ୟାନରେ ବ୍ୟାକୁଳିତ ଓ ତାହାର ବିରହାନଳେ ଦଗ୍ଧୀଭୂତ । ଆପଣଙ୍କର ଅନୁଗ୍ରହରେ ମୁଁ ପ୍ରକାଶ୍ୟେ ସୁପ୍ରସନ୍ନ, ମାତ୍ର ତାହାର ଧ୍ୟାନ ମୋହର ମନ ଅନୁକ୍ଷଣ ଉଚ୍ଛନ୍ନ କରୁଅଛି । ଏହି ମୋହର ସମସ୍ତ କାହାଣୀ । ଏଥିରୁ ଆପଣ

Digitized by PPRACHIN, SOA

ଜାଣି ପାରିବେ ଯେ, ମୋହର ମୁଖ ପ୍ରଫୁଲ୍ଲିତ ଥିଲେହେଁ ମନ ସର୍ବଦା ଚିନ୍ତାଗ୍ରସ୍ତ ଓ ବିଷାଦିତ ଅଟେ ।

ବଦରୁଦ୍ଦୀନ ରାଜାଙ୍କର କଥାର ପୁନରାରମ୍ଭ ।

ଦମିସ୍କାଧିପତି ପାତ୍ରର ବୃତ୍ତାନ୍ତ ଶୁଣି ଅତ୍ୟନ୍ତ ବିସ୍ମିତ ହୋଇ କହିଲେ, ପ୍ରାଣୀ ପ୍ରାଣୀ ସହିତ ପ୍ରଣୟ କରିବା ଯୁକ୍ତିସଙ୍ଗତ, ମାତ୍ର ନିର୍ଜୀବ ଚିତ୍ର ସହିତ ପ୍ରଣୟାସକ୍ତ ଓ ସଂସାରସୁଖରୁ ରହିତ ହୋଇ ପ୍ରାଣ ସମର୍ପିବା କରିବା ମୂଢ଼ଙ୍କର ମତ ଅଟେ । ଏପରି ଭ୍ରମଯୁକ୍ତ ମତ ଦୃଷ୍ଟାନ୍ତ ରହିତ ଅଟେ, ଆଉ କାହିଁ ଶୁଣା ଯାଇ ନାହିଁ । ଯେଉଁ ପ୍ରତିରୂପ ଦେଖି ତୁମ୍ଭର ସୁଖ ଚିରଦିନ ପାଇଁ ଲୋପ ପାଇଛି, ସେଟା କାହିଁ, ଦେଖାଇବ କି ? ରାଜପୁତ୍ର ଚିତ୍ରଟି ଅତ୍ୟନ୍ତ ଯତ୍ନରେ ଅଧିକ ଦେବତାପରି ମନେ କରି ସର୍ବଦା ବସ୍ତ୍ର ତଳେ ବକ୍ଷେ ରଖିଥିଲେ, ବାହାର କରି ରାଜାଙ୍କୁ ଦେଖାଇଲେ । ନୃପତି ଚିତ୍ର ଦେଖି କହିଲେ ବାସ୍ତବିକ ଯୁବତୀ ଅତ୍ୟନ୍ତ ରୂପବତୀ ଥିଲେ ମାତ୍ର ବୃଦ୍ଧା ହୋଇ ମରିବାବେଳେ ତାଙ୍କର ଆଉ ଏରୂପ ତ ଥିବ ନାହିଁ । ତୁମ୍ଭେ ଦୈତ୍ୟଠାରୁ ରମଣୀ ଦୁଇହଜାର ବର୍ଷ ପୂର୍ବେ ଥିଲା ବୋଲି ଶୁଣି ପୁଣି କିପରି ତାହାର ପ୍ରେମୋନ୍ମତ୍ତ ହେଲ, ଏହା ବଡ଼ ଆଚମ୍ବିତ କଥା । ମନ୍ତ୍ରୀ କହିଲେ, "ମହାରାଜ, ଏ ଅଦ୍ଭୁତ କଥା ନୁହେ, ମନୁଷ୍ୟର ଚିତ୍ତ ଯେଉଁଆଡ଼େ ଆକର୍ଷିତ ହେଲା, ସେହି ଆଡ଼େ ଲାଗିଗଲା । ରାଜକୁମାରର ମନ ଗୋଟିଏ, ମାତ୍ର ସେଥିରେ ବଦଇଲ ଜମାଲର ନାମ ଅଧିକାର ପାଇ ଅଛି, ସୁତରାଂ ସେ କି ପ୍ରକାରେ ତାହା ବାହାର କରି ଅନ୍ୟ ଉପାୟରେ ଚିତ୍ତ ସନ୍ତୋଷ କରିବେ ? ଏହି ବୃତ୍ତାନ୍ତରୁ ସହଜରେ ପ୍ରମାଣିତ ହେବ ଯେ, ସଂସାରର ସମସ୍ତ ମନୁଷ୍ୟଙ୍କର ଅବସ୍ଥା ଏହି ପ୍ରକାର କୌଣସି ନା କୌଣସି ବିଷୟ ଯୋଗେ ମନ ଦୁଃଖିତ ବା ଚିନ୍ତିତ ଥାଏ, ସୁତରାଂ ସଂସାରରେ କେହି ନିଶ୍ଚିନ୍ତ ନୁହେ ।"

ରାଜା କହିଲେ, 'ମନ୍ତ୍ରୀନ୍, ତୁମ୍ଭର ଏହି ଅନୁମାନ ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ ଅଟେ । ନରଜାତି ସୃଷ୍ଟିର ଶ୍ରେଷ୍ଠତମ ଅଟନ୍ତି । ତାଙ୍କ ମଧ୍ୟରେ କେହି ନିଶ୍ଚିନ୍ତ ନୁହନ୍ତି ଏହି ଭ୍ରାନ୍ତିପୂର୍ଣ୍ଣ ଉକ୍ତି ତୁମ୍ଭ ଭିନ୍ନ ଆଉ କେହି ମୂଢ଼

Digitized by PPRACHIN, SOA

ଜନ ନୁହେ ଯେ, ବିଶ୍ୱାସ କରିବ । ତୁମ୍ଭର ମତ ଯେ ଅନୁପଯୁକ୍ତ ତାହା ଶତ ଶତ ଲୋକଠାରୁ ପ୍ରମାଣିତ ହେବ । ହେ ସଙ୍କଳ୍ପମୂଳକ ତୁମ୍ଭେ ଏହିକ୍ଷଣି ଯାଇ ବଜାରଯାକ ବୃନ୍ଦବଜାର ହଟ୍ଟାର ଦୋକାନୀ, ଘର, ତେଲି ତାମ୍ବୁଳୀ ପ୍ରଭୃତି ମଧ୍ୟରେ ଯେତେ ଜଣଙ୍କୁ ପ୍ରଫୁଲ୍ଲବଦନ ଓ ନିଶ୍ଚିନ୍ତ ମନ ପାଇବ ତାହାଙ୍କୁ ଆମ୍ଭ ନିକଟକୁ ଡାକି ଆଣ । ପାତ୍ର ରାଜାଦେଶ ପାଇ ନଗର ଭ୍ରମଣେ ଗମନ କଲେ ଏବଂ ଅନେକ କ୍ଷଣପରେ ଫେରି ଆସି କହିଲେ, "ମହାରାଜ ମୁଁ ନଗରର ଘରେ ଘରେ ଯାଇ ପଚାରିଲି ସମସ୍ତେ କହିଲେ, ମହାରାଜାଙ୍କର ଶାସନରେ ଆମ୍ଭେମାନେ ମହାନନ୍ଦରେ ଓ ପରମ ସୁଖରେ ଅଛୁଁ । ସେମାନଙ୍କର ମନ ଚିନ୍ତାଶୂନ୍ୟ କି ନାହିଁ ପଚାରିବାରୁ କେହି କହିଲା ମୋତେ ପୁଅର ଚିନ୍ତା, କେହି କହିଲା ମୋତେ ଭାର୍ଯ୍ୟାର ପୀଡ଼ାର ଚିନ୍ତା, କେହି କହିଲା ମୋତେ ପିତା ବିୟୋଗର ଚିନ୍ତା, କେହି କହିଲା ମୋତେ ଝିଅ ବିବାହର ଚିନ୍ତା, କେହି ପେଟର, କେହି ଚାକିରିର ଚିନ୍ତା, କେହି ମାମଲା ମୋକଦ୍ଦମାର ଚିନ୍ତା, କେହି ହାକିମ ହୁକୁମର ଚିନ୍ତା, କେହି ରୋଗ ଶୋକଚିନ୍ତାରେ ଲାଗିଥିବାର ଜଣାଇଲା । ସ୍ଥୂଳତଃ ସମସ୍ତେ କିଛି ନା କିଛି ଚିନ୍ତାରେ ବ୍ୟସ୍ତ ଥିବାର ବ୍ୟକ୍ତ କଲେ । ମୁଁ ନଗରଣ ଦୋର ଫେରି ଆସିବା ସମୟେ ମାଲିକ ନାମକ ତନ୍ତୁବାୟକୁ ପ୍ରଫୁଲ୍ଲ ଓ ହାସ୍ୟ ମୁଖ ଦେଖି ସେ ପ୍ରକୃତ ସୁଖୀ କି ନାହିଁ ପଚାରିବାରୁ ସେ କହିଲା "ହାସ୍ୟ କରି ମୋହର ସ୍ୱଭାବ ମୁଁ କେବେହେଁ ଅପ୍ରସନ୍ନ ବା ଶୁଷ୍କବଦନ ଥାଏ ନାହିଁ ।" ସେ ସର୍ବଦା ହାସ୍ୟ ପରିହାସ ଓ ଗାନବାଦନରେ ଦିନ ଯାପନ କରୁଅଛି । ଏହି ବିବରଣ ଶୁଣି ତାହାକୁ ନିଶ୍ଚିନ୍ତ ଜାଣି ସଙ୍ଗେ ଡାକିଆଣିଛି । ଅନୁମତି ହେଲେ ସମ୍ମୁଖକୁ ଡାକି ଆଣିବି ।" ରାଜା ଶୀଘ୍ର ଆଣିବାକୁ ଆଜ୍ଞା କରିବାରୁ ପାତ୍ର ତାହାକୁ ସମୀପକୁ ଡାକି ଆଣିଲେ । ଏହି ତନ୍ତୁବାୟ ପ୍ରବୀଣ ଓ ସୁଗଠନ, ଆକାରରୁ ଭଦ୍ର ଓ ସଜ୍ଜନ ବୋଲି ପ୍ରତୀୟମାନ ହେଉଥିଲା । ସେ ଆସି ସାହାସ୍ୟେ ରାଜାଙ୍କୁ ନମସ୍କାର କରି ଦଣ୍ଡାୟମାନ ହେଲା । ରାଜା ବସିବାକୁ ଅନୁମତି ଦେଇ ପଚାରିଲେ "ଆମ୍ଭର ପ୍ରଜାଗଣେ ତୁମ୍ଭେ ଅଧିକସୁଖୀ ବୋଲି ଶୁଣୁଅଛୁ, ଏହା କି ସତ୍ୟ?

Digitized by PPRACHIN, SOA

ଅଥଚ ମନେ କିଛି ଦୁଃଖ ବା କଷ୍ଟଥିଲେ, ତାହା ନିର୍ଭୟେ ପ୍ରକାଶ କର । ରାଜାଙ୍କର ପ୍ରଶ୍ନ ଶୁଣି ମାଲିକ କିଛିକ୍ଷଣ ମୌନଭାବେ ଦଣ୍ଡାୟମାନ ରହି କୃତାଞ୍ଜଳି ପୂର୍ବକ କହିଲା,"ମହାରାଜ ଦୀର୍ଘଜୀବୀ ଓ ଚିର ସୁଖୀ ହୁଅନ୍ତୁ । ଈଶ୍ୱର ଆପଣଙ୍କର ଅନୁକୂଳ ହୋଇ ଶତ୍ରୁକୁଳ ନିର୍ମୂଳ କରନ୍ତୁ । ଆପଣଙ୍କର ସୁଖ୍ୟାତି ବହୁଦୂର ବିସ୍ତାରିତ ହେଉ, ଶ୍ରୀମୁଖ ଅଧୀନକୁ ନିଜ ଦରବାରକୁ ଡକାଇ ଗୌରବ ବଢ଼ାଇ ଥିବାରୁ ଆନ୍ତରିକ କୃତଜ୍ଞତା ଜଣାଉ ଅଛି । ପୁଣି ଶ୍ରୀମୁଖରେ ଦାସର ବିନୀତ ନିବେଦନ ଏହି ଯେ ଦୟାପୂର୍ବକ ଦାସର ଅପରାଧ କ୍ଷମାକରି ପଚାରିଥିବା ପ୍ରଶ୍ନର ଉତ୍ତର ପ୍ରଦାନରୁ ମୁକ୍ତି ଦିଅନ୍ତୁ । ଭୟଙ୍କର ଦଣ୍ଡର ଭୟ ଥିଲେ ମଧ୍ୟ ରାଜାଙ୍କ ଶ୍ରୀମୁଖରେ ମିଥ୍ୟା କହି ଉଦ୍ଧାର ପାଇବାକୁ ଚେଷ୍ଟା କରିବି ନାହିଁ । ରାଜାଙ୍କ ସମୀପରେ ମିଥ୍ୟା କହିଲେ ଚିରକାଳ ନରକ ଯନ୍ତ୍ରଣା ଭୋଗ କରିବାକୁ ହେବ ବୋଲି ଶାସ୍ତ୍ରେ ଲେଖାଅଛି । ସୁତରାଂ ଏଠାରେ ସତ୍ୟ ଭିନ୍ନ ମିଥ୍ୟା କହିବାକୁ ହେବ ନାହିଁ, ମାତ୍ର ପ୍ରଧାନ ଆନ୍ତରିକ ଅବସ୍ଥା ସତ୍ୟ, କହିବାକୁ ଗଲେ ସ୍ୱକୃତ ଅନୁପଯୁକ୍ତ କାର୍ଯ୍ୟମାନ ଯାହା ଅଧୀନର ଅକଥ୍ୟ ଓ ଶ୍ରୀମୁଖଙ୍କ ଶ୍ରବଣର ଅଯୋଗ୍ୟ, ତାହା କହିବାକୁ ବାଧ୍ୟ ହେବ । ରାଜା କହିଲେ,"ଆମ୍ଭର ଅଗ୍ରହାନୁସାରେ ନିଜ ବିବରଣ କହିବାରେ ଆପତ୍ତି କାହିଁକି ? ତାହା ଆମ୍ଭେ ଶୁଣିଲେ କି ତୁମ୍ଭର ଅପମାନ ହେବ ?" ମାଲିକ କହିଲା ଅପମାନ କାହିଁକି ? ଦାସର କଥା ମହାରାଜ ଶୁଣିଲେ ବରଂ ଗୌରବ ହୁଅନ୍ତା, କିନ୍ତୁ ସେ କଥା ସୁଶ୍ରାବ୍ୟ ହେବ ନାହିଁ ବୋଲି ଭୟ ହେଉଛି ।"

ରାଜା କହିଲେ, "ସେ ଭୟ ଦୂର କରି ନିଜ ବୃତ୍ତାନ୍ତ କହି ଚିତ୍ତ ସନ୍ତୁଷ୍ଟ କର ।" "ରାଜାଦେଶ ଅଲଙ୍ଘନୀୟ" କହି ମାଲିକ ନିଜ ବିବରଣ କହିବାକୁ ଆରମ୍ଭ କଲା ।

(ମାଲିକ ତନ୍ତୀ ଓ ଶିରିନ ଯୁବତୀର କଥା ।)

ମହାରାଜ, ଏହି କୁଳାଙ୍ଗାର ଅଭାଗାର ନାମ ମାଲିକ; ଘର ସୁରାଟରେ ଥିଲା । ପିତା ବସ୍ତ୍ରବ୍ୟବସାୟ ଦ୍ୱାରା ବହୁତ ଧନ ଉପାର୍ଜନ କରି ସୁଖ୍ୟାତ

Digitized by PPRACHIN, SOA

ହୋଇଥିଲେ । ପିତାଙ୍କର ପରଲୋକାନ୍ତେ ମୁଁ ସମସ୍ତ ସମ୍ପତ୍ତିର ମାଲିକ ହୋଇ ଅଯତ୍ନଲବ୍ଧ ଧନ ଅଳ୍ପ ଦିନରେ ବ୍ୟୟ କରି ଦେଲି । କେବଳ ବାସଭବନ ଓ ଘରର ବ୍ୟବହାର୍ଯ୍ୟ ଦ୍ରବ୍ୟ ଭିନ୍ନ ଆଉ କିଛି ବହିଲା ନାହିଁ । ତାହା ମଧ୍ୟ ଶୀଘ୍ର ଅବ୍ୟାଜରେ ଉଡ଼ାଇ ଥାନ୍ତି. ମାତ୍ର ସୌଭାଗ୍ୟ କ୍ରମେ ଭଦ୍ର ସଦାଗର ଜଣେ ଭ୍ରମଣକାରୀର ମୋ ଘରକୁ ଆଗମନ ହେବାରୁ ତାହା ରକ୍ଷା ପାଇଲା । ରାତ୍ରିରେ ଉକ୍ତ ଭ୍ରମଣକାରୀ ଓ ଅନ୍ୟ କେତେକ ବନ୍ଧୁଙ୍କ ସଙ୍ଗେ ଯେବେ ମୁଁ ଆହାର କରୁଥିବା ସମୟେ ଦେଶ ଭ୍ରମଣର କଥା ପଡ଼ିଲା । ଯେଉଁମାନେ ଦେଶାନ୍ତରେ ଭ୍ରମଣ କରିଥିଲେ ସେମାନେ ବିଭିନ୍ନ ଦେଶ ଓ ସେଥିରେ ଥିବା ଅପୂର୍ବ ଦର୍ଶନୀୟ ଦ୍ରବ୍ୟର ପ୍ରଶଂସା ଓ ସୁଖ୍ୟାତି କରିବାକୁ ଲାଗିଲେ । ତାହା ଶୁଣି ମୁଁ କହିଲି, 'ଦେଶ ଭ୍ରମଣ ଏମନ୍ତ ସୁଖପ୍ରଦ ଓ ଆମୋଦଜନକ ଏହା ପୂର୍ବେ ଜାଣି ନଥିଲି, ମାତ୍ର ସେଥିରେ ଦସ୍ୟୁ ଶଙ୍କା ଅଛି, ଏଥିଯୋଗେ ମନରେ ଭୟ ଜାତ ହେଉ ଅଛି, ନଚେତ୍ ସକାଳେ ସୁଲ୍ୱଠ ଖଣ୍ଡ ପୃଥିବୀର ବିଭିନ୍ନ ଅଂଶରେ ଭ୍ରମଣ ପୂର୍ବକ ନୟନ ଓ ମନ ସାର୍ଥକ କରନ୍ତି ।" ମୋହର କଥା ଶୁଣି ସମସ୍ତେ ହାସ୍ୟକରି କହିଲେ ଏହି ଅନିଶ୍ଚିତ ଶଙ୍କାରେ ଭୀତହେଲେ ଭ୍ରମଣର ନାମ ପ୍ରାୟ ସଂସାରରୁ ବିଲୁପ୍ତ ହେବ । ନବାଗତ ଅତିଥି କହିଲେ, "କେବେ କୌଣସି କାଳେ ଗୋଟିଏ ଅଧେ ଏପରି ଘଟଣା ହୋଇଥାଏ । ସମସ୍ତଙ୍କ ଭାଗ୍ୟରେ ତ ଏପରି ଘଟେନାହିଁ । ଯଦି ତୁମ୍ଭର ଭ୍ରମଣର,ବାସନା ଥାଏ ଓ ଏହି ଭୟଯୋଗେ ତାହା କରିବାରୁ ବାଞ୍ଛିତ ହୋଇ ଥାଅ ତାହା ହେଲେ ଆମ୍ଭେ ଗୋଟିଏ ଉପାୟ କରିଦେବୁଁ ; ଯହିଁରେ ଚୋର ଦସ୍ୟର ଏମନ୍ତ କି ହିଂସ୍ର ଜନ୍ତୁର ହିଂସା ଭୟ ଥିବ ନାହିଁ; ଅଥଚ ସ୍ୱଚ୍ଛନ୍ଦରେ ଦେଶ ଭ୍ରମଣ କରି ପାରିବ । ଏ କଥା ଶୁଣି ମୁଁ ବିସ୍ମିତ ହେଲି ଏବଂ ମନେ୨ ଭାବିଲି ଏ ମୋ ସଙ୍ଗେ ପରିହାସ କରୁଅଛନ୍ତି । ଏଥିପାଇଁ କିଛି ନ କହି ଚୁପ ହୋଇ ରହିଲି । ଭୋଜନ ଶେଷରେ ବିଦାୟ ସମୟେ ସେହି ଭ୍ରମଣକାରୀ କହିଲେ, "ଆମ୍ଭେ କାଲି ତୁମ୍ଭ ସଙ୍ଗରେ ସାକ୍ଷାତ କରିବୁଁ ନିରୋଳରେ କିଛି କଥା ଭାଷା ଅଛି ।" ପରଦିନ ନିଜ ଅଙ୍ଗୀକାରାନୁସାରେ ସେହି ଭଦ୍ରବ୍ୟକ୍ତି ମୋହର ଘରେ ଉପସ୍ଥିତ ହୋଇ

Digitized by PPRACHIN, SOA

କହିଲେ, ଅମ୍ଭେ ସ୍ୱପ୍ନରେ ଯାହା କହିଥିଲୁଁ ତାହା ପୂରଣ କରିବାକୁ ଆସିଅଛୁ। ଯଦି ତୁମ୍ଭର ନାନାଦେଶ ପର୍ଯ୍ୟଟନ ଭ୍ରମଣ ଅଭିଳାଷ ଥାଏ ତାହାହେଲେ ଆମ୍ଭର କହିବା ଅନୁସାରେ ସାମଗ୍ରୀ ସଂଗ୍ରହ କରିଦିଅ ଅଳ୍ପଦିନମଧ୍ୟରେ ତୁମ୍ଭର ଦେଶ ଭ୍ରମଣର ସୁଯୋଗ କରିଦେବୁଁ। ଭ୍ରମଣକାରୀର କଥା ଶୁଣି କେଉଁ ମୂଲ୍ୟବାନ ଦ୍ରବ୍ୟର ଦରକାର ହେବ ଭାବି ମୁଁ ଚିନ୍ତିତ ହେଲି। ଭ୍ରମଣକାରୀ କହିଲେ ଭାବନା କର ନାହିଁ। ତୁମ୍ଭର ଅଧିକ ଖରଚ ହେବ ନାହିଁ। କେବଳ ଜଣେ ସୂତ୍ରଧରଠାରୁ କେତେଗୁଡ଼ିଏ କାଠ ତକ୍ତା ଏବଂ କିଛି ଲୌହ କଣ୍ଟା ଆଣାଇଦିଅ। ଏହି ଅଳ୍ପ ବ୍ୟୟର କଥା ଶୁଣି ମୁଁ ଶୀଘ୍ର ତାହା ଆଣାଇ ଦେଲି। ଭ୍ରମଣକାରୀ ଗୃହହାତ ଲମ୍ବ, ଦୁଇହାତ ଉଚ୍ଚ ଓ ଦୁଇହାତ ପ୍ରସ୍ଥର ଖଣ୍ଡେ ସିନ୍ଦୁକ ନିର୍ମାଣ କରିବାକୁ ବଢ଼େଇକୁ କହି ଆପେ ଲୌହ ଯନ୍ତ୍ରମାନ ନିର୍ମାଣ କରିବାକୁ ଲାଗିଲେ ଦୁଇ ଦିନର ପରିଶ୍ରମରେ ସିନ୍ଦୁକ ଓ ଯନ୍ତ୍ର ତିଆର ହେଲା। ସେ ତୃତୀୟ ଦିନ ସେଥିରେ ଯନ୍ତ୍ରାଦି ଖଞ୍ଜିଦେଇ ମୋହର ଗୋଟିଏ ଚାକରର ମୁଣ୍ଡରେ ସିନ୍ଦୁକଟି ବୋହାଇ କରାଇ ମୋତେ ସଙ୍ଗେ ନେଇ ନଗର ବାହାର ଗୋଟିଏ ପଡ଼ିଆକୁ ଗଲେ। ସେଠାରେ ସିନ୍ଦୁକ ନେଇ ଦାସକୁ ବିଦାୟ କରିଦେଲେ ଦାସ ସେଠାରୁ ଅନ୍ତର ହୁଅନ୍ତେ ଭ୍ରମଣକାରୀ ସିନ୍ଦୁକରେ ଆରୋହଣ କଲେ। ଆରୋହଣ ମାତ୍ରେ ସିନ୍ଦୁକ ପୁଷ୍ପକବିମାନ ସମାନ ଆକାଶମାର୍ଗେ ଗମନକରି ନିମିଷକେ ଦୃଷ୍ଟିର ଅଗୋଚର ହେଲା। ମୁଁ ଏହି ଅଦ୍ଭୁତ ବ୍ୟାପାର ଦେଖି ବିସ୍ମୟାନ୍ୱିତ ହୋଇ ଚତୁର୍ଦ୍ଦିଗ ନିରୀକ୍ଷଣ କରୁଅଛି ଏମନ୍ତ ସମୟେ ସିନ୍ଦୁକ ଉଲ୍କାବେଗେ ଆକାଶରୁ ଖସି ମୋ ନିକଟରେ ପହଞ୍ଚିଲା

ଭ୍ରମଣକାରୀ ସିନ୍ଦୁକରୁ ଓହ୍ଲାଇ ମୋ ପାଖକୁ ଆସି କହିଲେ "ଦେଖ, ଭ୍ରମଣ ନିମିତ୍ତ ଏ କେମନ୍ତ ଉତ୍କୃଷ୍ଟ ଉପାୟ। ବିନା କଷ୍ଟ ଓ ବିନାମୂଲ୍ୟେ ଗୃହଜାତ ଏହି ବ୍ୟୋମଯାନ ଆରୋହଣ କରି ଶଙ୍କାଶୂନ୍ୟ ହୋଇ ଶୂନ୍ୟମାର୍ଗେ ଗମନ ପୂର୍ବକ ପୃଥିବୀର ଯେ କୌଣସି ସ୍ଥାନରେ ସ୍ୱଚ୍ଛନ୍ଦେ ଭ୍ରମଣ କରି ପାରିବ। ଏଥିରେ ତନ୍ତ୍ର, ମନ୍ତ୍ରର ପ୍ରୟୋଗ ନାହିଁ। କିମ୍ବା କଳକାଳର ବେଲୁନପରି ବାଷ୍ପବଳେ ଗୃହଜାତ ହୁଏ ନାହିଁ ଯେ ବାଷ୍ପ ସରିଗଲେ କିମ୍ବା ମନ୍ତ୍ର ପାସୋରି ଗଲେ ଆକାଶରୁ ପଡ଼ି ଆରୋହୀ ମରି-

Digitized by PPRACHIN, SOA

ଯିବ । ଏହା ଶିଳ୍ପ କୌଶଳେ ନିର୍ମିତ ଏବଂ ଯନ୍ତ୍ର ଏହାର ଏକମାତ୍ର ଗତି-କାରକ । କଳ ମୋଡ଼ ଯେତେଶ ପାର ତେତେଶ ଯେନ ଯେତେଦୂର ଇଚ୍ଛା ତେତେଦୂର ଯାଇ ପାରିବ ।” ପୁଣି କଳ ଦେଖାଇ କହିଲେ “ଏହି କଳ ମୋଡ଼ିଲେ ସିନ୍ଦୁକ ଊର୍ଦ୍ଧ୍ୱକୁ ଏବଂ ସେ କଳ ମୋଡ଼ିଲେ ତଳକୁ ଅମୁକ କଳ ମୋଡ଼ିଲେ ବାମକୁ ଅମୁକ କଳ ମୋଡ଼ିଲେ ଡାହାଣକୁ ସେହି କଳ ଦ୍ୱାରା ବେଗେ ଏବଂ ଏହି କଳ ଦ୍ୱାରା ଧୀରେ ଚାଲିବ ।” ଏହି ପ୍ରକାରେ ସେ କଳ କୌଶଳେ ସିନ୍ଦୁକ ଯେ ବେଗେ ଏବଂ ବେଗେ କି ଧୀରେ ଚାଲିବ ବୁଝାଇ ଦେଇ ସିନ୍ଦୁକଟି ମୋତେ ଦେଲେ । ମୁଁ ଏହି ଅମୂଲ୍ୟ ଧନ ପାଇ ଯାର ପର ନାହିଁ ଆନନ୍ଦିତ ହୋଇ ଭ୍ରମଣକାରୀଙ୍କର ଅସାଧାରଣ ଶିଳ୍ପ ନିପୁଣତା ଏବଂ ଅତୁଲ୍ୟ ସଜ୍ଜନତାର ପ୍ରଶଂସା କରି ସିନ୍ଦୁକରେ ବସି ତାଙ୍କର ଉପଦେଶ ମତେ କଳ ମୋଡ଼ିଲି ଏବଂ ଶୀଘ୍ର ଆକାଶକୁ ଉଠି, ନିଜ ଇଚ୍ଛାନୁସାରେ କେବେ ତଳେ କେବେ ଉପରେ କେବେ ଦକ୍ଷିଣେ କେବେ ବାମେ ପବନ ବେଗେ ଭ୍ରମଣ ପୂର୍ବକ, ନିମେଷକେ କେତେ ନଗର, ପ୍ରାନ୍ତର, ବନ, ପର୍ବତ, ନଦୀ, ହ୍ରଦ, ଦେଖି, ପୂର୍ବ ସ୍ଥାନେ ପହଞ୍ଚିଲି ଏବଂ ଭ୍ରମଣକାରୀଙ୍କୁ ସଙ୍ଗେ ନେଇ ଘରକୁ ଆସିଲି ।

ଏଠାରେ ସେହି ଉପକାରୀଙ୍କୁ ଅତ୍ୟନ୍ତ ଆଦର ସହିତ ଅର୍ଚ୍ଚନା କରି କୃତଜ୍ଞତା ପ୍ରକାଶ ସ୍ୱରୂପ ସହସ୍ର ମୁଦ୍ରା ଏବଂ ମୋହର ମୂଲ୍ୟବାନ ଅଙ୍ଗୁରୀ ପ୍ରଦାନ ପୂର୍ବକ ବିଦାୟ କଲି ।

ସେ ଆନନ୍ଦରେ ପ୍ରସ୍ଥାନ କଲେ । ମୁଁ ସିନ୍ଦୁକଟିକୁ ଅମୂଲ୍ୟରତ୍ନ ମନେ କରି ଯତ୍ନ ସହିତ ଗୋପନେ ରଖିଲି ଏବଂ ପୂର୍ବମତ ଶଠ ମିତ୍ରଙ୍କର ଆଦର ଅଭ୍ୟର୍ଥନାରେ ମାତି ସେମାନଙ୍କର ତୃପ୍ତି ନିମନ୍ତେ ପାନ; ଭୋଜନ ନୃତ୍ୟ ଗୀତ ପ୍ରଭୃତି ଅସତ୍ କାର୍ଯ୍ୟର ଆୟୋଜନରେ ଅବଶିଷ୍ଟ ଧନ ଉଡ଼ାଇ ଦରିଦ୍ର ହେଲି । ନିର୍ଦ୍ଧନ ହୋଇ ମଧ୍ୟ ନିଜ ସମ୍ଭ୍ରମ ଓ ବନ୍ଧୁଙ୍କ ମନ ରକ୍ଷା ନିମିତ୍ତ ଋଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ଲାଗିଲି । କ୍ରମେ ଋଣ ବୃଦ୍ଧି ହେଲା; ମହାଜନମାନେ ସୁଧ ସୁଦ୍ଧା ନ ପାଇ ଟଙ୍କା

Digitized by PPRACHIN, SOA

ଅଦାୟରେ ସନ୍ଦେହଯୁକ୍ତ ହୋଇ ଋଣଦାନ ବନ୍ଦପୂର୍ବକ ନିଜ ନିଜ ଟଙ୍କା ଅଦାୟ ନିମିତ୍ତ ତାଡ଼ନା ଓ କେହି କେହି ନାଲିଶର ବସନା କଲେ । ସେମାନଙ୍କର ବାରମ୍ବାର ତଲବତାଗଦାର ଯାତନାରେ ଘରେ ରହିବା ବଡ଼ମ୍ବନା ହେଲା ଏବଂ ସତତ କଣ୍ଟରବାସର ନାଶ ସମସ୍ତ ସୁଖ ବିନାଶ କଲା । ମହାଜନଙ୍କ ଋଣ ଅଦାୟ ଓ ବନ୍ଧୁଙ୍କର ଚିତ୍ତ ତୋଷ ଦାୟରୁ ଉଦ୍ଧାରର ଉପାୟ ନ ଦେଖି ଭୟେ ଘରେ ଯାହା କିଛି ବ୍ୟବହାରୀୟ ଦ୍ରବ୍ୟ ଥିଲା ତାହା ବିକ୍ରୟ କରି ଟଙ୍କା ଓ କିଛି ଖାଦ୍ୟଦ୍ରବ୍ୟ ସଙ୍ଗେ ଘେନି ନିଶାକାଳେ ସିନ୍ଦୁକରେ ଅଧିରୋହଣ ପୂର୍ବକ ଶୂନ୍ୟମାର୍ଗେ ନଗରପାର ହେଲି । ବନ୍ଧୁଙ୍କ ଜଞ୍ଜାଳ ଓ ମହାଜନଙ୍କ ଗୋଳମାଳରୁ ଉଦ୍ଧାର ପାଇ ଅତ୍ୟନ୍ତ ଆନନ୍ଦିତ ହୋଇ ନ୍ୟଶଙ୍କମନେ ବ୍ୟୋମଜାନେ ସମସ୍ତ ରଜନୀ ପ୍ରଭଞ୍ଜନବେଗେ ପଳାୟନ କରି ନିଶାବସାନ ସମୟେ ତଳକୁ ଚାହିଁ ଦେଖିଲି, ଲୋକାଳୟଶୂନ୍ୟ ପର୍ବତମୟ ଘୋର ଅରଣ୍ୟେ ଗୋଟିଏ ସୁନ୍ଦର ଅଟ୍ଟାଳିକା ବିରାଜିତ । ମୁଁ ଆକାଶଗାମୀ ସିନ୍ଦୁକକୁ ତଳକୁ ଚାଳନ କରି ବନର ପ୍ରାନ୍ତସ୍ଥ ଗୋଟିଏ ବୃହତ୍ ପ୍ରାନ୍ତରେ ଉପସ୍ଥିତ ହେଲି । ଏହି ପ୍ରାନ୍ତରେ ଜାଫରାନ୍, ବେଦମୁଷ୍କ ପ୍ରଭୃତି ନାନା ଜାତି ମନୋହର ଓ ସୁଗନ୍ଧଯୁକ୍ତ ପୁଷ୍ପ ଫୁଟି ସ୍ଥାନ ସୁଶୋଭିତ ଓ ଆମୋଦିତ ହେଉଥିଲା । ମୁଁ ରମଣୀୟ ସ୍ଥାନ ଦେଖି ସଶରୀରେ ସ୍ୱର୍ଗେ ବିରାଜମାନ ହେଲି ଭାବି ଅତ୍ୟନ୍ତ ଆନନ୍ଦିତ ହୋଇ ବାସ୍ତବିକ ସ୍ୱର୍ଗ କି ଅନ୍ୟ କିଛି ଜାଣିବାକୁ କୌତୂହଳୀ ହୋଇ ଏଣେ ତେଣେ ଚାହିଁଲି । ଭାଗ୍ୟେ ନିକଟରେ ଗୋଟିଏ କୃଷକ କାର୍ଯ୍ୟ କରୁଥିବାର ଦେଖି ତାହାଠାରୁ ସମସ୍ତ ବିବରଣ ଜାଣିପାରିବା ଆଶାରେ ସିନ୍ଦୁକ ଗୋଟିଏ ଗୁପ୍ତ ସ୍ଥାନରେ ରଖି ତାହା ନିକଟକୁ ଯାଇ ପଚାରିଲି, "ଭାଇ ଏଟା କେଉଁ ସ୍ଥାନ ଏବଂ ବନ ମଧ୍ୟରେ ଏହି ମନୋହର ଭବନ ବା କଣ ? କେଉଁ ଅଜ୍ଞାନ ଜନ ଏଡ଼େ ସୁନ୍ଦର କୋଠା ଏହି ବନରେ ନିର୍ମାଣ କରିଅଛି ?" ମୋହର କଥା ଶୁଣି କୃଷକ ବିରକ୍ତ ହୋଇ କହିଲା "ତୁମ୍ଭେ କି ବୋକା ? ତୁମ୍ଭର ଘର କେଉଁଠାରେ ? ତୁମ୍ଭେ ଭୁବନବିଖ୍ୟାତ ପ୍ରକୃତିର ଗୃହ ଉଦ୍ୟାନ କାଶ୍ମୀରରାଜ୍ୟର ନାମ କି

Digitized by PPRACHIN, SOA

କେବେ ଶୁଣି ନା ? ଏହି ଦେଖିଲ ଅଭ୍ରଭେଦୀ ଶୁଭ୍ର, ଅଟ୍ଟାଳିକାରାଜି ଶୋଭିତ କାଶ୍ମୀରର ରାଜଧାନୀ ଶ୍ରୀନଗର ବିରାଜିତ । ତୁମ୍ଭେ ଯାଇ ସେଠାର ପ୍ରକୃତିଜାତ ମନୋହର ଦୃଶ୍ୟ ଏବଂ ପରୀପରି ସୁନ୍ଦରୀ ନାରୀମାନଙ୍କର ଯୌବନଶ୍ରୀ ଓ ମନୋହର ରୂପ ମାଧୁରୀ ଦେଖି କେବେ କି ନୟନ ମନ ସାର୍ଥକ କର ନା ? ଭୀମବିକ୍ରମ ନାମକ ପ୍ରବଳ ପରାକ୍ରାନ୍ତ ମହାପୁଣ୍ୟବନ୍ତ ରାଜା ଏଠାରେ ରାଜତ୍ୱ କରନ୍ତି ତାହା କି କେବେ ତୁମ୍ଭର ଶ୍ରୁତିଗୋଚର ହୋଇନାହିଁ ? ଏହି ଯେ ମେଘସ୍ପର୍ଶି ସପ୍ତଶାଳା ଅଟ୍ଟାଳିକା ଦେଖୁଅଛ ସେଥିରେ ତାଙ୍କର ପରମ ରୂପବତୀ ଯୁବତୀ କନ୍ୟା ଶିରୀନ ବାସ କରୁଥିବାର ଅଳ୍ପ ଶିଶୁ ପିଲା ମଧ୍ୟ ଜାଣନ୍ତି, ତାହା କି ତୁମ୍ଭଙ୍କୁ କେହି କହି ନାହିଁ ? ଏହି କନ୍ୟାର ଜନ୍ମ ହେବା ଦିନ ଜ୍ୟୋତିଷମାନେ ଯେଉଁ ଜାତକ ନିର୍ମାଣ କରିଅଛନ୍ତି ସେଥିରେ କୌଣସି ଦୁଷ୍ଟ ଲମ୍ପଟ ପ୍ରତାରଣା ଦ୍ୱାରା ଯୌବନ କାଳେ ଏହାର ସତୀତ୍ୱ ନଷ୍ଟ କରିବ ଲେଖାଥିବାରୁ ରାଜା ସେହି ଅନିଷ୍ଟ ରହିତ କରିବା ଅଭିପ୍ରାୟରେ କନ୍ୟାକୁ ଏଠାରେ ରଖିଅଛନ୍ତି ।” ମୁଁ ଅଷ୍ଫୁଟଭାବେ କହିଲି ଲମ୍ପଟ କି ଏ ପର୍ଯ୍ୟନ୍ତ ପ୍ରବେଶ କରି ପାରିବ ନାହିଁ ? କୃଷକ ଉଚ୍ଚସ୍ୱରରେ କହିଲା “ତୁମ୍ଭେ ବୁଦ୍ଧିହୀନ ଗୋଟାଏ ପଶୁ। ମଦନ ମୋହନ ଅଟ । ତୁମ୍ଭର କି କାଣ୍ଡଜ୍ଞାନ ନାହିଁ ? ଏ କି ସାମାନ୍ୟ ସ୍ଥାନ ଯେ ଏଠାକୁ ପରପୁରୁଷ ଆଗମନ କରି ପାରିବ ? ନିକଟକୁ ଯାଇ ଦେଖିଲ ଏହି ସୁଦୃଢ଼ ଗଡ଼ର ଚତୁର୍ଦ୍ଦିଗରେ ଉଚ୍ଚ ପ୍ରାଚୀର ଏବଂ ତାହାର ଗୃହ ଅଡ଼େ ସୁଗଭୀର ଖାଇ ଖୋଳା ଯାଇଅଛି । ପୁଣି ଗଡ଼ଦ୍ୱାରରେ ଯେଉଁ କଠିନ କବାଟ ଲାଗିଛି ତାହାକୁ ତୋପରେ ମଧ୍ୟ ଭାଙ୍ଗି ହେବନାହିଁ । ଏତଦ୍‌ଭିନ୍ନ ଖଡ୍ଗଧାରୀ ଅସଂଖ୍ୟ ଦ୍ୱାରୀ ଯଥାସ୍ଥାନ ଜଗି ବସିଅଛନ୍ତି । ମନୁଷ୍ୟର କଥା ଦୂରେ ଥାଉ ଅନ୍ତରୀକ୍ଷଚାରୀ ପକ୍ଷୀ ମଧ୍ୟ ତାହା ଭିତରକୁ ଯିବାର ଦାଉ ନାହିଁ । ରାଜକନ୍ୟା ସର୍ବୋପରି ମହଲରେ ରହନ୍ତି । ଗୋଟିଏ ବୃଦ୍ଧା ନାରୀ ଓ ଜଣେ ଜଣେ ସହଚରୀ ଭିନ୍ନ ଅନ୍ୟ କେହି ତାଙ୍କ ନିକଟରେ ନାହିଁ । ରାଜା ପ୍ରତି ସପ୍ତାହରେ ଥରେ ମହାସମାରୋହରେ ଆସି ତାଙ୍କର ସମସ୍ତ ଖବର ବୁଝି ଯିବାବେଳେ ଦ୍ୱାରମାନଙ୍କରେ

Digitized by PPRACHIN, SOA

ସିଲ୍ ମୋହର କରି ଓ ତାଙ୍କ ପହରା ଖୁବ ଜୋରେ ଦେଉଅଛନ୍ତି । କହିଲ ଭଲା ଏତେ ସତର୍କତା ବୃଥା କରି କେଉଁ ଚୋର ଚେଷ୍ଟା ଲଙ୍ଘନ କରି ପାରିବ ?

କୃଷକଠାରୁ ସମସ୍ତ ଅବଗତ ହୋଇ ଏବଂ ନଗରର ସୌନ୍ଦର୍ଯ୍ୟତାର ବିଶେଷ ପ୍ରଶଂସା ଶୁଣି ତାହା ଦେଖିବା ନିମନ୍ତେ ବାହାରିଲି । ଯାଉଁ ଯାଉଁ ବାଟରେ ଦେଖିଲି ସୁତୀକ୍ଷ୍ଣ ଅସ୍ତ୍ରଧାରୀ କେତେଜଣ ଅଶ୍ୱାରୋହୀ ଯୁବକ ଏବଂ ସେମାନଙ୍କ ମଧ୍ୟରେ ମସ୍ତକେ ବହୁମୂଲ୍ୟ ମୁକୁଟ ଏବଂ ଦେହରେ ମଣି ମାଣିକ୍ୟ ଜଡ଼ିତ ବସ୍ତ୍ର ପରିଧାନ ଓ ଅତିଶୟ ଦ୍ରୁତଗାମୀ ଅଶ୍ୱରେ ଆରୋହଣ କରି ଜଣେ ସୁପୁରୁଷ ମୋ ଆଡ଼କୁ ଆସୁ ଅଛନ୍ତି । ଜଣେ ଅଶ୍ୱାରୋହୀଠାରୁ ଅବଗତ ହେଲି ଯେ ରାଜା ପାତ୍ର ମନ୍ତ୍ରୀ ଓ ସେନାପତି-ମାନଙ୍କ ସହିତ କନ୍ୟା ନିକଟକୁ ଯାଉ ଅଛନ୍ତି । ସେମାନେ ମୋତେ ଅତି କ୍ରମ କରି ଚାଲିଯିବାରୁ ମୁଁ ନଗରକୁ ଯାଇଁ ସେଠାର ଅପୂର୍ବ ଶୋଭା ସନ୍ଦର୍ଶନ କରି ସନ୍ତୁଷ୍ଟ ହେଲି ଏବଂ ଅନେକକ୍ଷଣ ଭ୍ରମଣ କରି ବନକୁ ଫେରି ଆସି ସିନ୍ଦୁକରୁ ଖାଦ୍ୟ ଦ୍ରବ୍ୟ ବାହାର କରି ଭୋଜନ ପୂର୍ବକ ଶୟନ ନିମନ୍ତେ ଶଯ୍ୟା ପକାଇଲି । ବର୍ତ୍ତମାନ ମହାଜନଙ୍କର ତାଡ଼ନା କିମ୍ବା ସ୍ୱାର୍ଥପର ଶଠ ମିତ୍ରଙ୍କର ଭୁଚ୍ଛା ବଞ୍ଚନାର ଭାବନା ନାହିଁ । ନିଶ୍ଚିନ୍ତରେ ଶୋଇବି ବୋଲି ଆଶା କରିଥିଲି ମାତ୍ର ତାହା ହେଲା ନାହିଁ । କାରଣ ମହାଜନଙ୍କ ଚିନ୍ତାକୁ ବଳି ଆଉ ଗୋଟିଏ ନୂଆର ଚିନ୍ତା ମୋ ମନରେ ଜାତ ହେଲା । କୃଷକଠାରୁ ରାଜକନ୍ୟା ସମ୍ବନ୍ଧରେ ଯେଉଁ ସବୁ କଥା ଶୁଣିଥିଲି ତାହା ଭାବି ମନେ ମନେ କହିଲି ରାଜା କି ନିର୍ବୋଧ ? ଗଣକ ନାୟକଙ୍କ କଥାରେ ବିଶ୍ୱାସ କରି ସୁକୁମାରୀ କୁମାରୀକୁ ବନ୍ଦିନୀ ପରି ବନ୍ଦ କରି ରଖି ଅଛନ୍ତି । ଆପଣା ନିକଟରେ ରଖିଥିଲେ କେତେ ଆନନ୍ଦରେ ଥାନ୍ତା ଏବଂ କୌଣସି ଦୁଷ୍ଟ ଲମ୍ପଟର ସେଠାକୁ ଯିବାକୁ ହିମ୍ମତ (୧) ପାଆନ୍ତା ନାହିଁ । ପୁରୀରୁ ଦୂର ଜଙ୍ଗଲର ଅନ୍ତରରେ ରଖିବା ଦ୍ୱାରା ଅନିଷ୍ଟର ବାଟ ଫିଟାଇ ଗଣକଙ୍କର କଥା ସଫଳ ହେବାର ସୁଯୋଗ ଘଟାଇ ଅଛନ୍ତି । ଏହି ଭାବନା ସହିତ ରାଜକନ୍ୟାର

୧—ସାହସ

Digitized by PPRACHIN, SOA

ସୌନ୍ଦର୍ଯ୍ୟର ଭାବନା ଆସି ପହୁଞ୍ଚିଲା । ଆପଣା ଜୀବନରେ ମୁଁ ଯେ କେତେ ସୁନ୍ଦରୀ ଭୋଗ କରିଥିଲି ତାହା କହିହେବ ନାହିଁ । ତଥାପି ଲମ୍ପଟ ମନ ପରନାରୀ ଭ୍ରଷ୍ଟ କରିବାକୁ ସର୍ବଦା ଉଦ୍ୟତ, ଏଣୁ ଶିରୀନର ସୌନ୍ଦର୍ଯ୍ୟ ବିଷୟ ଭାବନ୍ତେ ମୁଁ ଉପଭୋଗ କରିଥିବା ସମସ୍ତ ରମଣୀ ଅପେକ୍ଷା ଏ ଅଧିକ ମୋହିନୀ ଓ ସୌନ୍ଦର୍ଯ୍ୟଶାଳିନୀ ଥିବ ବୋଲି ଧାରଣା ହେଲା ଏବଂ କିପରି ତାହାକୁ ଦେଖି ପାରିବି ସେଥିପାଇଁ ଅସ୍ଥିର ହେବାକୁ ଲାଗିଲି । ଦୁଷ୍କର୍ମ ସମ୍ପାଦନର ପ୍ରଧାନ ସହାୟ ସୟତାନ ବେଳଜଣି ଶୀଘ୍ର ମୋ ମନରେ ବିରାଜମାନ ହୋଇ କହିଦେଲା ଉଡ୍ଡୀୟମାନ ବ୍ୟୋମଯାନରେ ଆରୋହଣ କଲେ ସମସ୍ତଙ୍କ ଚକ୍ଷୁରେ ଧୂଳି ଦେଇ ଅକ୍ଳେଶରେ ସେଠାରେ ପହୁଞ୍ଚି ସୁନ୍ଦରୀଙ୍କ ମନଭର ଦର୍ଶନ କରି ପାରିବ । ଏହି ପାପବୁଦ୍ଧି ମନରେ ଜାତ ହୁଅନ୍ତେ ଶୀଘ୍ର ଉତ୍ତମ ପରିଚ୍ଛଦ ପରିଧାନ କରି ସିନ୍ଦୁକରେ ବସି କଳ ମୋଡି ଦେଲି ଏବଂ ମୁହୁଁ ୨ ସପ୍ତଶାଳାର ଛାତରେ ପହୁଞ୍ଚିଲି । ସିନ୍ଦୁକ ଛାତରେ ରଖି କୌଶଳକ୍ରମେ ତଳକୁ ଅବତରଣ କରି ଦେଖିଲି ଗୋଟିଏ ପ୍ରଶସ୍ତ ଘରେ ଅଦ୍ଭୁତଦ୍ରବ୍ୟମାନ ସଜ୍ଜିତ ଓ ଉଜ୍ଜ୍ୱଳ ରତ୍ନମାନଙ୍କରେ ଗୃହ ଆଲୋକିତ ହୋଇଅଛି ଏବଂ ମନୋହର ପଲ୍ୟଙ୍କରେ ପଡ଼ିଥିବା ସୁକୋମଳ ଶଯ୍ୟାରେ ପରୀକୁ ବଳି ଅତିସୁନ୍ଦରୀ ଗୋଟିଏ ନାରୀ ଗଭୀର ନିଦ୍ରାରେ ଶୟନ କରିଅଛି । ଆହା ! ଏହି ରମଣୀର କି ମନୋହର ଶୋଭା ! ତାହାର ସୌନ୍ଦର୍ଯ୍ୟ ପ୍ରଭାରେ ମୋହର ଚକ୍ଷୁ ମୁଦ୍ରିତ ହେଲା; ଚିତ୍ତ ବିଚଳିତ, ପାଦ ସ୍ତମ୍ଭୀଭୂତ ହେଲା । ମୁଁ ଗତିରହିତ ହୋଇ କାଷ୍ଠ ପିତୁଳା ସମାନ ଅନେକ ବେଳଯାଏ ଦଣ୍ଡାୟମାନ ରହିଲି, ପରେ ସଚେତ ହୋଇ ଉନ୍ମୁକ୍ତ ଦ୍ୱାରବାଟେ ଭିତରକୁ ଯାଇ ସୁନ୍ଦରୀର ଚନ୍ଦ୍ରାନନ ଏକାଗ୍ରତା ସହିତ ନିରୀକ୍ଷଣ କରିବାକୁ ଲାଗିଲି । ମୁହୁଁ ମୁହୁଁ ଅଧୈର୍ଯ୍ୟ ହୋଇ ତାହାର ମୁଖ ଚୁମ୍ବନ କରି ପକାଇଲି । ନରେନ୍ଦ୍ରସୁତା ଚୁମ୍ବନେ ଚେତନା ହୋଇ ପାର୍ଶ୍ୱେ ମୋତେ ଦଣ୍ଡାୟମାନ ଦେଖି ଭୟେ ଚିତ୍କାର କଲା । କକ୍ଷାନ୍ତରେ ନିଦ୍ରିତା ବୃଦ୍ଧା ରକ୍ଷିଣୀ ନନ୍ଦମାର ଚିତ୍କାର ଶୁଣି ନିଦରୁ ଉଠି ଧଡ଼ପଡ଼ି ଦୌଡ଼ି ଆସିଲା । କୁମାରୀ କହିଲା 'ରକ୍ଷିଣି,

Digitized by PPRACHIN, SOA

ମୋତେ ରକ୍ଷା କର । ଏହି ଦେଖ ପୁରୁଷ ଏଠାରେ ଉପସ୍ଥିତ, ସମ୍ଭବତଃ ତୁମ୍ଭେ କଷ୍ଟ ପାଇ ତାହା ସହିତ ଏକଯୋଗ ହୋଇ ଏଠାକୁ ଆସିଅଛ । ବୃଦ୍ଧା କହିଲା, 'ଜେମା, ଏ କି ବିଷମ କଥା କହୁଅଛ ? ଦାସୀକୁ ଏହାର କିଛିମାତ୍ର ବିବରଣ ଜଣାନାହିଁ । ତୁମ୍ଭେ ବିବେଚନା କରି ଦେଖ ମୋହର ମନ୍ତ୍ରଣାରେ କି ଏହି ଦୁଃସାଧ କାର୍ଯ୍ୟସିଦ୍ଧି ହୁଅନ୍ତା । ସମସ୍ତଦ୍ୱାର ରାଜାଙ୍କର ନାମର ମୋହର କୃତ ଏବଂ ତାଲାବନ୍ଦ, ଚାବି ସବୁ ନିଜେ ରାଜାଙ୍କ ନିକଟରେ ଅଛି । ପୁଣି ଅସଂଖ୍ୟ ପ୍ରହରୀ ଅସ୍ତ୍ରଧରି ଦ୍ୱାର ରକ୍ଷା କରୁଅଛନ୍ତି, ସୁତରାଂ ମୁଁ ଏହାଙ୍କୁ କିପରି ଆଣିଲି ?"

ଜେମା ଧାଈର ଯୁକ୍ତିସଙ୍ଗତ ଉତ୍ତର ଶୁଣି ମନେ ମନେ କ'ଣ ଭାବିବାକୁ ଲାଗିଲେ । ମୁଁ ସୁନ୍ଦରୀକୁ ଚିନ୍ତାମଗ୍ନ ଓ ଧାଈକୁ ସଂଶୟାପନ୍ନ ଦେଖି ମନେ ମନେ ଭାବିଲି ନାରୀଜାତିର ସହଜ ପ୍ରକୃତି, ସହଜ କଥାରେ ଭୁଲିଯାଇ ମନୁଷ୍ୟକୁ ଦେବତା ବିଶ୍ୱାସ କରି ଭକ୍ତି କରିଥାନ୍ତି, ସୁତରାଂ ମୁଁ ନିଜକୁ କ'ଣ ବୋଲି ପରିଚୟ ଦେଲେ ଏମାନଙ୍କର ହୃଦବୋଧ ହୋଇ ମୋହର କଥାରେ ମୁଗ୍ଧ ହେବେ । ଖଲଙ୍କର ମନ୍ଦ ବୁଦ୍ଧି ଚଞ୍ଚଳ ବାହାର ପଡ଼େ । ଏଣୁ ମୋ ମନରେ ହଠାତ୍ ଏହି କଥା ଜାତ ହେଲା ଯେ "ରସିକଶ୍ରେଷ୍ଠ ଶ୍ରୀକୃଷ୍ଣ ବୋଲି ପରିଚୟ ଦେଲେ ସମସ୍ତ ଉତ୍ପାତ ନିପାତ ହେବ ଏବଂ ସହଜ ବିଶ୍ୱାସୀ ସ୍ତ୍ରୀ ମୋହର ବଶୀଭୂତ ହେବେ । ରମଣୀରଞ୍ଜନ ଭଗବାନ ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ ହୁଅନ୍ତେ ଚିନ୍ତା ପଳାୟନ କଲା ଏବଂ ମନ ପ୍ରଫୁଲ୍ଲିତ ଓ ବଦନ ବିକଶିତ ହେଲା । ମୁଁ ହସ ହସ ବଦନେ କହିଲି, 'ଗୋ ଚନ୍ଦ୍ରବଦନେ ତୁମ୍ଭେ ମୋତେ କିଣ ମନେ କରି ବିସ୍ମୟାପନ୍ନ ଓ ବିଷଣ୍ଣ ହୋଇ ମଳିନ ମୁଖେ ନୀରବେ ବସି ରହିଛ ? ତୁମ୍ଭେ ଚିନ୍ତା ଦୂର କରି ମୋହର କଥା ଶୁଣ । ମୁଁ ସୁରାସୁର ନର ନୁହେ ଯେ ତୁମ୍ଭର ଅପ୍ରୀତି କର କୌଣସି ବ୍ୟବହାର କରିବି । କେବଳ ତୁମ୍ଭର ହିତ ନିମିତ୍ତ ମୁଁ ଏଠାରେ ଉପସ୍ଥିତ । ମୋହର ପରିଚୟ ଜାଣିବା ପୂର୍ବେ ତୁମ୍ଭେ ଥରେ ବିଚାର ଦେଖ ଯମର ଅଗମ୍ୟ ଏହି ଦୁର୍ଗମ ସ୍ଥାନକୁ ମୁଁ ଯେ ଅକ୍ଲେଶ ଓ ଅନାୟାସରେ ଆସିଲି ଏଣୁ ସାମାନ୍ୟ ଲୋକ ନୁହେ । ମୁଁ ଆର୍ତ୍ତଜନଙ୍କର ତ୍ରାଣକାରୀ ଦୁଃଖିର ଦୁଃଖହାରୀ ବନ୍ଧର ଉଦ୍ଧାରକାରୀ

Digitized by PPRACHIN, SOA

ନାମ୍ବିର ମାନସମ୍ବାସୀ ସ୍ୱୟଂ ବୈଦ୍ୟାର ଅଟେ । ତୁମ୍ଭେ ସୁକୁମାରୀ ରାଜକୁମାରୀ । ତୁମ୍ଭର ଅଜ୍ଞାନ ପିତା ଅବିବେକୀ ହୋଇ ବନ୍ଦୀ ପରି ଏଠାରେ ରଖି ତୁମ୍ଭର ନବଯୌବନ ସାର ଦେଉଅଛନ୍ତି ଦେଖି ଆମ୍ଭ ମନରେ ବିଶେଷ ଦୟା ହେଲା । ତୁମ୍ଭର ମନ ତୋଷ ଏବଂ ତୁମ୍ଭଙ୍କୁ କଷ୍ଟରୁ ଖଲାସ କରିବାକୁ ଅସିଅଛୁଁ । ଅମ୍ଭେ ଗୃହୀ ଗୃହୀ ଓ ଲକ୍ଷ୍ମୀ ଗିରି କଷ୍ଟ ଜାଣି ନାହୁଁ କିମ୍ବା କୌଣସି ମନ୍ଦ ଅଭିପ୍ରାୟରେ ଏଠାକୁ ଆସି ନାହୁଁ, ତୁମ୍ଭର ଉଦ୍ଧାର କାରଣ ଅମ୍ଭର ଶୁଭାଗମନ । ଏବେ ଅମ୍ଭେ ତୁମ୍ଭର ରକ୍ଷଣାବେକ୍ଷଣ କରିବୁ । କୌଣସି ଲକ୍ଷ୍ମୀ ତୁମ୍ଭର ନାରୀତ୍ୱ ଧର୍ମ ନଷ୍ଟ କରିବ। ଦୂରେ ଥାଉ ତୁମ୍ଭର ମନ୍ଦର କଥା ମନେ ଭାବିଲେ ଅମ୍ଭର କୋପାନଳେ ଭସ୍ମୀଭୂତ ହେବ । ତୁମ୍ଭେ ଅମ୍ଭର ଶରଣାପନ୍ନ ଓ ପ୍ରେମାଧିନ ହୋଇ ନିଶ୍ଚିନ୍ତରେ କାଳଯାପନ କର । ତୁମ୍ଭର ସତୀତ୍ୱ ଲେଶମାତ୍ର ନଷ୍ଟ କିମ୍ବା ତୁମ୍ଭର ନାମ କଳଙ୍କିତ ହେବ ନାହିଁ—ବରଂ ତୁମ୍ଭେ ସତୀ ଶିରୋମଣି ଋଷିକାଙ୍କପରି ଜଗନ୍ମାନ୍ୟା ଓ ନାରୀମଧ୍ୟେ ଧନ୍ୟା ହେବ ।”

ମୋହର ପରିଚୟ ଶୁଣି ରମଣୀ ଓ ତାହାର ବୃଦ୍ଧାରକ୍ଷିଣୀ ପରସ୍ପର ମୁଖକୁ ଚାହିଁ ଚାହିଁ ହେଲେ । ତାଙ୍କର ଏହିଭାବ ଦେଖି ମୁଁ ଭାବିଲି ସମ୍ଭବତଃ ମୋହର କଥା ଏହାଙ୍କର ପ୍ରତ୍ୟୟ ହେଲା ନାହିଁ, ଯଦି ଏ ମୋତେ ବିଶ୍ୱାସ ନ କରନ୍ତି ତାହା ହେଲେ ନିଶ୍ଚୟ ମୋହର ଜୀବନ ନାଶ ହେବ । ମୋହର ଏହି ସଂଶୟ ଶୀଘ୍ର ବିଦାୟ ହେଲା, କାରଣ ରାଜକୁମାରୀ ଅଲକ୍ଷଣ ବିବେଚନା କରି ମୋତେ ପ୍ରକୃତ ରସରାଜ ହରି ବିଶ୍ୱାସ କରି ରାଧିକା ପରି ସତୀ ନାରୀ ହେବା ଆଶାରେ ସକଳ ଦୁଃଖ ପାସୋରି ଆନନ୍ଦିତ ହୋଇ ଭକ୍ତି ସହିତ ପ୍ରଣାମ କଲେ । ଅଧିକ କୁସଂସ୍କାରାପନ୍ନା ବୃଦ୍ଧା । ବିଶେଷ ପ୍ରୀତ କରି ସୁଆଶିଷ ଲଭି ବୈକୁଣ୍ଠବାସୀ ହେବା ଆଶାରେ ଭକ୍ତି ସହିତ ମୋ ପାଦତଳେ ଲୁଣ୍ଠିତ ହୋଇ ପଦରେଣୁ ଭକ୍ଷଣ ପୂର୍ବକ ତାହା ମୁଖେ ଓ ମସ୍ତକେ ବୋଳି ହେବାକୁ ଲାଗିଲା । ତାହାର ଏହି ଭକ୍ତି ପ୍ରଦର୍ଶନ କାର୍ଯ୍ୟରେ ବିଘ୍ନ ଘଟାଇ ଥିବାର ଦେଖି ମୁଁ ବିରକ୍ତ ହୋଇ ମନେ ମନେ କହିଲି ଈଶ୍ୱର କରୁ ଏହା ମୁଣ୍ଡରେ ବାଡ଼ିପଡ଼ୁ ବା ଏହାକୁ ସର୍ପ ଦଂଶନ କରୁ ଯେ, ଏ ବନ୍ଧାଇ

Digitized by PPRACHIN, SOA

ଶୀଘ୍ର ମୋ ମୁଣ୍ଡରୁ ଛଡ଼୍ରୁ, ପ୍ରକାଶ୍ୟେ ଅନେକ ଗୁଡ଼ାଏ ସୁଆଶିଷ ଦ୍ୱାରା ତାହାର ସନ୍ତୋଷ ବର୍ଦ୍ଧନ କରିବାରୁ ବୃଦ୍ଧା ନିଜ ଶୟନ ସ୍ଥାନକୁ ଗମନ କଲା । ମୁଁ ସେଠ ରେ ନିଷ୍କଣ୍ଟକେ ରାଜନନ୍ଦିନୀ ସଙ୍ଗେ ସମସ୍ତ ରଜନୀ ପରମ ସୁଖେ ଯାପନ କରି ରାଜାଙ୍କ ସତର୍କିତା ଓ ବୁଝିଥିବାକୁ ସ୍ମରଣାର ପୂର୍ବକ ପ୍ରଭାତ ସମୟେ ବିଦାୟ ହେଲି । ବିଦାୟ କାଳେ ରାଜନନ୍ଦିନୀ କୃତାଞ୍ଜଳି ହୋଇ କହିଲେ ପ୍ରଭୁ ଆପଣ ସ୍ୱୟଂ ନାରାୟଣ ସର୍ବଶକ୍ତିମାନ ଓ ସର୍ବଜ୍ଞାନ ଅଛି । ଯେଉଁଠାରେ ଥିଲେ ମଧ ଦାସୀର ଅବସ୍ଥା ଜାଣି ପାରିବେ । ମାତ୍ର ମୁଁ ସ୍ମର ନାରାପାଶରେ ନ ଥିଲେ ଆପଣଙ୍କୁ ଦେଖି ପାରିବ ନାହିଁ ସୁତରାଂ ଦାସୀକୁ ନ ପାଶୋରି ସମୟେ ସମୟେ ଦର୍ଶନ ଦେଉଥିବେ'ତବ ଶ୍ରୀଚରଣେ ଦାସୀର ଏହି ନିବେଦନ ଅଛି ।'ସୁନ୍ଦରୀର କଥା ଶୁଣି 'ରୋଗୀ ଯାହା ଖୋଜୁଥିଲା ବୈଦ୍ୟ ତାହା କହି ଦେଲା ।" ଭାବି ମନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ପ୍ରକାଶ୍ୟେ କହିଲି ସୁମଧ୍ୟମା ତୁମ୍ଭର କୌଣସି କଷ୍ଟ ନ ପଡ଼ିଲେ ଆଉ ଏଠା ଆସିବାର ଇଚ୍ଛା ଥିଲା ନାହିଁ ମାତ୍ର ଆସିବାକୁ ଅନୁନୟ କରୁଅଛ ତାହା ନିଷ୍ଫଳ ହେବ ନାହିଁ ନିଶ୍ଚୟ ଆସି ଦର୍ଶନ ଦେଇ ତୁମ୍ଭର ମନ ପ୍ରଫୁଲ୍ଲ ଓ ପାପକ୍ଷୟ କରିବୁଁ ଓ ସତୀତ୍ୱର ଜୟପତାକା ଉଡ୍ଡୀନ କରାଇବୁଁ ।" ଯୁବତୀ ସତୀରବର ପାଇ ଆନନ୍ଦେ ମାଛଯାଇ ଭକ୍ତି ସହିତ ପ୍ରଣିପାତ ହେଲା । ମହାରାଜ ମୋହର ବିବରଣରୁ ପ୍ରାଚୀନ ଶାସ୍ତ୍ରକାରମାନେ ସ୍ତ୍ରୀ ପୁରୁଷଙ୍କୁ ଧୂର୍ତ୍ତାମି ଏବଂ ତାହାର ଏକତାରେ ମହା ଉତ୍ପାତ ସଙ୍ଘଟନର ଯେ ବର୍ଣ୍ଣନା କରି ଅଛନ୍ତି ତାହ କେତେ ସତ ଏବଂ ସେହିମତ ଅନୁକରଣରେ ଅନିଷ୍ଟ ନିବାରଣ ନିମିତ୍ତ ଅସ୍ମ ଧର୍ମରେ ପ୍ରଚଳିତ ପରଦାର ଦସ୍ତୁର ଯେ କେତେ ଉପଯୁକ୍ତ ତାହା ସହଜରେ ଅନୁମିତ ହେବ । ଏହାର ପାଇଁ ସାଧ୍ୱୀଶିରୋମଣି ମହାତ୍ମା ମହମ୍ମଦଙ୍କର ସହଧର୍ମିଣୀ ଅୟିଥସିଦ୍ଦିକା ଦିନେ ନିଜ ପିତା ଅବୁବକରଙ୍କ ନିକଟରେ ବସି କଥୋପକଥନ କରୁଥିବାର ଦେଖି ମହାତ୍ମା ମହମ୍ମଦ କ୍ରୋଧାନ୍ୱିତ ହୋଇ କହିଲେ "ରେ ଅଶିଆ ତୁ କି ଶୟତାନକୁ ଦୂର ମନେ କରୁଅଛୁ । ସେ ମାନବଠାରୁ ନିଜ ପ୍ରତିହିଂସା ଗ୍ରହଣ ଓ ସ୍ୱଅଭିଷ୍ଟ ସାଧନ ନିମିତ୍ତ ଏହିପରି ସୁଯୋଗ ଅନ୍ୱେଷଣ

Digitized by PPRACHIN, SOA

କରୁଅଛୁ । ତାହା କ ତୋତେ ଜଣା ନାହିଁ ।" ନିଜ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ ଜିତେନ୍ଦ୍ରିୟ ଯୋଗୀ ହେଲେ ମଧ୍ୟ ତାହା ସମ୍ମୁଖରେ ସ୍ୱାଧୀନ ଭାବେ ସ୍ତ୍ରୀର ଉପବେଶନ ଅନିଷ୍ଟର କାରଣ ନିର୍ଦ୍ଧାରଣ ପୂର୍ବକ ଈଶ୍ୱର ଅନ୍ୟ ପୁରୁଷ ନିକଟକୁ ସ୍ତ୍ରୀର କୋରାନରେ ଗମନ ବାରମ୍ବାର ବାରଣ କରିଅଛନ୍ତି । ସେଥି ପ୍ରତି କ ତୋହର ଧ୍ୟାନ ନାହିଁ ? ସୁତରାଂ ହେ ଆୟେଶା (୧) ଅଏଶା କାମ (୨) ଫେର କରିବ ନାହିଁ ବୋଲି ମୋହର ଭରସା ହେଉଅଛି । ନଚେତ୍ ତୁମ୍ଭର ଦୃଷ୍ଟାନ୍ତରେ ମୋହର ଶିଷ୍ୟଗଣେ ନରକ ଯେ ପୂର୍ଣ୍ଣ ହେବ ସନ୍ଦେହ ନାହିଁ । ଯେଉଁ ମହାଜନଙ୍କର ନାମ ଉଚ୍ଚାରଣ କଲେ ସୟତାନ ଶତ ଯୋଜନ ପଳାୟନ ଓ ପାପ ମୋଚନ ହୁଏ, ସେପରି ପିତା ନିକଟରେ ଦୁହିତା ବସିବାରେ ପାପୋତ୍ପତ୍ତିର ଭୟ କରି ମହମ୍ମଦ ସ୍ୱୀୟ ପ୍ରିୟତମଙ୍କୁ ଏତେ ଭର୍ତ୍ସନା କରିଥିଲେ । ଅମ୍ଭେମାନେ ସ୍ଥିର କର । ଆମ୍ଭର ମନ ପାପର ଘର, ସୁତରାଂ ଅମ୍ଭେ ଅନ୍ୟ ସ୍ତ୍ରୀ ପୁରୁଷ ନିର୍ଜ୍ଜନେ ଏକତ୍ର ହେଲେ ଯେ ଶୀଘ୍ର ଅନିଷ୍ଟକର କାର୍ଯ୍ୟର ଯୋଗାଡ଼ କରିବୁ ସେଥିରେ ସନ୍ଦେହ କାହାର ହୋଇପାରେ ।" ସେ ଯାହା ହେଉ ମୁଁ ବିଦାୟ ହୋଇ ସ୍ଥିତକୁ ଯାଇ ବ୍ୟୋମଯାନ ଆରୋହଣପୂର୍ବକ ବେଗେ ବନକୁ ଆସିଲି ଏବଂ ସେଠାରେ ତାହାକୁ ଗୋପନେ ରଖି ବଜାରକୁ ଗଲି । ବଜାରରେ ରୁଚିମତ ଖାଦ୍ୟଦ୍ରବ୍ୟ ଓ ବହୁମୂଲ୍ୟ ବସ୍ତ୍ର ଏବଂ ଯୁବତୀ ମନୋରଞ୍ଜକ ସୁରଭିତ ନାନାପ୍ରକାର ସୁଗନ୍ଧଦ୍ରବ୍ୟ କ୍ରୟ କଲି । ଏଥିରେ ଅନେକ ଟଙ୍କା ଖରଚ ହେଲା, ମାତ୍ର ସେଥିପାଇଁ ଚିନ୍ତିତ ହେଲି ନାହିଁ । ସେଠାରୁ ଆଶ୍ରୟ ସ୍ଥାନକୁ ଆସି ସାମାନ୍ୟ ଭୋଜନ ପରେ ଦେହରେ ସୁଗନ୍ଧଦ୍ରବ୍ୟ ଓ ଅଙ୍ଗରାଗ ମର୍ଦ୍ଦନ ଓ ବସ୍ତ୍ର ପରିଧାନରେ ଅଧିକ ରାତ୍ରି ହେବାର ଦେଖି ଶୀଘ୍ର ସିନ୍ଦୁକାରୋହଣରେ ଶିରୀନ୍‌ସଦନେ ଗମନ କଲି । ଶିରୀନ ବିଳମ୍ବରେ ବେଚଇନ ହେଉଥିଲେ, ମୋତେ ଦେଖି ଆନନ୍ଦିତ ହୋଇ କହିଲେ, "ନାଥ, ଏତେ ବିଳମ୍ବ କାହିଁକି ? ଆପଣଙ୍କ ଶୁଭାଗମନର ବିଳମ୍ବ ଦେଖି ମୁଁ ଅତ୍ୟନ୍ତ ବ୍ୟଥିତ ହୋଇ ଭାବୁଥିଲି ସମ୍ଭବତଃ ପ୍ରଭୁ ଦାସୀକୁ

(୧) ଆୟେଶାଙ୍କର ନାମାନ୍ତର । (୨) ଏପରି କାର୍ଯ୍ୟ ।

Digitized by PPRACHIN, SOA

ବିସ୍ମୃତ ହେଲେ । ଆପଣଙ୍କର ମୁହୂର୍ତ୍ତେ ଅଦର୍ଶନ ଦାସୀକୁ ସାଂଘାତିକ ଯାତନା ଦିଏ । ଏଣୁ ପ୍ରାର୍ଥନା (ପଦ)

ଏତିକ ହେ ଇଚ୍ଛା ନାଥ, ଯେତେ ଦିନ ଅଛି ଜୀବନ ।
ଦାସୀ ପାଉଥିବ ପାଦପଦ୍ମ ଦରଶନ ॥
ପ୍ରାଣଅନ୍ତେ ପଦପ୍ରାନ୍ତେ ପାଇ ଅଳ୍ପ ସ୍ଥାନ ।
ଦାସୀ ମଧ୍ୟେ ଗଣ୍ୟ ହୋଇ ପାଇବ ସମ୍ମାନ ॥

ତାହି ଚରଣ ଧାରଣ କଲି । ମୁଁ କହିଲି, ଚନ୍ଦ୍ରବଦନା, ଆଉ ଭାବନା କରନା । ତୁମ୍ଭର ପ୍ରେମ ଦେଖି ଆମ୍ଭେ ସନ୍ତୁଷ୍ଟ ହୋଇ ତୁମ୍ଭଙ୍କୁ ବର ଦେଉଅଛୁଁ ଯେ ଆମ୍ଭର ତୁମ୍ଭର ବିଚ୍ଛେଦ ହେବ ନାହିଁ । ପ୍ରତି ରଜନୀରେ ତୁମ୍ଭଙ୍କୁ ଦର୍ଶନ ଦେଉଥିବୁଁ । ବିଶେଷତଃ ତୁମ୍ଭେ ଏହି ଅନିତ୍ୟ ଦେହ ଛାଡ଼ି ସ୍ୱର୍ଗକୁ ଯାଇ ଲକ୍ଷ୍ମୀ ସରସ୍ୱତୀଙ୍କ ମଧ୍ୟେ ସ୍ଥାନ ପାଇ ଚଉଦିଗ ଜଗତେ ସୁଖ୍ୟାତି ଲଭିବ । ମୋହର କଥା ଶୁଣି ରାଜଦୁହିତା ପୁଲକିତା ହୋଇ କହିଲା, "ପ୍ରଭୁ, ଏବେ ନିଶ୍ଚିନ୍ତ ହେଲି, ଆଉ ଭାବନା ନାହିଁ । କେବଳ ଗୋଟିଏ କଥା ପାଇଁ ମନରେ ସଂଶୟ ହେଉଅଛି । ଦୟାକରି ତାହାର ମର୍ମ କହି ସଂଶୟ ଦୂର କର । ତାହା ଏହି ଯେ, ଭଗବାନ କୃଷ୍ଣଚନ୍ଦ୍ର କୃଷ୍ଣବର୍ଣ୍ଣ ବୋଲି ସମସ୍ତେ ତାହାଙ୍କୁ କଳାକହାଇ କହନ୍ତି । ମାତ୍ର କାହିଁ ଆପଣଙ୍କ ବର୍ଣ୍ଣ ତ କଳା ନାହିଁ । ଆପଣଙ୍କ ବର୍ଣ୍ଣ ଗୌର ଓ ମନୋହର ଅଟେ । ଏହାର କାରଣ କିଣ ?" ଏହି ବିଷମ ପ୍ରଶ୍ନର କିଣ ଉତ୍ତର ଦେବି ଏହି ଚିନ୍ତାରେ ହୃଦ ଧଡ଼ ଧଡ଼ ଓ ଶରୀରରୁ ଝାଳ ବହିବାକୁ ଲାଗିଲା, ଏହିଭାବେ କିଛିକ୍ଷଣ ଧ୍ୟାନମଗ୍ନ ରହିଲି । ମାତ୍ର, କାମୁକର ବିବେକ ପ୍ରଖର ଅଳ୍ପ ଚିନ୍ତାରେ ଉପଯୁକ୍ତ କଥା କାଢ଼ିନେଇ ପାରିଲି । ନିମିଷେ ଭାବି ମୁଁ ହାସ୍ୟ କରି କହିଲି, ସୁନ୍ଦରୀ, ବଡ଼ ଗହନ କଥା ପଚାରିଲ । ସେହି ଗୁପ୍ତ କଥା ପରଠାରେ ପ୍ରକାଶିତ ହୋଇ ନ ପାରେ, କିନ୍ତୁ ତୁମ୍ଭପରି ପ୍ରିୟଜନଙ୍କଠାରେ କିଣ ଗୋପନ ରଖିବୁଁ, ସେ ମର୍ମ କହୁଅଛୁଁ ଶୁଣ । ଯେପରି ପାନ, ଭୋଜନ ଓ ଆଘ୍ରାଣରେ ବିଭିନ୍ନ ଲୋକଙ୍କର ରୁଚି, ବିଭିନ୍ନ ପ୍ରେମରେ ମଧ୍ୟ ସେହିପରି ଅଟେ । ତୁମ୍ଭଙ୍କୁ

Digitized by PPRACHIN, SOA

ପଚା ମାଛ, ବେଙ୍ଗ, କୁକୁର, ନେଉଳ, ବଲୁଅ ପ୍ରଭୃତିର ପଚା ମାଂସ ଖାଇବାକୁ ଦେଲେ, ଖାଇବା ଦୂରେ ଥାଉ ତାହାର ରୂପ ଦେଖି ଓ ଗନ୍ଧ ଶୁଙ୍ଘି ବାନ୍ତି କରି ଚୋଇବ କିନ୍ତୁ ଧନା ଓ ବୁଦ୍ଧୀମାନେ ସେ ସବୁ ଉତ୍କୃଷ୍ଟ ଖାଦ୍ୟ ମନେକରି ଅଗ୍ରହରେ ଭୋଜନ କରନ୍ତି । ତୁମ୍ଭର ବିଳାସ ଜନିତ୍ର ଅତର, ଗୋଲାପଜଳ ଓ ଜବାକୁସୁମତେଲ ନ ହେଲେ ଚଳିବ ନାହିଁ ମାତ୍ର ଗ୍ରାମ୍ୟ କୃଷକର ସ୍ତ୍ରୀକୁ ଦେଲେ, "କହିବ, ମଲା ଏଗୁଡ଼ାକ କଣ ମ, କମିତକା ଗନ୍ଧ ଉଚ୍ଛି ।" ଟିକିଏ ଜଡା ମାଲପା ବା ଚୁଆଁତେଲ ଦେଲେ ସେ ବଡ଼ ଅନନ୍ଦରେ ତାହା ମୁଣ୍ଡରେ ମାଖିନେବ । ଏ ସମ୍ବନ୍ଧରେ ଗୋଟିଏ କେଉଟୁଣୀର ଗଳ୍ପ କହୁଛି ଶୁଣ । ହସି ହସି ଗଡ଼ିଯିବ । ଦିନେ ଗୋଟିଏ କେଉଟୁଣୀ ମାଛ ବିକି ଯାଇଥିଲା । ଘରକୁ ଫେରିବା ସମୟେ ଭାରି ବରଷା ହେଲା ଏବଂ ଅନ୍ଧାରରେ ବାଟ ଦିଶିଲା ନାହିଁ । ସେ ଯାଇ ନ ପାରି ବାଟରେ ଥିବା ରାଜାଙ୍କ ଫୁଲବଗିଚ୍ଚାର ମାଳିକୁ କହି ବଗିଚ୍ଚାରେ ରହିଲା । ରାତକୁ ଗୋଲାପ, ମଲ୍ଲି, ରଜନୀଗନ୍ଧା ପ୍ରଭୃତି ଫୁଲମାନ ଫୁଟି ତାହାର ସୁବାସରେ ଦିଗ ଚହଟିଲା । ଏହି ଫୁଲମାନଙ୍କର ସୁବାସ କେଉଟୁଣୀକୁ ସହ୍ୟ ହେଲା ନାହିଁ, କମ୍ଵା ନିଦ ହେଲା ନାହିଁ । ସେ ବ୍ୟସ୍ତରେ ଛଟପଟ ହେଉ ହେଉ ଶେଷରେ ବିରକ୍ତ ହୋଇ କହିଲା, "ମଲା ନିଆଁ ଲଗା କ ଗନ୍ଧଅ ଫୁଲଗୁଡ଼ା ଏଠାରେ ଫୁଟିଛି, ଯାହାର ଗନ୍ଧରେ ମନୁଷ୍ୟକୁ ନିଦ ଅସୁନାହିଁ ।" କଣ ଉପାୟ କଲେ ନିଦ ଅସିବ ଭାବି ଭାବି ମନରେ କଣ ପାଞ୍ଚି ଉଠି ଶୀଘ୍ର ମାଛ ଟୋକାଇରୁ ମାଛ ଧୋଡାଇବାର ପଚା ଗନ୍ଧର କନା ଖଣ୍ଡିକ ଟାଣି ଆଣି ତାକୁ ପାଣିରେ ଭିଜାଇ ନାକ ଉପରେ ଥୋଇ ତାହାର ବାସନା ଶୁଙ୍ଘି ଶୁଙ୍ଘି ନିଶ୍ଚିନ୍ତରେ ଶୋଇ ପଡିଲା । ସେହିପରି ଗୋପର ଗୌଡ଼ୁଣୀ ଙ୍କାଳି, ତାଙ୍କ ମନ ସନ୍ତୋଷ ପାଇଁ କଳାରୂପ ଧରି କଳାକହ୍ନାଇ ଅବତାର ହୋଇ ସଂସାରକୁ ଆସିଥିଲେ । ସୁନ୍ଦର ଗୌରରୂପ ଧରିଥିଲେ କଦାପି ତାଙ୍କର ମନରଞ୍ଜନ କରି ପାରି ନ ଥାନ୍ତି । ମାତ୍ର ତୁମ୍ଭେ କାଶ୍ମୀର ରମଣୀ ରାଜନନ୍ଦନୀ ସୁନ୍ଦରୀଙ୍କର ଶିରୋମଣୀ ଅଟ । ତୁମ୍ଭ ନିକଟକୁ ସେହି ଭଗ୍ୟବାନଙ୍କର କଳାକଳେବର କହ୍ନାଇରୂପ ଧରି ଅସିଥିଲେ ତୁମ୍ଭେ

Digitized by PPRACHIN, SOA

ମା'ଙ୍କେ, "ଭୂତ ବୋଲି ଚିତ୍କାର କରି ମୂର୍ଚ୍ଛା ଯାଇଥାନ୍ତି । ଆମ୍ଭଙ୍କୁ ପ୍ରେମ କରନ୍ତା କିଏ ? ଏଣୁ ତୁମ୍ଭର ମନ ପ୍ରୀତ କରିବା କାରଣ ଏହି ମନୋହର ରୂପ ଧାରଣ କରିଅଛୁଁ । ଯେ ଠାଏ କିଣ ଆମ୍ଭେ ମୁହୂର୍ତ୍ତିକେ ଶତ ପ୍ରକାର ରୂପ ପରିବର୍ତ୍ତନ କରି ପାରୁଁ, ମାତ୍ର ସେହି ସବୁ ରୂପ ବର୍ତ୍ତମାନ ଦେଖାଇବୁଁ ନାହିଁ । ଯେତେବେଳେ ତୁମ୍ଭେ ଆମ୍ଭକୁ ପ୍ରେମ ଓ ଭକ୍ତି କରୁ କରୁ ଆମ୍ଭର ଧ୍ୟାନରେ ଲୀନ ଓ ଅନ୍ୟ ଚିନ୍ତା ବିସ୍ମରଣ କରିବ, ସେତେବେଳେ ଆମ୍ଭର ସମସ୍ତ ରୂପ ଅକ୍ଳେଶରେ ଦେଖି ପାରିବ ।" ରମଣୀ ଯୁକ୍ତିଯୁକ୍ତ ଉତ୍ତର ଏବଂ ନିଜରୂପର ପ୍ରଶଂସାବାଦ ଶୁଣି ପୁଲକିତା ହେଲେ, ମୋହର କଥାରେ ରମଣୀର ମନ ମାନିଲା ଦେଖି, ସମସ୍ତ ଝଁଟା ନିଷ୍ପତ୍ତି ହେଲା ଭାବି ଆନନ୍ଦେ ରାତ୍ରି ଯାପନ କଲି । ସେହି ସମୟରୁ ସୁନ୍ଦରୀର ମୋ ପ୍ରତି ଦୃଢ଼ବିଶ୍ୱାସ ଅଟଳ ଭକ୍ତି ଓ ପ୍ରୀତିଜାତ ହେଲା । ମୁଁ ତାହାର ସର୍ବମୟ କର୍ତ୍ତା ହେଲି, ଯାହା କହୁଥିଲି, ସେ ଆଗ୍ରହ ସହିତ ତାହା ମାନୁଥିଲା । ଏହିପରି ପରମସୁଖେ ସପ୍ତାହକାଳ ଗତ ପରେ ରାଜା ଅଭ୍ୟାସମତ କୁମାରୀକୁ ଦେଖିବାକୁ ଆସି ଦ୍ୱାର ପୂର୍ବବତ୍ ମୋହର କୃତ ତାଲାଯୁକ୍ତ ଦେଖି ସନ୍ତୁଷ୍ଟହୋଇ ସଙ୍ଗୀମାନଙ୍କୁ କହିଲେ "ସମସ୍ତ ମଙ୍ଗଳ ଅଛି, ଯେ ପର୍ଯ୍ୟନ୍ତ ଦ୍ୱାରେ ମୋ ନାମର ମୋହର ଅଙ୍କିତଥିବ ସେ ପର୍ଯ୍ୟନ୍ତ କୌଣସି ଅମଙ୍ଗଳର ଆଶଙ୍କା ନାହିଁ । ଏହାକହି ରାଜା, ମନ୍ତ୍ରୀ ଓ ସଦସ୍ୟମାନଙ୍କୁ ବାହାରେ ଛାଡ଼ି ସହାସ୍ୟେ ଗୃହେ ପ୍ରବିଷ୍ଟ ହେଲେ । କନ୍ୟା ପିତାଙ୍କୁ ଦେଖି ପୂର୍ବେ ଯେପରି ପୁଲକିତା ହେଉଥିଲେ ଆଜି ସେ ଭାବ ନାହିଁ, ମନମଳିନା ଓ ଚିନ୍ତା ପୂର୍ଣ୍ଣ ତଥାପି ମନ ଦୃଢ଼ କରି ପିତାଙ୍କୁ ସମାଦରେ ବସାଇ ଆପେ ପାର୍ଶ୍ୱେ ଦଣ୍ଡାୟମାନ ହେଲେ । ରାଜାକନ୍ୟାର ମୁଖ ବିବର୍ଣ୍ଣ ଓ ଶରୀରକମ୍ପମାନ ଦେଖି ମନର ଅବସ୍ଥା ବୁଝିପାରି କହିଲେ ବତ୍ସେ ତୁମ୍ଭେ ଆଜି ଚିନ୍ତାଯୁକ୍ତ ଓ ଶୁଷ୍କମୁଖ ଦେଖା ଯାଉଛ ଏହାର କାରଣ କଣ ? ରାଜାଙ୍କର କଥା ଶୁଣି ଶିରିନ ଅଧିକ ଭୀତା ଓ ଲଜ୍ଜିତା ହୋଇ ଅବନତ ମସ୍ତକେ ତଳକୁ ଚାହିଁ ପାଦର ବୃଦ୍ଧାଙ୍ଗୁଳି ଭୂମିରେ ଘର୍ଷଣ କରିବାକୁ ଲାଗିଲେ ଏବଂ ଅନର୍ଗଳ ଅଶ୍ରୁଧାରା ଚକ୍ଷୁରୁ ଗଡ଼ିବାକୁ ଲାଗିଲା । ତାହା

Digitized by PPRACHIN, SOA

ଦେଖି ରାଜାଙ୍କର ସଂଶୟ ବୃଦ୍ଧି ହେଲା ଏବଂ ସେ ପୁନଃ ପୁନଃ ସେହି କଥା ପଚାରିବାକୁ ଲାଗିଲେ । ପିତାଙ୍କର ବାରମ୍ବାର ଜିଜ୍ଞାସାରେ ରାଜପୁତ୍ରୀ ଅଗତ୍ୟା ସମସ୍ତ କଥା ପ୍ରକାଶ କଲେ । ରାଜା ଶ୍ରୀକୃଷ୍ଣଙ୍କର ଗମନାଗମନର କଥା ଶୁଣି ବିସ୍ମୟାପନ୍ନ ହୋଇ କିଛିକ୍ଷଣ ମୌନେଅବସ୍ଥାନ କଲେ । ପରେ ରାଗାନ୍ୱିତ ହୋଇ କନ୍ୟାକୁ କହିଲେ, "ହାୟ ତୁମ୍ଭେ ଏତେ ନିର୍ବୋଧ ଆମ୍ଭେ ସାବଧାନ ହୋଇ ଏତେ ଯତ୍ନ କରି ସୁଦ୍ଧା ତୁମ୍ଭର ଅଦୃଷ୍ଟ ଲିଖିତ ଦୁଷ୍କୃତ ରହିତ କରି ପାରିଲୁଁ ନାହିଁ । ହାୟ ହାୟ କେଉଁ ଦୁଷ୍ଟ ଶଠ ଲମ୍ପଟ ଆସି ତୁମ୍ଭଙ୍କୁ ନଷ୍ଟ କରିଗଲା ।"

ରାଜା କନ୍ୟାକୁ ଅନେକ ତିରସ୍କାର କରି କ୍ରୋଧପୂର୍ଣ୍ଣ ଆରକ୍ତ ଲୋଚନେ ଠକର ଆଗମନ ପଥ ଅନୁସନ୍ଧାନ କରିବାକୁ ଲାଗିଲେ । ମାତ୍ର ଠକର ଯାତାୟାତ ପଥର କୌଣସି ତଥ୍ୟ ନ ପାଇ ମନ୍ତ୍ରୀମାନଙ୍କୁ ଡକାଇଲେ । ମନ୍ତ୍ରୀଗଣ ରାଜାଙ୍କ ମୁଖରେ ରାଗର ଚିହ୍ନ ଦେଖି ଭୟେ କମ୍ପମାନ ହେବାକୁ ଲାଗିଲେ । ପ୍ରଧାନ ମନ୍ତ୍ରୀ ସାହସ କରି ରାଗର କାରଣ ପଚାରିଲେ । ରାଜା ଦୁଃଖେ ମସ୍ତକରେ ହାତପିଟି କହିଲେ ବନ୍ଧୁଗଣ ମୋହର ଦୁର୍ଦ୍ଦଶା କଣ ପଚାରୁଛ, ଏତେ ଯତ୍ନକରି ସୁଦ୍ଧା କେମାର ଅଦୃଷ୍ଟଲିଖନ ପରିବର୍ତ୍ତନ କରି ପାରିଲି ନାହିଁ । କେଉଁ ଲମ୍ପଟ ଆପଣାକୁ କୃଷ୍ଣ ବୋଲି କହି କୁମାରୀକୁ କଳଙ୍କିତ କରିଦେଲା । ଆହୁରି ଗୋଟିଏ ଅଦ୍ଭୁତ କଥା ଏହି ଯେ, ସେ କେଉଁ ବାଟେ ଦେଇ ଆସିଲା ତାହାର କୌଣସି ଲକ୍ଷଣ ଜଣା ଯାଉ ନାହିଁ । ରାଜାଙ୍କର କୋପ ଶାନ୍ତ ନିମିତ୍ତ ମନ୍ତ୍ରୀ କହିଲେ ମହାଭାଗ କଥାଟା ଅସମ୍ଭବ ବୋଲି ବୋଧ ହେଉ ନାହିଁ, କାରଣ ଦୁଃଖହାରୀ ହରି ଆର୍ତ୍ତଜନଙ୍କର ଗୁହାରି ଶୁଣି ନାନା ଉପାୟରେ ସେମାନଙ୍କୁ ଦୁଃଖରୁ ପାରି କରନ୍ତି । ଯୌବନ ପ୍ରାପ୍ତା ରାଜସୁତା ଯୌବନ ସୁଖରୁ ବଞ୍ଚିତା ହୋଇ ବନ୍ଦିନୀ ପକ୍ଷୀ ରହିଛନ୍ତି ଦେଖି ଭଗବାନଙ୍କ ମନରେ ଦୟା ହୋଇ ଭଜନାଳୟେ ବନ୍ଦିନୀ ବବମେଶ୍ୱରୀଙ୍କୁ ଦୁଃଖରୁ ତାରିବାପରି ରାଜକୁମାରୀଙ୍କୁ ଦୁଃଖରୁ ପାରି-କରିବାକୁ ଆସିଥିବେ ସନ୍ଦେହ କଣ ? ପ୍ରଧାନ ମନ୍ତ୍ରୀଙ୍କର ବଚନ

Digitized by PPRACHIN, SOA

କେବଳ ଜଣେ ବିଚକ୍ଷଣ ମନ୍ତ୍ରୀ ଭିନ୍ନ ଆଉ ସମସ୍ତ ସଙ୍ଗିଗଣ ସମର୍ଥନ କଲେ, ମାତ୍ର ସେହି ସ୍ପଷ୍ଟବାଦୀ ମନ୍ତ୍ରୀ କହିଲେ, "ଭାଇ ସମ ବୋଲି ଈଶ୍ୱରଙ୍କର କୋପକୁ ଡରି ତାଙ୍କର ଅପ୍ରୀତିକର କଥା ମୁଖରୁ ବାହାର କରନା । କାହିଁ ବିବିମେରି କାହିଁ ଗ୍ରୀସର ରାଜକୁମାରୀ ରାଜରାଣୀ ସଙ୍ଗେ ଚନ୍ଦ୍ରକାନ୍ତିର ତୁଳନା ପରି କରୁଅଛ । ବିବୀମେରୀ ଈଶ୍ୱରଙ୍କର ନାମରେ ଉତ୍ସର୍ଗୀତା ହୋଇ ନିରତ ଈଶ୍ୱରଙ୍କ ଧ୍ୟାନରେ ଅନୁରକ୍ତା ଥାଇ ଆତ୍ମବିସ୍ମୃତା ହୋଇଥିଲେ । ବିଶେଷତଃ ଈଶ୍ୱର ତାଙ୍କ ଗର୍ଭରୁ ବ୍ରହ୍ମାଣ୍ଡଖ୍ୟାତ ମହାପୁରୁଷ ଈଶାଙ୍କୁ ବିନା ତାତରେ ଜାତ କରି ଆପଣାର ଅସାଧାରଣ ଶକ୍ତିର ପରିଚୟ ଦେବା ନିମନ୍ତେ ସେହି ଅଦ୍ଭୁତ କାର୍ଯ୍ୟ କରିଥିଲେ । ଅନନ୍ତର ଗୋଟିଏ କଥା ଈଶ୍ୱର ପ୍ରେରିତ ଦୂତ ଆସି ବିବିମେରୀଙ୍କୁ ତାଙ୍କ ଗର୍ଭରୁ ବିନା ପିତାରେ ଈଶ୍ୱରଙ୍କର ପ୍ରିୟତମପୁତ୍ରର ମହାତ୍ମା ଈଶା ଜନ୍ମ ହେବେ କେବଳ ଏହି ସୁସମ୍ବାଦ ମାତ୍ର ଶୁଣାଇ ଚାଲି ଯିବାର ମୁସଲମାନ ଧର୍ମଶାସ୍ତ୍ରରେ ଉଲ୍ଲେଖ ଥିବାର ଶୁଣାଯାଏ । ପୁଣି କୃଷ୍ଣ ନିଜ ସ୍ଥାନରେ ଥାଇ ନିଜରୂପର ଶତ୨ ପ୍ରତିରୂପ ଗୋପୀମାନଙ୍କର ନିକଟକୁ ପଠାଇ ତାଙ୍କର ମନ ରଖାଇ ଆପଣା ମାହାତ୍ମ୍ୟ ଦେଖାଇଥିଲେ ଏବଂ ଏକ ସମୟରେ ସମସ୍ତ ଗୋପୀଙ୍କ ଘରେ କୃଷ୍ଣ ଦେଖା ଯାଉଥିବାର ଶାସ୍ତ୍ରକାରମାନେ ଲେଖି ଅଛନ୍ତି । ଏଥା କେଉଁ କୃଷ୍ଣ ଯେ ପ୍ରତି ରଜନୀରେ ଘର ଗେରସ୍ତ ପରି ରାଜକନ୍ୟା ନିକଟକୁ ଆସି ନିଜ କୁପ୍ରବୃତ୍ତିର ତୃପ୍ତି ସାଧନ କରୁଅଛି । ଏ ଲୋକ ନିଶ୍ଚୟ କୌଣସି ଗୁଣକ କାମୁକ ଅଟେ । ନିଜ ବାକପଟୁତାଦ୍ୱାରା ଆମ୍ଭମାନଙ୍କୁ ଉଲ୍ଲୁକ ବନାଇ କେମା ସଙ୍ଗେ ପରମ ସୁଖ ଭୋଗ କରୁଅଛି । ବୈକୁଣ୍ଠବାସୀ ଶ୍ରୀକୃଷ୍ଣଙ୍କର କି ଆଉ କିଛି ଠିକଣା ନାହିଁ ଯେ ସ୍ୱର୍ଗପୁରୀ ଛାଡ଼ି ଗ୍ରୀସ ରାଜକୁମାରୀ ସକାଶେ ପ୍ରତିଦିନ ମର୍ତ୍ତ୍ୟ-ପୁରୀକୁ ଧାଇଁ ଆସୁଛନ୍ତି । ଯାହା ହେଉ ବର୍ତ୍ତମାନ ମଧ୍ୟ ସାବଧାନ ହେବା ଉଚିତ ନଚେତ୍ ମନ୍ଦ କଲଙ୍କର ଆଶଙ୍କା ଅଛି । ରାଜା ଏହି ଅପ୍ରୀତି-କର କଥା ଶୁଣି ବିରକ୍ତ ହୋଇ କହିଲେ ଆମ୍ଭେ ପୁଙ୍ଖାନୁପୁଙ୍ଖରୂପେ ଗମନାଗମନର ପଥ ଅନୁସନ୍ଧାନ କଲୁ, ମାତ୍ର ତାହାର ଚିହ୍ନ ପାଇଲୁଁ

Digitized by PPRACHIN, SOA

ନାହିଁ । ମନୁଷ୍ୟ ହୋଇଥିଲେ ତ ଅବଶ୍ୟ କୌଣସି ବାଟ ଦେଇ ଆସନ୍ତା ଛନ୍ତି, ତାହା ଦେଖା ଯାଏ ନାହିଁ । ଯାହା ହେଉ ଭୂମିର ସନ୍ଦେହ ଭଞ୍ଜନ ନିମିତ୍ତ ଆଜ ରାତ୍ର ଏହିଠାରେ ରହି ଦେଖିବୁଁ ପ୍ରଭୁ କେଉଁ ଦୈବ୍ୟାର କ କୌଶଳରେ ଏଠାକୁ ଆସୁଛନ୍ତି ।

ଅନନ୍ତର ରାଜା ରାତ୍ରିରେ ସେଠାରେ ରହିବା ଅଭିପ୍ରାୟରେ ମନ୍ତ୍ରୀମାନଙ୍କୁ ବିଦାୟ କରି କନ୍ୟା ନିକଟକୁ ଯାଇ ବିବିଧ ଚିନ୍ତା ବଶତଃ ନ ଖାଇ ନ ପିଇ ଦିନ ଯାପନ କଲେ । ସନ୍ଧ୍ୟା ହୁଅନ୍ତେ ଆଲୋକ ସମ୍ମୁଖରେ ରଖି ତରବାରି ହାତରେ ଧରି ଖଟିଆ ନିକଟରେ ବସି ରହିଲେ । ଆଗନ୍ତୁକ ଶ୍ରୀକୃଷ୍ଣ ନ ଥାଇ କୌଣସି ଠକ ଲମ୍ପଟ ଥିଲେ ତାହାକୁ ହାଣି ଖଣ୍ଡ ଖଣ୍ଡ କରି କଳଙ୍କ ନିବାରଣ କରିବେ ବୋଲି ଦୃଢ଼ ପ୍ରତିଜ୍ଞା କଲେ । ରାତ୍ରି କିଛି ଅଧିକ ହୁଅନ୍ତେ ମୁଁ ସିନ୍ଦୁକରେ ସେହିବାଗେ ଗମନ କଲି । ସିନ୍ଦୁକରେ ଲାଗିଥିବା ଆଲୋକ ରାଜାଙ୍କର ଦୃଷ୍ଟି ଗୋଚର ହେଲା ସେ ଏକାଗ୍ରତା ସହିତ ତାହା ନିରୀକ୍ଷଣ କରୁଅଛନ୍ତି ଏହି ସମୟେ ଅକସ୍ମାତ ମୁଁ ଶୀଘ୍ର ଗୃହକୁ ଆସି କଳ ମୋଡିବାରୁ ସିନ୍ଦୁକ ବିଦ୍ୟୁତ ବେଗେ ଧାବିତ ହେଲା, ରାଜା ବେଗଗାମୀ ଆଲୋକକୁ ମୋହର ଜ୍ୟୋତି ଭାବି ବାସ୍ତବିକ ଶ୍ରୀକୃଷ୍ଣ ଆସୁଛନ୍ତି ମନେକରି ଭୟେ କମ୍ପିବାକୁ ଲାଗିଲେ । ସେ ଭୟାକୁଳ ଥିବା କାଳେ ମୁଁ ତାଙ୍କ ନିକଟରେ ପହଞ୍ଚିବାରୁ ସେ ଆହୁରି ଅଧିକ ଭୀତ ହେଲେ ଏବଂ ତାଙ୍କ ହାତରେ ଥିବା ତରବାରି ହାତରୁ ଖସି ଭୂତଳେ ପଡିଗଲା । ମୋହର ମହିମା ଯୋଗେ ଏପରି ଘଟଣା ହେଲା ମନେକରି ସସମ୍ମାନେ ଅଭିବାଦନ କରି କହିଲେ "ପ୍ରଭୋ ଦାସ ଦୋଷ ମାର୍ଜ୍ଜନାପୂର୍ବକ ସୁପ୍ରସନ୍ନ ହୁଅ । ନଜାଣେ ମୋହର କେଉଁ ପୁଣ୍ୟକର୍ମ ଯୋଗେ ସ୍ୱୟଂ ନାରାୟଣ ମୋହର କୁଟୀରରେ ପଦାର୍ପଣ ଓ ମୋହର କନ୍ୟାକୁ ସ୍ତ୍ରୀସ୍ୱ ଦାମ୍ପତ୍ୟେ ଗ୍ରହଣ କରିଅଛନ୍ତି । ପୁନଶ୍ଚ ମୁଁ ବଡ଼ ଭାଗ୍ୟବନ୍ତ ଯେଣୁ ଲକ୍ଷ୍ମୀଦେବୀ ମୋହର କନ୍ୟାରୂପେ ଜାତ ହୋଇ ଥିବାରୁ ବ୍ରହ୍ମାଣ୍ଡ ନାଥଙ୍କର ମୋହ ଗୃହେ ଯାତାୟାତର ସୂତ୍ରପାତ ହେଲା । ଏଥିଁ ବଳି ମାନବର ଆଉ କିଣ ସୌଭାଗ୍ୟ ହେବ । ମୁଁ ଧନ୍ୟ ମୋହର ମାନବ

Digitized by PPRACHIN, SOA

କନ୍ୟା ଧନ୍ୟ ଏବଂ ମୋହର କନ୍ୟା ଭଗବାନଙ୍କର ମନ ଆକର୍ଷଣ କରିଥିବାରୁ ତାହାକୁ ଶତଶଃ ଧନ୍ୟବାଦ ଦେଉଅଛୁ ।”

ରାଜାଙ୍କର ଏପରି ଭକ୍ତିପୂର୍ଣ୍ଣ କଥା ଶୁଣି ସେ ନିଜ କନ୍ୟାଠାରୁ ସମସ୍ତ କଥା ଜାଣିଛନ୍ତି ବୃଦ୍ଧିପାଇ ଆପଣାର ଅଧିକବଡ଼ିମା ଦେଖାଇ କହିଲି, “ହେ ଭକ୍ତଶ୍ରେଷ୍ଠ ଭୀମବିକ୍ରମ ତୁମ୍ଭର ଅନୁପମ ଭକ୍ତି ଦେଖି ଆମ୍ଭେ ପରମ ପରିତୋଷ ଲଭିଅଛୁଁ ଏବଂ ତୁମ୍ଭର କନ୍ୟାର କର୍ମରେ କୌଣସି ଲମ୍ପଟ ଦ୍ୱାରା ନାରୀଧର୍ମ ନଷ୍ଟ ହେବାର ଯେ ଲେଖାଥିଲା ତାହା ନିବାରଣ ନିମିତ୍ତ ଆମ୍ଭେ ନରରୂପେ ଆଗମନ କରିଅଛୁଁ । ତୁମ୍ଭ କନ୍ୟାର କଷ୍ଟ ଓ ତୁମ୍ଭର ତାବତ୍ ଭୟ ବିଦୂରିତ ହୋଇଅଛି । କୌଣସି ଦୁଷ୍ଟ ତାହାକୁ ଅପବିତ୍ର କରିବା ଦୂରେ ଥାଉ ତାହାର ଅନିଷ୍ଟର ଚିନ୍ତାକଲେ ଆମ୍ଭ ପ୍ରତାପରେ ଭସ୍ମୀଭୂତ ହେବ । ଏବେ ତୁମ୍ଭେ ନିଶ୍ଚିନ୍ତ ହୁଅ ତୁମ୍ଭମାନଙ୍କର ସମସ୍ତ ହିତାହିତର ଭାର ଆମ୍ଭେ ସ୍ୱହସ୍ତରେ ଗ୍ରହଣ କଲୁଁ ।” ଆମ୍ଭର ବର ଶୁଣି ରାଜା ପ୍ରେମେ ଅଧୀର ହୋଇ ଚରଣେ ଲୋଟିବାକୁ ଲାଗିଲେ । ମୁଁ ତାହାଙ୍କୁ ଭୂମିରୁ ଉଠାଇ ଆଲିଙ୍ଗନ କଲି, ରାଜାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବର୍ଷିତ ହେଲା । ସେ କିଛିକ୍ଷଣ ମୋ ନିକଟରେ ବସି ଧର୍ମସମ୍ବନ୍ଧୀୟ ଅନେକ କଥାବାର୍ତ୍ତା କରି ସ୍ଥାନାନ୍ତରକୁ ଗମନ କଲେ, ମୁଁ ରାଜକନ୍ୟା ସହିତେ ସୁଖେ ଶୟନ କଲି, କିଛିକ୍ଷଣ ପରେ ନିଦ୍ରାଭଙ୍ଗ ହେବାରୁ ଗୌର ମନପର ମୋହର ମନ ଛନ ଛନ ହେଲା ଏବଂ ନିଶାବସାନ ହେଲେ କାଲେ ରାଜ ବ୍ୟୋମଯାନ ଦେଖି ମୋହର ଚାତୁରୀ ଜାଣିପାରି ମୋତେ ବନ୍ଧନ କରି ସମସ୍ତ ସୁଖ ଚୂର୍ଣ୍ଣ କରିବେ ସେଥିପାଇଁ ରାତ୍ରି ନ ପାହୁଣୁ ଅନ୍ଧାରରେ ପ୍ରସ୍ଥାନ କଲି ।

ସକାଳେ ମନ୍ତ୍ରୀ ଓ ସଭ୍ୟଗଣ ରାଜାଠାରେ ଉପସ୍ଥିତ ହୋଇ ରାତ୍ରିର କଥା ପଚାରିଲେ, ବର୍ତ୍ତମାନ ରାଜାଙ୍କ ମନେ କାଲିପରି ସଂଶୟ ନାହିଁ । ସେ ସ୍ୱପ୍ନରେ ଦେଖିଲେ ଶ୍ରୀକୃଷ୍ଣ ଶୂନ୍ୟେ ଶୂନ୍ୟେ ଆସି ତାହାଙ୍କୁ ଦର୍ଶନ ଦେଲେ ଏବଂ ତାହାଙ୍କର ସମସ୍ତ କଷ୍ଟ ଦୂର କରିବାକୁ ଅଭୟ ପ୍ରଦାନ କଲେ, ସୁତରାଂ ତାଙ୍କର ଆଉ ଭୟ

Digitized by PPRACHIN, SOA

କଣ ? ଏଣୁ ଆନନ୍ଦେ ମନ ଫୁଲି ଯାଉଛି । ସେ ହସ ହସ ମୁଖେ କହିଲେ "ବନ୍ଧୁଗଣ ସ୍ୱଭର ସମ୍ବାଦ ଅଭୂତ, ପ୍ରଭୁଙ୍କ ଆଗମନ କାଳେ ତାବତ୍ ଧରଣୀ ଅଲୋକତ ହେଲା ଏବଂ ଗୃହେଁ ଗୃହେଁ ସେ ମୋଠାରେ ଉପସ୍ଥିତ ହେଲେ । ତାଙ୍କର ଜ୍ୟୋତ ଓ ମନୋହର ମୂର୍ତ୍ତି ଦେଖି ମୁଁ ସ୍ତମ୍ଭିଭୂତ ହେଲି ଏବଂ ମୋ ହାତରେ ଥିବା ତରବାରି ଭୂପତିତ ହେଲା । ପରେ ମୁଁ ସୁସ୍ଥିର ହୋଇ ଭକ୍ତିଭାବେ ଚରଣେ ଲୁଣ୍ଠିତ ହେଲି, ପ୍ରଭୁ ମୋତେ ସାଦରେ ଉଠାଇ ଆଲିଙ୍ଗନ କଲେ ।"

ରାଜାଙ୍କଠାରୁ ସୁସମ୍ବାଦ ଶୁଣି ସମସ୍ତେ ଆନନ୍ଦିତ ହେଲେ, କେବଳ ସେହି ବିଚକ୍ଷଣ ମନ୍ତ୍ରୀର ମନ ମାନିଲା ନାହିଁ, ରାଜା ତାହାର ହୃଦବୋଧ ନିମନ୍ତେ ଆପଣା ମନୁ ଗଢ଼ି ମୋହର ମହିମାର ଅନେକ କଥାମାନ କହିଲେ । ସେଥିରେ ସୁଦ୍ଧା ସେ ବିଶ୍ୱାସ ନ କରି କେବଳ ରାଜାଙ୍କ ଭୟେ ଚୁପହୋଇ ରହିଲା । ରାଜା ତାହାର ମନର ଭାବ ଜାଣି ଏପରି ପାଷଣ୍ଡଙ୍କ ମନେ ବିଶ୍ୱାସ ଜନ୍ମାଇବା ନିମିତ୍ତ ବୃଥା ଚେଷ୍ଟା କରି ଭାବି ସେ ସମ୍ବନ୍ଧେ ଆଉ କିଛି ନ କହି ସମସ୍ତଙ୍କୁ ସଙ୍ଗେ ଘେନି ନଅରକୁ ବାହାରିଲେ । ଯାଉଁ ଯାଉଁ ପ୍ରାନ୍ତରପ୍ରାନ୍ତରେ ପହଞ୍ଚିବା ସମୟେ ମେଘ ଛୁଟି ଘୋର ବୃଷ୍ଟି ଓ ତୋଫାନ ହେଲା, ସେଥି ସଙ୍ଗେ ଘଡ଼ଘଡ଼ିର ଘୋର ଗର୍ଜନ ହେବାରୁ ଅଶ୍ୱଗଣ ଭୟେ ଇତସ୍ତତଃ ଧାବମାନ ହେବାକୁ ଲାଗିଲେ । ଦୈବକ୍ରମେ ନାସ୍ତିକ ମନ୍ତ୍ରୀର ଘୋଡ଼ା ବେଗେ ଦୌଡ଼ି ଗୋଟିଏ ପଥର ଉପରେ କଚାଡ଼ି ପଡ଼ିବାରୁ ମନ୍ତ୍ରୀର ଗୋଟିଏ ଗୋଡ଼ ଭାଙ୍ଗିଗଲା । ଆଉ ସମସ୍ତେ ତାହାକୁ ଦୁର୍ଦ୍ଦଶାଗ୍ରସ୍ତ ଦେଖି ପ୍ରଭୁଙ୍କ କୋପେ ପତିତ, ଏବଂ ସେମାନେ ନିଜେ ସେଥିରୁ ବଞ୍ଚିତ ହେଲେ ଭାବି ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ତାହାକୁ ଟେକାଟେକି କରି ନଗରକୁ ଘେନିଗଲେ । ରାଜା ନଗରକୁ ଯାଇ ଶ୍ରୀକୃଷ୍ଣଙ୍କୁ ଜାମାତାରୂପେ ପାଇ ଅଛନ୍ତି ଏବଂ ପ୍ରଜାମାନେ ଏହି ମଙ୍ଗଳ ନିମିତ୍ତ ଆନନ୍ଦେ ମାତି ମହା ମହୋତ୍ସବ କରନ୍ତୁ ବୋଲି ଘୋଷଣା ପ୍ରଚାର କଲେ । ସମସ୍ତଙ୍କ ମନୋ ହରି ରାଜକୁମାରୀକୁ ବରିଥିବାର ବିଶ୍ୱାସ ଜନ୍ମାଇବା ନିମିତ୍ତ ଶ୍ରେଷ୍ଠ

Digitized by PPRACHIN, SOA

ମନ୍ତ୍ରୀର ଦୁର୍ଘଟଣା କଥା ମଧ୍ୟ ପ୍ରଚାରିତ ହେଲା । ମୁଁ ସେହିଦିନ ନଗର ଭ୍ରମଣ ନିମିତ୍ତ ଯାଇ ଅବିଶ୍ୱାସୀ ମନ୍ତ୍ରୀର ଦୁର୍ଘଟଣା ଓ ନାରୀଦ୍ୱୟଙ୍କୁ ଜାମାତା ରୂପେ ପାଇଥିବାରୁ ରାଜାଙ୍କର ଅପରିସୀମ ଆନନ୍ଦ ଓ ନାଗରିକ ମାନଙ୍କର ମହାମହୋତ୍ସବ ବିବରଣ ଶୁଣି ବଜାରୁ ଫେରିଯାଇ ସନ୍ଧ୍ୟାସମୟେ ପ୍ରେମା ନିକଟକୁ ଗମନ କଲି । ରାଜା ସମସ୍ତ ବିବରଣ ଜାଣି କିଛି ନ କହି ବରଂ ସନ୍ତୁଷ୍ଟ ହୋଇ ଥିବାରୁ ପ୍ରେମାଙ୍କର ମନ ଅତି ନିର୍ଭୀକ ଓ ସୁପ୍ରସନ୍ନ ସୁତରାଂ ସେ ନିଃଶଙ୍କମନେ ଅଧିକ ପ୍ରେମ ପ୍ରଦର୍ଶନ କରିବାକୁ ଲାଗିଲେ । ମୁଁ ତାହାଙ୍କୁ ରହସ୍ୟ କହିଲି, "ପ୍ରେୟସି, ତୁମ୍ଭ ପିତାଙ୍କର ଜଣେ ଅବିଶ୍ୱାସୀ ମନ୍ତ୍ରୀ ଆମ୍ଭଙ୍କୁ ବିଶ୍ୱାସ ନ କରି ଅବଜ୍ଞାର କଥା କହିଥିବାରୁ ତାହାକୁ ସାବଧାନ କରାଇବା ନିମିତ୍ତ ଆପଣାର ମହାତ୍ମ୍ୟର କିଯଦଂଶ ତାକୁ ଦେଖାଇଲୁ ଅର୍ଥାତ୍ ସେ ଏଠାରୁ ଯିବା ସମୟେ ଆମ୍ଭ ଆଦେଶାନୁସାରେ ମେଘ ଉଦୟ ହୋଇ ଭୟଙ୍କର ବୃଷ୍ଟି କଲା, ପବନ ପ୍ରବଳ ବେଗେ ପ୍ରବାହିତ ହେଲା, ବିଦ୍ୟୁତର ଝଟକରେ ସେ ସ୍ଥାନ ଆଲୋକିତ ଏବଂ ବଜ୍ରନାଦେ ଧରଣୀ କମ୍ପିତ ହେଲା । ଘୋଟକମାନେ ଏଣେ ତେଣେ ଧାବିତ ହେଲେ, ସେହି ନାସ୍ତିକର ଘୋଡ଼ା ତାହାକୁ ପଥରରେ ଫୋପାଡ଼ି ଦେଲା । ବଡ଼ ପଥରଟର ପଡ଼ି ଗୋଡ଼ ଭାଙ୍ଗି ବେଶ ଶିକ୍ଷାପାଇଲେ । ଏହି ଆମ୍ଭର ସାମାନ୍ୟ ଶକ୍ତି ପ୍ରଦର୍ଶନ । ଅଧିକ କୋପ ଦେଖାଇ ଥିଲେ ପୁଅଙ୍କ ନାମ ସଂସାରରୁ ଏକାବେଳକେ ଲୋପ ପାଇଥାନ୍ତା, ଅତଃପର ଯଦି କେହି ଆମ୍ଭର ବିରୁଦ୍ଧାଚରଣ ହୁଏ ତାହା ହେଲେ ତାହାର ପୂର୍ଣ୍ଣବୈରୀ ହୋଇ ତାହାକୁ ପ୍ରାଣରୁ ମାରି ପକାଇବୁଁ । ରାଜକୁମାରୀ ମୋହର ଚାତୁରୀ ବୁଝି ନ ପାରି ଭୟେ ଥର ଥର କହିଲେ "ନାଥ ଆପଣଙ୍କ ମହିମା ଅପାର ମୁଁ ଛାର ଦାସୀ ତାହା କି ପ୍ରକାର ବୁଝିପାରିବ ? କେବଳ ଆପଣଙ୍କର ଲେଶ ମାତ୍ର ଦୟାଥିଲେ ଇହ ଓ ପରକାଳର ଯାତନାରୁ ନିସ୍ତାର ପାଇଯିବି । ମୁଁ ତାହାଙ୍କୁ ଅଭୟ ଦେଇ ସଙ୍ଗେ ନେଇ ଶୟନ ପୂର୍ବକ ସୁଖେ ରାତ୍ରି ଯାପନ କଲି । ରଜା ବଡ଼ି ପାହାନ୍ତିଆରେ ଉଠି ପାତ୍ର ଓ ମନ୍ତ୍ରୀମାନଙ୍କୁ ସଙ୍ଗେ ଘେନି କନ୍ୟା ନିକଟରେ ଉପସ୍ଥିତ ହୋଇ କହିଲେ "ଆମ୍ଭର ଗୋଟିଏ

Digitized by PPRACHIN, SOA

ମନ୍ତ୍ରୀ କୁବୁଦ୍ଧି ବଶତଃ ପ୍ରଭୁଙ୍କୁ ଅବିଶ୍ୱାସ କରି ତାଙ୍କର କୋପରେ ପତିତ ହୋଇ ଅଛି । ତୁମ୍ଭେ ସୁପାରିସ କରି ତାହାର ଦୋଷ କ୍ଷମା କରାଅ । ପିତାଙ୍କର କଥା ଶୁଣି ଦୁହିତା କହିଲେ ତାତ ମୁଁ ଆଗରୁ ତାଙ୍କଠାରୁ ସମସ୍ତ ଅବଗତ ହୋଇଅଛି । ଏଥର କେବଳ ଗୋଡ଼ ଝେଣ୍ଟାକର ସାମାନ୍ୟ ସଜା ଦେଇ ଛାଡ଼ିଦେଲେ । ଆଉ ଥରେ ଅବମାନନା କଲେ କଠୋର ଶାସ୍ତି ଦେବେ । ରାଜା ସମସ୍ତ କଥା ଶୁଣି ମନ୍ତ୍ରୀମାନଙ୍କୁ କହିଲେ ମନ୍ତ୍ରୀନ୍ ଶୁଣିଲ ଆମ୍ଭର ଜାମାତା ଯେ ସ୍ୱୟଂ ବିଧାତା ସେଥି ନିମନ୍ତେ ଏହାକୁ ବଳ ଆଉ କିଣ ପ୍ରମାଣ ଆବଶ୍ୟକ ହୋଇ ପାରେ ? ଚକ୍ଷୁରେ ଦେଖି କର୍ଣ୍ଣରେ ମାହାତ୍ମ୍ୟ ଶ୍ରବଣ କରି କେହି ଅବିଶ୍ୱାସ କଲେ ତାହାର କି ସର୍ବନାଶ ହେବ ନାହିଁ ?

ରାଜାଙ୍କର କଥା ଶୁଣି ମନ୍ତ୍ରୀମାନେ ରାଜକନ୍ୟାଙ୍କ ଚରଣେ ଲୁଣ୍ଠିତ ହୋଇ ଏକ ସ୍ୱରରେ କହିଲେ "ଅଧମ ତାରଣୀ, ଭବଭୟ ନିବାରଣୀ, ସ୍ୱର୍ଗ ସୁଖ ପ୍ରଦାୟିନୀ, ଭଗବତୀ ରୂପିଣୀ ରାଜନନ୍ଦିନୀ ମା ଶିରନ ଅଧମ ଗଣଙ୍କୁ ପରିତ୍ରାଣ କର ।" ସେମାନଙ୍କର କଥା ଶୁଣି ରାଜସୁତା ପୁଲକିତା ହୋଇ ସତେ ଯେପରି ତାଙ୍କର ହାତରେ ସମସ୍ତଙ୍କର ପାଳନ, ରକ୍ଷଣ, ପରିତ୍ରାଣର କ୍ଷମତା ଅଛି ମନେକରି ସମସ୍ତଙ୍କ ବାସନାପୂର୍ଣ୍ଣ କରିବେ ବୋଲି ଗମ୍ଭୀର ସ୍ୱରେ ଅଙ୍ଗୀକାର କଲେ ।

ଅନନ୍ତର କେତେଦିନ ପରମସୁଖେ ଅତିବାହିତ ହେଲା ଏବଂ ମେ, ନିକଟରେ ଯାହା କିଛି ସମ୍ବଳ ଥିଲା ସବୁ ଶେଷ ହଇଲା ଏବେ ଅର୍ଥାଭାବେ କୃଷ୍ଣଙ୍କର ଲୀଳା, କ୍ରୀଡ଼ା ସମସ୍ତ ହ୍ରାସ ହେବାକୁ ଲାଗିଲା । ଦୁଇ ତିନି ଦିନ ପର୍ଯ୍ୟନ୍ତ ଆହାର ମିଳିଲା ନାହିଁ, ଅନାହାରେ ଶରୀର କ୍ଷୀଣ ବୁଦ୍ଧି ଭ୍ରମ ଏବଂ ଶକ୍ତି ନ୍ୟୂନ ହେଲା । କି ଉପାୟରେ ଧନ ମିଳିବ ଭାବିବାକୁ ଲାଗିଲି ଭାବୁ ଭାବୁ ରାତ୍ରି ଅଧିକ ହେବାରୁ ରାଜକନ୍ୟା ନିକଟକୁ ଗମନ କଲି ଏବଂ ତାହାଙ୍କୁ ପରିହାସ ଛଳରେ କହିଲି ପ୍ରାଣେଶ୍ୱରି କନ୍ୟା ପିତା ଜାମାତାଙ୍କୁ ବିବାହ ଯୌତୁକ ଦେବାର ଗୋଟିଏ ଲୌକିକ ପ୍ରଥା ଅଛି, ତୁମ୍ଭର ପିତା ତାହା ମୋତେ ଦେଇନାହାନ୍ତି ବୋଲି ତୁମ୍ଭର ଯଉତୁଣୀମାନେ ଥଟ୍ଟା କରୁଛନ୍ତି ।

Digitized by PPRACHIN, SOA

ରମଣୀ କହିଲେ ନାଥ ତାହାପାଇଁ ଭାବନା କଣ, ପିତାଙ୍କୁ କହି ରାଜଭଣ୍ଡାରରୁ ଯଥେଷ୍ଟ ଧନ ଅଣାଇ ତୁମ୍ଭମାନେ ଯୌତୁକ ସ୍ୱରୂପ ଅର୍ପଣ କରିବ । ମୁଁ କହିଲି ପ୍ରେୟସୀ ସାମାନ୍ୟ କଥା ରାଜାଙ୍କୁ ଜଣାଇବାର ଆବଶ୍ୟକ ନାହିଁ । ଆମ୍ଭେ ମହାମୂଲ୍ୟ ରତ୍ନମାନ ତୁମ୍ଭର ଯୌତୁକ ଧନ ବୋଲି ସେମାନଙ୍କୁ ଦେଖାଇ ଲଜ୍ଜିତ କରି ଥାନ୍ତୁ ମାତ୍ର ମିଥ୍ୟା ଭୟରେ ତାହା କରି ପାରିଲୁଁ ନାହିଁ, ସମ୍ମାନ ରକ୍ଷାନିମନ୍ତେ ତୁମ୍ଭର କଣ୍ଠେ ଅଧେ ଅଳଙ୍କାର ଦେଲେ ଯଥେଷ୍ଟ ହେବ । ରାଜକନ୍ୟା ଏହା ଶୁଣି ପ୍ରେମେ ଗଦଗଦ ହୋଇ ସ୍ୱର୍ଣ୍ଣରତ୍ନର ଅଳଙ୍କାର ପୂର୍ଣ୍ଣ ଗୋଟିଏ ବାକ୍ସ ଆଣି ମୋ ନିକଟରେ ଥୋଇଲେ । ମୁଁ ତାହା ଦେଖି ଏତେ ଧନ କଣ ହେବ ଭାବି ଅତି ମୂଲ୍ୟବାନ କେବଳ ଦୁଇଟି ରତ୍ନ ଗ୍ରହଣ କଲି । ସକାଳେ ରତ୍ନବ୍ୟବସାୟୀଠାରେ ବିକ୍ରୟ କରି ବହୁତ ଧନ ପାଇଲି ଏଥିରେ ଗୃହିଣୀ ଓ ଲକ୍ଷ୍ମୀଠଗିଣୀ ପୁଣି ନବରୂପଧରି ବେଶ୍ ଚଳିବାକୁ ଲାଗିଲୁ ।

ସୌନ୍ଦର୍ଯ୍ୟ ପ୍ରତିମା ଜେମାର ସହବାସରେ ବର୍ଷାଧିକକାଳ ପରମ ସୁଖରେ ଯାପନ କଲି । ପରେ ପୁଣି ଗୋଟିଏ ଭୀଷଣ ପରୀକ୍ଷା ମୋ ମୁଣ୍ଡରେ ପଡିଲା ଅର୍ଥାତ୍ ପ୍ରବଳ ପରାକ୍ରାନ୍ତ ଚଣ୍ଡପ୍ରତାପ ନାମକ ଜଣେ ରାଜା ରାଜକୁମାରୀର ପାଣିଗ୍ରହଣ ପ୍ରାର୍ଥୀ ହୋଇ ଦୂତ ପ୍ରେରଣ କଲେ । ଦୂତ ରାଜସଭାରେ ଉପସ୍ଥିତ ହୋଇ କହିଲେ "ଆପଣଙ୍କର ଶିରୀନନାମ୍ନୀ ଗୋଟିଏ ପରମ ରୂପବତୀ କନ୍ୟା ଥିବାର ଶୁଣି ସିନ୍ଧୁନୃପ ଚଣ୍ଡପ୍ରତାପ ତାହାଙ୍କ ସହିତ ବିବାହ କରିବାକୁ ଅଭିଳାଷୀ ହୋଇ ମୋତେ ପ୍ରେରଣ କରିଅଛନ୍ତି । ଆପଣଙ୍କର ଅନୁମତି ହେଲେ ବିବାହର ଆୟୋଜନ କରିବେ । ରାଜା କହିଲେ ବ୍ରହ୍ମାଣ୍ଡ ସୁନ୍ଦରୀ ମୋହର କୁମାରୀକୁ ନିଜେ ହରି ଆପଣା ପତ୍ନୀ ବୋଲି ବରଣ କରିଅଛନ୍ତି, ସୁତରାଂ ଏହି ନାରୀଟିର ମନୁଷ୍ୟର ସହଚରୀ ହୋଇ ନପାରେ । ଏଣୁ ତୁମ୍ଭର ରାଜାଙ୍କର ଅନୁରୋଧ ରକ୍ଷାକରି ପାରିଲି ନାହିଁ । ଦୂତ ରାଜାଙ୍କର କଥା ଶୁଣି ବିସ୍ମିତ ହୋଇ ସେ ଉନ୍ମାଦ ରୋଗଗ୍ରସ୍ତ ହୋଇଅଛନ୍ତି ଭାବି ଆଉ କିଛି ନ କହି ବିଦାୟ ହେଲେ । ରାଜା ଚଣ୍ଡପ୍ରତାପ ଦୂତଠାରୁ ସମସ୍ତ ବିବରଣ ଶୁଣି

Digitized by PPRACHIN, SOA

ଭୀମବିକ୍ରମ ଜ୍ଞାନଶୂନ୍ୟ ହୋଇଅଛନ୍ତି ବୋଲି ପ୍ରଥମେ ମନେକରି ତାଙ୍କପାଇଁ ଦୁଃଖିତ ହେଲେ, ମାତ୍ର କିଛିକ୍ଷଣ ବିବେଚନାପରେ କାଶ୍ମୀର ପତି ଘୃଣାର ବଶବର୍ତ୍ତୀ ହୋଇ ତାଙ୍କର ପ୍ରସ୍ତାବ ଅଗ୍ରାହ୍ୟ କରିଥିଲେ ଭୀମ କ୍ରୋଧାନ୍ଧ ହୋଇ ପ୍ରତିହିଂସା ଗ୍ରହଣ ନିମିତ୍ତ ଦୃଢ଼ ସଂକଳ୍ପ କରି ଅସଂଖ୍ୟ ସୈନ୍ୟ ସହିତ କାଶ୍ମୀରର ରାଜଧାନୀ ଶ୍ରୀନଗର ଅବରୋଧ କଲେ । ତାଙ୍କର ସୈନ୍ୟ ଓ ଘୋଡ଼ାମାନଙ୍କର ଘୋର ଗର୍ଜନରେ ରାଜ୍ୟ କମ୍ପମାନ ହେବାକୁ ଲାଗିଲା । ରାଜା ଅକସ୍ମାତ ଆକ୍ରମଣର ଖବର ଶୁଣି ବଜ୍ରାହତ ହେଲେ । ଯୁଦ୍ଧର ଆୟୋଜନ ନାହିଁ ଏଡ଼େ ପରାକ୍ରାନ୍ତ ରାଜା ସହିତ କିପରି ଯୁଦ୍ଧ କରିବେ ଭାବି ବ୍ୟଥିତ ହେବାକୁ ଲାଗିଲେ । ଶେଷେ କିଛି ସ୍ଥିର କରି ନପାରି ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କଲେ । ମନ୍ତ୍ରୀଗଣ ସ୍ୱ ସ୍ୱ ବିବେକ ଅନୁସାରେ ନାନାପ୍ରକାର ମତ ପ୍ରକାଶ କଲେ । ଶ୍ରେଷ୍ଠମନ୍ତ୍ରୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଥଣ୍ଡା କରିବାକୁ ବେଳଟା ଉପଯୁକ୍ତ ମନେ କରି କହିଲେ, "ଏ କଣ ଗୋଟାଏ ବଡ଼କଥା ଯେ, ତାହାପାଇଁ ଏଡ଼େ ଚିନ୍ତା ଲାଗିଛି ? ସ୍ୱୟଂ କର୍ତ୍ତା ଯାହାର ଜାମାତା, ଚଣ୍ଡ ଗୋଟା କଣ, ସଂସାରଯାକର ରାଜାଙ୍କର ତ ତାହାର ଅନିଷ୍ଟ କରିବାର କ୍ଷମତା ନାହିଁ । କେବଳ ପ୍ରଭୁ ଶ୍ରୀକୃଷ୍ଣ ଦୁଷ୍ଟର ଆକ୍ରମଣ ବୃତ୍ତାନ୍ତ ଜାଣି ପାରିଲେ ସୈନ୍ୟଙ୍କର ନିପାତ ସାଧନକରି ଆମ୍ଭମାନଙ୍କୁ କଷ୍ଟରୁ ମୁକ୍ତ କରିବେ ।" ମନ୍ତ୍ରୀର ପରିହାସ କଥା ରାଜାଙ୍କର ତ୍ରାସ ଦୂର କଲା । ତାଙ୍କର ବିରସ ମୁଖେ ହରଷ ଜାତହେଲା । ସେ ଉଲ୍ଲସିତ ଚିତ୍ତେ ମୋହର ଆଶ୍ରୟ ନେବା ନିମିତ୍ତ କନ୍ୟା ନିକଟକୁ ଦୌଡ଼ି ଆସିଲେ । କେମା ପିତାଙ୍କୁ ଅସମୟେ ଦେଖି ସଂଶୟାପନ୍ନ ହୋଇ ଆଗମନର କାରଣ ପଚାରିଲେ । ରାଜା କହିଲେ, ରାଜଲକ୍ଷ୍ମୀ ମା ଶିରିନ୍ "ମୋହର ଦଶା କଣ ପଚାରୁଛ ? ବର୍ତ୍ତମାନ ରାଜ୍ୟେ ମହାବିପତ୍ତି ଉପସ୍ଥିତ । ଚଣ୍ଡପ୍ରତାପ ତୁମ୍ଭଙ୍କୁ ନପାଇ କ୍ରୋଧକରି ବହୁସୈନ୍ୟ ସହିତ ନଗର ଅବରୋଧ କରିଅଛି, ସକାଳ ହେଲେ ଘୋରତର ଯୁଦ୍ଧକରି ଆମ୍ଭମାନଙ୍କୁ ନିହତ ଏବଂ ରାଜ୍ଯ ଓ ସିଂହାସନ ଗ୍ରହଣ କରିବ । ଆମ୍ଭର ସୈନ୍ୟମାନେ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ନୁହନ୍ତି । ଏଣୁ ଉଦ୍ଧାରର କିଛି ମାତ୍ର

Digitized by PPRACHIN, SOA

ବାଟ ନ ଦେଖି ତୁମ୍ଭର ଶରଣ ନେବାକୁ ଆସିଅଛୁଁ । ଆମ୍ଭର ଦୁର୍ଦ୍ଦଶା ଖଣ୍ଡନ କରିବାକୁ ପ୍ରଭୁ ଏକମାତ୍ର ଭରସା । ତୁମ୍ଭେ ତାହାଙ୍କୁ କହି ଆମ୍ଭର ଆଶାପୂର୍ଣ୍ଣ କରାଅ ।" କନ୍ୟା କହିଲେ, "ପିତଃ ଏହି କଥାପାଇଁ ଏତେ, ବ୍ୟସ୍ତ ହେଉଅଛନ୍ତି ? ଆପଣ କି ଏ ଦୋହା ଶୁଣି ନାହାନ୍ତି ?"

ଦୋହା—ଯୋ ଯାହାକ ଶରଣ ଲେବେ ସୋ ରଖେ ତା କ ଲାଜ
ଉଲଟ ଜଲମେଁ ମଛଲି ପର୍ବତର ବହିଯାଏ ଗଜରାଜ ।

ଆମ୍ଭେମାନେ ନିତ୍ୟେ ଜଗନ୍ନାଥଙ୍କର ଆଶ୍ରିତ । ସେ ଆମ୍ଭମାନଙ୍କର ହିତରେତ ଲିପ୍ତ । ସୁତରାଂ ସାମାନ୍ୟ ଘଟଣାରେ ଭୀତହେବୁଁ କାହିଁକି ? ସେ ଆସିଲେ ମୁଁ କହିଦେବି, ମୂର୍ତ୍ତିକେ ଶତ୍ରୁମାନଙ୍କୁ ନିପାତ କରିବେ । ଆପଣପାଇ ନିଶ୍ଚିନ୍ତରେ ଶୟନ କରନ୍ତୁ ।" ରାଜା କହିଲେ, "ମା ତୋହର ଆଶ୍ୱାସକଥା ଶୁଣି ମୋହର ଚିନ୍ତା ଅନେକ ଦୂରହେଲା ଏବଂ ମନୋବ୍ୟଥା କମିଲା, ତଥାପି ପ୍ରଭୁଙ୍କର ଆଗମନେ ବିଲମ୍ବ ଦେଖି ମନେ ଶଙ୍କା ହେଉଅଛି ପ୍ରଭୁ ଆମ୍ଭମାନଙ୍କୁ ଦୁଃସମୟେ ଭୁଲିଯିବେ ନାହିଁ ତ ?" କନ୍ୟା କହିଲେ, "ତାତ, ଆପଣ ସେହି ଦୁଶ୍ଚିନ୍ତା ମନରୁ ଦୂରକରନ୍ତୁ । ପ୍ରଭୁ ବିପନ୍ନବନ୍ଧୁ ଓ କୃପାସିନ୍ଧୁ ଅଟନ୍ତି । ସେ ବିପଦକାଳେ ଆପଣଙ୍କୁ କଷ୍ଟରେ ପକାଇ କଦାପି ନିଶ୍ଚିନ୍ତ ରହିବେ ନାହିଁ । ସେ ସ୍ୱର୍ଗରୁ ସମସ୍ତ ଦେଖୁ ଅଛନ୍ତି ଏବଂ ଶତ୍ରୁଗଣଙ୍କର ନିଧନ ନିମିତ୍ତ ନିଶ୍ଚୟ କୌଣସି ଉପାୟ ଉଦ୍ଭାବନ କରୁଅଛନ୍ତି । ବାସ୍ତବିକ ଏଣେ କଥନ୍ତି ସେହି ଚିନ୍ତାରେ ମଗ୍ନ ସମ୍ମାନ ରକ୍ଷାର ଉପାୟ ଖୋଜି ହେଉଥିଲେ । ବର୍ତ୍ତମାନ ମୋହର ପକ୍ଷ ଚପି ଚପି ପାଇଲି ଫାଳ, ରଜାଙ୍କ ହାତରେ ମଲି" ଦଶା ଉପସ୍ଥିତ । କଣ କଲେ ଶତ୍ରୁଗଣ ନିଧନ ଓ ନିଜର ସମ୍ମାନ ରକ୍ଷାକର ପାରିବ ଏହି ଚିନ୍ତାରେ ଅନେକକ୍ଷଣ ନିମଗ୍ନ ଥାଇ ଅପଣାସ୍ଥାନରୁ ଉଠି ନିକଟରେ ପଡ଼ିଥିବା ପ୍ରସ୍ତର ଖଣ୍ଡମାନ ଆଣି, ସିନ୍ଦୂକରେ ପୂରାଇ, ସିନ୍ଦୂକରେ ବସି ଊର୍ଦ୍ଧ୍ୱପଥେ ଶତ୍ରୁଙ୍କର ଶିବିରଅଭିମୁଖେ ଗମନ କଲ ଏବଂ ସେଠାରେ ଚଳକୁ ଆସି ଦେଖିଲ ସୈନ୍ୟମାନେ ନିଶ୍ଚିନ୍ତରେ ଶୟନ କରୁଅଛନ୍ତି ଏବଂ ରାଜା ନିଜ ଶିବିରରେ ଗମ୍ଭୀର ନିଦ୍ରାରେ ପଡ଼ି ଘଡଘଡ ଶବ୍ଦ କରି ସ୍ଥାନ କମ୍ପାଉଛନ୍ତି । ମୁଁ ଖଣ୍ଡେ ପଥର ନେଇ ବେଶ୍ ନିଶାଣକରି

Digitized by PPRACHIN, SOA

ରାଜାଙ୍କ ମସ୍ତକ ଉପରେ ଛାଡ଼ ଦେଲି । ପ୍ରସ୍ତରର ଘର୍ଷଣାଘାତରେ ରାଜା ବିକଟ ଚତ୍କାର କରି ଉଠିଲେ । ତାଙ୍କର ଚତ୍କାରରେ ଜନସାମନେ ବ୍ୟସ୍ତ ହୋଇ ଉଠି ଦେଖିଲେ, ରାଜା ମୂର୍ଚ୍ଛାଗତ । ଆଘାତ ସ୍ଥାନରୁ ଝର ଝର ରକ୍ତ ପ୍ରବାହିତ ହେଉଅଛି । ରାଜାଙ୍କର ଦୁର୍ଦ୍ଦଶା ଦେଖି ରଣସ୍ଥଳେ ହାହାକାର ଉଠିଲା ଏବଂ ଧର ଧର ମାର ମାର ରୋଳରେ ରଣସ୍ଥଳ ସଙ୍କୁଳ ହେଲା । ମାତ୍ର ସେତେବେଳେ ସେଠାରେ କିଏ ଥିଲା ଯେ, କାହାକୁ ଧରନ୍ତେ । ମୁଁ ପଥର କଷି (୧) ବାକସରେ ବସି ସେଠାରୁ ଖସି ଅନ୍ଧାଶରୁ ତାମସା ଦେଖୁଥିଲି ଏବଂ ଯେତେବେଳେ ସମସ୍ତେ ଏକାଠି ଜମା ହେଲେ ସେହି ସମସ୍ତଙ୍କ ପ୍ରସ୍ତର ବୃଷ୍ଟି ଆରମ୍ଭ କରି ଦେଲି । ପଥରର ଆଘାତରେ କାହାର ହାତ କାହାର ମୁଣ୍ଡ ଭାଙ୍ଗିଲା ପୁଣି କାହାର ଦାନ୍ତ, ନାକ ଛିଣ୍ଡିଗଲା ଓ କାହାର ଆଖି ଫୁଟିଗଲା । ଚତୁର୍ଦ୍ଦିଗରୁ 'ହା ମଲି, 'ହା ଖଣ୍ଡିଆ ହେଲି'. କେବଳ ଏହି ଶବ୍ଦ ଶୁଣା ଯାଉ ଥିଲା । ମୁଁ ଏହି ଜୟରେ ଅଧିକ ଉତ୍ସାହିତ ହୋଇ ଦୁଇ ହାତରେ ପ୍ରସ୍ତରମାନ ଛାଡ଼ିବାକୁ ଲାଗିଲି । ଏଣେ ସୈନ୍ୟମାନେ ଅତ୍ୟନ୍ତ ଶିଳାଘାତରେ ବ୍ୟତିବ୍ୟସ୍ତ ହୋଇ ଆର୍ତ୍ତସ୍ୱରରେ କହିଲେ, 'ତ୍ରାହି ଭଗବାନ, ତ୍ରାହି ପ୍ରଭୁ ନାରାୟଣ । ଆମ୍ଭେମାନେ ଅଜ୍ଞାନ । ଅବିଳମ୍ବେ ଆମ୍ଭମାନଙ୍କୁ କ୍ଷମା ପ୍ରଦାନ କର । ପାଷଣ୍ଡ ଚଣ୍ଡକୁ ଦେବାନୁଗୃହୀ ଭୀମବିକ୍ରମ ରାଜାସଙ୍ଗେ ଯୁଦ୍ଧ କରିବାକୁ ବାରଣ କରିଥିଲୁଁ କିନ୍ତୁ ସେହି ମୂଢ଼ ଆମ୍ଭମାନଙ୍କର କଥାକୁ ଖାତିର ନ କରି ଅସି ଉଚିତ ପ୍ରତିଫଳ ପାଇ ଆମ୍ଭମାନଙ୍କୁ ମଧ ଧର୍ମଦ୍ରୋହୀ କରାଇ ଭଲ ଫଳ ଭୋଗାଉଛି । ହେ ଆର୍ତ୍ତତ୍ରାଣ ଆମ୍ଭେମାନେ ନିର୍ଦ୍ଦୋଷୀ ଆମ୍ଭମାନଙ୍କୁ ତ୍ରାଣ କର ।" ସେମାନଙ୍କ ଗୁହାରି ହରି ଶୁଣି ନ ଶୁଣିବା ପରି ହୋଇ ଅଧିକ ଶିଳା ବୃଷ୍ଟି କଲେ ।

ଏଥର ଆଉ ନିସ୍ତାର ନାହିଁ ଦେଖି ସୈନ୍ୟଗଣ କହିଲେ "ଭଗବାନ୍ ଆପଣ ଦୁଃଖିମାନଙ୍କ ପ୍ରତି ନିତାନ୍ତ ନିଦାରୁଣ ହୋଇ ଅଛନ୍ତି ଆଉ ଆମ୍ଭମାନଙ୍କର ପରିତ୍ରାଣ ନାହିଁ " ଏହା କହି ଗୃହ ଭାଇ ପଳାଇବା କହି ମଧୁମକ୍ଷିକା ଦଂଶିତ ମନୁଷ୍ୟ ସଦୃଶ ସମସ୍ତେ ରଣସ୍ଥଳରୁ ପଳାୟନ

(୧) ମାରି ।

Digitized by PPRACHIN, SOA

କଲେ, ମାତ୍ର ରାତ୍ର ର ଅନ୍ଧାର ଯୋଗେ ମନୁଷ୍ୟଙ୍କ ଉପରେ ଅଶ୍ୱ, ଅଶ୍ୱର ଉପରେ ମନୁଷ୍ୟର ପରସ୍ପର ଆଘାତ ପ୍ରତିଘାତ ହୋଇ କେହି ଖାତରେ କେହି ଗାତରେ, କେହି କଣ୍ଟାବଣ, କେହି ଝୁଣ୍ଟାରେ ପଡ଼ି ହାତ ଗୋଡ଼ ଭାଙ୍ଗି ଛୋଟା ଖଣ୍ଡିଆ ହେଲେ । ମୁଁ ମଧ୍ୟ ଏ ମୃତ୍ୟୁଯୋଗ ନ ଛାଡ଼ି ଖୁବ୍ ପ୍ରସ୍ତୁତ ଥିଲି । ଏଣୁ ସେହି ଦୁର୍ଦ୍ଦଶାଗ୍ରସ୍ତମାନଙ୍କ ଦୁରବସ୍ଥା କେମନ୍ତ ଥିଲା ତାହା କଥାରେ କହିହେବ ନାହିଁ । ସେହି ଦଳାଦଳି ଠେଲା ଠେଲିରେ କେତେ ମଲେ କେତେ ପଳାଇଲେ ତାହା କହି ପାରିବ ନାହିଁ । ଯାହା ହେଉ ଏପ୍ରକାର ଉପାୟରେ ପ୍ରଭାତ ପୂର୍ବେ ରଣସ୍ଥାନ ଜନଶୂନ୍ୟ ହେଲା । ତେଣେ ଭୀମ ବିକ୍ରମ ରାଜା ରତ୍ନପାଳ ଜାମାତାର ଅପେକ୍ଷା କରି ସାକ୍ଷାତ ନ ପାଇ "ନିଶ୍ଚୟ କେହି ଠକ ଥିଲା ଅବେଳ ବେଳ ଦେଖି ଜୀବନ ଘେନି ପଳାଇଲା, ଭାବି ଆପଣାର ସଜ୍ଜୀକୃତ ସୈନ୍ୟ ଘେନି ଶତ୍ରୁଙ୍କର ପଥ ରୋଧ କରିବାକୁ ଆସି ରଣସ୍ଥଳ ସୈନ୍ୟଶୂନ୍ୟ ଓ ରକ୍ତପୂର୍ଣ୍ଣ ଦେଖି ପଳାତକମାନଙ୍କର ପଶ୍ଚାତ୍‌ଧାବନ କଲେ । ଅଳ୍ପ ଦୂରରେ ଅବଶିଷ୍ଟ ଜୀବିତମାନଙ୍କୁ ଆକ୍ରମଣ ଓ ଘୋରତର ଯୁଦ୍ଧରେ ନିକାଶ କଲେ । ମଥା ଭଙ୍ଗା ରାଜ ଚଣ୍ଡ ଶୃଙ୍ଖଳାବଦ୍ଧ ହୋଇ ତାଙ୍କ ନିକଟକୁ ଆନୀତ ହେଲେ । ରାଜା ସେ ବଚରାଙ୍କୁ ମନ୍ଦଦଶାରେ ଦେଖି ନିଜ ମାହାତ୍ମ୍ୟ ଦେଖାଇବା ପାଇଁ କର୍କଶ ବଚନେ କହିଲେ, "ରେ ଦୁରାଚାର. ତୁ ମନେ ଏତେ ବଳୀୟାର? ଆମ୍ଭ ସଙ୍ଗେ ପୁଣି ଯୁଦ୍ଧ କରିବାକୁ ଆସିଥିଲୁ?" ଆମ୍ଭର କେତେ ମହିମା ତାହା କି ତୋତେ ଜଣା ନ ଥିଲା ? ଚଣ୍ଡ କହିଲେ, "ହେ ନୃପଶ୍ରେଷ୍ଠ ଭୀମ, ଏ ଅଧମ ଆପଣଙ୍କର କନ୍ୟାପ୍ରେମରେ ପଡି ଏଦଶା ଭୋଗ କଲା । ପ୍ରକୃତ ଆପଣଙ୍କର କନ୍ୟା ଭଗବାନଙ୍କ ନାମେ ଉତ୍ସୃଷ୍ଟା, କିନ୍ତୁ ମୁଁ ମୂଢ଼ ସେଥିରେ ବିଶ୍ୱାସ ନ କରି ବିନଷ୍ଟ ହେଲି । ସେ ଯାହା ହେଉ ବର୍ତ୍ତମାନ ଦୟା ପରବଶ ହୋଇ ମୋହର ଦୋଷ ମାର୍ଜ୍ଜନା ପୂର୍ବକ ଭଗବାନଙ୍କଠାରେ ମୋହର ବିନୀତ ନିବେଦନ ଜଣାଇ ତାଙ୍କର କୋପରୁ ପରିତ୍ରାଣ କରାଇବେ ଏବଂ ପରକାଳରେ ଯେପରି ମୋହର ସଦ୍‌ଗତି ହୁଏ ତାହାର ବ୍ୟବସ୍ଥା କରିବେ ।" ଏହିପରି କହୁଁ କହୁଁ ଚଣ୍ଡଙ୍କର କଣ୍ଠରୋଧ ହେଲା ଏବଂ ସଂସାରଲୀଳା ଶେଷ ପାଇଲା ।

Digitized by PPRACHIN, SOA

ରାଜା ଗ୍ରୀମବାହ୍ରାମ ଏହିପରି ସହଜରେ ରଣ ଜୟୀ ହୋଇ ଚଣ୍ଡର ରାଜ୍ୟ ଶାସନ ନିମିତ୍ତ ଏକଜଣ ପ୍ରତିନିଧି ଅନେକ ସୈନ୍ୟ ସହିତ ପ୍ରେରଣ କରି ଅନ୍ୟ ଅବଶିଷ୍ଟ ସୈନ୍ୟ ସହିତ ଇସ୍ପୋହାନ ରାଜଧାନୀକୁ ଫେରିଲେ । ସୈନ୍ୟମାନେ ବିପକ୍ଷମାନଙ୍କର ଦ୍ରବ୍ୟ ସବୁ ଲୁଣ୍ଠନ କରି ବହୁତ ଧନ ପାଇଲେ ।

ଅନନ୍ତର ରାଜାଦେଶେ ନଗରରେ ମହା ମହୋତ୍ସବ ଏବଂ ଦେବାର୍ଚ୍ଚନ ପ୍ରଭୃତି ମାଙ୍ଗଳିକ କର୍ମମାନ ହେବାକୁ ଲାଗିଲା । ସନ୍ଧ୍ୟାସମୟରେ ରାଜା ଜୟ ସମ୍ବାଦ ଶୁଣାଇବା ନିମିତ୍ତ କନ୍ୟା ନିକଟକୁ ଯାଇ କହିଲେ, "ହେ ମା, ଗୁଣବତୀ ଲକ୍ଷ୍ମୀରୂପା ଶିରୀନ, ତୋହର କୃପା ଓ ପ୍ରଭୁଙ୍କର ଅନୁକମ୍ପାରେ ମୁଁ ଏଥର ଘୋର ଆପଦରୁ ଉଦ୍ଧାର ପାଇଲି । ଭଗବାନ ଶତ୍ରୁଦମନ କରି ମୋହର ବିପଦ ନିର୍ମୂଳ ଓ ସୁଖ ଉଜ୍ଜ୍ୱଳ କରି ଅଛନ୍ତି । ମୁଁ ତାଙ୍କର ଚରଣ ଧାରଣ କରି କୃତାର୍ଥ ହେବା କାରଣ ଆସିଅଛି । ରାଜା କନ୍ୟା ସହିତ ଜୟସଂକ୍ରାନ୍ତ କଥାବାର୍ତ୍ତା ହେଉ ଅଛନ୍ତି ଏହି ସମୟେ ମୁଁ ସେଠାରେ ଉପସ୍ଥିତ ହେଲି । ରାଜା ମୋତେ ଦେଖି କୃତଜ୍ଞତା ସ୍ୱୀକାର ସ୍ୱରୂପ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ବିନୀତଭାବେ କହିଲେ, "ହେ ଦୀନନାଥ ଜଗତ ତାତ ତବ ମହିମା ଅଭୁତ । ମୁଁ ସ୍ଥିର ତାହାର କି ବର୍ଣ୍ଣନା କରି ପାରିବି । ଆପଣ ସହାୟ ହୋଇ ନ ଥିଲେ ଅଧୀନ ଏ ଘୋର ଦାୟରୁ ଉଦ୍ଧାର ପାଇ ନ ଥାନ୍ତା । ଆପଣଙ୍କ କୃପାରେ ବିଷମ ବିପଦ ଦୂରଭୂତ ହେଲା । ମୁଁ ରାଜାର ଭକ୍ତି ଓ କୃତଜ୍ଞ ଉକ୍ତି ଶୁଣି ଉସ୍ତାହେ ଫୁଲି ଉଠି କହିଲି "ହେ ଧର୍ମ ପରାୟଣ ଗ୍ରୀମ ବାହ୍ରାମ, ଆମ୍ଭେ ସ୍ୱୟଂ ତୁମ୍ଭର ପରମଶରଣ; ଆଉ ତୁମ୍ଭର ଭୟ କଣ ? ମୂଢ଼ ଚଣ୍ଡ ବୃଥା ତୁମ୍ଭ ସଙ୍ଗେ ଦ୍ୱନ୍ଦ ଉଠାଇ ଉଚିତ ଦଣ୍ଡ ପାଇଲା । ଅତଃପର କୌଣସି ରାଜା ତୁମ୍ଭର ବିରୁଦ୍ଧ ହେବେ ନାହିଁ । ପୃଥିବୀର ସମସ୍ତ ରାଜା ତୁମ୍ଭର ଆଜ୍ଞାଧୀନ ହୋଇ ତୁମ୍ଭଙ୍କୁ ଭକ୍ତି ଓ ସମ୍ମାନ କରିବେ । ଯଦି ଦୈବାତ୍ କେହି ଅବିବେକ ବଶତଃ ତୁମ୍ଭ ସହିତ ଯୁଦ୍ଧ କରିବାକୁ ଉଦ୍ୟତ ହୁଏ ତାହା ହେଲେ ଆମ୍ଭେ ଅଗ୍ନିପାତ

Digitized by PPRACHIN, SOA

କରି ତାହାଙ୍କୁ ଉପଘାତ କରିବୁଁ । ଏହି ଆଶ୍ୱାସବଚନ ଶୁଣି ରାଜା ପ୍ରସନ୍ନ ମନେ କକ୍ଷାନ୍ତରରେ ଗମନ କଲେ ।” ଶେରନ୍ ଏକାକିନୀ ମୋ ନିକଟରେ ରହିଲେ । ଆଜି ଅତ୍ୟଧିକ ଆନନ୍ଦଜନିତ ତାହାର ସୌନ୍ଦର୍ଯ୍ୟ ପୂର୍ବାପେକ୍ଷା ଦଶଗୁଣ ବର୍ଦ୍ଧିତ ହୋଇ ମୁଖ ମଣ୍ଡଳ ମେଘ ମୁକ୍ତ ଶରଚ୍ଚନ୍ଦ୍ର ସଦୃଶ ପ୍ରଫୁଲ୍ଲ, ଚକ୍ଷୁ ଉଜ୍ଜ୍ୱଳ ଦିଶୁଅଛି । ଆହା ତାହାର ସେହି ସମୟର ମୂର୍ତ୍ତି ମନେ ପଡ଼ି ମୋହର ହୃଦ ବିଦାର ହେଉଅଛି । ପ୍ରଣୋପମା ରାଜକନ୍ୟା ମୋହର ମହିମା ଯୋଗେ ନିଜ ଗୌରବର ବଢ଼ିମା ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ଓ ଏକାନ୍ତ ମୋହିତ ହୋଇ ନାନାଭାବେ ଭକ୍ତି ପ୍ରଦର୍ଶନ ଓ ମୋହର ମନରଞ୍ଜନ କରୁଥିଲା । ପ୍ରିୟତମାଠାରୁ ବହୁ ପ୍ରକାର ଆଦର ପାଇ ତାହା ସହିତ ସହବାସେ ମହାସୁଖେ ରାତ୍ରି ପୁହାଇ ସୂର୍ଯ୍ୟୋଦୟ ପୂର୍ବେ ନିଜ ସ୍ଥାନକୁ ଆସି ନାଗରିକମାନେ ଏହି ଜୟ ନିମିତ୍ତ ମୋତେ କଣ କହୁ ଅଛନ୍ତି ଶୁଣିବା ନିମିତ୍ତ ନଗରକୁ ଗଲି । ସେଠାରେ ଦେଖିଲି ନାଗରିକମାନେ ମହା ମହୋତ୍ସବେ ରତ । କାହିଁ ରାମଲୀଳା, କାହିଁ ସତ୍ୟପୀରର ପାଳା, କାହିଁ ଯାଗ, କାହିଁ ଠାକୁର ଭୋଗ, କାହିଁ ଧୂମଧାମ, କାହିଁ ଗୀତ ବାଜଣା ଲାଗିଅଛି । କାହିଁ ଦଳେ ଦଳେ ଲୋକ ଏକତ୍ର ହୋଇ ମୋହର ଅପାର ମହିମାର ସୁଖ୍ୟାତି କରୁ ଅଛନ୍ତି । ମୁଁ ଲୋକଙ୍କୁ ମହୋତ୍ସବେ ମତ୍ତ ଓ ମୋର ପ୍ରଶଂସାରେ ରତ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲି ଏବଂ କବିଙ୍କର ଏହି ଉକ୍ତି

ଦେଖାଇ ହେବାର ଠାବ ଅଟେ ଭବପୁର ।
ଦେଖାଇ ହୁଏ ଯେ ସେହି ସିନା ବାହାଦୁର ॥

ମନେ କରି ଆପଣାର ଅଧିକ ବାହାଦୁରୀ ଦେଖାଇବା ଆଶାରେ ଯବକ୍ଷାର, ଗନ୍ଧକ ପ୍ରଭୃତି ଦ୍ରବ୍ୟ କିଣି ଆଣି ହଜମାନ ବସି ହାଉଇ ପ୍ରଭୃତି ବାଣ ପ୍ରସ୍ତୁତ କଲି ଏବଂ ରାତ୍ରି ହୁଅନ୍ତେ ବାଣ ସହିତ ଆକାଶରେ ଉଡି ବାଣରେ ଅଗ୍ନି ଲଗାଇ ଆକାଶ ଆଲୋକମୟ କରି ଦେଲି । ତାହା ଦେଖି ଆବାଲବୃଦ୍ଧବନିତା ପ୍ରାଦୁର୍ଭୂତ ଜମା ହୋଇ ଜୟ ଜୟ ରାଜ ଜାମାତାଙ୍କର ଜୟରବରେ ଆକାଶ ପୂର୍ଣ୍ଣ କଲେ—ଏବଂ ସେହି ଜୟ-

Digitized by PPRACHIN, SOA

ଧ୍ୱନି ଶୁଣି ମୋହର ହୃଦୟ ଆନନ୍ଦେ ଅଥୟ ହେଲା । ସେହି ବାଣ କ୍ରୀଡ଼ାରେ ମତ୍ତଥାଇ ସେ ରାତ୍ରି ପ୍ରେୟସୀ ଶିରିନ୍‌ର ସହବାସ ସୁଖରୁ ବଞ୍ଚିତ ରହିଲି । ନଗରବାସିମାନେ ବାଣ କ୍ରୀଡ଼ା ଦେଖି କେମନ୍ତ ମୋହର ଗୁଣ ଗାନ କରୁଅଛନ୍ତି ଜାଣିବା ନିମିତ୍ତ ସକାଳେ ନଗରକୁ ଗମନ କଲି । ଦେଖିଲି ସ୍ଥାନେ ସ୍ଥାନେ ଅସଂଖ୍ୟ ଲୋକ ଜମା ହୋଇ ମୋହର ମହିମା ବର୍ଣ୍ଣନ ଓ ଶିରିନର ସୁଖ୍ୟାତି କରି କହୁ ଅଛନ୍ତି "ରାଜ କନ୍ୟାର ଅଦୃଷ୍ଟ ଅତ୍ୟନ୍ତ ବଳବନ୍ତ । ନିଜେ ଜଗନ୍ନାଥ ତାହାର ପ୍ରେମାସକ୍ତ ହୋଇ ମର୍ତ୍ତ୍ୟଲୋକକୁ ଆସି କେତେ କେତେ ଅଦ୍ଭୁତ କାର୍ଯ୍ୟମାନ କରୁ ଅଛନ୍ତି । ତେଜମାର ପ୍ରସାଦରେ ଆମ୍ଭମାନଙ୍କର ମଧ୍ୟ ଭାଗ୍ୟ ପ୍ରବଳ ହୋଇଅଛି । କାରଣ ଯେଉଁ ରୂପର ଦର୍ଶନ ଲାଗି ଶତ ଶତ ଯୋଗୀ ଅନ୍ନ ଜଳ ଛାଡ଼ି ରାତି ଦିନ ଧ୍ୟାନ କରୁ କରୁ ସୁଦ୍ଧା ଦର୍ଶନ ପାଆନ୍ତି ନାହିଁ ସେହି ଦେବଦୁର୍ଲ୍ଲଭ ମୂର୍ତ୍ତି ଅନାୟାସେ ଦର୍ଶନ କରୁଅଛୁ । ଆହା, ମହାପ୍ରଭୁଙ୍କର ମନୋହର ମୂର୍ତ୍ତି କି ଜ୍ୟୋତିର୍ମୟ ସେ ବାଣ କ୍ରୀଡ଼ା ଛଳରେ ଆପଣାର ଅପରୂପ ରୂପ ଦେଖାଇ ଆମ୍ଭମାନଙ୍କର ପାପ ତାପ ଦୂର ଏବଂ ମାନବଜନ୍ମ ସାର୍ଥକ କରି ଅଛନ୍ତି ।" ଏହିପରି ନଗର ଭ୍ରମଣେ ଲୋକମାନଙ୍କ ମୁଖରୁ ଆତ୍ମ ପ୍ରଶଂସା ଶ୍ରବଣ କରୁ କରୁ ହଠାତ୍ ମୋ ମନ ଉଚାଟ ଏବଂ ଅସ୍ଥିର ହେଲା । ଏଣୁ ମୁଁ ଅଧିକକ୍ଷଣ ସେଠାରେ ରହି ନ ପାରି ନିଜ ଗୁପ୍ତ ସ୍ଥାନକୁ ଫେରି ଆସିଲି । ଏଠାରେ ଦେଖିଲି ମୋହର ସୁଖ ସଦନ ସିନ୍ଦୁକ ରତନରେ ଅଗ୍ନି ଲାଗି ତାହା ଦାଉ ଦାଉ ହୋଇ ଜଳୁଅଛି । ଏହି ଭୀଷଣ ଅଗ୍ନି କାଣ୍ଡ ଦେଖି ମୋହର ମୁଣ୍ଡରେ ପ୍ରଚଣ୍ଡ ବଜ୍ରପାତ ହେଲା ମନେ କରି ଲଣ୍ଡ ଭଣ୍ଡ ହୋଇ ତାହା ନିକଟକୁ ଦୌଡ଼ି ଯାଇ ଦେଖିଲା ବେଳକୁ କାର୍ଯ୍ୟ ଶେଷ ହେଲାଣି । ଏହି ଅକସ୍ମାତ୍ ବଜ୍ରପାତରେ ମୋହର ସକଳ ସୁଖ ଶାନ୍ତିର ମୂଳେ କୁଠାରାଘାତ ହେଲା ଭାବି ହାହାକାର କରି ଧରାବଲୁଣ୍ଠିତ ହୋଇ ଉଚ୍ଚୈଃସ୍ୱରେ କ୍ରନ୍ଦନ କରିବାକୁ ଲାଗିଲି । ନିଃସହାୟ ବନ୍ଧୁହୀନ ଅଭାଗିତର କ୍ରନ୍ଦନ ଶୁଣି ବନଦେବୀ ଦୁଃଖିତ ହୋଇ ପ୍ରତିଧ୍ୱନି ଛଳରେ କ୍ରନ୍ଦନ କଲେ । ମୁଁ କରୁଣସ୍ୱରେ ଅନେକକ୍ଷଣ କ୍ରନ୍ଦନ କରି ସିନ୍ଦୁକ ନାଶରେ ଭବିଷ୍ୟତର ଆଶା ଭରସାରୁ ହତାଶ ଏବଂ ପ୍ରିୟତମା ଶିରିନର

Digitized by PPRACHIN, SOA

ସହବାସ ସୁଖରୁ ନିବୃତ୍ତ ହୋଇ ସେ ସ୍ଥାନରେ ଅବସ୍ଥାନ କଷ୍ଟକର ମନେ କଲା ଏବଂ ଗତ ସୁଖ ସମ୍ଭୋଗ ସ୍ୱପ୍ନ ଦୃଷ୍ଟି ପରି ବୋଧ ହେଲା । ମୋହର ସୁଖ ରବି ଉଦିତ ହୋଇ ଏତେ ଶୀଘ୍ର ବୁଡ଼ି ଯିବାରୁ ବ୍ୟଥିତ ହୋଇ ଏହି ପାରସୀ ପଦଟି,

ହଏଫୋ ଦରଚସମୋଯଦନ୍ ସହବତେ ଯ୍ୟାର ଆଖରସୁଦ୍ ।
ଗୁହେଗୁଲସହେର୍ ନଦଦ୍ ଯୈମ ବାହାର୍ ଆଖର୍ସୁଦ୍ । ଅର୍ଥାତ୍
ହା ନିମେଷକେ ବନ୍ଧୁ ସଙ୍ଗ ସୁଖ ହେଲା ଗତ ।
ବସନ୍ତ ଗଲା ନ ବହୁଣୁ ମଳୟର ବାତ ।।

ନୀରସ ମନେ ଗାଇ୨ ସେଠାରୁ ପ୍ରସ୍ଥାନ କଲା । କିଛିଦୂର ଯାଇ ନୀରସ-ଭାବେ ପୁଣି ପଛକୁ ଅନାଇ କହିଲା "ହାୟ ସିକନ୍ଦରସହିତ କୃଷ୍ଣଙ୍କର କାଶ୍ମୀର ଲୀଳା, କ୍ରୀଡ଼ା ଶ୍ରେଣୀ ଶୃଙ୍ଖଳା ଲକ୍ଷ୍ମୀଶୋଭା ଓ ସର୍ବପ୍ରକାର ବାହାଦୁରି ଚିରକାଳ ପାଇଁ ଲୋପ ପାଇଲା । ସେ ସୁନ୍ଦରୀଶିରୋମଣି ସକଳାଗ୍ରଣୀ ରାଜନନ୍ଦନୀ ଶିରୀନଙ୍କୁ ଛାଡ଼ି ଦୁଃଖାର୍ଣ୍ଣବେ ଭସାଇ ଦେଶତ୍ୟାଗୀ ହେଉଛନ୍ତି । ଗୋ ପ୍ରେୟସୀ ତୁମ୍ଭର ଲଲାଟଲିଖନ ଶେଷେ ସଙ୍ଘଟନ ହେଲା ଏଥି ନିମିତ୍ତ ମୋହର ଅପରାଧ ଘେନିବ ନାହିଁ । ଏହା କହି ଆଖିରୁ ଲୋତକ ଗଡ଼ାଇ ଗମନ କଲା । ଯାଉ ଯାଉ ବାଟରେ କେତେଜଣ ପଥିକଙ୍କ ସଙ୍ଗେ ସଙ୍ଗ ହୋଇ କାବୁଲ କାନ୍ଦାହାର ଶିରାଜ ପ୍ରଭୃତି ନଗର ପରିଦର୍ଶନ କରି ଦମୀସ୍କରେ ଉପସ୍ଥିତ ହେଲା । ନିକଟରେ ବସ୍ତ୍ରାଦି ଓ ଅଙ୍ଗୁରୀ ପ୍ରଭୃତି ଯାହା କିଛି ଥିଲା ବାଟରେ ବିକ୍ରୟ କରି-ଥିଲା । ଏଠାକୁ ଆସି ଅନ୍ନାଭାବେ ମରିବାକୁ ଲାଗିଲା ଏବଂ କୌଣସି ଉପାୟ ନ ଦେଖି ଶେଷେ ତନ୍ତୁବାୟ ବ୍ୟବସାୟ ଅବଲମ୍ବନ କରି ଦୁଇ ପଇସା ଅର୍ଜ୍ଜନ ପୂର୍ବକ ପୋଡ଼ା ପେଟର ଜ୍ୱାଳା ନିବାରଣ କରୁଅଛି । କିନ୍ତୁ ପ୍ରିୟତମା ଶିରୀନର ବିରହଜାତ ଅଗ୍ନି ନିର୍ବାପିତ କରି ନ ପାରି କଷ୍ଟେ ଦିନାତିପାତ କରୁଅଛି । ଶିରୀନର କମନୀୟ ମନୋହର ରୂପ ଶୟନେ ସ୍ୱପନେ ସର୍ବକ୍ଷଣେ ନିରୀକ୍ଷଣ ଓ ବିରହକାଳୀନ ସେହି ପଦଟି ।

ହା ନିମେଷକେ ବନ୍ଧୁ ସଙ୍ଗ ସୁଖ ହେଲା ଗତ ।
ବସନ୍ତ ଗଲା ନ ବହୁଣୁ ମଳୟର ବାତ ।

Digitized by PPRACHIN, SOA

ମନେକର ହୃଦୟ ବିଦୀର୍ଣ୍ଣ ଓ ଦୁଃଖ ନିବାନ ହେଉଅଛି । ମହାରାଜ, କାଳ୍‌କୁର ଏହି ଆତ୍ମଚରିତ ଅଟେ । ଏହି କଳୁଷିତ ଆତ୍ମଚରିତ ଚିରକାଳ ଗୁପ୍ତଭାବେ ରଖିବି ବୋଲି ମନେ କରିଥିଲି, ମାତ୍ର ଶ୍ରୀମୁଖଙ୍କର ଆଦେଶ ଲଙ୍ଘନ କରି ନ ପାରି ଶ୍ରବଣଗୋଚର କରାଇଲି । ବର୍ତ୍ତମାନ ସବିନୟ ନିବେଦନ ଶ୍ରୀମୁ ଦାସର ଦୋଷ ମାର୍ଜନା କରିବା ହେବେ ।”

ରାଜା ମାଲିକର ବିବରଣ ଶୁଣି ତାହାର ଦୁର୍ଦ୍ଦଶାପାଇଁ ଦୁଃଖିତ ହେଲେ ଏବଂ ଭଣ୍ଡାରରୁ ଏକସହସ୍ର ସ୍ୱର୍ଣ୍ଣମୁଦ୍ରା ଅଣାଇ ତାହାକୁ ଦେଇ ବିଦାୟ କଲେ ।

(ରାଜା ବଦରୁଦ୍ଦୀନଙ୍କ କଥା ପୁନରାରମ୍ଭ)

ନୃପତି ମାଲିକ ତନ୍ତ୍ରୀକୁ ବିଦାୟକରି କିଛିକ୍ଷଣ ଚିନ୍ତାମଗ୍ନ ଓ ମୌନ ରହି ପରେ ମନ୍ତ୍ରୀକୁ କହିଲେ, “ମନ୍ତ୍ରୀନ୍ ତନ୍ତୁବାୟର ଅସୁଖର ଗୋଟିଏ ପ୍ରଧାନ କାରଣ ଅଛି, କିନ୍ତୁ ସମସ୍ତ ଜଗତବାସୀଙ୍କରତ ଏପରି ଘଟଣା ଘଟିନାହିଁ । ସୁତରାଂ ସେମାନେ ଅସୁଖୀ ହେବେ କାହିଁକି ? ମନୁଷ୍ୟ ସମାଜରେ ଅବଶ୍ୟ ଅନେକ ଲୋକ ନିଷ୍ଠ ନ୍ତ ଅଛନ୍ତି । ବ୍ରହ୍ମାଣ୍ଡର କଥା ଛାଡ଼; ଆମ୍ଭର କର୍ମଚାରୀମାନଙ୍କଠାରେ ବୁଝ, ସେମାନଙ୍କ ମଧ୍ୟରେ ଅବଶ୍ୟ ଅନେକେ ନିଶ୍ଚିନ୍ତ ଓ ଆନନ୍ଦିତ ଥିବେ । ରାଜାଦେଶପାଇ ମନ୍ତ୍ରୀ ସେନାପତି ପ୍ରଭୃତି କର୍ମଚାରୀମାନଙ୍କୁ ଉପସ୍ଥିତ କରାଇଲେ । ରାଜା ସେମାନଙ୍କୁ କହିଲେ ବିନ୍ଦ୍ରାଣ ରାଜଦ୍ୱାରେ ମିଥ୍ୟା କହିବାକୁ ବଳ ପାପ ସଂସାରରେ ନାହିଁ ଏହା ତୁମ୍ଭମାନଙ୍କୁ ଜଣାଅଛି ସୁତରାଂ ତୁମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ସୁଖୀ ଓ ନିଶ୍ଚିନ୍ତ ଅଛ ନିଜ ବିବରଣ ସତ୍ୟ ସତ୍ୟ କହି ଆମ୍ଭର ସଂଶୟ ଦୂରକର ।” ରାଜାଙ୍କର ବଚନ ଶ୍ରବଣକରି କର୍ମଚାରଗଣ ଯେପରି ଆପଣା ଆପଣା ବିବରଣ ଜଣାଇଲେ ସେଥିରୁ କେହି ସୁଖି ଓ ନିଶ୍ଚିନ୍ତ ଥିବାର ଜଣାଗଲା ନାହିଁ । ସେମାନଙ୍କର କଥ ଶୁଣି ରାଜା ବିସ୍ମିତହୋଇ କହିଲେ “ଏମାନଙ୍କ କଥାରେ ଆମ୍ଭରା ମନକୁବୋଧ ହେଉନାହିଁ, ମନ ମନାଇବା ନିମିତ୍ତ ଆମ୍ଭେ ବିଭିନ୍ନ

Digitized by PPRACHIN, SOA

ଦେଶେ ଭ୍ରମଣ ଓ ଲୋକଙ୍କର ଅବସ୍ଥା ସ୍ୱଚକ୍ଷୁରେ ଦର୍ଶନ କରିବାକୁ ମନସ୍ଥ କରିଅଛୁଁ । ଅତଏବ ମନ୍ତ୍ରୀ ଓ ସମୃଦ୍ଧଶାଳୀ ମୂଲ୍ୟକ ତୁମ୍ଭେ ଦୁହେଁ ଆମ୍ଭ ସହିତ ଯିବାକୁ ପ୍ରସ୍ତୁତ ହୁଅ ।

ଦମିସ୍କାଧିପତି ଏହି ପ୍ରତିଜ୍ଞା ସ୍ଥିରକରି ପାତ୍ର ଓ ମନ୍ତ୍ରୀଙ୍କୁ ସଙ୍ଗେ ଘେନି ଅଶ୍ୱାରୋହଣେ ଦେଶ ପର୍ଯ୍ୟଟନେ ବହିର୍ଗତ ହେଲେ । କଚ୍ଛିଦିନ ପରେ ସକୁଶଳେ ବାଗଦାଦରେ ପହଞ୍ଚି ଦେଖିଲେ ପାନ୍ଥଶାଳା ନିକଟରେ ଜଣେ ଉଦାସୀନ ଦଣ୍ଡାୟମାନ ହୋଇ ହିତପୂର୍ଣ୍ଣ ଗୀତ ଗାନ କରୁଅଛି ଏବଂ ପଥିକମାନେ ତାହାକୁ ବେଢ଼ି ମନଯୋଗ ସହିତ ଗାନ ଶୁଣୁଅଛନ୍ତି ।

(ହିତ ଗୀତ ।)

କି ଫଳ ବିଫଳ ଲୋକେ କରନ୍ତି ଯତନ ।
ଅନିତ୍ୟ ସଂସାର ଲାଭ ପାଇଁ ଅନୁକ୍ଷଣ ॥
ସର୍ବେ ମାୟାମୁଗ୍ଧ ନାହିଁ ବୁଝି ନିଜ ଭ୍ରମ ।
ଦେହେ କଷ୍ଟ ଦେଇ ବୃଥା କରୁଛନ୍ତି ଶ୍ରମ ॥
ମଲେ ଧନ ଯେବେ ନଶ୍ଚେ ସଙ୍ଗେ ଯିବ ନାହିଁ ।
ତେବେ ଏତେ କଷ୍ଟେ ତାହା ସଞ୍ଚୁଛି କିପାଇଁ ॥
ଦାର ସୁତ ସୁତା ଭାଇଭଉଣୀ ଆତ୍ମୀୟ ।
ମଲେ ସର୍ବେ ମଡ଼ା କହି କରିବେ ରେ ଭୟ ॥
ଭୟେ ତବ ଶବ ବେଗେ ଫିଙ୍ଗି ଶ୍ମଶାନରେ ।
ବାଣ୍ଟି ନେବେ ଧନ ଯାହା ରଖିଥିବୁ ଘରେ ॥
ତୁମ୍ଭର ସଞ୍ଚିତ ଧନ ବାଣ୍ଟି ଲୁଣ୍ଟି ନେଇ ।
ସୁଖେ ଥିବେ ନ ଭାବିବେ ତୁମ୍ଭ କଥା କେହି ॥
ସ୍ୱପନେ ମାଗିବ କିଛି କାହାରିକୁ ଯେବେ ।
ଅମଙ୍ଗଳ ଭାବି ଭାର୍ଯ୍ୟା ମଧ୍ୟ ଧୂଳି ଦେବେ (୧)

---

(୧) ମୃତ ବ୍ୟକ୍ତି ସ୍ୱପ୍ନରେ କିଛି ମାଗିଲେ ସ୍ୱପ୍ନଦର୍ଶକର କେହି ପ୍ରିୟ ଜନ ମରିବ ବୋଲି ସ୍ତ୍ରୀମାନେ ବିଶ୍ୱାସ କରନ୍ତି ଏବଂ ସେହି ସ୍ୱପ୍ନର କୁଫଳ ନିବାରଣ ନିମିତ୍ତ ଦର୍ଶକ ସକାଳୁ ଉଠି ଯାଚକର ଉଦ୍ଦେଶ୍ୟରେ ମୁଠାଏ ଧୂଳି ଉଡାଇ ଦେଇ ଲୋଖି ଦବାଲି କହିବାର ପ୍ରବାଦଅଛି ।

Digitized by PPRACHIN, SOA

ଧନାର୍ଜ୍ଜନେ ନାଶେ ବ୍ୟୟେ ସଞ୍ଚୟରେ ଦୁଃଖ ।
ଦୁଃଖ ପୂର୍ଣ୍ଣଧନେ ହଅ ଶତାଧିକ ଧିକ ॥
ଧନ ଜନ ମାୟା ହଏ ଜନେ ଦୁଃଖମାନ ।
ମାୟାଶୂନ୍ୟଜନ ସୁଖୀ ଦେବତା ସମାନ ॥
ଅସାର ସଂସାର ମାୟା ଜାଣି ଶୁଣି ନର ।
ଅଜ୍ଞପରି ପଡ଼ି ହେଉଛନ୍ତି ହରବର ॥
ଦେଖ ଆମ୍ଭେ ସର୍ବ ତ୍ୟାଗୀ ନାହିଁ ଧନ ଜନ ।
ସଦା ସୁଖେ କରୁଅଛୁଁ ଜୀବନ ଯାପନ ॥

ଫକୀର ଏହିପରି ଅନ୍ୟର ଅନେକ ହିତକଥାମାନ କହିଲା । ଶ୍ରୋତାଗଣ ତାହା ଶୁଣି ଆନନ୍ଦିତ ହୋଇ କିଛି କିଛି ଦେବାରୁ ଯୋଗୀ ଅନେକଗୁଡ଼ିଏ ପାଇ ସନ୍ତୁଷ୍ଟ ହୋଇ ସେଠାରୁ ବାହାରି ଗଲା । ରାଜା ହାସ୍ୟ କରୁ କରୁ କହିଲେ 'ମନ୍ତ୍ରିନ୍, ଆମ୍ଭେମାନେ ଯେଉଁ ଉଦ୍ଦେଶ୍ୟରେ ଆସିଥିଲୁଁ ତାହା ସିଦ୍ଧ ହୋଇଅଛି ଏବଂ ଯାହା ଅନ୍ୱେଷଣ କରୁଥିଲୁଁ ତାହା ପାଇଅଛୁଁ । ଏହି ଯୋଗୀ ପ୍ରକୃତରେ ସୁଖ ଭୋଗୀ ଓ ନିଶ୍ଚିନ୍ତ ଅଟେ । ସୁତରାଂ ବୃଥା ଶ୍ରମ କରି ଦେଶ ପର୍ଯ୍ୟଟନ କରିବା ଆମ୍ଭମାନଙ୍କର ଆବଶ୍ୟକ ନାହିଁ । ଆମ୍ଭର ଜୟ ହେଲା, ରାଜ୍ୟକୁ ଫେରିଯିବା ଚାଲ ।"

ମନ୍ତ୍ରୀ କହିଲେ "ମହାରାଜ, ଏହି ସନ୍ନ୍ୟାସୀ ଯେଉଁ ସାରଗର୍ଭ କଥାମାନ କହିଲା ତାହା ଉତ୍ତମ ଅଟେ, ମାତ୍ର ତାହାର ମନର ଭାବ କିପରି ତାହା କିଏ କହି ପାରିବ ? ଏହାର ମନର ପ୍ରକୃତ ଅବସ୍ଥା ନ ଜାଣିଲେ କିଛି ମୀମାଂସା ହୋଇ ପାରିବ ନାହିଁ ।" ଏହା କହି ତିନିଜଣ ବେଗେ ଯାଇ ସନ୍ନ୍ୟାସୀ ସଙ୍ଗେ ମିଳିଲେ ଏବଂ ତାହା ସଙ୍ଗେ ବାକ୍ୟାଳାପ କରିବାକୁ ଲାଗିଲେ । ଯୋଗୀ ପରମାର୍ଥ ତତ୍ତ୍ୱ ଓ ବୈରାଗ୍ୟ ବିଷୟର କଥାମାନ କହିବାକୁ ଲାଗିଲା । କିଛି ଦୂର ଯାଇ ମନ୍ତ୍ରୀ କହିଲେ, "ଯତିବର, ଆଜି ଆମ୍ଭେମାନେ ତୁମ୍ଭର ଆଶ୍ରମରେ ଅତିଥି ହେବାକୁ ଅଭିଳାଷ କରୁଅଛୁଁ ।" ଏହି ପ୍ରସ୍ତାବ ଆଗ୍ରହ ସହିତ ଅନୁମୋଦନ କରି ଯୋଗୀ ସେମାନଙ୍କୁ ଆପଣ ଆଶ୍ରମକୁ ଘେନି ଗଲେ । ସେଠାରେ ଆହୁରି ଦୁଇ ଜଣ ସନ୍ନ୍ୟାସୀ ଥିଲେ, ସେମାନେ ଅତିଥିମାନଙ୍କୁ ଅତି ସମାଦରରେ ଆପଣା ନିକଟରେ

Digitized by PPRACHIN, SOA

ବସାଇଲେ । ଉପବେଶନ କର ମନ୍ତ୍ରୀ ଜଣେ ସନ୍ନ୍ୟାସୀ ହସ୍ତରେ କେତେକ ଟଙ୍କା ଦେଇ କିଛି ଖାଦ୍ୟ ଦ୍ରବ୍ୟ ଅଣାଇବାକୁ ଅନୁରୋଧ କଲେ । ସେ ବଜାରରୁ ନାନାପ୍ରକାର ଖାଦ୍ୟଦ୍ରବ୍ୟ ଓ ମଦ୍ୟ କିଣି ଆଣିବାରୁ ସମସ୍ତେ ଏକତ୍ରେ ଆହାର କଲେ । ଆହାରାନ୍ତେ ମଦ୍ୟପାନେ ପ୍ରବୃତ୍ତ ହେଲେ । ଏହି ସମୟେ ରାଜା ପ୍ରଥମ ସନ୍ନ୍ୟାସୀଙ୍କୁ କହିଲେ, "ଆପଣମାନେ ଯତିଶ୍ରେଷ୍ଠ ଓ ପୁଣ୍ୟବନ୍ତ, ଏଥିରେ ସନ୍ଦେହ ନାହିଁ । ମାତ୍ର ବାସ୍ତବିକ ସୁଖୀ ଓ ନିଶ୍ଚିନ୍ତ ଅଛ କି ନା ସତ କହି ଆମ୍ଭମାନଙ୍କୁ ସନ୍ତୁଷ୍ଟ କର ।" ମଦମତ୍ତ ଯୋଗୀ ଉଣ୍ଡାଗିର ବସ୍ତ୍ର ନ ହୋଇ କହିଲା, "ଭାଇ, ଆମ୍ଭମାନଙ୍କ ପରି ଚିନ୍ତାଗ୍ରସ୍ତ ଓ ଚଞ୍ଚଳଚିତ୍ତର ଲୋକ ସଂସାରରେ ନାହାନ୍ତି । ଆମ୍ଭେମାନେ ଯେ ଲୋଭଶୂନ୍ୟତା ଓ ଉଦାସୀନତା ଦେଖାଉଥାଉଁ, ତାହା ମୌଖିକ ପ୍ରବଞ୍ଚନା ଅଟେ । ଆମ୍ଭେମାନେ ସେହିପରି ବାହ୍ୟିକ ନିର୍ଲୋଭିତା ନ ଦେଖାଇଲେ ଟୋପାଏ ଖାଇବାକୁ ପାଇବୁ ନାହିଁ । ପ୍ରକୃତ ତୃପ୍ତ ବାସ୍ତବିକ ସଂସାରୀ କି ଉଦାସୀ ସମସ୍ତେ ଚିନ୍ତାର ଅଧୀନ, କିଛି ନା କିଛି ଚିନ୍ତା ସର୍ବଦା ତାହାଙ୍କର ମନରେ ଥାଏ ।" ରାଜା ସନ୍ନ୍ୟାସୀଠାରୁ ଆଶା ବିରୁଦ୍ଧ କଥା ଶୁଣି ସେଠାରୁ ପ୍ରସ୍ଥାନ କଲେ । କିଛି ଦୂର ଯାଇ ଗୋଟିଏ ଦୋକାନରେ ଦୁଇଜଣ ମିତ କାଷ୍ଠାସନରେ ବସି ଦୁଃଖ ସୁଖ ହେଉଥିବାର ଦେଖିଲେ । ସେ ଦୁହିଙ୍କ ମଧ୍ୟରୁ ଜଣେ କହିଲା; "ଭାଇ; ଦେହି ମାତ୍ର ଦୁଃଖୀ ।" ଅପରଟି କହିଲା, ସମସ୍ତେ ଦୁଃଖୀ, ଏପରି ବିଶ୍ୱାସ ମୂର୍ଖଙ୍କର ଅଟେ । ସଂସାରରେ ଅନେକ ସୁଖୀ ଲୋକ ଅଛନ୍ତି । ପୁଣି ମୁଁ ଠିକ୍‌କରି କହିପାରେ, ଅଷ୍ଟ୍ରାଖାନର ରାଜା ଓ ପ୍ରଜା ସମସ୍ତେ ପରମ ସୁଖୀ ଓ ନିଶ୍ଚିନ୍ତ ଅଟନ୍ତି । ସେମାନଙ୍କ ମଧ୍ୟରେ କେହି ଯେ ଦୁଃଖୀ ଏହା କଦାପି କୁହା ଯାଇ ନ ପାରେ ।

ରାଜା ବଦରୁଦ୍ଦୀନ ଏହା ଶୁଣି ଅନନ୍ତର ହୋଇ ଅଷ୍ଟ୍ରାଖାନ ଅଭିମୁଖେ ଯାତ୍ରା କଲେ ଏବଂ ସେଠାରେ ପହୁଞ୍ଚି ପାନ୍ଥଶାଳାରେ ଅବସ୍ଥାନପୂର୍ବକ ନଗରର ଶୋଭା ଦର୍ଶନାର୍ଥ ବହିର୍ଗତ ହେଲେ । ଏହି ନଗରର ସୁବୃହତ୍ ରାଜମାର୍ଗ ସୁପ୍ରଶସ୍ତ ଏବଂ ଗୃହ ସବୁ ଅତ୍ୟୁଚ୍ଚ ଓ ସୁସଜ୍ଜିତ । ଗୃହସ୍ଥମାନେ ପ୍ରଫୁଲ୍ଲଚିତ୍ତ ଓ ଉଲ୍ଲସିତ ଏବଂ ନୃତ୍ୟ ଦର୍ଶନ ଓ ପାନ

Digitized by PPRACHIN, SOA

ଭୋଜନରେ ମତ୍ତ । ରାଜା ସମସ୍ତଙ୍କୁ ଆନନ୍ଦିତ ଦେଖି ଜଣକୁ ପଚାରିଲେ ଆଜ୍ଜ ସମସ୍ତ ନଗରବାସୀ ମହୋତ୍ସବରେ ମତ୍ତ, ଏହାର କାରଣ କଣ ? ସେ ବ୍ୟକ୍ତି ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲା, ତୁମ୍ଭେ କ ନୂତନ ଏଠାକୁ ଆସିଅଛ ? ଆମ୍ଭମାନଙ୍କର ନ୍ୟାୟବନ୍ତ ରାଜା ଦମିଜ ଚିରସୁଖୀ ତାଙ୍କର ସୁଶାସନରେ ଅମ୍ଭେମାନେ ମଧ୍ୟ ସୁଖରେ ଅଛୁଁ । ରାଜା ଇଚ୍ଛାନୁରୂପ କଥା ଶୁଣି ଆନନ୍ଦିତ ହୋଇ କହିଲେ, ମନ୍ତ୍ରିନ୍ ଏବେ ତୁମ୍ଭର ସଂଶୟ ଦୂର ହେଲା ତ ? ଜଣେ କଣ ଏଠାରେ ଲକ୍ଷ ଲକ୍ଷ ଲୋକ ନିଶ୍ଚିନ୍ତ ହେଛନ୍ତି । ମନ୍ତ୍ରୀ କହିଲେ, ମହାରାଜ, ସନ୍ନ୍ୟାସୀ ପରି ରାଜାଙ୍କର ଅନ୍ତର ଓ ବାହାରର ଅବସ୍ଥା ସମାନ ନ ଥାଇ ପାରେ, ଅତଏବ ରାଜାଙ୍କ ମୁଖରୁ ନ ଶୁଣିଲେ ସନ୍ଦେହ ଦୂର ହୋଇ ପାରିବ ନାହିଁ । ରାଜା ମନ୍ତ୍ରୀର ମତ ଅନୁମୋଦନ କରି ଉଭୟେ ରାଜାଳୟକୁ ଗମନ କଲେ । ରାଜଦ୍ୱାରରେ ଅନେକ ଦ୍ୱାରୀ, ସମସ୍ତେ ଅସ୍ତ୍ରଧାରୀ ମାତ୍ର ଦ୍ୱାର ଅବାରିତ ଅଟେ । ଭିତରକୁ ଯିବା ନିମିତ୍ତ କେହି କାହାରିକୁ ବାରଣ କରୁନାହିଁ । ଏମାନେ ମଧ୍ୟ ଅବାଧରେ ରାଜସଭାକୁ ଗଲେ । ସଭାର ଶୋଭା ବର୍ଣ୍ଣନାତୀତ, ଚତୁର୍ଦ୍ଦିଗେ ସଭ୍ୟଗଣ, ମଧ୍ୟସ୍ଥଳେ ପ୍ରଫୁଲ୍ଲ ବଦନ ଅତି ରୂପବାନ ରାଜା ଦେବରାଜ ସମାନ ସିଂହାସନରେ ଆସୀନ ହୋଇ ସୁନ୍ଦରୀ ନର୍ତ୍ତକୀମାନଙ୍କର ନୃତ୍ୟ ଦର୍ଶନରେ ନିମଗ୍ନ । ନୃତ୍ୟ ଅନେକକ୍ଷଣ ହୋଇ ରାତ୍ରି ଅଧିକ ହେବାରୁ ରାଜା ସଭାଭଙ୍ଗ କରି ଅନ୍ତଃପୁରକୁ ଗମନ କଲେ । ଦମିସ୍କାଧିପତି ମଧ୍ୟ ନିଜ ବସାକୁ ଫେରି ଯାଉଁ ଯାଉଁ ବାଟରେ ମନ୍ତ୍ରୀଙ୍କୁ କହିଲେ "ଦମିଜ ରାଜାଙ୍କର କାରବାର ଆକାର ପ୍ରକାର ଓ ବେହେରାରୁ ସେ ସୁଖୀ ଓ ନିଶ୍ଚିନ୍ତ ଥିବାପରି ବୋଧ ହେଉଅଛି । ସୁତରାଂ ଏଠାରେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣରୂପେ ସିଦ୍ଧ ହୋଇଅଛି, ଆଉ ଆମ୍ଭମାନଙ୍କୁ ଦେଶ ଭ୍ରମଣର କଷ୍ଟ ସହିବାକୁ ହେବ ନାହିଁ । ଚାଲ ରାଜ୍ୟକୁ ଫେରି ଯିବା ଚାଲ ।" ସହଚର କହିଲେ, "ମହାରାଜାଙ୍କର ଅନୁମାନ ଠିକ୍ ଅଟେ । ଦମିଜ ରାଜା ଓ ତାହାଙ୍କର ପ୍ରଜା କାହାଠାରେ ଅସୁଖର ଚିହ୍ନ ଦେଖା ଯାଉ ନାହିଁ । ବିଶେଷତଃ ଯେଉଁ ରାଜା ନ୍ୟାୟପରାୟଣ ଓ ପ୍ରଜାଙ୍କର ସୁଖସାଧନ ନିମିତ୍ତ ସଦା ଯତ୍ନବାନ ତାହାଙ୍କର ଚିନ୍ତା କଣ ? ସେ

Digitized by PPRACHIN, SOA

ମହାସୁଖୀ ଓ ନିଶ୍ଚିନ୍ତ ଅଛନ୍ତି । ଏ ନଗରବାସୀଙ୍କର ସୁଖପୂର୍ଣ୍ଣ ଅବସ୍ଥା ଦର୍ଶନ ଓ ରାଜାଙ୍କର ନ୍ୟାୟ ପରାୟଣତା ଓ ପ୍ରଜାହିତୈଷିତାର ସୁଖ୍ୟାତି ଶ୍ରବଣକରି ରାଜା ହର୍ମିଜ ନିଶ୍ଚୟ ନିଶ୍ଚିନ୍ତ ଓ ସୁଖିଥିବେ ବୋଲି ମୋହର ଧାରଣା ହୋଇଥିଲା । ବର୍ତ୍ତମାନ ରାଜାଙ୍କର ଅବସ୍ଥା ଦର୍ଶନ କରି ତାହା ଦୃଢ଼ତର ହେଲା । ମନ୍ତ୍ରୀ ଈଷଦ୍ଧାସ୍ୟ କରି କହିଲେ "ମୁଖାବଲୋକନ ଦ୍ୱାରା ମନୁଷ୍ୟର ଅନ୍ତଃକରଣର ଅବସ୍ଥା କଦାପି ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ।" ରାଜା କହିଲେ "ହର୍ମିଜର ମନର ଅବସ୍ଥା ଜାଣିବାର ଉପାୟ କଣ ?" ମନ୍ତ୍ରୀ କହିଲେ ତାହା ସହଜରେ ଜଣାଯିବ । ପ୍ରଥମେ ଅମ୍ଭେମାନେ ରତ୍ନ ବ୍ୟବସାୟୀ ବେଶରେ ରାଜାଙ୍କର ସାକ୍ଷାତ କରିବା, ପରେ ମହାରାଜ ନିଜ ପରିଚୟ ଦେଇ ମିତ୍ରତା ଜନ୍ମାଇ ନିଜ ଅଭିପ୍ରାୟ ଜଣାଇଲେ ସେ ନିଶ୍ଚୟ ଆପଣା ମନର କଥା କହିବେ । ଏହା ସ୍ଥିରକରି ପରଦିନ ବହୁମୂଲ୍ୟ ରତ୍ନ ଗୋଟିଏ ପାତ୍ରରେ ସଜାଇ ରାଜାଙ୍କୁ ଉପହାର ଦେଲେ । ରାଜା ବହୁମୂଲ୍ୟ ରତ୍ନମାନ ଉପହାର ପାଇ ତାହାର ପ୍ରଶଂସା କଲେ ଏବଂ ଏମାନଙ୍କୁ ଆପଣା ନିଆସରେ ଅତ୍ୟନ୍ତ ସମାଦରରେ ରଖାଇଲେ ନଦରୁଦ୍ଦୀନ ସେଠାରେ ରହି ଆପଣା ବାକ୍‌ପଟୁତା ଦ୍ୱାରା ରାଜାଙ୍କୁ ମୁଗ୍ଧ କରାଇ ଶେଷେ ଆପଣାର ପରିଚୟ ଦେଇ ଏଠାକୁ ଆସିବାର କାରଣ ଜଣାଇଲେ । ହର୍ମିଜ୍ ବଦରୁଦ୍ଦୀନଙ୍କର ପରିଚୟ ଶୁଣି ତାହାଙ୍କୁ ବନ୍ଧୁଭାବେ ଆଲିଙ୍ଗନ କଲେ ଏବଂ ମନ୍ତ୍ରୀଙ୍କର ଧାରଣା ଶୁଣି ଚମତ୍କୃତ ହୋଇ କହିଲେ "ସଂସାରରେ କେହି ସୁଖୀ ନାହିଁ" "ମନ୍ତ୍ରୀଙ୍କର ଏପରି ବିଶ୍ୱାସ ଭ୍ରମପୂର୍ଣ୍ଣ ଅଟେ । ଭୂମଣ୍ଡଳରେ କୋଟି କୋଟି ଲୋକ ସୁଖି ଅଛନ୍ତି ମାତ୍ର ଆପଣମାନେ ଆମ୍ଭକୁ ଯଦି ନିଶ୍ଚିନ୍ତ ଓ ସୁଖୀ ମନେକରି ଥାନ୍ତି ତାହା ମନୁ ଦୂର କରିବେ । କାରଣ ଆମ୍ଭପରି ଚିରଦୁଃଖୀ ଚିନ୍ତିତ ଲୋକ ପୃଥିବୀରେ ଦ୍ୱିତୀୟ ନାହିଁ । ଆଉ କାହାରି ବିପଦ ଥରେ ଅଧେ ହୋଇଥିବ ମାତ୍ର ଆମ୍ଭର ବିପଦ ପଦେ ପଦେ ସଂଘଟିତ ଏବଂ ଆମ୍ଭ ଅନ୍ତଃକରଣେ ଅନୁକ୍ଷଣ ଶୋକାନଳ ପ୍ରଜ୍ୱଳିତ ହେଉଅଛି । ଆମ୍ଭର ଦୁଃଖର ବିବରଣ ଶୁଣିବା ପୂର୍ବେ ଆମ୍ଭ ସଙ୍ଗେ ଅନ୍ତଃପୁରେ ପଦାର୍ପଣ କର । ତାହା ହେଲେ ଆମ୍ଭ କଥାର ସତ୍ୟାସତ୍ୟ ସମ୍ପୂର୍ଣ୍ଣରୂପେ ବୁଝିବ

Digitized by PPRACHIN, SOA

ହୃଦୟଙ୍ଗମ ହେବ ।" ଏହା କହି ସେମାନଙ୍କୁ ସଙ୍ଗେ ଅନ୍ତଃପୁରକୁ ଘେନଗଲେ ଏବଂ ଗୋଟିଏ ମନୋହର ଅଟ୍ଟାଳିକା ଦେଖାଇ କହିଲେ ଆମ୍ଭେ ଏହିଠାରେ ଅଛୁ, ତୁମ୍ଭେ ସେହି କୋଠରୀ ଅବସ୍ଥା ଓ ସେଥିରେ କିଏ ଅଛି ଦେଖି ଆସ । ଦମିସ୍କାଧିପତି ଅନୁମତି ପାଇ ପାତ୍ର ଓ ମନ୍ତ୍ରୀ ସହିତ ସେଠାକୁ ଗଲେ ଏବଂ କୋଠରୀ ଦ୍ୱାରେ ଉପସ୍ଥିତ ହୁଅନ୍ତେ ହଠାତ୍ ବିଦ୍ୟୁତପ୍ରଭା ଦ୍ୱାରା ଚକ୍ଷୁ ଝାପସା ଗଲା । ବିନାମେଘେ ବିଜୁଳି କାହୁଁ ଉଠିଲା ଜାଣିବା ନିମିତ୍ତ ଚକ୍ଷୁ ପିଟାଇ ଭିତରକୁ ଚାହିଁ ଦେଖିଲେ ଅପୂର୍ବ ସୌନ୍ଦର୍ଯ୍ୟପୂର୍ଣ୍ଣ । ଗୋଟିଏ ଲଳନାର ମୁଖ କାନ୍ତି ବିଦ୍ୟୁତ୍ ଜ୍ୟୋତିକୁ ଦଳି ପ୍ରକାଶିତ ହେଉ ଅଛି । ରାଜାମନ ଦମ୍ଭ କରି କିଛିକ୍ଷଣ ଏକ ଦୃଷ୍ଟିରେ ତାହା ଆଡ଼କୁ ଅନାଇ ତାହାର ସୁଗୋଳ ଭୂରୁ, ହରିଣ ନୟନଗଞ୍ଜନ ଅଞ୍ଜନ ରଞ୍ଜିତ ଆକର୍ଣ୍ଣ ବିସ୍ତୃତ ନୟନ, ପ୍ରଫୁଲ୍ଲ ପଦ୍ମଜୀଣା ମନୋହର ମୁଖୋଜ୍ଜ୍ୱଳ ଦର୍ଶନ କରି ଅଜ୍ଞାନ ହୋଇ ଭୂତଳେ ପଡ଼ିଲେ । ହମୀଦ୍‌ରାଜା ତାହାଙ୍କର ଦୁର୍ଗତି ଦେଖି ଦୌଡ଼ି ଆସି ଗୋଲାପ ବେଦମୁସ୍କ ପ୍ରଭୃତି ସୁଶୀତଳ ଓ ସୁଗନ୍ଧି ଜଳ ମୁଣ୍ଡରେ ଢାଳି ସଚେତନ କରାଇ କହିଲେ "ହେ ଦମିସ୍କପତି ଏହି ଯୁବତୀ ଆମ୍ଭର ସମସ୍ତ ଦୁଃଖ ଓ କଷ୍ଟର ମୂଳ ହେଉ ଅଟେ ।" ବଦରୁଦ୍ଦୀନ କହିଲେ "ଆପଣଙ୍କର ଅନ୍ତଃପୁର-ବାସିନୀ ମନ ମୋହିନୀ ରମଣୀ ଆପଣଙ୍କର ହୃଦତୋଷିଣୀ ଓ ସୁଖବର୍ଦ୍ଧିନୀ ନ ହୋଇ ବରଂ ସୁଖନାଶିନୀ ଓ କଷ୍ଟଦାୟିନୀ ଏ ଅତି ଆଚମ୍ବିତ କଥା । ରାଜା କହିଲେ ଆମ୍ଭ ସଙ୍ଗେ ଚାଲ ତାହାର ନିର୍ଦ୍ଦୟ ବ୍ୟବହାର ସ୍ୱଚକ୍ଷୁରେ ଦେଖ ତୁମ୍ଭର ହୃଦ ବୋଧ ହେବ ।" ଏହା କହି ବଦରୁଦ୍ଦୀନର ହାତ ଧରି ତାହା ଆଡ଼କୁ ଗମନକଲେ । ସୁନ୍ଦରୀ ସହଚରୀମାନଙ୍କ ସହିତ ପଶାଖେଳରେ ମତ୍ତଥିଲା । ରାଜାଙ୍କର ପଦଶବ୍ଦ ଶୁଣି ତାହାଙ୍କ ଆଡ଼କୁ ଚାହିଁଲା । ରାଜାଙ୍କ ମୁଖରେ ଦୃଷ୍ଟି ପଡ଼ନ୍ତେ ତାହାର ସୌନ୍ଦର୍ଯ୍ୟ ପ୍ରଭା ରାହୁ ଗ୍ରସେ ଶଶାଙ୍କ ଶୋଭାପରି ବିବର୍ଣ୍ଣ ହେବାକୁ ଲାଗିଲା ଓ ସହାସ୍ୟ ବଦନ ମଳିନ ହୋଇଗଲା ଏବଂ ନିମେଷକେ ସୌନ୍ଦର୍ଯ୍ୟ ସଦନ ରମଣୀ ରତନ ଶବାକାର ଧାରଣ କଲା । ରାଜା ଶବପାର୍ଶ୍ୱେ ବସି ଶୋକାଶ୍ରୁ ବିସର୍ଜ୍ଜନ କରି କହିଲେ "ପ୍ରାଣେଶ୍ୱରୀ, ଦାସପ୍ରତି ଦୟା କରି ଥରେ ପ୍ରୀତିପୂର୍ଣ୍ଣ କଥା କହି

Digitized by PPRACHIN, SOA

ମନର ବ୍ୟଥା ଦୂର କର । ତୁମ୍ଭର ଏହି ନିଦାରୁଣ ପ୍ରବଞ୍ଚନାଜାତ ବିଚ୍ଛେଦାନଳ ଆଉ ସହ୍ୟ କରି ପାରୁନାହିଁ । ଅରେ ପ୍ରୀତି ସମ୍ଭାଷଣ କର ଅଥବା ବିଷ ପ୍ରଦାନ ଦ୍ୱାରା ଦାସକୁ ବିନାଶ କର । ଗୋ ପ୍ରେୟସି, ତୁମ୍ଭର ପ୍ରେମାସକ୍ତ ହୋଇ କେତେ କଷ୍ଟ ସହି ତୁମ୍ଭଙ୍କୁ ପ୍ରାପ୍ତ ହୋଇଥିଲି ମାତ୍ର ତୁମ୍ଭର ଅନୁଚିତ, କୃତାନ୍ତ ସଦୃଶ ବ୍ୟବହାରରେ ମୁଁ ଜୀବନ୍ମୃତ ହୋଇଅଛି । ଏବେ ସଦୟ ନ ହେଲେ ମୁଁ ଆଉ ଜୀବିତ ରହି ପାରିବି ନାହିଁ । ରାଜା ଏହିପରି କେତେ ବିନୟ ଅନୁନୟ କଲେ କେତେ ପ୍ରେମପୂର୍ଣ୍ଣ କଥା କହିଲେ, କେତେ କ୍ରନ୍ଦନ କଲେ ମାତ୍ର ରମଣୀ ତାହାଙ୍କ ଆଡକୁ ନ ଚାହିଁ କୌଣସି କଥା ନ କହି ସେହିପରି ମଡ଼ାପରି ଶଯ୍ୟାରେ ପଡ଼ି ରହିଲେ ।

ଏହି ଆଶ୍ଚର୍ଯ୍ୟ ଘଟଣା ଦେଖି ରାଜା ବଦରୁଦ୍ଦୀନ ଅତ୍ୟନ୍ତ ବିସ୍ମିତ ହୋଇ ହର୍ମିଜ୍‌ଶାହଙ୍କୁ କହିଲେ "ମହାଶୟ କ୍ରୀଡ଼ା କୌତୁକରତା ହାସ୍ୟୋନ୍ମତ୍ତା ରମଣୀ ଅକସ୍ମାତ୍ ମୃତା ହେଲେ ଏ କି ଆଶ୍ଚର୍ଯ୍ୟ କଥା ? ଏହାର କାରଣ କଣ ?" ହର୍ମିଜ କହିଲେ ରମଣୀର ଅକସ୍ମାତ୍ ମରଣ ଓ ମୋହର ଚିରଦୁଃଖର କାରଣ କହୁଛି ଶ୍ରବଣ କର ।

———

(ହର୍ମିଜ୍‌ଶାହା ରାଜାର କାହାଣୀ)

ହର୍ମିଜ କହିଲେ "ପ୍ରାୟ ପାଞ୍ଚବର୍ଷ ପୂର୍ବେ ଯେତେବେଳେ ମୁଁ ଯୁବରାଜ ଥିଲି ସେହି ସମୟେ ମୋହର ଦେଶ ଭ୍ରମଣରେ ନିତାନ୍ତ ଇଚ୍ଛା ହେବାରୁ ମୁଁ ପିତାଙ୍କ ନିକଟରେ ଉପସ୍ଥିତ ହୋଇ ଦେଶ ଭ୍ରମଣ ନିମିତ୍ତ ତାହାଙ୍କର ଅନୁମତି ପ୍ରାର୍ଥନା କଲି । ପିତା ଅଗ୍ରହ ସହିତ ଅନୁମତି ଦେଇ ବିଦେଶ ଗମନର ଆୟୋଜନ କରିଦେଲେ । ଆମ୍ଭେ ଅନେକ ଗୁଡ଼ିଏ ସଙ୍ଗୀ ସହିତ ମହାସମାରୋହରେ ରାଜଧାନୀରୁ ବାହାରି ଯାଗନଦୀ ପାର ହୋଇ ଜ୍ୟାକ ନଗରରେ ପହଞ୍ଚିଲୁଁ । ସେଠାରୁ ଆଉ କେତେ କେତେ ଗ୍ରାମ ନଗର ବାଟଦେଇ ଖୋରାସାନରେ ପହଞ୍ଚିଲୁ । ସେଠାର ନଗର ଶୋଭା ଓ କେତେକ

Digitized by PPRACHIN, SOA

ଦର୍ଶନୀୟ ପଦାର୍ଥ ଦେଖି ମନ ତୃପ୍ତ ହେଲା ଏବଂ ଦିନେ ମୋହର ପରମପ୍ରିୟ ବୟସ୍ୟ ହାସୀମଙ୍କୁ କହିଲି "ସୈନ୍ୟ ସମନ୍ତ ଯେନ ଆକ୍ରମର ସହିତ ଦେଶ ଭ୍ରମଣରେ ମନେ ସୁଖଜାତ ହେଉନାହିଁ ସୁତରାଂ ଆମ୍ଭେ ଦୁଇଜଣ ଛଦ୍ମବେଶ ଧାରଣ କରି ଦେଶ ଭ୍ରମଣ କରିବୁଁ ଚାଲ ।" ବୟସ୍ୟ ମୋହର ପ୍ରସ୍ତାବରେ ସମ୍ମତ ହେବାରୁ ଅନ୍ୟ ସଙ୍ଗୀମାନଙ୍କୁ ବିଦାୟ କରି ଆମ୍ଭେ ଦୁଇ ବନ୍ଧୁ ଛଦ୍ମବେଶ ଧରି ସେଠାରୁ କାଳମଙ୍କୁ ଗମନ କଲୁଁ । ସେହି ସମୟରେ ସେଠାରେ ଅର୍ଶିଲନ ନାମକ ଜଣେ ସୁବିଖ୍ୟାତ ରାଜା ରାଜତ୍ୱ କରୁଥିଲେ । ଆମ୍ଭେମାନେ ପ୍ରଥମ ଦିନ ପାନ୍ଥଶାଳାରେ ଅବସ୍ଥାନ କରି ବିଶ୍ରାମ କଲୁଁ । ପରଦିନ ସକାଳେ ନଗର ପ୍ରଦର୍ଶନ ନିମିତ୍ତ ବହିର୍ଗତ ହୋଇ ଏଣେ ତେଣେ ଅନେକକ୍ଷଣ ଭ୍ରମଣ କରି ଗୋଟିଏ ମନୋହର ଅଟ୍ଟାଳିକା ନିକଟରେ ଉପସ୍ଥିତ ହେଲୁଁ । ଉକ୍ତ କୋଠାର ପ୍ରାଙ୍ଗଣରେ ଦଣ୍ଡାୟମାନ ହୋଇ ସେଠାର ଶୋଭା ଦର୍ଶନ କରୁଅଛୁଁ ଏହି ସମୟରେ ନାନାପ୍ରକାର କରୁଣସ୍ୱର ଶ୍ରୁତିଗୋଚର ହେଲା । କେହି କହୁଅଛି ଗୋ ସୁଲୋଚନେ ତୁମ୍ଭର ଅଦର୍ଶନେ ମୋହର ପ୍ରାଣେ ବିରହାନଳ ପ୍ରଜ୍ୱଳିତ ହୋଇ ଶରୀର ଦଗ୍ଧ କରୁଅଛି । ସୁଧା ବର୍ଷଣକାରୀ ସୌନ୍ଦର୍ଯ୍ୟ ଶ୍ରୀ ଦେଖାଇ ମନପ୍ରାଣ ଶୀତଳ କର । କେହି କହୁ ଅଛି ହେ ଅତୁଲ୍ୟନିଧି; ଦାରୁଣ ବିଧି ତୁମ୍ଭର ରୂପ ଦେଖାଇ ପୁଣି ଲୁଚାଇ ଦେଲା । ଆଉ ଥରେ ଛାଇା ପାଇଲେ ଅତି ଯତନେ ହୃଦନିକେତନେ ସଂଗୋପନେ ରଖି ଅନୁକ୍ଷଣ ନିରୀକ୍ଷଣ କରି ତାପିତ ପ୍ରାଣ ଶୀତଳ କରନ୍ତି । କେହି କହୁଅଛି "ଗୋ ସ୍ୱର୍ଗାପସରୀ; ତୁମ୍ଭର ସୌନ୍ଦର୍ଯ୍ୟ ମାଧୁରୀ ଥରେ ଦେଖି ମୋହର ମନ ସେଥିରେ ଲାଗି ରହିଛି । ଅନ୍ୟ ରସାସ୍ୱଦନେ ମୋହର ଧ୍ୟାନ ନାହିଁ । ଦୟାକରି ଆଉ ଥରେ ସେହିରୂପ ଦେଖାଇ ମୋହର ଅତୃପ୍ତ ମନ ତୃପ୍ତ କର । ଆଉ ଜଣେ କହୁଛି ସୌନ୍ଦର୍ଯ୍ୟ ପ୍ରତିମା, ତୁମ୍ଭର ସୌନ୍ଦର୍ଯ୍ୟ ଜ୍ୟୋତ୍ସ୍ନାରେ ମୋହର ମନ ପତଙ୍ଗ ପଡି ପୋଡି ଯାଉଛି । ଅହା, ଦୟାକରି ସେହି କ୍ଷୁଦ୍ର ଜୀବଟିକୁ ଅଗ୍ନିରୁ ବାହାର କରିଦିଅ । ଆଉ ଜଣେ କହୁଛି

Digitized by PPRACHIN, SOA

"ହେ ସୁନ୍ଦରୀ-ଶିରୋମଣି, ତୁମ୍ଭର ଲାବଣ୍ୟ ସୁଧାସାଗରେ ମୋହର ମନରୂପ ତରୀ ବୁଡ଼ୁଛି । ଅନୁଗ୍ରହ କରି ବାହାର କରଦିଅ । ମୁଁ ତାହାକୁ ଯେପରି ପଳାଇ ଅନ୍ୟ ନଦୀରେ ଭସାଇବ ଅଥବା ଏ ହୃଦଗେ ଚଳାଇବ ନାହିଁ । ଅନ୍ୟ ଜଣେ କହୁଛି "ହେ ପ୍ରେୟସୀ, ମୁଁ ଦେଶ ଭ୍ରମଣ ନିମିତ୍ତ ଆସି ଅଜ୍ଞାତରେ ତୁମ୍ଭର ପ୍ରେମଜାଲେ ପଶିଗଲି । କୌଣସି କୌଶଳରେ ସେଥିରୁ ଖସି ପାରିଲେ ହସି ହସି ନିଜ ରାଜ୍ୟକୁ ପଳାନ୍ତି । ଏହିପରି ହାତଗୋଡ଼ି କରି କେହି ହସୁଛି, କେହି କାନ୍ଦୁଛି, କେହି ତାଳି ଦେଉଛି, କେହି ନାଚୁଛି, କେହି ତାରେ ତାରେ ମାରେ ନାରେ ଉଚ୍ଚୈସ୍ୱରରେ କହି ଆକାଶ କମ୍ପାଉଛି ।

ଆମ୍ଭେ ସେଠାରେ ଏହି ସବୁ ବାତୁଳ ବ୍ୟବହାର ଦେଖି ସେମାନେ କିଏ ଜାଣିବାକୁ ଇଚ୍ଛୁକ ହେଲୁଁ । ସୌଭାଗ୍ୟକ୍ରମେ ଜଣେ ଯୁବକ ସେଠାରେ ଉପସ୍ଥିତ ହେବାରୁ ଏମାନଙ୍କର ବିବରଣ ତାହାକୁ ପଚାରିଲୁଁ । ସେ କହିଲା ଏଠାର ରାଜକୁମାରୀ ରଜଆ ଅତ୍ୟନ୍ତ ରୂପବତୀ । ତାହାର ସୌନ୍ଦର୍ଯ୍ୟର ତୁଳନା ମର୍ତ୍ତ୍ୟଲୋକରେ ନାହିଁ । ତାହାର ସୌନ୍ଦର୍ଯ୍ୟରେ ସୌଦାମିନୀ ଲଜ୍ଜିତ ଓ ଚନ୍ଦ୍ର ପରାଜିତ ହୁଏ । ସେହି ସୁନ୍ଦରୀ କେଉଁ ଦିନେ ଉଦ୍ୟାନ ଭ୍ରମଣ ନିମିତ୍ତ ଯାଇଥିଲା ଦୁର୍ଭାଗ୍ୟବଶତଃ ଯେତେ ଜଣଙ୍କର ଦୃଷ୍ଟି ତାହା ଉପରେ ପଡ଼ିଥିଲା ସମସ୍ତେ ପାଗଳ ହୋଇ ଏହି ବାତୁଳାଳୟରେ ବନ୍ଦ ହୋଇ ହାଉଡ଼ା ହାଉଡ଼ା କଥାମାନ ବକୁଛନ୍ତି । ଯୁବକଠାରୁ ରଜଆର ଅସାମାନ୍ୟ ସୌନ୍ଦର୍ଯ୍ୟର କଥା ଶୁଣି ତାହାକୁ ଦେଖିବା ନିମିତ୍ତ ମୋହର ମନେ କୁତୂହଳ ଜାତ ହେଲା ଏବଂ ମୁଁ ସଙ୍ଗୀକୁ ତାହା କହିବାରୁ ସେ ହାସ୍ୟ କରି କହିଲା ତୁମ୍ଭେ କି ପାଗଳ ? ସେହି କୁଲକ୍ଷଣୀକୁ ଦେଖିବାକୁ ବାସନା କରୁଅଛ । ବୟସ୍ୟର କଥା ଶୁଣି ଅଛି କରି ନ କହି ସେତେବେଳେ ତୁନିହୋଇଲି ମାତ୍ର ରଜଆକୁ ଦେଖିବାର ଇଚ୍ଛା ମନରୁ ଦୂର କରି ପାରିଲି ନାହିଁ । ପରଦିନ ସକାଳୁ ଉଠି ସଙ୍ଗୀକୁ କିଛି ନ କହି ରାଜାଙ୍କର ବଗିଚାର ମାଳୀ ନିକଟକୁ ଚଲି ଏବଂ ତାହାର ହାତରେ କେତୋଟି ସ୍ୱର୍ଣ୍ଣମୁଦ୍ରା

Digitized by PPRACHIN, SOA

ଦେଇ କହିଲି "ଭାଇ, ସୌନ୍ଦର୍ଯ୍ୟ ପ୍ରତିମା ରାଜନନ୍ଦିନୀ ଚନ୍ଦ୍ରପ୍ରାର ସୌନ୍ଦର୍ଯ୍ୟର କଥା ଶୁଣି ତାହାଙ୍କୁ ଥରେ ଦେଖିବା ନିମିତ୍ତ ଆମ୍ଭର ନିତାନ୍ତ ବାସନା, ମାତ୍ର ତାହାର ବାହାରକୁ ବାହାରିବାର ମନା ଅଛି । ସୁତରାଂ ତୁମ୍ଭେ ରାଜାଙ୍କର ଖାସ ମାଳୀ ଅଟ । ଅଳ୍ପକ୍ଷଣ ନିମିତ୍ତ ଆମ୍ଭଙ୍କୁ ଅନ୍ତଃପୁରର ଉଦ୍ୟାନକୁ କୌଣସି କୌଶଳରେ ନେଇଗଲେ ଅମ୍ଭେ ରାଜକନ୍ୟାଙ୍କୁ ଥରେ ଦେଖି ନୟନ ସାର୍ଥକ କରନ୍ତୁ ଏବଂ ତୁମ୍ଭଙ୍କ ବହୁତ ପୁରସ୍କାର ଦିଅନ୍ତୁ । ଏ କେତୋଟି ମୁଦ୍ରା ବୟନା ଅଟେ । ମୋହର କଥା ଶୁଣି ମାଳୀ ରାମ ରାମ ବୋଲି ମୁଦ୍ରାଗୁଡ଼ିକ ଫେରାଇ ଦେଲା । ମୁଁ ଆଉ କେତେ ଅଧିକ ମୁଦ୍ରା ଦେଇ ଅନେକ ଅନୁନୟ ବିନୟ କରି କହିଲି ଭାଇ, ନମାଙ୍କୁ ଦେଖିବାକୁ ଆମ୍ଭର ଭାରି ବାସନା ତୁମ୍ଭେ ନେଇ ନିଷ୍ଫଳ କରିବ ଆଉ ଯାତନା ଦିଅନା । ଏହିସମୟରେ ସୌଭାଗ୍ୟବଶତଃ ମାଳ୍ୟାଣୀ ସେଠାରେ ଉପସ୍ଥିତ ହୋଇ ମୋହର ବହୁତ ଆଗ୍ରହ ଦେଖି ସଦୟ ହୋଇ ମାଳୀକୁ କହିଲା, "ଲୋକଟି କେତେ ସନ୍ତପ୍ତ ହେଉଅଛି । କିଛି ଉପାୟ କରି ତାଙ୍କୁ ଥରେ ନେଇ ଯାଅ, କେତେ ଗୋଡ଼ ଲଗାଇ ଦେଉଛି ।" ମାଳୀ ଆଉ ସେହି ନିଷ୍ଠୁରତା ଟାଳି ନ ପାରି ଚିନ୍ତା କରିବ ଦିହବାକୁ ଲାଗିଲା । ମୁଁ ଏହା ସୁଯୋଗ ଦେଖି ଖଏଟି ସ୍ୱର୍ଣ୍ଣମୁଦ୍ରା ତାହାର ହାତରେ ଥୋଇଦେଲି । ସେ ଏତେଗୁଡ଼ିଏ ମୁଦ୍ରା ପାଇ ମନେ ମନେ ସନ୍ତୁଷ୍ଟ ହେଲା ଏବଂ ପ୍ରକାଶ୍ୟେ କହିଲା ମୁଁ ଧନ ଲୋଭରେ ତୁମ୍ଭର କଥାରେ ସମ୍ମତ ହେଉଛି ବୋଲି ମନେ କରିବ ନାହିଁ । ତୁମ୍ଭଙ୍କୁ ଦେଖି ମୋହର ମନେ ଦୟା ହୋଇଅଛି, ବିଶେଷତଃ ତାହା ମା' ତୁମ୍ଭର ମାୟାରେ ପଡ଼ି ତୁମ୍ଭର କଥା ମାନିବା ନିମିତ୍ତ ମୋତେ ସୁପାରସ କରୁଅଛି, ଏଣୁ ମୁଁ ତୁମ୍ଭର କାର୍ଯ୍ୟ କରି ଦେବାକୁ ସମ୍ମତ ହେଲି । ସେହି ସୁନ୍ଦରୀଙ୍କୁ ଦେଖିବାର ଯଦି ତୁମ୍ଭର ଏକାନ୍ତ ଇଚ୍ଛା ଥାଏ, ତାହାହେଲେ ତୁମ୍ଭର ଗୋରା ମୁହଁରେ କଳାବୋଳି ଏବଂ ସୁନ୍ଦର କେଶକୁ ପଶୁ ଚର୍ମରେ ଲୁଚାଇ କୁତ୍ସିତରୂପ ବନାଇ ଉଦ୍ୟାନରେ ଆମ୍ଭ ତଳେ ମଜୁରିଗିରି କରିବାକୁ ହେବ । ମାଳୀର କଥାମାନ ଅମ୍ଭେ ଭଲ ବେଶ ଧାରଣ କଲୁଁ । ଏହିସମୟରେ

Digitized by PPRACHIN, SOA

ସଙ୍ଗୀ ମୋତେ ଖୋଜି ଖୋଜି ସେଠାରେ ଉପସ୍ଥିତ ହେଲା ଏବଂ ମୋହର ଅଦ୍ଭୁତ ରୂପାନ୍ତର ଦେଖି ହାସ୍ୟ କରିବାକୁ ଲାଗିଲା । ଉଦ୍ୟାନପାଳ ତାହାକୁ ଦେଖି ଭୀତ ହୋଇ କହିଲା ଏ ଲୋକଟି କିଏ, ଯଦି ଏ ତୁମ୍ଭର କଥା ଅନ୍ୟଠାରେ କହିଦିଏ ତାହାହେଲେ ମୋର ସର୍ବନାଶ ହେବ । ମୁଁ କହିଲି ଏ ଆମ୍ଭର ଭାଇ । ଏହାଙ୍କଦ୍ୱାରା କୌଣସି ଷଡ଼ଯନ୍ତ୍ରର କାର୍ଯ୍ୟ ହେବ ନାହିଁ ।

ଅନନ୍ତର ବୟସ୍ୟ ବିଦାୟ ହୋଇ ପାନ୍ଥଶାଳାକୁ ଗଲେ । ମାଳୀ ମୋହର କାନ୍ଧରେ ଗୋଟିଏ ହୋଡ଼ ଦେଇ ଉଦ୍ୟାନକୁ ବାହାରିଲା ଏବଂ ସେଠାରେ ମାଟିଖୋଳିବା କାର୍ଯ୍ୟରେ ଲଗାଇ ଆପେ ଅନ୍ୟ କାର୍ଯ୍ୟରେ ଲାଗିଲା । କାର୍ଯ୍ୟ ସାରି ମାଳୀ ଉପରିଓଳ ମୋତେ ସଙ୍ଗେ ଘେନି ପୁଷ୍କରିଣୀ ଆଡ଼କୁ ବାହାରିଲା । ସେଠାରେ ଉଭୟେ ଜଳଖିଆ ଖାଇ ବୃକ୍ଷମୂଳେ ବସି ଶୀତଳ ପବନ ସେବନ କରିବାକୁ ଲାଗିଲୁଁ । ଏହି ସମୟରେ ମାଳୀ ଖଣ୍ଡେ ବାଂଶୀ ଧରି ଆପେ ବଜାଇଲା, ପୁଣି ମୋତେ ଦେଇ ବଜାଇବାକୁ କହିଲା । ମୁଁ ବଂଶୀ ନେଇ ତାଳଧରି ମନୋହର ଗାନ କରିବାକୁ ଲାଗିଲି । ଏହି ସମୟରେ ଦୈବକ୍ରମେ ମନ୍ତ୍ରୀ ସେଠାରେ ଉପସ୍ଥିତ ହୋଇ ଅତି ଆଗ୍ରହ ସହିତ ମୋହର ବଂଶୀ ବାଦନ ଶ୍ରବଣ କରି ସନ୍ତୁଷ୍ଟ ହୋଇ ପ୍ରସ୍ଥାନ କଲେ । ପରଦିନ ସନ୍ଧ୍ୟା ପୂର୍ବେ ରାଜା ଉକ୍ତ ମନ୍ତ୍ରୀ ଓ ଅନ୍ୟ କେତେକ ଜଣ ସଭ୍ୟ ସହିତ ପୁଷ୍କରିଣୀ ତଟରେ ଉପସ୍ଥିତ ହୋଇ ମୋତେ ବଂଶୀ ବଜାଇବାକୁ ଆଦେଶ କଲେ ।

ମୁଁ ରାଜାଦେଶରେ ଉତ୍ସାହିତ ହୋଇ ସର୍ବାପେକ୍ଷା ଅଧିକ ମଧୁର ସ୍ୱରରେ ବଂଶୀ ବଜାଇଲି । ରାଜା ତାହାଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇ ମୋତେ ଗୋଟିଏ ସ୍ୱର୍ଣ୍ଣହାର ପୁରସ୍କାର ଦେଇ ଗମନ କଲେ । ଉକ୍ତ ହାର ମୁଁ ମାଳୀକୁ ଦେଲି, ସେ ତାହାପାଇଁ ଆନନ୍ଦିତ ହୋଇ ମୋତେ ଆଲିଙ୍ଗନ କଲା । ତୃତୀୟ ଦିନ ମୁଁ ପୁଷ୍କରିଣୀ ତଟରେ ବଂଶୀ ବଜାଉଥିଲି । ଏହିସମୟେ ଗୋଟିଏ ଅତି ସୁନ୍ଦରୀ ରମଣୀ ଆସି ମୋତେ କହିଲା, "ଫୁଲ ଗୁଚ୍ଛ ସଜାଇ ଆମ୍ଭ ସଙ୍ଗେ ଆସ । ବେଗମ ତୁମ୍ଭଙ୍କୁ

Digitized by PPRACHIN, SOA

ତଲବ କରୁଛନ୍ତି ।" ଏ ସୁସମ୍ବାଦ ଶ୍ରବଣେ ଅତି ଆନନ୍ଦ ମନେ ପୁଷ୍ପଚୟନ କରିବାକୁ ଲାଗିଲି ଏବଂ ମନେ ମନେ କହିଲି, "ଯାହାହେତୁ କୃପାନିଧି ବିଧି ଅନୁକୂଳ ହୋଇ ମାନସ ସିଦ୍ଧିର ଉପାୟ କରିଅଛି । ଏବେ ମନଭରି ରାଜକୁମାରୀଙ୍କୁ ଦେଖି ନୟନ ସାର୍ଥକ କରିବି ।" ଏହି ଧ୍ୟାନରେ ଅନେକ ଗୁଡ଼ିଏ ପୁଷ୍ପ ଚୟନକଲି ଏବଂ ସେଥିରେ ସୁନ୍ଦର ସୁନ୍ଦର ମାଳା ତୋଡ଼ା ପ୍ରଭୃତି ନିର୍ମାଣ କରି ଅତିଯତ୍ନେ ଡାଲାରେ ସଜାଇ ସୁନ୍ଦରୀ ସହିତ ଗମନ କଲି । ସଖୀ ମୋତେ ଉଦ୍ୟାନ ପ୍ରାନ୍ତସ୍ଥ ଗୋଟିଏ ସୁରମ୍ୟ ଅଟ୍ଟାଳିକାକୁ ଘେନିଗଲା । ଏହି ପ୍ରାସାଦ ଅତି ମନୋହର ଓ ସୁନ୍ଦର, ବିବିଧ ରଙ୍ଗର ଦ୍ରବ୍ୟରେ ସଜ୍ଜିତ ହୋଇଥିଲା । ସେଠାରେ କାରୁକର୍ମ ଖଚିତ ସୁଶୋଭିତ ଗୋଟିଏ ଉଚ୍ଚସିଂହାସନରେ ବହୁଶତପ୍ରଭା ସ୍ୱର୍ଗଦୁର୍ଲ୍ଲଭ ସୌନ୍ଦର୍ଯ୍ୟ ବିଶିଷ୍ଟା ଗୋଟିଏ ରମଣୀ ଉପବିଷ୍ଟା ଥିଲେ । ତାହାଙ୍କର ଚତୁର୍ଦ୍ଦିଗରେ ଅପ୍ସରୀପରି ସୁନ୍ଦରୀ ବିଂଶତି ସହଚରୀ ଦଣ୍ଡାୟମାନ ହୋଇ କେହି ଚାମର ବ୍ୟଜନ, କେହି ପାନ ପ୍ରଦାନ, କେହି ମଧୁର ଗଳ୍ପମାନ କରୁଥିଲେ । ମୁଁ ରାଜକନ୍ୟାର ଅପରୂପ ରୂପଦର୍ଶନକରି ବିସ୍ମୟାପନ୍ନ ହୋଇ କାଷ୍ଠ ପିତୁଳାର ନ୍ୟାୟ ଦଣ୍ଡାୟମାନ ରହିଲି । ମୋହର ଦୁର୍ଦ୍ଦଶା ଦେଖି ସଖୀମାନେ ଥଟ୍ଟା ତାମସା ଆରମ୍ଭ କରି ହସି ହସି ବିବଶ ହେଲେ । ମୁଁ ଅନେକକ୍ଷଣ ଜଡ଼ବତ୍ ଦଣ୍ଡାୟମାନ ରହି ପରେ ସୁସ୍ଥିର ହୋଇ ପୁଷ୍ପପୂର୍ଣ୍ଣ ଚଙ୍ଗୁଡ଼ି ରାଜକୁମାରୀ ସମ୍ମୁଖରେ ଥୋଇଦେଇ ହାତଯୋଡ଼ି ଛିଡ଼ାହୋଇ ରହିଲି । ରାଜବାଳା ସହାସ୍ୟେ ପୁଷ୍ପମାଳା ଗଳାରେ ପିନ୍ଧି ମୋତେ କହିଲେ, "ଆମ୍ଭେ ପିତାଙ୍କଠାରୁ ତୁମ୍ଭର ଗୁଣର ସୁଖ୍ୟାତି ଶୁଣିଅଛୁ, ବର୍ତ୍ତମାନ ବଂଶୀବାଦନ କରି ନିଜ ଗୁଣର ପରିଚୟ ପ୍ରଦାନ କର । ମୁଁ ଆଦେଶ ପାଇ ସ୍ୱର ମିଳାଇ ନାନାପ୍ରକାର ଗାନକଲି । ପରେ ସୀତାର, ବେହେଲା ପ୍ରଭୃତି ବାଦ୍ୟ ଯନ୍ତ୍ରମାନ ଅଣାଇ ବଜାଇବାକୁ ଦେଲେ । ମୁଁ ସେ ସବୁ କ୍ରମାନ୍ୱୟେ ଦକ୍ଷତା ସହିତ ବଜାଇ ରାଜକୁମାରୀର ମନ ମୋହିତ କଲି । ସେ ସନ୍ତୁଷ୍ଟା ହୋଇ ମୋହର ଗୁଣର ଅନେକ ପ୍ରଶଂସା କଲେ କିନ୍ତୁ ମୋହର ମସ୍ତକର ଯତମୟ ଚର୍ମାବରଣକୁ ପ୍ରକୃତ ମନେ କରି

Digitized by PPRACHIN, SOA

ଦୁଃଖ ପ୍ରକାଶ ପୂର୍ବକ ମୋତେ ବିଦାୟ କରି ଆପେ ଅନ୍ତଃପୁରକୁ ଗଲେ ।

ସେଠାରୁ ଆସି ମୋହର ଆଉ କୌଣସି ବିଷୟରେ ମନ ଲାଗିଲା ନାହିଁ । କଷ୍ଟେ ରାତି କଟାଇ ସକାଳେ ମାଳୀକୁ କେତେଗୁଡ଼ାଏ ସ୍ୱର୍ଣ୍ଣମୁଦ୍ରା ଦେଇ ଉଦ୍ୟାନ ଭ୍ରମଣେ ବହିର୍ଗତ ହେଲି । ଏହି ଉଦ୍ୟାନ ଅତି ବୃହତ୍ । ତାହାର ଏକ ପାର୍ଶ୍ୱରୁ ବୃକ୍ଷାଦିର ଶୋଭା ଦର୍ଶନ କରୁ କରୁ ଅପରାହ୍ଣ ସମୟରେ ଅପର ପାର୍ଶ୍ୱସ୍ଥ ଗୋଟିଏ ମନୋହର ସରୋବର ତୀରରେ ପହଞ୍ଚିଲି । ଏହି ପୁଷ୍କରିଣୀର ଘାଟ ସ୍ଫଟିକ ନିର୍ମିତ, ଜଳ ଅତି ନିର୍ମଳ । ତହିଁରେ ଶତ ଶତ ଶତଦଳ ପ୍ରସ୍ଫୁଟିତ ହୋଇ ସ୍ଥାନ ଆମୋଦିତ କରୁଥିଲା, ଏବଂ ମଧୁପାନ ମତ୍ତ ଅଳିକୁଳର ଗୁଣୁ ଗୁଣୁ ସ୍ୱରରେ ସ୍ଥାନଟି ଆକୁଳ ହେଉଥିଲା । ପୁଣି କାଦମ୍ବ, ରାଜହଂସ ପ୍ରଭୃତି ପକ୍ଷୀ ସରସୀରେ ସନ୍ତରଣ ଓ ମଧୁର ନିଃସ୍ୱନ କରୁଥିବା ଏବଂ ଗନ୍ଧବହ ପୁଷ୍ପମାନଙ୍କରୁ ସୁଗନ୍ଧ ବହନ କରି ମନ୍ଦ ମନ୍ଦ ପ୍ରବାହିତ ହେଉଥିବାରୁ ସ୍ଥାନର ଶୋଭା ବିଶେଷ ମନଲୋଭା ହୋଇଥିଲା । ଏହି ସୁରମ୍ୟସ୍ଥାନଦେଖି ମୋ ମନରେ ହଠାତ୍ ଏହି ଭାବ ଉଦୟ ହେଲା ଯଦି ଏହି ସମୟେ କୌଣସି ପ୍ରଣୟିନୀ ସୁକେଶୀ ରମଣୀ ନିକଟରେ ଥାଆନ୍ତା ତାହାହେଲେ ତାହାର ସୁଖରୁ ହାତରେ ହାତ ଦେଇ ସୁଖକର ଗଳ୍ପ କରୁ କରୁ ଏହି ମନୋହର ସରୋବର ତୀରରେ ଧୀରେ ଧୀରେ ବିଚରଣ ପୂର୍ବକ ସ୍ନିଗ୍ଧ ସୁଗନ୍ଧ ବାୟୁ ସେବନ କରୁଥିଲେ ସକଳ ଯାତନା ଦୂର ହୁଅନ୍ତା । ଏହି ମଧୁର ଭାବ ମନେ ଜାତ ହୁଅନ୍ତେ ରାଜକୁମାରୀର ସୌନ୍ଦର୍ଯ୍ୟ ଛବି ସମ୍ମୁଖରେ ଫୁଟିଉଠି ଯାଇ ମନ ବ୍ୟଥିତ କଲା । ମୁଁ ନିରାନନ୍ଦ ମନେ ଜଳପାନ ନିମନ୍ତେ ଜଳ ନିକଟକୁ ଗଲି ଏବଂ ଜଳରେ ନିଜ କୃତ୍ରିମ ରୂପର ପ୍ରତିବିମ୍ବରେ ଅପରିଷ୍କୃତ କ୍ଷତଯୁକ୍ତ ଚର୍ମର ମସ୍ତକାବରଣ ଦେଖି ଅତ୍ୟନ୍ତ ଦୁଃଖିତ ହୋଇ ମନେ ମନେ କହିଲି ହାୟ ଯେଉଁ ଅପରିଷ୍କୃତ କଦର୍ଯ୍ୟ ରୂପ ଦେଖି ନିଜ ମନରେ ଘୃଣା ଜାତ ହେଉଅଛି ସେହି ଘୃଣିତ ରୂପ ଦେଖାଇ ସୁକେଶୀ ଶିରୋମଣି ରାଜକୁମାରୀର ମନ ଭୁଲାଇବା କି ସମ୍ଭବପର ? ଏହି ମନସ୍ତାପେ ନିମଗ୍ନ ଥିବା ସମୟରେ

Digitized by PPRACHIN, SOA

ରାଜନନ୍ଦିନୀର ଜଣେ ପରିଚାରିଣୀ ଆସି କହିଲା "ରାଜନନ୍ଦିନୀ ତାଙ୍କର ବୈଠକ ଖାନାକୁ ଯିବା ନିମିତ୍ତ ତୁମ୍ଭଙ୍କୁ ଆଦେଶ କରିଅଛନ୍ତି । ଆମ୍ଭସଙ୍ଗେ ଯିବ ଆସ ।"

ମୁଁ ପ୍ରଫୁଲ୍ଲିତମନେ ଯୁବତୀ ସହିତ ରାଜକନ୍ୟା ନିକଟକୁ ଗମନକଲି । ସୁନ୍ଦରୀ ମୋତେ କହିଲେ "ତୁମ୍ଭର ବଂଶୀ ସ୍ୱନ ଆମ୍ଭଙ୍କୁ ଅତ୍ୟନ୍ତ ସୁପ୍ରସନ୍ନ କରିଅଛି; ପୁଣି ଥରେ ଶୁଣାଇ ସନ୍ତୁଷ୍ଟ କର ।" ଅନୁମତି ମାତ୍ରେ ଅତି ସୁସ୍ୱରେ ବଂଶୀ ବଜାଇ ତାହାଙ୍କୁ ଅତି ସନ୍ତୁଷ୍ଟ କଲି । କୁମାରୀ ଗାନ ଶ୍ରବଣେ ସନ୍ତୁଷ୍ଟହୋଇ ନୃତ୍ୟ କରିବାକୁ କହିଲା, ମୁଁ ନାନାପ୍ରକାର ଅଙ୍ଗ ଭଙ୍ଗୀକରି ସୁନ୍ଦର୨ ନୃତ୍ୟ କଲି, ରାଜକୁମାରୀ ଓ ତାହାର ସହଚରୀ ଗଣ ନୃତ୍ୟ ଦେଖି ବାହା ବାହା ବୋଲି ପ୍ରଶଂସା କରିବାକୁ ଲାଗିଲେ । ସେମାନଙ୍କର ବାହା ବାହାରେ ମୁଁ ଅଧିକ ଉତ୍ସାହିତହୋଇ ମୁଣ୍ଡ ଝୁଙ୍କାଇ ଅଣ୍ଟା ହଲାଇ ବିବିଧ ଭଙ୍ଗୀ କରି ପାଗଳାଙ୍କପରି ନାଚିବାକୁ ଲାଗିଲି । ଏହି ନୃତ୍ୟ ମତ୍ତତାରେ ମୋହର ଲୁଗାପଟାର ଧ୍ୟାନ ରହିଲାନାହିଁ ଏବଂ ମସ୍ତକରେ ଥିବା ଚାରିପଟା ଆବରଣଟା ଖସି ପଡ଼ିଲା । ଆବରଣ ବାହାରିଯିବାରୁ ପରଦା ଫଟିଯାଇ ଛଦ୍ମ ବେଶ ପ୍ରକାଶିତ ହେଲା । ରାଜସୁତା ମୋହର କପଟତା ବୁଝିପାରି ରାଗାନ୍ୱିତ ହୋଇ ପ୍ରାଣ ନାଶ ନିମିତ୍ତ ନପୁଂସକ ହସ୍ତେ ଅର୍ପଣ କଲେ । ନପୁଂସକ ସମସ୍ତ ନିଶି କାରାବଦ୍ଧ ରଖି ରାଜ ସମ୍ମୁଖେ ଉପସ୍ଥିତ କଲେ । ରାଜା ସମସ୍ତ ବୃତ୍ତାନ୍ତ ଅବଗତ ହୋଇ ମୋହର ଓ ଉଦ୍ୟାନପାଳର ମସ୍ତକ ଛେଦନର ଆଦେଶ ଦେଲେ । ଆଜ୍ଞା ପାଇ ଘାତକ ଆମ୍ଭମାନଙ୍କୁ ପଦାକୁ ଘେନି ଯାଇ ପ୍ରହାର କରିବାକୁ ଉଦ୍ୟତ ହେଉଅଛି ଏହି ସମୟେ ଜଣେ ଦୂତ ସେଠାରେ ଉପସ୍ଥିତ ହୋଇ ତୁରନ୍ତ ଆମ୍ଭମାନଙ୍କୁ ମୁକ୍ତକରି ଦେବାକୁ ରାଜାଦେଶ ଶୁଣାଇଲା । ଘାତକ ଆମ୍ଭମାନଙ୍କୁ ବନ୍ଧନମୁକ୍ତକରି ଏପରି ବିପରୀତ ହୁକୁମର କାରଣ ପଚାରିଲା । ଦୂତ କହିଲା "ଗଜନି ଓ କାନ୍ଦାହାରର ନୃପତି ଦ୍ୱୟ ମିଳିତ ହୋଇ ବହୁ ସୈନ୍ୟସହ ଆମ୍ଭ ରାଜା ସହିତ ଯୁଦ୍ଧ କରିବାକୁ ଆସୁଥିବାର ଶୁଣି ରାଜା ବ୍ୟସ୍ତହୋଇ ଆଶୁ ବିପଦରୁ ଉଦ୍ଧାର ହେବାର ଉପାୟ ପଚାରିବାରୁ ମନ୍ତ୍ରୀ କହିଲେ ମହାଭାଗ ବର୍ତ୍ତମାନ ଅତ୍ୟନ୍ତ ସଙ୍କଟ ସମୟ ଉପସ୍ଥିତ । ଏ ସମୟେ ଶତ୍ରୁ ଦମନର

Digitized by PPRACHIN, SOA

ଉପଯୁକ୍ତ ଉପାୟ ସ୍ଥିରକର କଷ୍ଟକର । ଯାହା ହେଉ ଯେତେ ଗୁଡ଼ଏ ସୈନ୍ୟ ନିକଟରେ ଅଛନ୍ତି ସେମାନଙ୍କୁ ପଠାଇ ଶତ୍ରୁଙ୍କ ପଥରୋଧ କରାନ୍ତୁ ଓ ରାଜ୍ୟର ଭିନ୍ନ ଭିନ୍ନ ଅଂଶରୁ ଶୀଘ୍ର ସୈନ୍ୟମାନେ ଆସିବାକୁ ଆଜ୍ଞା ଦିଅନ୍ତୁ ଏବଂ ଏହି ଯୋଗାଡ଼ ହେବା ପର୍ଯ୍ୟନ୍ତ ଆପଣ ଯାଗ ଯଜ୍ଞ ପ୍ରଭୃତି ପୁଣ୍ୟ କର୍ମର ଅନୁଷ୍ଠାନ କରନ୍ତୁ । ପ୍ରଜାମାନେ ବିଶ୍ୱାସ ସହକାରେ ଉପବାସ ଥାଇ ଈଶ୍ୱରଙ୍କର ବ୍ରତ ପାଳନ କରନ୍ତୁ । ସର୍ବାଗ୍ରେ କାରାବାସୀ ଓ ଫାଶି ଆଜ୍ଞାପ୍ରାପ୍ତ ଦୋଷୀ ମୁକ୍ତ ଓ ଦୁଃଖୀମାନଙ୍କୁ ଉତ୍ତମ ଭୋଜନ ଦେବାର ବ୍ୟବସ୍ଥା କରନ୍ତୁ । ରାଜା ମନ୍ତ୍ରୀଙ୍କର ପରାମର୍ଶ ଉପଯୁକ୍ତ ମନେ କରିବାରୁ ଏ ଦୁହିଙ୍କର ପ୍ରାଣ ଦଣ୍ଡ ରହିତ ହେଲା ।" ଏହି ଅଚିନ୍ତନୀୟ ଘଟଣାରେ ମୁକ୍ତିପାଇ ଡାମୀମ ନିକଟକୁ ଯାଇ ସମସ୍ତ ଦୁର୍ଘଟଣା ଶୁଣାଇ ସ୍ୱଦେଶକୁ ପଳାଇ ଆସିଲୁଁ । ଏଠାରେ ପହଞ୍ଚି ଦେଖିଲି ପିତା ଅତ୍ୟନ୍ତ ପୀଡ଼ିତ । ତାଙ୍କର ଅନ୍ତିମକାଳ ଉପସ୍ଥିତ । ସେ ଅଜ୍ଞାନାବସ୍ଥାରେ ଶଯ୍ୟାରେ ପଡ଼ି ଘନ ଘନ ଉର୍ଦ୍ଧ୍ୱ ନିଶ୍ୱାସ ଛାଡ଼ୁଥିଲେ । ମୁଁ ତାଙ୍କର ଏହି ଶୋଚନୀୟ ଅବସ୍ଥା ଦେଖି ବିଳାପ କରିବାକୁ ଲାଗିଲି ଏବଂ କାତରସ୍ୱରେ କହିଲି ଯଦି ପିତାଙ୍କର ପରଲୋକ ହୁଏ ତାହାହେଲେ ମୁଁ ଆତ୍ମହତ୍ୟା କରିବି । ଜନକ ମୋହର କାତରୋକ୍ତି ଶୁଣି ଚକ୍ଷୁ ଫିଟାଇ ତୃଷିତ ନୟନେ ମୋ ଆଡ଼କୁ ଚାହିଁଲେ ଏବଂ ଅତି କଷ୍ଟେ କ୍ଷୀଣସ୍ୱରେ କହିଲେ "ରେ ପ୍ରାଣଧନ, ତୁ ଆସିଲୁ । ତୋହର ଚନ୍ଦ୍ରାନନ ଦର୍ଶନ କରି ମୋହର ନୟନ ମନ ସାର୍ଥକ ହେଲା । ଏବେ ମୁଁ ନିଶ୍ଚିନ୍ତରେ ପ୍ରାଣ ବିସର୍ଜନ କରିବି" ଏହା କହି ମୋହର ମୁହଁକୁ ଅନାଇ ଅନାଇ ଆତ୍ମା ପରମାତ୍ମାଙ୍କୁ ଅର୍ପଣ କଲେ । ପିତାଙ୍କର ଏହିପରି ପ୍ରାଣ ବିୟୋଗ ଦେଖି ସେ କେବଳ ମୋତେ ଦେଖିବାକୁ ଅପେକ୍ଷା କରୁଥିଲେ ବୋଲି ସମସ୍ତେ ଅନୁମାନ କଲେ ।

ପିତାଙ୍କର ପରଲୋକଅନ୍ତେ ଅତିସମାରୋହରେ ତାହାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପାଦନ କରି ମୁଁ ସିଂହାସନାରୋହଣ ପୂର୍ବକ ଅତିଯତ୍ନ ସହିତ ରାଜ୍ୟ ଶାସନ କରି ପ୍ରଜାମାନଙ୍କୁ ସୁଖେ ପାଳନ କରିବାକୁ ଲାଗିଲି ଏବଂ କ୍ରମେ ମୋହର ଯଶଃ ବୃଦ୍ଧି ପାଇଲା । ମୁଁ ଅତ୍ୟନ୍ତ ସୁଖେ ଦିନ ଯାପନ କରୁଥିଲି କିନ୍ତୁ ମନର ସନ୍ତାପ ଲୋପ ହେଲାନାହିଁ ! ପ୍ରିୟା ରଜିୟାଙ୍କୁ

Digitized by PPRACHIN, SOA

ସର୍ବଦା ସ୍ମରଣ କରି ମୁଁ ଝୁରି ହେଉଥିଲି । ଶେଷେ ବିରହାନଳ ପ୍ରବଳ ହେବାରୁ ମୋହର ସମସ୍ତ କାର୍ଯ୍ୟରେ ବାଧା ଜନ୍ମିଲା । ମୁଁ ବୟସ୍ୟ ହାସୀମଙ୍କୁ ମନର ଅବସ୍ଥା କହିବାରୁ ସେ କହିଲେ ସେଥିପାଇଁ ଚିନ୍ତା କାହିଁକି ? ଆପଣ ବର୍ତ୍ତମାନ ରାଜେଶ୍ୱର । ରାଜକୁମାରୀର ପାଣି ଗ୍ରହଣ ପ୍ରାର୍ଥୀ ହୋଇ ପତ୍ର ଲେଖନ୍ତୁ । ଅଶ୍ରିଲନ ଅବଶ୍ୟ ଆପଣଙ୍କୁ କନ୍ୟା ପ୍ରଦାନ କରିବେ । ବନ୍ଧୁର ପରାମର୍ଶ ସଙ୍ଗତ ମନେକରି ଅନେକ ଗୁଡ଼ିଏ ବହୁମୂଲ୍ୟ ରତ୍ନ ଉପହାର ସହିତ ହାସୀମଙ୍କୁ କାର୍ଜମ ରାଜାଙ୍କ ନିକଟକୁ ପଠାଇଲି । କିଛିଦିନରେ ହାସୀମ ଫେରିଆସି କହିଲେ "ଗଜନ ଅଧିପତି ରାଜକୁମାରୀର ପାଣି ଗ୍ରହଣ-ପ୍ରାର୍ଥୀ ହୋଇ ହତାଶ ହେବାରୁ ସେହି ଆକ୍ରୋଶରେ କାର୍ଜମେଶ୍ୱରଙ୍କ ସହିତ ବାରମ୍ବାର ଯୁଦ୍ଧ କରି ତାହାଙ୍କୁ ବିଶେଷ କଷ୍ଟ ଦେବାରୁ ରାଜା ବାଧ୍ୟ ହୋଇ ତାହାଙ୍କୁ ନିଜକନ୍ୟା ପ୍ରଦାନ ନିମନ୍ତେ ସମ୍ମତ ହୋଇଅଛନ୍ତି, ଅବିଳମ୍ବେ ବିବାହକର୍ମ ସମ୍ପନ୍ନ ହେବ । ଏହି ଦୁଃସମ୍ବାଦ ଶୁଣି ମୁଁ ଅତ୍ୟନ୍ତ ବ୍ୟଥିତ ହେଲି । ରାଜକୁମାରୀର ନାମ ମୋହର ଜପମାଳା ହେଲା ଆଉ ସମସ୍ତ ବିଷୟରେ ଔଦାସ୍ୟ ଜନ୍ମିଲା ।

ଘୋରଚିନ୍ତା ଓ ପରିତାପରେ କେତେକଦିନ ଗତପରେ ଦିନେ ମୁଁ ଚିନ୍ତିତ ମନେ ବସିଅଛି ଏହି ସମୟରେ ହାସୀମ ମୋ ନିକଟରେ ଉପସ୍ଥିତ ହୋଇ କହିଲା "ମହାରାଜ, ନଗରର ଦ୍ୱାରଦେଶରେ କିଏ ହଠାତ୍ ଗୋଟିଏ ସ୍ନାନାଗାର ନିର୍ମାଣ କରିଅଛି, ସେଥିରେ ପାତାଳ ଭେଦ କରି ସୁନିର୍ମଳ ଜଳ ପ୍ରପାତ ଶତ ଧାରାରେ ଉତ୍ଥିତ ହୋଇ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହେଉଅଛି । ମାତ୍ର ଆଚମ୍ବିତର କଥା ସ୍ନାନାଗାର ନିର୍ମାଣକାରୀ କିଏ ତାହାର ପତ୍ତା ମିଳୁନାହିଁ ।" ମିତ୍ରଠାରୁ ଏକଥା ଅବଗତ ହୋଇ କାଳ ବିଳମ୍ବ ନ କରି ମୁଁ ତାହା ଦେଖିବାକୁ ଗଲି ଏବଂ ସେହି ମନୋହର ସ୍ନାନାଗାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାହା ନିକଟସ୍ଥ ଅନ୍ୟ ଏକ ପ୍ରକୋଷ୍ଠରେ ପ୍ରବିଷ୍ଟ ହେଲି । ସେଠାରେ କେତେଗୁଡ଼ିଏ ଏକାକାର ସମବୟସ୍କ ସୁନ୍ଦର ବାଳକ ଏବଂ ସେମାନଙ୍କ ମଧ୍ୟରେ ପଞ୍ଚାଶ ବର୍ଷ ବୟସ୍କ ଶାନ୍ତମୂର୍ତ୍ତି ଜଣେ ସାଧୁ ପୁରୁଷ ବସିଥିବାର ଦେଖିଲି । ସାଧୁ ମୋତେ ଦେଖି ଅତି ସମାଦର ସହିତ ଆପଣା ନିକଟରେ ବସାଇଲେ ।

Digitized by PPRACHIN, SOA

ତାଙ୍କ ସହିତ ଅନେକକ୍ଷଣ କଥୋପକଥନ ପରେ ସ୍ନାନାଗାର କି ପ୍ରକାର ନିର୍ମାଣ ହେଲା ପଚାରିବାରୁ ସେ କହିଲେ "ଆପଣ ସମାନାକାର ଏହି ଯେ ତ୍ରିଂଶତି ବାଳକ ଦେଖୁଛନ୍ତି ଏ ସମସ୍ତେ ମୂକ ମାତ୍ର ଇଙ୍ଗିତରେ ମୁହୂର୍ତ୍ତିକେ ଅସାଧ କାର୍ଯ୍ୟମାନ ସାଧନ କରି ପାରନ୍ତି ।" ଏହି ଆଶ୍ଚର୍ଯ୍ୟ କଥା ଶୁଣି ମୁଁ ତାହାଙ୍କର ପରିଚୟ ପଚାରିଲି । ସେ କହିଲେ "ଆମ୍ଭର ନାମ ଅବେଶନା ଘର ଖୋରାସାନରେ । ଜ୍ଞାନାର୍ଜନ ନିମିତ୍ତ ବହୁ ଦେଶ ଭ୍ରମଣକରି ନାନା ଶାସ୍ତ୍ର ଅଧ୍ୟୟନ ପୂର୍ବକ ବିଶେଷ ଗୁଣବାନ ହେଲୁ ଏବଂ ଏଠାକୁ ଆସି ନିଜ ଗୁଣ ପରୀକ୍ଷା ପାଇଁ ଗୋଟିଏ ବୃକ୍ଷ ଛେଦନ କରି ସମାନାକାର ତ୍ରିଂଶ ପିତୁଳା ନିର୍ମାଣ କରି ମନ୍ତ୍ରଦ୍ୱାରା ତାହାଙ୍କୁ ଜୀବଦାନ ଦେଲୁଁ । କୀର୍ତ୍ତି ଚିରସ୍ଥାୟୀ ମନେ କରି ଏହି ବାଳକମାନଙ୍କ ଦ୍ୱାରା ସ୍ନାନାଗାର ନିର୍ମାଣ କରାଇଲୁଁ । ଏହି ବାଳକଗୁଡ଼ିକ ଅତିଶକ୍ତିଶାଳୀ । ସଂସାରରେ କୌଣସି କାର୍ଯ୍ୟ ଏମାନଙ୍କର ଅସାଧ୍ୟ ନାହିଁ । ତାଙ୍କର କଥା ଶୁଣି ମୋ ମନରେ ଆଶା ହେଲା । ମୁଁ କହିଲି ହେ ମୁନିବର କାର୍ଜମେଶ୍ୱରଙ୍କ କନ୍ୟା ରଜ୍ଜିୟା ଉପରେ ମୁଁ ଆସକ୍ତ । ଆପଣଙ୍କର ଇଙ୍ଗିତ ମତେ ବାଳକମାନେ ତାହାକୁ ଆଣିପାରିବେତ ? ଅବେସନ କହିଲେ ଆପଣ ତାହାଙ୍କୁ କେଉଁଠାକୁ ଆଣାଇବାକୁ ଇଚ୍ଛା କରନ୍ତି ? ମୁଁ କହିଲି ନିଜ ଗୃହକୁ । ଅବେଶନ ମୋହର ବଚନ ଶୁଣି ବାଳକମାନଙ୍କୁ ଅନାଇଲେ । ସେମାନେ ଇଙ୍ଗିତ ବୁଝିପାରି ସେଠାରୁ ବାହାରି ବିଦ୍ୟୁତ ବେଗେ ଦୌଡ଼ି ନିମେଷକେ ଚକ୍ଷୁର ଅଗୋଚର ହେଲେ । ମୁଁ ଅବେସନଙ୍କୁ ଅନୁନୟ କରି ନିଜ ଉଆସକୁ ଆଣିଲି ଆମ୍ଭେମାନେ ଖାସ୍ କାମରାରେ ପହଞ୍ଚିବା ମାତ୍ରେ ବାଳକମାନେ ରଜ୍ଜିୟା ସହିତ ସେଠାରେ ଉପସ୍ଥିତ ହେଲେ । ମୁଁ ପ୍ରାଣାଧିକା ପ୍ରିୟତମାକୁ ବିନା କଷ୍ଟେ ପାଇ ଆନନ୍ଦିତ ହେଲି ଏବଂ ତାହାକୁ ଅତି ସମ୍ମାନ ସହିତ ବସାଇ ସାଦରେ କହିଲି ଗୋ ସୁନ୍ଦରୀ ତୁମ୍ଭର ରୂପ ମାଧୁରୀ ପୁନର୍ବାର ଦର୍ଶନ କରିବି ବୋଲି ଆଶା ନ ଥିଲା । କେବଳ ଜଗଦୀଶ୍ୱରଙ୍କର କୃପା ଓ ଗୁରୁ ଅବେଶନଙ୍କର ଅନୁକମ୍ପାରେ ତୁମ୍ଭର ଚରଣ ଦର୍ଶନ ଓ ପଦ୍ମାନନ ଅବଲୋକନ କରିବାକୁ ସକ୍ଷମ ହୋଇଅଛି । ମୁଁ ତୁମ୍ଭର

Digitized by PPRACHIN, SOA

ଉଦ୍ୟାନପାଳର ସେହି ଗୃହର (ଯାହା ପ୍ରତି ତୁମ୍ଭେମାନଙ୍କର ବ୍ୟବହାର କରିଥିଲ) ଅଟେଁ । ଈଶ୍ୱରଙ୍କର କୃପାରେ ସେଠାରୁ ଜୀବିତ ଆସି ନିଜ ପୈତୃକ ରାଜ୍ୟର ଅଧୀଶ୍ୱର ହୋଇ ବହୁ ସମ୍ପତ୍ତିର ମାଲିକ ହୋଇଅଛୁ କିନ୍ତୁ ତୁମ୍ଭର ବିରହାନଳେ ସର୍ବଦା ଦଗ୍ଧୀଭୂତ ହେଉଅଛୁ କୌଣସି ସୁଖେ ମନ ତୃପ୍ତ ନାହିଁ । ତୁମ୍ଭେ ଦୟାକରି ଆଶ୍ରୟ ଦେଲେ ସମସ୍ତ ଯନ୍ତ୍ରଣା ଦୂରୀଭୂତ ହେବ । ପ୍ରିୟା ଲଜ୍ଜୟା କହିଲେ ମହାରାଜ ତୁମ୍ଭେ ଯେଉଁ କନକମୟ ଉପାୟରେ ଆମ୍ଭଙ୍କୁ ଆଣିଥିଲ ସେଥିରେ ତୁମ୍ଭପ୍ରତି ଆମ୍ଭର ପ୍ରୀତି ଜାତ ହୁଅନ୍ତା ନାହିଁ କିନ୍ତୁ ତୁମ୍ଭର ଦୁର୍ବ୍ୟବହାର ଆମ୍ଭଙ୍କୁ ଆପଦରୁ ଉଦ୍ଧାର କରିଅଛୁ ଏଣୁ ତୁମ୍ଭପ୍ରତି ପ୍ରୀତି ସଞ୍ଚାର ହୋଇଅଛି । ସେ ଯାହାହେଉ ପ୍ରଥମେ ଆମ୍ଭର ସେହି ବିପଦକଥା କହୁଅଛୁଁ ଶୁଣ । ତୁମ୍ଭେ ମୁକ୍ତ ହେବାପରେ ଗଜନି ଓ କାନ୍ଦାହାରର ମିଳିତ ସୈନ୍ୟ ପିତାଙ୍କର ରାଜ୍ୟ ଆକ୍ରମଣ ପୂର୍ବକ ଘୋର ଯୁଦ୍ଧକଲେ । ପିତା ଏକାକୀ ସେମାନଙ୍କ ଯୁଦ୍ଧରେ ହାରିଯାଇ ଅଗତ୍ୟା ଗଜନିପତିଙ୍କ ସହିତ ମୋତେ ବିବାହ ଦେବାକୁ ସମ୍ମତ ହୋଇ ସନ୍ଧିପତ୍ରରେ ସ୍ୱାକ୍ଷର କଲେ । ବିବାହର ଦିନ ସ୍ଥିରହେଲା । ବରକନ୍ୟା ବେଦୀରେ ବସିଲୁଁ । ଏହି ସମୟେ ମୋହର ସୌନ୍ଦର୍ଯ୍ୟର ଖବର ପାଇ ବୁଢ଼ା କାନ୍ଧାରେଶ୍ୱରର ମନେ ଲୋଭହେଲା । ସେ ତତ୍ପର ହୋଇ ଆସି ବିବାହ ଉଠାଇ ଗଜନିପତି ସହିତ ଘୋରତର ଯୁଦ୍ଧ ଆରମ୍ଭକଲେ । ଗଜନିପତି ଯୁଦ୍ଧରେ ପରାଜିତ ହୋଇ ପଳାୟନ କଲେ, କାନ୍ଧାରେଶ୍ୱର ଆମ୍ଭର ପାଣି ଦାବିଦାର ହେଲେ । ସେହି ବୃଦ୍ଧ ସହିତ ଆମ୍ଭଙ୍କୁ ବିବାହ ଦେବାକୁ ପିତାଙ୍କର ଏକାନ୍ତ ଅମତଥିଲା ମାତ୍ର ସେ ନିତାନ୍ତ ପ୍ରବଳ ରାଜା । ଯୁଦ୍ଧେ ତାହାଙ୍କୁ ଜିତିବା ଅସମ୍ଭବ ମନେକରି ଅଗତ୍ୟା ସମ୍ମତ ହେଲେ । ମୁଁ ଏହି ରୂଢ଼ ବିରୁଦ୍ଧ ନିର୍ବନ୍ଧ ଶୁଣି ନିତାନ୍ତ ଦୁଃଖିତ ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଲି । ଏହି ଦୁଃସମୟେ ତୁମ୍ଭର ପ୍ରେରିତ ଦୂତଗଣ ମୋତେ ହରଣକରି ଏଠାକୁ ଆଣିବାରୁ ସମସ୍ତ ଉତ୍ପାତ ନିବାରିତ ହେଲା । ଯଦିଚ ତୁମ୍ଭେ ଖଳାଚରଣଦ୍ୱାରା ଆମ୍ଭଙ୍କୁ ହରଣକରି ଆଣିଛ ତଥାପି ତୁମ୍ଭର ଯୋଗେ ବୃଦ୍ଧହସ୍ତରୁ ଉଦ୍ଧାର ପାଇ ତୁମ୍ଭପ୍ରତି ସନ୍ତୁଷ୍ଟ

Digitized by PPRACHIN, SOA

ଅଛୁ । ମୁଁ କହିଲି ହେ ପ୍ରେୟସି, ମୁଁ ପ୍ରଣୟୋନ୍ମତ୍ତ ହୋଇ ଯେଉଁ ଅନୁଚିତ କର୍ମ କରିଅଛି ତାହା ମାର୍ଜନକରି ଦୟା ପ୍ରଦର୍ଶନ ଦ୍ୱାରା ନବପ୍ରାଣ ପ୍ରଦାନ କର । ଆମ୍ଭେ ତୁମ୍ଭ ଚରଣରେ ଶରଣ ଗ୍ରହଣ କଲୁଁ । ଶରଣାପନ୍ନ ଲୋକଙ୍କୁ ଅଭୟ ପ୍ରଦାନ କରି ମହତ୍ ଜନର କାର୍ଯ୍ୟ ଅଟେ । ରାଜସୁତା କହିଲେ "ପିତାଙ୍କର ଅନୁମତି ବ୍ୟତୀତ ଆମ୍ଭେ ତୁମ୍ଭଙ୍କୁ ପତିଭାବେ ବରଣ କରିବୁଁ ନାହିଁ, ସୁତରାଂ ପିତାଙ୍କୁ ପ୍ରଥମେ ସମ୍ମତ କରାଇବା ଉଚିତ ।" ଆମ୍ଭେ ପ୍ରିୟାର ସନ୍ତୋଷ ନିମିତ୍ତ ତାହାଙ୍କର ଇଚ୍ଛାମତ କାର୍ଯ୍ୟ କରିବା ଉଚିତ ମନେକରି ଦାସୀମାନଙ୍କୁ କାର୍ଜମ୍ ରାଜ୍ୟକୁ ପ୍ରେରଣ କଲୁଁ, ଏବଂ ଅନୁକୂଳ ବାର୍ତ୍ତା ପାଇବା ଆଶାରେ ତାଙ୍କର ପ୍ରତ୍ୟାବର୍ତ୍ତନ ଅପେକ୍ଷା କରିବାକୁ ଲାଗିଲୁଁ । ପ୍ରିୟା ରଜୀୟା ମଧ୍ୟ ଆମ୍ଭ ଅନ୍ତଃପୁରରେ ରହିଲେ ।

ତେଣେ କାର୍ଜମ ଭୂପତି କନ୍ୟାର ହଠାତ୍ ଅନୁଦ୍ଦେଶରେ ଅତ୍ୟନ୍ତ ଦୁଃଖିତ ହୋଇ ଜ୍ୟୋତିର୍ବିଦମାନଙ୍କ ଦ୍ୱାରା ଗଣନା କରାଇ ଆମ୍ଭେ ହରଣ କରାଇ ଆଣିଥିବାର ଜାଣି ଅତ୍ୟନ୍ତ ରାଗାନ୍ୱିତ ହେଲେ । କାନ୍ଦାହାର ପତି ମଧ୍ୟ ସେହି ସମ୍ବାଦରେ ଅତ୍ୟନ୍ତ ରାଗାନ୍ୱିତ ହୋଇ ପ୍ରତିହିଂସା ଗ୍ରହଣ ନିମନ୍ତେ ଉପାୟ ଅନ୍ୱେଷଣ କରୁଥିଲେ । ଏହିସମୟରେ ମୋହର ଦୂତ ସେଠାରେ ଉପସ୍ଥିତ ହୁଅନ୍ତେ କାର୍ଜମ ତାହାଙ୍କୁ ଶୃଙ୍ଖଳା-ବଦ୍ଧ କରାଇ ଭର୍ତ୍ସନା ପୂର୍ବକ କହିଲେ, "ରେ ଦୁରାଚାର, ତୋହର ଚୋର ପ୍ରକୃତି ଭୂପତି ଆମ୍ଭର କନ୍ୟାକୁ ହରଣ କରି ଦେନଯାଇ ଆପଣାର ବଳ ବିକ୍ରମ ଦେଖାଇବା ପାଇଁ ତୋତେ ଆମ୍ଭ ନିକଟକୁ ପଠାଇଅଛି । ଏହି ନୀଚକର୍ମ କରିବାରେ ତାହାର ମନେ ଲଜ୍ଜା ହେଲନାହିଁ, ତାହାର ସେହି ଦୁଷ୍କର୍ମର ଆମ୍ଭେ ଉଚିତ ଫଳ ଦେବୁଁ । ବର୍ତ୍ତମାନ ତୋତେ ନିପାତ କରି ମନତୋଷ କରିବୁଁ ।" ଏହା କହି ଦାସୀମାନଙ୍କୁ ଘାତକହସ୍ତେ ଦେଇ ଅତ୍ୟନ୍ତ ଯନ୍ତ୍ରଣା ସହିତ ସଂହାର କରିବାକୁ ଆଦେଶ ଦେଲେ । ଘାତକ ଦାସୀମାନଙ୍କୁ ଦୃଢ଼ରୂପେ ବନ୍ଧନ କରି ବଧମଞ୍ଚରେ ବସାଇ ସଂହାର କରିବାକୁ ଖଡ୍ଗ ଉଠାଉଛି ଏହି ସମୟରେ ଦାସୀମାନେ ଅକସ୍ମାତ ଆକାଶକୁ ଉଠି ଅଦୃଶ୍ୟ ହେଲେ । ଏହି ଆଶ୍ଚର୍ଯ୍ୟ ଘଟଣା ଦେଖି ଉଭୟ ରାଜା ପ୍ରଜା ଓ

Digitized by PPRACHIN, SOA

ସୈନ୍ୟ ସମସ୍ତେ ବିସ୍ମିତ ହେଲେ । ଦାସୀମାନେ ଶୂନ୍ୟେ ଶୂନ୍ୟେ ଆସି ଆମ୍ଭ ନିକଟରେ ଉପସ୍ଥିତ ହୋଇ ଆପଣାର ସମସ୍ତ ବୃତ୍ତାନ୍ତ ଜଣାଇ କହିଲେ, "ମହାରାଜ ଆପଣ ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ରହନ୍ତୁ, ଉଭୟ ରାଜା ମିଳିତ ହୋଇ ଅସଂଖ୍ୟ ସୈନ୍ୟ ଘେନି ଆପଣଙ୍କ ସହିତ ଯୁଦ୍ଧ କରିବାକୁ ଆସିବେ ।" ଆମ୍ଭେ ଆସନ୍ନ ବିପଦର କଥା ଶୁଣି ଅତ୍ୟନ୍ତ ବ୍ୟାକୁଳ ହେଲୁଁ । ଏହି ସମୟେ ମହାତ୍ମା ଆବେଶନ ସେଠାରେ ଉପସ୍ଥିତ ହୋଇ ଦାସୀମାନଙ୍କୁ କହିଲେ "କହ ବୋ, କେମନ୍ତେ ଶୂନ୍ୟେ ଶୂନ୍ୟେ ଗଲଥିଲ ? ପରେ ଆମ୍ଭଙ୍କୁ ବିଷର୍ଣ୍ଣ ଦେଖି ପଚାରିଲେ ମହାରାଜ, ମୁଖ ଶୁଖିଛି କାହିଁକି ? ସମ୍ଭବତଃ ଶ୍ୱଶୁରଠାରୁ କୌଣସି ଅପ୍ରୀତିକର ଖବର ପାଇଛ । ଆମ୍ଭର ବାଳକମାନେ ଯୁଦ୍ଧ କାର୍ଯ୍ୟକୁ ଅନୁପଯୁକ୍ତ ଥିଲେହେଁ ତଥାପି ଆମ୍ଭେ ଯେ ପର୍ଯ୍ୟନ୍ତ ଏଠାରେ ଅଛୁଁ ସେ ପର୍ଯ୍ୟନ୍ତ କୌଣସି ବିଷୟ ତୁମ୍ଭର ଅମଙ୍ଗଳ ହେବ ନାହିଁ । ଏପରି ଆଶ୍ୱାସ ଦେଇ ଆବେଶନ ସ୍ୱସ୍ଥାନକୁ ଗମନ କଲେ ।

ଅନନ୍ତର ଉକ୍ତ ରାଜାଦ୍ୱୟ ଅସଂଖ୍ୟ ସୈନ୍ୟ ସହିତ ଆସି ଆମ୍ଭର ଗଡ଼ ଅବରୋଧ କଲେ । ଅଗଣନ ସୈନ୍ୟ ଦର୍ଶନ କରି ଜୟ ଆଶା ମୋ ମନ ପଳାୟନ କଲା ଏବଂ କେବଳ ଈଶ୍ୱରଙ୍କ ଦୟା ଉପରେ ଭରସା କରି ରହିଲି । ତେଣେ ମୋହର ପରମ ସହାୟ ଆବେଶନ ଅକ୍ଳେଶେ ଜୟୋଦ୍ଦେଶେ ମନ୍ତ୍ରପାଠ ଆରମ୍ଭ କଲେ । ତାଙ୍କର ଅବ୍ୟର୍ଥ ମନ୍ତ୍ର ପ୍ରଭାବରେ ବିପକ୍ଷ ରାଜାଦ୍ୱୟଙ୍କ ମଧ୍ୟରେ ବିବାଦ ଜାତ ହୋଇ ଅନେକ ସୈନ୍ୟ ହତାହତ ହୋଇ ଶେଷେ କାନାହାରପତି ନିହତ ହେଲେ । ମୋହର ଶ୍ୱଶୁର କାର୍ଜମେଣ୍ଟର ଜୟୀ ହେଲେହେଁ ଯୁଦ୍ଧରେ ତାଙ୍କର ଅଧିକାଂଶ ସୈନ୍ୟ ନିହତ ହୋଇଥିଲେ । ମୋହର ସେନାପତି ଏହି ସୁଯୋଗରେ ତାଙ୍କୁ ଆକ୍ରମଣ କରି ଅକ୍ଳେଶରେ ପରାସ୍ତ ପୂର୍ବକ ବନ୍ଦି କରି ମୋ ନିକଟକୁ ଆଣିଲେ । ମୁଁ ତାଙ୍କର ଅତ୍ୟାଚାରପ୍ରତି ନଜର ନ କରି ଗୁରୁଜନ ଜ୍ଞାନେ ବିଶେଷ ସମ୍ମାନ କଲି । ବୁଢ଼ା ମୋର ଆଦରରେ ମୋହିତ ହୋଇ ତାଙ୍କର କନ୍ୟା ରଜିଆକୁ ମୋ ସହିତ ବିବାହ ଦେବାନିମିତ୍ତ ସମ୍ମତ ହେଲେ । ଶୁଭ ଲଗ୍ନରେ ମହାସମାରୋହରେ

Digitized by PPRACHIN, SOA

ଆମ୍ଭର ବିବାହ ସମ୍ପନ୍ନ ହେଲା । କାର୍ଯ୍ୟମତେ କେତେକ ଦିନ ପରେ ସ୍ୱରାଜ୍ୟକୁ ଗମନ କଲେ । ଇଲିଆ ମୋହର ପ୍ରେମେ ମୁଗ୍ଧ ହୋଇ ପରମ ସୁଖେ ରହିଲେ ଏବଂ ଦିନ ଦିନ ଆମ୍ଭମାନଙ୍କ ପ୍ରେମ ବୃଦ୍ଧି ହେବାକୁ ଲାଗିଲା ।

ଏହିପରି କେତେଦିନ ମହାସୁଖେ ଗତ ହେବାପରେ ଯେଉଁ ମହାଜନ ଆମ୍ଭମାନଙ୍କର ଏହି ଅକୃତ୍ରିମ ପ୍ରୀତି ବୃକ୍ଷାଙ୍କୁରର ବୀଜ ବପନ କରିଥିଲେ ତାଙ୍କର ଯୋଗେ ତାହାର ମୂଳୋତ୍ପାଟନର ସୂତ୍ରପାତ ହେଲା । ଅର୍ଥାତ୍ ମହାତ୍ମା ଅବେଶନ ଅତି ଜ୍ଞାନବାନ୍ ଓ ବିଚକ୍ଷଣ ବିଶେଷତଃ ଜିତେନ୍ଦ୍ରିୟ ଥିଲେ ସତ୍ୟ ତଥାପି ଇଲିଆର ସୌନ୍ଦର୍ଯ୍ୟ ତେଜରେ ମୋହିତ ଓ ଆତ୍ମସମ୍ଭ୍ରମବ୍ରତ ବିସ୍ମୃତ ହୋଇ ତାହାର ସତୀତ୍ୱ ନଷ୍ଟ କରିବାକୁ ଉଦ୍ୟତ ହେଲେ । ଏହି ସକାଶେ ପରମପୁରୁଷ ମହର୍ଷି ହେଲେ ପର ଯୁବତୀ ରମଣୀର ତାହା ପାଶକୁ ଯିବାର ଆମ୍ଭମାନଙ୍କର ଧର୍ମ ଶାସ୍ତ୍ରରେ ବିଶେଷ ଭାବେ ନିଷେଧ ଅଛି । ପର ସ୍ତ୍ରୀ ପୁରୁଷଙ୍କର ଅବାଧେ ମିଳନ ମହା ଅନିଷ୍ଟର କାରଣ ଅଟେ । ସେ ଯାହା ହେଉ କାମଶରାହତ, ତାପସବ୍ରତ ବିସ୍ମୃତ ଯତିଶ୍ରେଷ୍ଠ ଅବେଷନ, ଆତ୍ମସମ୍ଭ୍ରମରେ ଅଶକ୍ତ ହୋଇ ନିଜ ଅଭିଳାଷ ଇଲିଆଠାରେ ବ୍ୟକ୍ତ କଲେ । ରାଜସୁତା ଏହି ଅନୁଚିତ କଥା ଶୁଣି ବିଶେଷ କୁପିତା ହେଲେ, ମାତ୍ର କୌଶଳକ୍ରମେ ରାଗ ଗୋପନ ରଖି ପ୍ରକାଶ୍ୟେ କହିଲେ "ହେ ଯତିବର ତୁମ୍ଭର ସଦ୍ଜ୍ଞାନ କିଣ ହେଲା ଯେ ତୁମ୍ଭେ ଲଜ୍ଜାହୀ ସମ ନ ଏହି ଅନୁଚିତ କଥା ମୋତେ କହୁଛ । ରାଜା ଆପଣଙ୍କୁ ପିତୃବତ୍ ସମ୍ମାନ କରନ୍ତି । ବିଶେଷତଃ ମୁଁ ପତିବ୍ରତା ସତୀନାରୀ ପୁଣି ତୁମ୍ଭର କନ୍ୟାପରି ଅଟେ । ମୋ ସହିତ କୁକର୍ମର ଅଭିଳାଷ ଆପଣଙ୍କ ସଦୃଶ ମହାପୁରୁଷଙ୍କର ଯଶର କଳଙ୍କ ଅଟେ, ସୁତରାଂ ଜ୍ଞାନଜଳଦ୍ୱାରା କାମାନଳ ନିର୍ବାପିତ କରି ଏହି ପାପ ଚିନ୍ତାରୁ ରହିତ ହୁଅନ୍ତୁ । ରମଣୀର ଉପଦେଶବାଣୀ ଶୁଣି ନ ଶୁଣିବାପରି ଅବେସନ ତାହା ହାତ ଧରି ନିଜ କୁଅଭିଳାଷ ସିଦ୍ଧି ନିମନ୍ତେ ତାହାର ଗଳଗ୍ରସ୍ତ ହେଲେ । ଯୁବତୀ ଯତୀର ବଳବତୀ କୁମତି ଦେଖି ତାହା ସହ୍ୟ କରି ନ ପାରି ଭର୍ତ୍ସନା କଲେ । ଅବେଶନ ବିଫଳପ୍ରଯତ୍ନ ହୋଇ ଅଭିଶାପପ୍ରଦାନ

Digitized by PPRACHIN, SOA

ପୂର୍ବକ କହିଲେ,"ରେ ଅହଂକାରୀ ନିର୍ବୋଧ ନାରୀ, ତୁ ନିଜ ସୌନ୍ଦର୍ଯ୍ୟ ଗର୍ବେ ଉନ୍ମତ୍ତ ଓ ସ୍ୱାମୀ ପ୍ରେମେ ଗର୍ବିତା ହୋଇ ମୋତେ ହତାଦର ଓ ନିରାଶ କଲୁ, ଏଥି ନିମିତ୍ତ ତୁ ଚିରକାଳ ସ୍ୱାମୀ ସୁଖରୁ ବଞ୍ଚିତ ହେବୁ ।" ଏହା କହି ମନେ ମନେ କି ମନ୍ତ୍ର ପଢ଼ି ସେଠାରୁ ପ୍ରସ୍ଥାନ କଲେ । ସୁନ୍ଦରୀ ଅବେସନଙ୍କ ଅଦ୍ଭୁତ ଗୁଣ ଓ ମହାତ୍ମ୍ୟ ଭଲରୂପେ ଜାଣିଥିଲେ । ଅଭିଶପ୍ତ ହୋଇ ବ୍ୟଥିତ ଓ ଚିନ୍ତିତ ହେଲେ ସତ୍ୟ ମାତ୍ର ପ୍ରହରେ କାଳ ଉକ୍ତ ଅଭିଶାପର କିଛି କୁଫଳ ହେଲାନାହିଁ ଦେଖି ଆନନ୍ଦିତ ହୋଇ ମନେ ମନେ ଭାବିଲେ, "ଅବେସନ ଭୟ ପ୍ରଦର୍ଶନ ନିମିତ୍ତ ମୌଖିକ ଅଭିଶାପ କରିଅଛନ୍ତି ଆନ୍ତରିକ ଥିଲେ ତ ହାତେ ଫଳ କେତେବେଳୁଁ ଫଳିଥାନ୍ତା ।" ରମଣୀ ଏହିପରି ଆଶ୍ୱାସବାକ୍ୟ କେତେକକ୍ଷଣ ମନ ସନ୍ତୋଷ କଲେ ସତ୍ୟ କିନ୍ତୁ ତାଙ୍କର ଏହି ମଧୁର ଭ୍ରାନ୍ତି ଶୀଘ୍ର ତିରୋହିତ ହେଲା ଅର୍ଥାତ୍ ଠିକ ସନ୍ଧ୍ୟା ସମୟରେ ମୁଁ ଦରବାରରୁ ଅନ୍ତଃପୁରକୁ ଆସନ୍ତେ ମୋହର ଦର୍ଶନେ ପ୍ରାଣସମା ରାଜନେମାଙ୍କର ସର୍ବଶରୀର କମ୍ପମାନ ହେଲା । ଗୋଲାପଫୁଲ ସଦୃଶ ତାଙ୍କର ମୁଖ ଶୋଭା ନିଷ୍ପ୍ରଭ ଏବଂ ପାଣ୍ଡୁବର୍ଣ୍ଣ ହୋଇଲା ଏବଂ ଗୁହୁଁ ଗୁହୁଁ ସୁନ୍ଦରୀ ମୂରଦାଉପର ଶଯ୍ୟାଶାୟିନୀ ହେଲେ । ତଦବଧି ପ୍ରେୟସୀ ମୋହର ପାଖେ ବସି ହସି ହସି ଆଉ ମଧୁର କଥା ଭାଷୁନାହାନ୍ତି । ମୁଁ ଅଉ ଥରେ ସୁନ୍ଦରୀଙ୍କୁ ପୂର୍ବପରି ହସ ହସ ବଦନେ ଦେଖି ମନ ସନ୍ତୋଷ କରିବା ଆଶାରେ ବିଶେଷ ଆଗ୍ରହ ସହିତ ଉଆସକୁ ଆସେ ମାତ୍ର ତାହାଙ୍କୁ ଶବ ସଦୃଶ ଦେଖି ମନର ବିକାର ଯୋଗେ ବିରସ ମନେ ବାହାରକୁ ବାହାରି ଯାଏ । ଏହି ଅମୂର ଦୁଃଖକର ସମାଚାର ଅଟେ । ବିଚାର କରି ଦେଖ, ଯଦି କୌଣସି ଲୋକ ହାତରେ ଅମୃତ ଧରି ଯଦି କୌଣସି କାରଣ ବଶତଃ ସେ ତାହା ଭୋଗ କରି ନ ପାରେ ତେବେ ତାହାର ମନେ କି ସୁଖ ଶାନ୍ତି ରହି ପାରିବ ?

Digitized by PPRACHIN, SOA

ରାଜା ବଦରୁଦ୍ଦୀନଙ୍କର କଥା ଖାଜା ଜମିଲର
କାହାଣୀ ସହିତ ଶେଷ ।

ଅଷ୍ଟ୍ରାଖାନ ଅଧିପତି ସ୍ତ୍ରୀୟ ଅଶାନ୍ତିର କାହାଣୀ ଶେଷ କରିବାରୁ ରାଜା ବଦରୁଦ୍ଦୀନଙ୍କର ଭ୍ରାନ୍ତି ଦୂର ହେଲା । ସେ ପାତ୍ର ଓ ମନ୍ତ୍ରୀ ସହିତ ସ୍ୱରାଜ୍ୟକୁ ବାହୁଡ଼ି ଆସି ନିଜ ବୈଠକଖାନାରେ ବସି ହର୍ମିଜ ରାଜାଙ୍କର କଥା ଆଲୋଚନା କରି କହିଲେ, "ହର୍ମିଜ ନିତାନ୍ତ ଉଦାର ଚରିତ ଓ ସହନଶୀଳ ଲୋକ ଅଟନ୍ତି । ତାହାଙ୍କର ବିବରଣ ଅକଥନୀୟ ଦୁଃଖପୂର୍ଣ୍ଣ ଅଟେ । ଆମ୍ଭପରି ଲୋକର ଏପରି ଘଟଣା ହୋଇଥିଲେ କ୍ଷଣେ ମାତ୍ର ସହ୍ୟ କରିବା କଷ୍ଟକର ହୋଇଥାନ୍ତା । ସେ ଅତି ଧୈର୍ଯ୍ୟଶୀଳ ଲୋକ କାରଣ ଅଲୋକସାମାନ୍ୟ ରୂପବତୀ ସ୍ତ୍ରୀୟ ପ୍ରିୟା ପାଖରେ ଥାଇ ତାହାର ସମ୍ଭୋଗ ସୁଖରୁ ବଞ୍ଚିତ ହୋଇ ସୁଦ୍ଧା ତାଙ୍କର ମୁଖରେ ଶୋକର ଚିହ୍ନ ଦେଖାଯାଉନାହିଁ । ଅପର ଲୋକ କି ଏଡ଼େ ଦୁଃଖ ଗୋପନ ନ ରଖି ହର୍ଷମୁଖ ହୋଇ ଦିନ କଟାଇ ପାରନ୍ତା ? ଶସ୍ୟଫଳ ମୂଲକ କହିଲେ, "ମହାଭାଗ ଆପଣଙ୍କର କଥା ପ୍ରକୃତ ଅଟେ । ଏପରି ପରୀ ପରି ସୁନ୍ଦରୀ ଘରେ ରଖି ତାହା ସହିତ ପଦେ ଅଧେ କଥାବାର୍ତ୍ତାରୁ ମଧ୍ୟ ବଞ୍ଚିତ ରହି ନିଶ୍ଚିନ୍ତରେ ସଂସାରୀୟ କାର୍ଯ୍ୟ ନିର୍ବାହ କରୁଥିବା ଅବଶ୍ୟ ପ୍ରଶଂସାର କଥା ଅଟେ । ଯେ ହେତୁ ହର୍ମିଜ ପ୍ରିୟା ରଜାୟା ସଂସାରରେ ଅଦ୍ୱିତୀୟା ସୁନ୍ଦରୀ ଅଟେ । ତାହାପରି ମନୋହାରିଣୀ ସୁନ୍ଦରୀ ସଂସାରରେ ଆଉ ଥିବ ବୋଲି ମୋହର ବିଶ୍ୱାସ ହେଉନାହିଁ, କିନ୍ତୁ କି ଆଶ୍ଚର୍ଯ୍ୟ ଏଡ଼େ ସୁନ୍ଦରୀ ନାରୀ ଦେଖି ମୋହର ମତି ଅଳ୍ପମାତ୍ର ବିଚଳିତ ହେଲାନାହିଁ, ତାହାର କାରଣ କଣ ? ସମ୍ଭବତଃ ବଦରଲ ଜମାଲର ପ୍ରତିମୂର୍ତ୍ତି ମୋହର ମନର ସମ୍ପୂର୍ଣ୍ଣ ସ୍ଥାନ ପୂରଣ କରିଥିବାରୁ ଅପର କାହାରି ବିଷୟ ସେଥିରେ ସ୍ଥାନ ପାଇ ପାରୁନାହିଁ । ମନ୍ତ୍ରୀ କହିଲେ ମୋହର ମନର ଭାବ ମଧ୍ୟ ସେହିପରି, କୌଣସି ନାରୀ ମୋତେ ଜଳେଖାପରି ଦେଖା ଯାଉନାହିଁ । ରାଜା କହିଲେ ପ୍ରକୃତ ପ୍ରେମ ଏହାରି ନାମ । କାରଣ ଯେଉଁ ମନେ ଏକ ଭିନ୍ନ ଅନ୍ୟ କାହାରି ପ୍ରେମ ତିଳ ପ୍ରମାଣ ସ୍ଥାନ ପାଇ ନ ପାରେ ସେ ଧନ୍ୟ । ଏହି କଥା କହିବା ସମୟ୍ୟ ରାଜାଙ୍କର ମୁଖରେ ବିରହ

Digitized by PPRACHIN, SOA

ପ୍ରକାଶକ ଶୁଷ୍କ ଭାବର ଚିହ୍ନ ଦେଖିପାରି ସମ୍ପୃକ୍ତ ମୂଳକ କହିଲେ, "ମହାଭାଗ, ଆମ୍ଭେମାନେ ଦୁର୍ଭାଗ୍ୟକ୍ରମେ ଗୋଟିଏ ସୁନ୍ଦରୀର ପ୍ରେମେ ପଡ଼ି ତାଙ୍କର ବିରହଯୋଗେ ଅଶାନ୍ତ ରୋଗେ ପୀଡ଼ିତ ହୋଇଅଛୁଁ, ମାତ୍ର ଈଶ୍ୱରଙ୍କର ଆଶୀର୍ବାଦରେ ମହାରାଜାଙ୍କର ସେପରି କୌଣସି ଘଟଣା ନୁହେ, ତେବେ ପ୍ରେମର କଥା ପଡ଼ିବା ସମୟେ ଆପଣଙ୍କର ଚେହେରାରେ ବିଷାଦର ଚିହ୍ନ ଦେଖାଯାଏ ତାହାର କାରଣ କଣ । ରାଜା କହିଲେ "ପ୍ରକୃତ କୌଣସି ପ୍ରକାଶ୍ୟ ଘଟଣା ଆମ୍ଭର ବେଦନାର କାରଣ ନୁହେ ସତ୍ୟ ତଥାପି ଯେଉଁ ଗୁପ୍ତ ବିବରଣ ଆମ୍ଭର ହୃଦ ବିଦାରଣ କରୁଅଛି ତାହା ଶ୍ରବଣ କଲେ ତୁମ୍ଭେମାନେ ମଧ୍ୟ ଆପଣା ଆପଣା ଦୁଃଖ ପାଶୋରି ଆମ୍ଭପାଇଁ ବେଦନା କରିବ । ତୁମ୍ଭେମାନେ ଉଚ୍ଚକୁଳେ ଜାତ ରମଣୀଙ୍କର ସୌନ୍ଦର୍ଯ୍ୟରେ ଆଶକ୍ତ କିନ୍ତୁ ଆମ୍ଭର ମନୋହାରିଣୀ ସୁନ୍ଦରୀ ରାଜକୁମାରୀ ନୁହେ; ସାମାନ୍ୟ ନାରୀ ଅଟେ୍ଣି। ସେ ପୁଣି ପରର ସ୍ତ୍ରୀ, ତାହାର ସ୍ୱାମୀ ଜୀବିତ ଏବଂ ସେ ନିଜ ସ୍ୱାମୀଠାରେ ନିତାନ୍ତ ଆସକ୍ତ ଅଟେ । ଆମ୍ଭେ ଆପଣାର ଏହି ବିବରଣ ଗୋପନ ରଖିବାକୁ ଇଚ୍ଛା କରିଥିଲୁଁ ମାତ୍ର ତୁମ୍ଭେମାନେ ଆପଣା ଆପଣା ପ୍ରେମ ଉପାଖ୍ୟାନ ଆମ୍ଭଙ୍କୁ ଶୁଣାଇଲ ସୁତରାଂ ସେହି ଋଣ ପରିଶୋଧ ନିମିତ୍ତ ଆମ୍ଭେ ଆପଣା ଦୁଃଖପୂର୍ଣ୍ଣ ଆମ୍ଭ କାହାଣୀ କହୁଛୁ ଶୁଣ ।

ଜମିଲାର କଥା ।

ରାଜା କହିଲେ "ଆମ୍ଭର ଏହି ଦମାସ୍କ ନଗରରେ ନୁରୁଦ୍ଦୀନ ନାମରେ ଜଣେ ସଉଦାଗରଙ୍କର ପରମ ରୂପବତୀ ଜମିଲାନାମ୍ନୀ ରମଣୀ ଥିଲେ ।

ଏହି ନାରୀ ଅପସରାକୁ ବଳି ସୁନ୍ଦରୀ, ତୁମ୍ଭେମାନେ ଦେଖିଥିବ । ରଞ୍ଜୟାର ରୂପ ମାଧୁରୀ ଏହାର ସୌନ୍ଦର୍ଯ୍ୟ ଶ୍ରୀ ତୁଳନାରେ ରାଜକୁମାରୀ ଓ ତାହର ସହଚରୀର ତୁଳନା ସରି ଅଟେ । ସେ ଏଡ଼େ ସୁନ୍ଦର ହୋଇ ସୁଦ୍ଧା ପତିବ୍ରତା ଗୁଣେ ଅଳଙ୍କୃତା ଅଟେ । ସାଧ୍ୱୀ ଶ୍ରେଷ୍ଠା ସାବିତ୍ରୀ, ସୀତା ପ୍ରଭୃତିଙ୍କ ଅପେକ୍ଷା ତାହାର ସତୀତ୍ୱ କୌଣସି ଅଂଶେ ନିକୃଷ୍ଟ ନୁହେ । କାରଣ ତାହାର ସ୍ୱାମୀ ରାମଚନ୍ଦ୍ରଙ୍କ ପରି ବଡ଼ ରାଜା ବା ଅତ୍ୟନ୍ତ ଧନବନ୍ତ ବଣିକ ନ ଥିଲେ । ସାମାନ୍ୟ ପ୍ରକାର ବାଣିଜ୍ୟଦ୍ୱାରା ଆପଣା

Digitized by PPRACHIN, SOA

ଜୀବିକା ନିର୍ବାହ କରୁଥିଲେ । ଅନନ୍ତର ଆଶ୍ଚର୍ଯ୍ୟର ବିଷୟ ଏହି ଯେ ବଣିକ ବୃଦ୍ଧ ବୟସ୍କ, ତାଙ୍କର ପ୍ରଥମା ସ୍ତ୍ରୀ ମରିଯିବାରୁ ଜମିଲାକୁ ବୁଢ଼ା-ବେଳେ ବିବାହ କରିଥିଲେ । ତଥାପି ଜମିଲା ନିଜ ସ୍ୱାମୀଠାରେ ବିଶେଷ ଆସକ୍ତ ଥାଇ ସର୍ବଦା ତାଙ୍କର ଇଚ୍ଛାନୁରୂପ କାର୍ଯ୍ୟ କରିବାରେ ନିଯୁକ୍ତ ଥିଲେ । ଉଭୟେ କେତେକ ଦିନ ପରମସୁଖରେ କଟାଇବା ପରେ ନୂରୁଦ୍ଦୀ ହଠାତ୍ କଠିନ ପୀଡ଼ାଗ୍ରସ୍ତ ଓ ବାଣିଜ୍ୟରେ ଅଶକ୍ତହୋଇ ଘରେ ପଡ଼ି ରହିଲେ । ଏଣେ ଆୟର ପଥ ବନ୍ଦ ହେବା ମାତ୍ର ରୋଗୀର ଚିକିତ୍ସା ଓ ପଥ୍ୟରେ ପ୍ରଚୁର ଖରଚ ବୃଦ୍ଧି ବାରୁ ଘରେ ଥିବା ଧନତକ ଶେଷ ହେଲା । ବର୍ତ୍ତମାନ ବଣିକର ଦଶା ଅତ୍ୟନ୍ତ ଶୋଚନୀୟ, ଖାଇବାକୁ ଦାନା କମ୍ବା ପିନ୍ଧିବାକୁ କନା ନାହିଁ । ଜମିଲା ପରି ସୁନ୍ଦରୀ ମହିଳା ଛିଣ୍ଡା ମଇଲାଲୁଗା ପିନ୍ଧି ତିନ ତିନ ବେଳ ଉପବାସରେ ଦିନ କଟାଇ-ବାକୁ ଲାଗିଲା । ଚିକିତ୍ସା ଓ ପଥ୍ୟ ଅଭାବରେ ସଉଦାଗର ଅବସ୍ଥା ଅନନ୍ତର ମନ୍ଦତର ହେଲା । ସେ ଅତ୍ୟନ୍ତ ଦୁର୍ବଳ ହୋଇ ଶଯ୍ୟାରେ ପଡ଼ି ରହିଲେ । ନିଜ ବନ୍ଧୁବାନ୍ଧବମାନଙ୍କୁ ଆପଣାର ଦୁରବସ୍ଥା ଜଣାଇ କାହାରି-ଠାରୁ କିଛି ଉପକାର ନ ପାଇ ଦିନେ ଆପଣା ସ୍ତ୍ରୀକୁ କହିଲେ, "ପ୍ରିୟେ, ବିଧି ପ୍ରତିକୂଳ ହୋଇ ମୋହର ସମସ୍ତ ସୁଖ ନିର୍ମୂଳ କରିଅଛି । ମୁଁ ବୃଦ୍ଧ ଓ ରୋଗଗ୍ରସ୍ତ ପୁଣି ଅତ୍ୟନ୍ତ ଦରିଦ୍ର । ନିଜର ଜୀବିକା ନିର୍ବାହ କରିବାରେ ଅଶକ୍ତ ଅଟେ । ସୁତରାଂ ତୁମ୍ଭ ପରି ସୁନ୍ଦରୀ ଯୁବତୀ ମୋଠାରେ ଥାଇ କଷ୍ଟ ପାଉଥିବାର ଦେଖି ଅତ୍ୟନ୍ତ ବ୍ୟସ୍ତ ହେଉ-ଅଛି । ଏଣୁ ତୁମ୍ଭେ ମୋଠାରୁ ବିଦାୟ ନେଇ ଅନ୍ୟ ଉପାୟ ଦେଖ । ତୁମ୍ଭର ଯେପରି ସୌନ୍ଦର୍ଯ୍ୟ ତାହା ଦେଖିଲେ ରାଜା ପର୍ଯ୍ୟନ୍ତ ଅଧୈର୍ଯ୍ୟ ହେବେ ଏବଂ ଅତ୍ୟନ୍ତ ଆଗ୍ରହ ସହିତ ତୁମ୍ଭଙ୍କୁ ନିଜ ରାଣୀ କରି ମହା ସୁଖରେ ରଖିବେ ।" ରମଣୀ ସ୍ୱାମୀର କଥା ଶୁଣି କ୍ରନ୍ଦନ କରି କହିଲେ "ନାଥ, ଏଡ଼େ ନିଷ୍ଠୁର କଥା କହିଲ କାହିଁକି ? ମୁଁ ତୁମ୍ଭର ସହଧର୍ମିଣୀ ଓ ଗୃହିଣୀ । ତୁମ୍ଭର ସମସ୍ତ ବିଷୟକୁ ଆପଣାର ମଣି ତୁମ୍ଭ ସଙ୍ଗେ ଚିରକାଳ ରହିବି ବୋଲି ବିବାହ ହୋଇଅଛି । ସୁଖବେଳେ ତୁମ୍ଭଠାରେ ରହି ଦୁଃଖବେଳେ ଛାଡ଼ିଗଲେ ଲୋକେ କଣ କହିବେ ? ଏଭଳି

Digitized by PPRACHIN, SOA

ନୀଚ କାର୍ଯ୍ୟ କି ଗୃହସ୍ଥା ରମଣୀର ହୋଇପାରେ ? ପାପାଗ୍ନି ତାହାଙ୍କୁ ଏହା ଶୋଭାପାଏ । ମୁଁ ନିଶ୍ଚୟ ତୁମ୍ଭଠାରେ ଥିବ, ମାତ୍ର ତୁମ୍ଭର ପଥ୍ୟାଦି ନିମିତ୍ତ ଦୁଃଖ ଥିବା ପାଇଁ, ବାହାରକୁ ଯାଇ ପାରିବ ଏଥିକି ଅନୁମତି ଦିଅ ।" ସଓଦାଗର ସ୍ତ୍ରୀର କଥା ଶୁଣି ବିଶେଷ ପ୍ରୀତ ହୋଇ କହିଲେ, "ରୂପବତୀ, ତୁମ୍ଭର ମୋଠାରେ ଏତେ ଭକ୍ତି ଅଛି ବୋଲି ଜାଣି ନ ଥିଲି । ଏହି ମହତ୍ ଭକ୍ତି ନିମିତ୍ତ ଈଶ୍ୱର ତୁମ୍ଭ ପ୍ରତି ସନ୍ତୁଷ୍ଟ ହୋଇ ସଂସାରରେ ସୁଖ୍ୟାତି ଓ ପରକାଳରେ ସର୍ଗବସତି ଦିଅନ୍ତୁ ।" ସେ ଯାହା ହେଉ ତୁମ୍ଭେ ବର୍ତ୍ତମାନ କଷ୍ଟ କରି ଦାନସମନ୍ଦ ବୈଦ୍ୟ ନିକଟକୁ ଯାଇ ତାହା ଉପରେ ଆମ୍ଭର ଋଣ ବାବଦ୍ ପାଉଣା ସହସ୍ର ମୁଦ୍ରା ତଲବ କର, ସେ ତାହା ଦେଲେ ଆମ୍ଭମାନଙ୍କ କଷ୍ଟ ବହୁ ପରିମାଣରେ ଦୂର ହେବ । ବଣିକ୍‌ପତ୍ନୀ ସ୍ୱାମୀଙ୍କର ଆଦେଶ ଶୁଣି ମୁଖାବରଣପୂର୍ବକ ବୈଦ୍ୟ ନିକଟକୁ ଯାଇ ଆପଣା ପ୍ରାପ୍ୟ ମୁଦ୍ରା ତଲବ କଲେ । ବୈଦ୍ୟ ରମଣୀର ସୁମଧୁର ବଚନ ଶ୍ରବଣ ଓ ଅଲୌକିକ ରୂପ ଦର୍ଶନ କରି ଗୂଢ଼ ବଚନରେ କହିଲେ, "ଚନ୍ଦ୍ରାନନେ, ତୁମ୍ଭର ଦୁର୍ଦ୍ଦଶା ଦର୍ଶନେ ମୋହର ମନରେ କଠୋର ଯନ୍ତ୍ରଣା ହେଉଅଛି । କେଉଁ ଦୃଷ୍ଟିହୀନ ମୂର୍ଖ ଅଜ୍ଞାନ ତୁମ୍ଭ ପରି ପରୀପରାସ୍ତକାରୀ ସୁନ୍ଦରୀ ନାରୀକୁ ବୃଦ୍ଧ ହସ୍ତେ ସମର୍ପଣ କରିଥିଲା । ଯୁବତୀ ସ୍ତ୍ରୀର ବୃଦ୍ଧପତି ବିଷ ପରି ଅଟେ । ପୁନଶ୍ଚ ତୁମ୍ଭେ କୋମଳାଙ୍ଗୀ. ଦୁଗ୍ଧଫେନନିଭ କୋମଳ ଶଯ୍ୟାରେ ବସି ସୁନ୍ଦର ଯୁବା ସଙ୍ଗେ ମଧୁର କଥା କହି ଏବଂ ନିଜର ସୌନ୍ଦର୍ଯ୍ୟ ପ୍ରଭାରେ ତାହାର ମନ ଲୋଭାଇ ସୁଖ ସ୍ୱଚ୍ଛନ୍ଦେ ଓ ମହା ଆନନ୍ଦେ କାଳ କଟାଇ ଥାନ୍ତ । କିନ୍ତୁ ଦୁଃଖର ବିଷୟ, ନିଦାରୁଣ ବିଧି ତୁମ୍ଭଙ୍କୁ ଏଡ଼େ ସୁନ୍ଦରୀ ଗଢ଼ି ଏପରି ଦୀନ ହୀନ ବୃଦ୍ଧ ଅକିଞ୍ଚନ ହସ୍ତେ ଅର୍ପଣ କଲା ଯେ ତୁମ୍ଭେ ଅତି ସାମାନ୍ୟ ନାରୀ ପରି ଉଦରାନ୍ନ ନିମିତ୍ତ ଦ୍ୱାରେ ଦ୍ୱାରେ ଭ୍ରମଣ କରୁଅଛ । ଯାହା ହେଉ ବଡ଼ ସୁଖର ବିଷୟ ଯେ ଏତେ ଦିନେ ତୁମ୍ଭର ଅଦୃଷ୍ଟର ପରିବର୍ତ୍ତନ ହେଲା ବୋଲି ମୁଁ ମନେ କରେଁ, କାରଣ ମୋହର ପ୍ରୀତିପୂର୍ଣ୍ଣ ଦୃଷ୍ଟି ତୁମ୍ଭ ଉପରେ ପଡ଼ିଅଛି । ତୁମ୍ଭେ ସେହି ଚିରରୋଗୀ, ଦୁଃଖଭୋଗୀ, ଜରାଜୀର୍ଣ୍ଣ, ଶକ୍ତି ଓ ସମ୍ବଳ ହୀନ ବୃଦ୍ଧର

Digitized by PPRACHIN, SOA

ମାତ୍ରା ବର୍ଜନ କରି ଆମ୍ଭ ଗୃହରେ ଅବସ୍ଥାନ କର । ତାହା ହେଲେ ତୁର ତସ୍କରୁ ଶାଣ ପାଇ ମହାସୁଖେ କାଳଯାପନ କରିବ । ଆମ୍ଭେ ଦାସବତ୍ ତୁମ୍ଭର ଅନୁଗତ ଥାଇ ସମସ୍ତ ଅଭିଳାଷ ପୂରଣ କରୁଥିବୁଁ । ବୈଦ୍ୟ ଏତିକରେ ତୃପ୍ତ ନ ହୋଇ ପ୍ରେମସଞ୍ଚାର ଆଶାରେ ବଳପୂର୍ବକ ଚୁମ୍ବନ କଲା । ଯୁବତୀ ଅସତୀ ହୋଇଥିଲେ ବୈଦ୍ୟର ପ୍ରୀତିପୂର୍ଣ୍ଣ ବ୍ୟବହାରରେ ଟଳି ପଡ଼ିଥାନ୍ତା । ମାତ୍ର ସାଧ୍ୱୀ ମୁକ୍ତାମଣି ସାଧୁପ୍ରଣୀ ବୈଦ୍ୟର ଶୁଷ୍କ ବାଣୀରେ ନ ଟଳି କ୍ରୋଧରେ ଅଗ୍ନି ପରି ହୋଇ ବୈଦ୍ୟକୁ ଭର୍ତ୍ସନା କରି କହିଲା, "ରେ ଦୁଷ୍ଟଚିତ୍ତ, ତୋହର ଏ କି ଦୁଷ୍ଟ ବ୍ୟବହାର ? ତୁ ଧନମଦରେ ଉନ୍ମତ୍ତ ହୋଇ ସତୀର ସତୀତ୍ୱ ନଷ୍ଟ କରିବାକୁ ଉଦ୍ୟତ ହୋଇଅଛୁ । ତୁ ମୋତେ ଦରିଦ୍ର ଓ ନିଃସହାୟ ଦେଖି ପ୍ରଲୋଭନ ଓ ବଳଦ୍ୱାରା ଅପବିତ୍ର କରିବାକୁ ଇଚ୍ଛା କରୁଅଛୁ । ସର୍ବଶକ୍ତିମାନ ଭଗବାନ୍ ସଦା ସତୀର ସହାୟ ଏ କଥା କି ତୋର ଜଣା ନାହିଁ ; ସେହି ଭଗବାନଙ୍କର ଅନୁଗ୍ରହ ଥିଲେ ତୁ ଅବା କିଏ ? ସସାଗରା ଧରଣୀର ଅଧୀଶ୍ୱର ହେଲେ ମଧ୍ୟ ଏ ଦାସୀର ମନରୁ ସ୍ୱାମୀର ପ୍ରୀତି ଅନ୍ତର କରି ପାରିବ ନାହିଁ । ଯଦି ତୁ ଜ୍ଞାନବାନ, ତାହା ହେଲେ କବିଙ୍କର ମହଦୁକ୍ତି ଶ୍ରବଣ କରି ସତୀଙ୍କୁ ଅନୀତି ଶିକ୍ଷା ଦେବାରୁ ବିରତ ହୁଅ । ଯଦି ଅଜ୍ଞାନ ଲମ୍ପଟୀ, ତାହାହେଲେ ବିଟପୀ ନିକଟକୁ ଯା, ସେ ତୋର କଥାରେ ପଟିଯିବ । ଉକ୍ତି—

ହୁପୁଡ଼ି ପଡ଼ନ୍ତି ସ୍ରୋତ ବେଗେ ନଦୀ
ତୀର ବିଟପୀ ଯେସନ,
ହୁପୁଡ଼ି ପଡ଼ଇ ଲମ୍ପଟୀ ବଚନେ
ବିଟପୀ ମନ ତେସନ ।
କନ୍ଦ୍ର ଶୈଳ ଯେହ୍ନେ ସ୍ରୋତେ ନ ଟଳଇ
ଉଭା ଥାଏ ନିରନ୍ତର,
ସତୀ ମନ ତେହ୍ନେ ଯେବେ ନ ଟଳଇ
ଶ୍ରବଣେ ଲମ୍ପଟୀ ଗୀର ।

Digitized by PPRACHIN, SOA

ପତିଭକ୍ତା ସତୀରୁ ବ୍ରତ ଅନୁରକ୍ତା ବଣିକ ଜାୟାର ସଗର୍ବ୍ବୋକ୍ତିରବାଣୀ ଶୁଣି ବୈଦ୍ୟ ଭୀତ ଓ ନିଜର ଅଭିଳାଷରୁ ନିରାଶ ହୋଇ କହିଲା "ରେ ଚଞ୍ଚଳ ନାରି ତୋର ସ୍ୱାମୀ କିଏ ? ଆମ୍ଭେ ତାହାକୁ ଚହ୍ନିନାହୁଁ ବା ତାହାର କିଛି ଧାର ନାହୁଁ । ସେ ନିଜ କୁବୁଦ୍ଧିଦ୍ୱାରା ଆପଣା ଧନ ନଷ୍ଟ କରି ତୋହର ରୂପେ ଆମ୍ଭେ ମୁଗ୍ଧ ହୋଇ କିଛି ଦେବୁଁ, ଆଶା କରି ତୋତେ ପଠାଇଅଛି । ତୁ ଆମ୍ଭ ଦ୍ୱାରରୁ ଶୀଘ୍ର ଦୂର ହୋ, ଆମ୍ଭେ ତୋହର କୁତ୍ସିତ ରୂପ ଦେଖିବାକୁ ଇଚ୍ଛୁକ ନାହୁଁ । ସାଧୁବନିତା ବୈଦ୍ୟ କର୍ତ୍ତୃକ ଅବମାନିତା ହୋଇ କ୍ରନ୍ଦନ କରୁ କରୁ ଦୁଃଖିତମନେ ଅଧୋବଦନେ ସ୍ୱାମୀ ସନ୍ନିଧାନେ ଉପସ୍ଥିତ ହେଲେ । ପୀଡ଼ାଗ୍ରସ୍ତ ଶକ୍ତି ଓ ସମ୍ବଳରହିତ ବଣିକ ଭାର୍ଯ୍ୟାଠାରୁ ସମସ୍ତ ଅବଗତ ହୋଇ ଦୁଃଖିତ ମନେ କହିଲେ "ହାୟ ! କାଳର କି କୁଟିଳ ଗତି । ଆମ୍ଭେ ବୈଦ୍ୟର ବିପଦ କାଳେ ଋଣ ପ୍ରଦାନ କରି ତାହାର କଷ୍ଟ ନିବାରଣ କରିଥିଲୁଁ । ଆମ୍ଭେ ତାହାକୁ ସାଧୁ ଓ ଧର୍ମ୍ମ ପରାୟଣ ମନେ କରିଥିଲୁଁ କିନ୍ତୁ ସେ ଏଡ଼େ ଶଠ ଓ ଲମ୍ପଟ ଅଟେ । ଅତଏବ ମନୁଷ୍ୟର ଅନ୍ତରର ଭାବ ଜାଣିବା ସହଜ ନୁହେ । ଯାହା ହେଉ ତୁମ୍ଭେ ଅଲ୍ପ ଥରେ କଷ୍ଟ କରି କାଜି ନିକଟକୁ ଯାଇ ଅଭିଯୋଗ କର । ସେ ଧର୍ମ୍ମପରାୟଣ ଓ ନ୍ୟାୟବାନ୍ ଅଟନ୍ତି । ନିଶ୍ଚୟ ଦୁଷ୍ଟକୁ ଶାସନ କରି ତାହାଠାରୁ ଆମ୍ଭର ପ୍ରାପ୍ୟ ଆଦାୟ କରିଦେବେ ।

ପତି ପରାୟଣା ସାଧୁଅଙ୍ଗନା ପତିଙ୍କର ଆଦେଶାନୁସାରେ ବିଚାରାଳୟରେ ଉପସ୍ଥିତ ହେଲେ । ବିଚାରପତି ଯୁବତୀର ଅପୂର୍ବ୍ବକାନ୍ତି ଦେଖି ଅତି ବିସ୍ମିତ ହୋଇ ତାହାକୁ ସାଦରେ ବସାଇ କହିଲେ "ଗୋ ପଦ୍ମାନନେ, କି କାରଣେ ଆମ୍ଭ ସଦନେ ତୁମ୍ଭର ଶୁଭାଗମନ ହୋଇଅଛି ? ରମଣୀ କାଜିଙ୍କୁ ଆପଣା ବିପଦ କାହାଣୀ ଶୁଣାଇ ବିଚାର ପ୍ରାର୍ଥନା କଲା । ଅସଚ୍ଚରିତ୍ର କାଜି କାମୋନ୍ମତ୍ତ ହୋଇ କହିଲେ, "ସୁନ୍ଦରି ଆମ୍ଭେ ସେହି ପ୍ରବଞ୍ଚକ ଚିକିତ୍ସକଠାରୁ ତୁମ୍ଭର ଋଣ ଏହିକ୍ଷଣି ପ୍ରତ୍ୟର୍ପଣ କରାଇବୁଁ । ଅଧିକରେ ଉପଢୌକନ ସ୍ୱରୂପ ଚାରି ସହସ୍ର ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିବୁଁ । ଅତଏବ ତୁମ୍ଭେ ବୈଦ୍ୟପ୍ରତି ଯେପରି ନିଦାରୁଣ

Digitized by PPRACHIN, SOA

ହେଲ ସେପରି ନ ହୋଇ କିଏକକ୍ଷଣ ଆମ୍ଭଠାରେ ଅବସ୍ଥାନ ଓ ପ୍ରେମ ପ୍ରଦାନ ଦ୍ୱାରା ବାସନା ପୂରଣ କର । ହେ କମଳନୟନେ, ତୁମ୍ଭର ଅସାମାନ୍ୟ ସୌନ୍ଦର୍ଯ୍ୟଶିଖା ଆମ୍ଭର ବୁଦ୍ଧି ଭ୍ରମ କରିଅଛି । ସୁତରାଂ ତାହା ପ୍ରାପ୍ତ ନ ହେଲେ ନ୍ୟାୟାନ୍ୟାୟ ବିଗ୍ଭର କରିବାକୁ ଅକ୍ଷମ ଅଛୁଁ । ତୁମ୍ଭେ ସଦୟ ହୋଇ ଆମ୍ଭର ହୃଦୟ ଶୀତଳ କର । ଆମ୍ଭେ ନିଶ୍ଚୟ ତୁମ୍ଭର ସହାୟ ହୋଇ ମୋକଦ୍ଦମା ଜୟ କରାଇବୁଁ । ସାଧ୍ୱୀ ରମଣୀ କାଜିଙ୍କର ଲମ୍ପଟବାଣୀ ଶୁଣି କ୍ରନ୍ଦନକରି କହିଲା "ହେ ଧର୍ମ, ତୁମ୍ଭେ ପୃଥିବୀର ବିପରୀତ ରୀତି ଗତି ଦେଖି ଏହାକୁ ଛାଡି ପଳାଇଲଣି କି ? ତାହା ନ ହେଲେ ରକ୍ଷକ ଭକ୍ଷକ; ବିଗ୍ଭରକ ସତୀର ସତୀତ୍ୱହାରକ ହୁଅନ୍ତେ କି ? ରମଣୀ ଏହିପରି କର୍କଶ ବାଣୀ କହି କାଜିଙ୍କୁ ତିରସ୍କାର କରି ସ୍ୱଗୃହେ ଗମନ କଲା । ବୃଦ୍ଧ ବଣିକ ଭାର୍ଯ୍ୟାଠାରୁ ସମସ୍ତ ବିବରଣ ଶୁଣି ଦୁଃଖିତ ହୋଇ କହିଲେ ବିଧି ବାମ ହେଲେ ଏହିପରି ଦୁର୍ଘଟଣା ଘଟେ । ଆମ୍ଭମାନଙ୍କ ଭାଗ୍ୟ ପଡ଼ିଅଛି; ଏଣୁ ସମସ୍ତ ହିତ ବିପରୀତ ହେଉଅଛି । ଯାହାହେଉ ଭାଗ୍ୟ ପରୀକ୍ଷା ନିମନ୍ତେ ତୁମ୍ଭେ ରାଜ ପ୍ରତିନିଧିଙ୍କ ନିକଟକୁ ଯାଇ ସୁବିଗ୍ଭର ପ୍ରାର୍ଥନାକର । ସେ ଅବଶ୍ୟ ସୁବିବେଚନା ଦ୍ୱାରା ଆମ୍ଭମାନଙ୍କର ପାଉଣ ଆଦାୟ କରିଦେବେ ।

ପତିଅନୁଗତା ବଣିକ ବନିତା ଆପାଦ ମସ୍ତକ ବସନାବୃତା ହୋଇ ରାଜପ୍ରତିନିଧି ସମୀପେ ଉପସ୍ଥିତ ହେଲେ । ସାଧ୍ୱୀ କାନ୍ତା ନିଜ ରୂପ ଲୁଗ୍ଭଇବାକୁ ଏତେ ଯତ୍ନ କଲେ ସୁଦ୍ଧା କୌଣସି ଫଳ ହେଲା ନାହିଁ । କାରଣ ତାହାର ସୌନ୍ଦର୍ଯ୍ୟ କିରଣ ଆବରଣ ଭେଦକରି ପ୍ରକାଶିତ ହେଉଥିଲା । ରାଜପ୍ରତିନିଧି ତାହାର ସୌନ୍ଦର୍ଯ୍ୟ ଜ୍ୟୋତ୍ସ୍ନା ଦେଖି ବିଚଳିତମନା ହୋଇ ଅତି ସମାଦରେ ବସାଇ କହିଲେ "ସୁନ୍ଦରୀ ଆମ୍ଭେ ତୁମ୍ଭର ଆଜ୍ଞା କାରୀ; କଣ କରିବାକୁ କହିଲେ କ୍ଷଣ ବିଳମ୍ବ ନ କରି ତାହା ସମ୍ପାଦନ କରିବୁଁ ।" ରମଣୀ କହିଲା, "ମହାଶୟ ଏ ଦାସୀ ନୂରୁଲାର ପତ୍ନୀ"—ଏହାପରେ ଆଉ କିଛି ନ କହୁଣୁ ପ୍ରତିନିଧି କହିଲେ ଆମ୍ଭେ ତାହାକୁ ଚିହ୍ନୁ । ସେ ଆମ୍ଭର ଏକ ପ୍ରକାର ବନ୍ଧୁ । ମାତ୍ର ସେ ଯେ ଏରୂପ ଅପରୂପରୂପବତୀ ଯୁବତୀ ଭୋଗ କରୁଅଛି ଦେଖି

Digitized by PPRACHIN, SOA

ଆମ୍ଭମାନେ ଈର୍ଷା ହେଉଅଛୁ ।" ଜମିଲା କହିଲା "ଆପଣ ଈର୍ଷା ନ କରି ଦୟା କରନ୍ତୁ । କାରଣ ତାହାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ, ଦରିଦ୍ରତା ଓ ପୀଡା ତାହାର ସର୍ବ ଶେଷକରି ଅଛି । ସେଥିରେ ପୁଣି ପ୍ରବଞ୍ଚକ ଦାନସମନ୍ ନାମକ ଠକସ୍ତକ ତାହାଠାରୁ ସହସ୍ର ମୁଦ୍ରା ଋଣ ନେଇ ତାହା ପରିଶୋଧ କରୁ ନ ଥିବାରୁ ଆପଣଙ୍କର ସୁବିଚାର ଆଶାରେ ଏଠାକୁ ପଠାଇ ଅଛନ୍ତି ।" ସ୍ତୁତନୟ କହିଲେ ଏହି ସାମାନ୍ୟ କାର୍ଯ୍ୟପାଇଁ ଭାବନା କାହିଁକି ? ଆମ୍ଭେ ଏହିକ୍ଷଣି ସେହି ଠକକୁ ଧରାଇ ଆଣି ତୁମ୍ଭର ଧନ ଆଦାୟ କରିଦେବୁ । କିନ୍ତୁ ଗୋଟିଏ କଥା ଅମ୍ଭେ ଆପେ ଭେଟି ନ ପାଇଲେ କାହାର ବେଠୀ କରୁନାହୁଁ । ସୁତରାଂ ତାହା ଶୀଘ୍ର ଦେବା ତୁମ୍ଭର ଉଚିତ । ଅମ୍ଭର ବକ୍ସିସ ବଡ ଜିନିସ ନୁହେ, କେବଳ ଲେଶମାତ୍ର ସୁରସ-ପ୍ରଦାନଦ୍ୱାରା ମନ ତୋଷ କଲେ ଅମ୍ଭେ ଦାସପରି ତୁମ୍ଭର ଆଦେଶ ପାଳନ କରିବୁଁ ।" ସାଧୁ ଦରଣୀ ତସ୍କରଙ୍କ ଶିରୋମଣିଙ୍କର ନିଦାରୁଣ ବାଣୀ ଶୁଣି ଶୋକେ ଓ କ୍ରୋଧେ କମ୍ପିତ କଳେବର ହୋଇ କୌଣସି ଉତ୍ତର ନ ଦେଇ ଝର ଝର ଚକ୍ଷୁନୀର ଝରାଇ ଧୀରେ ଧୀରେ ଘରକୁ ଆସି ସକଳ କଥା ସ୍ୱାମୀଙ୍କୁ ଗୋଚର କରାଇଲେ । ସର୍ବଶକ୍ତିଶୂନ୍ୟ ପ୍ରାଚୀନ ଦୁଃଖେ କ୍ରନ୍ଦନକର ମାନବ ଗଣେ ଅଭିସମ୍ପାତ ପୂର୍ବକ କହିଲେ "ହାୟ ! ସମଗ୍ର ସଂସାର କି ଏକାବେଳେ ଧର୍ମ ଶୂନ୍ୟ ଓ ଲମ୍ପଟତାପୂର୍ଣ୍ଣ ହୋଇଅଛି" ରମଣୀ କହିଲେ "କାନ୍ତ କେବଳ ବିଳାପ ଓ ଅଭିଶାପ ଦ୍ୱାରା ମନସ୍ତାପ ଦୂର ହେବ ନାହିଁ । ଅମ୍ଭେ ମୁଦ୍ରା ଆଦାନ ଓ ଲମ୍ପଟମାନଙ୍କଠାରୁ ପ୍ରତିହିଂସା ଗ୍ରହଣର ଗୋଟିଏ ଉପାୟ ଉଦ୍ଭାବନ କରିଅଛୁଁ । ବର୍ତ୍ତମାନ ତାହା ଆପଣଙ୍କୁ ଜଣାଇବୁ ନାହିଁ, କାର୍ଯ୍ୟ ସୁସିଦ୍ଧି ପରେ ଜଣାଇ ପରିତୋଷ କରାଇବୁ ।" ସଉଦାଗର କହିଲେ ଯାହା ଇଚ୍ଛା କର, ତୁମ୍ଭର କୌଣସି ବିଷୟରେ ଆମ୍ଭର ହିତ ବା କୌଣସି କାର୍ଯ୍ୟରେ ଆପତ୍ତି ନାହିଁ ।"

ପତିସୁଆଗିନୀ ବଣିକରମଣୀ ପତିଙ୍କର ଅନୁମତି ନେଇ ତିନୋଟି କାଠର ବଡ଼ ବଡ଼ ସିନ୍ଦୁକ ଆଣି ଘରେ ରଖିଲେ ଏବଂ ଦର୍ଶନ ମାତ୍ରେ

Digitized by PPRACHIN, SOA

ପୁରୁଷର ମନ ଲୋଭାଇବାର ଉପଯୁକ୍ତ ଆଭରଣାଦି ବେଶଭୂଷା କରି ବୈଦ୍ୟ ଠାରେ ଉପସ୍ଥିତ ହେଲେ । ସେଠାରେ ମୁଖାବରଣ ଉନ୍ମୋଚନ ପୂର୍ବକ ବୈଦ୍ୟର ମନ ହରଣ କରି କହିଲେ "ମହାଶୟ, ସଦୟ ହୋଇ ଆମ୍ଭର ମୁଦ୍ରାକେତୋଟି ପ୍ରଦାନ କରନ୍ତୁ ।" ବୈଦ୍ୟ କହିଲେ ପ୍ରେୟସି, ତୁମ୍ଭର କଥା ଶୁଣି ମୋତେ ହସ ମାଡ଼ୁଛି । ତୁମ୍ଭେ ଧନ ଆଗମର ପ୍ରଧାନ ସମ୍ବଳ ଅତୁଳ ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇ କେତୋଟି ଟଙ୍କା ପାଇଁ ଦୁଃଖୀ ଲୋକ ପରି ହେଉଅଛ । ଆମ୍ଭର ସେହି କଥାଟି ମାନ, ଯେତେ ଇଚ୍ଛା ସେତେ ଧନ ନେଇ ଗମନ କର । ରମଣୀ କହିଲା ଯଦି ସେପରି ନ ହେଲେ ମୁଦ୍ରା ମିଳିବ ନାହିଁ ଏବଂ ଏହି ଦାସୀର ସହବାସ ଆପଣଙ୍କର ଏକାନ୍ତ ପ୍ରୟାସ ତାହା ହେଲେ ଆଉ ହତାଶ ହୁଅନ୍ତୁ ନାହିଁ । ରାତ୍ରି ପ୍ରଥମ ପ୍ରହର ସମୟରେ ମୁଦ୍ରା ସହିତ ଆମ୍ଭର ଆବାସକୁ ଆସିଲେ ମନତୋଷ କରାଇବି । ବୈଦ୍ୟ ଆଶ୍ୱାସ ବାଣୀ ଶୁଣି ପରମ ପରିତୋଷ ଲଭି ମହୋଲ୍ଲାସ ପୂର୍ବକ ସତ୍ୱର କର ଚୁମ୍ବନ କଲା । ପ୍ରତିହଂସା । ଗ୍ରହଣର ଏହା ପ୍ରଥମ ପନ୍ଥା ମନେକରି ରମଣୀ ବିରକ୍ତ ନ ହୋଇ ବରଂ ମୃଦୁହାସ୍ୟ ଦ୍ୱାରା ବୈଦ୍ୟକୁ ଅଧିକ ଲୋଭଗ୍ରସ୍ତ ଓ ପ୍ରେମାସକ୍ତ କରାଇ ପ୍ରସ୍ଥାନ କଲା । ଘରକୁ ନ ଯାଇ ସିଧା ଯାଇ କାଜୀଙ୍କଠାରେ ଉପସ୍ଥିତ ହେଲା । କାଜୀ ତାହାକୁ ପୁନରାଗତ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ "ମନେ କି ବିଚାରି ପୁଣି ଆସିଲୁ ?" ଯୁବତୀ କହିଲା "ବିଚାରପତି, ଏ ଅଧମ ପ୍ରତି ସଦୟ ହୋଇ ମୁଦ୍ରା ସେତକ ଦିଆଇ ଦିଅନ୍ତୁ ।" କାଜୀ କହିଲେ ଅବଶ୍ୟ ତାହା କରିବାକୁ ରାଜିଅଛୁଁ କିନ୍ତୁ ତୁମ୍ଭଙ୍କୁ ଅଗତ୍ୟ ଜଣାଉଅଛୁଁ ଯେ ବିନା ପୁରସ୍କାରରେ ଆମ୍ଭେ କାହାର ବିଚାର କରୁନାହୁଁ । ବକ୍‌ଶିଶ ପାଇଲେ କୋଶିଷ (୧) କରି ଟଙ୍କା ଉଆପସ କରାଇଦେବୁଁ ।" ରମଣୀ କହିଲା "ଧର୍ମାବତାର ଆପଣଙ୍କ ପ୍ରସ୍ତାବରେ ମୋହର ସ୍ୱୀକାର ଅଛି । ମୁଁ କାଲି ଯାଇ ବିଚାର କଲି, ଆପଣଙ୍କ କଥାରେ ସମ୍ମତ ହେଲେ ମୋହର ସକଳ କଷ୍ଟ

(୧) କୋଶିସ —ଚେଷ୍ଟା

Digitized by PPRACHIN, SOA

ସତୀତ୍ୱ ଓ ସମ୍ମାନ ରକ୍ଷିତ ହେବ । ଏହା ବିଷୟର ଆପଣଙ୍କୁ ନିଜ ମତ ଅବଗତ କରାଇବାକୁ ଆସିଲି । କାଜୀ ପ୍ରେମେ ଗଦଗଦ ହୋଇ କହିଲେ ସୁନ୍ଦରୀ, ତୁମ୍ଭେ ମୋହର ପ୍ରାଣୋପମ ଜୀବନଧନ ଓ ବୁଦ୍ଧି ବିକ୍ରମ ଅଟ । ତୁମ୍ଭର ପ୍ରେମ କାଲଠାରୁ ମୋହର ବୁଦ୍ଧି ଭ୍ରମ ଓ ମୋତେ ସକଳ କାର୍ଯ୍ୟେ ଅକ୍ଷମ କରିଅଛି । ସଜନୀ, ଆଜି ପୁଣି ଆଗମନ କରି ମୋତେ ନବଜୀବନ ପ୍ରଦାନ କରିଅଛ । ତୁମ୍ଭର ଚରଣେ ମୋହର ନିବେଦନ ଏହି ଯେ ସେହି ବୁଢ଼ାଟାକୁ ଛାଡ଼ି ମୋହର ଘରକୁ ଆସି ମହା ଖୁସିରେ ରୁହ । ଏହା ଶୁଣି ବିଚକ୍ଷଣା ଲଳନା କହିଲା "ତାହା କଲେ ସଂସାରରେ ଦୁର୍ନାମ ରଟନା ହେବ । ସୁତରାଂ ମୁଁ ଗୋପନରେ ଆପଣଙ୍କ ବାସନା ପୂରଣ କରିବି । ତାହା ହେଲେ କେହି ଶୁଣା ଗୁଣା ପାଇବେ ନାହିଁ ।" କାଜୀ କହିଲେ ତେବେ କେଉଁ ସ୍ଥାନରେ କେବେ ସେହି କର୍ମ ହେବ ? ଛଳନା ଜମିଲା କହିଲା "ମହାଶୟ, ରାତି ଦେଢ ପ୍ରହର ସମୟେ ଆମ୍ଭ ଘରକୁ ଆସିବେ । ବୃଦ୍ଧ ରୋଗଗ୍ରସ୍ତ ଚଳିବାକୁ ଅଶକ୍ତ ମୋହର ଗୋରସ୍ତ ଘରର ଏକ କୋଣରେ ପଡ଼ିଥିବେ । ଆମ୍ଭେ ଦୁହେଁ ଘରେ ପଲଙ୍କ ଉପରେ ମହା ମଉଜରେ ରାତ୍ରି ଯାପନ କରିବୁଁ । କାଜୀ "ସେତିକି ହେଲେ ଆମ୍ଭର ଅରମାନ ମେଣ୍ଟିଲା" କହି ଯିବାକୁ ରାଜି ହେଲେ । ଜମିଲା ତାହାଙ୍କୁ ଅନ୍ତର ପ୍ରେମ ବାତୁଲ କରିବା ଲାଗି ମୁଖର ଘୋମଟା ଉଠାଇ ପ୍ରେମ-ପୂର୍ଣ୍ଣ ଚାହାଣି ଚାହିଁ ବିଦାୟ ହେଲା । ଅନନ୍ତର ରାଜପ୍ରତିନିଧିଙ୍କ ନିକଟକୁ ଯାଇ ଆପଣାର ସୁମିଷ୍ଟ ଓ ଲୋଭ ପୂର୍ଣ୍ଣ କଥାରେ ତାଙ୍କର ମନ ଅଧିକତର ମତାଇ ରାତ୍ର ଦୁଇ ପ୍ରହର ସମୟେ ନିଜ ଘରେ ତାଙ୍କ ମନ ରସାଇବାର ଆଶା ଦେଇ ଘରକୁ ଗଲା ।

ଘରେ ପହୁଞ୍ଚି ଈଶ୍ୱରଙ୍କୁ ଆପଣ ସତୀତ୍ୱ ସମର୍ପଣ କରି କହିଲା "ହେ ଜଗଦୀଶ୍ୱର ତୁମ୍ଭେ ଶିଷ୍ଟପାଳକ ଓ ସତୀର ସତୀତ୍ୱରକ୍ଷକ । ତୁମ୍ଭ ବିନା ଅନ୍ୟ କେହି ଲଜ୍ଜା ନିବାରକ ନୁହେ । ତୁମ୍ଭେ ଲମ୍ପଟମାନଙ୍କର ଅତ୍ୟାଚାରରୁ ଦାସୀର ଧର୍ମ ରକ୍ଷା କର । ତଦନନ୍ତର ଶଯ୍ୟାଗୃହ ସୁସଜ୍ଜିତ କଲେ ଏବଂ ଅତିଥିଙ୍କର ଆହାରର ଉପଯୁକ୍ତ ଫଳ, ମୂଳ ମିଷ୍ଟାନ୍ନାଦି ବଜାରରୁ

Digitized by PPRACHIN, SOA

ଅଣାଇଲେ ଏବଂ ନଗରର ଜଣେ ବିଶ୍ୱାସୀ ସ୍ତ୍ରୀକୁ ଆପଣା ଚତୁରତା କରିବାର କଥା ଜଣାଇ ତାହାର ସାହାଯ୍ୟ ପ୍ରାର୍ଥନା କଲେ । ରାତ୍ରି ପ୍ରହରକ ସମୟରେ ଚିକିତ୍ସକ ସୁସଜ୍ଜିତ ହୋଇ ରସିକ ବେଶେ ଆସି ଦ୍ୱାରେ କରାଘାତ କଲା । ସୁନ୍ଦରୀ ଦ୍ୱାର ଖୋଲି ବୈଦ୍ୟର କର ଧରି ଭିତରକୁ ଆଣିଲା । ଭିତରେ ପଦକ୍ଷେପନ୍ତେ ସତେ ଯେପରି ସମସ୍ତ ବାସନା ଏହିକ୍ଷଣି ପୂର୍ଣ୍ଣ ହୋଇଯିବ ଭାବି ବୈଦ୍ୟ ଅତ୍ୟନ୍ତ ଆନନ୍ଦିତ ହୋଇ ଆଣିଥିବା ଦୁଇ ହଜାର ଟଙ୍କା ଏବଂ ହାତରେ ଥିବ ବହୁମୂଲ୍ୟ ହୀରାର ଅଙ୍ଗୁରୀ ପ୍ରଦାନ କରି କହିଲା ସୁନ୍ଦରୀ ତୁମ୍ଭେ ଯେପରି ରୂପବତୀ ଏହି ସାମାନ୍ୟ ଦ୍ରବ୍ୟ ତାହାର ଯୋଗ୍ୟ ଉପହାର ନୁହେ । ରମଣୀ ହସି "ତାହା ପାଇଁ ଭାବନା କଣ ? ଯେତେବେଳେ ଆପଣ ଅନୁଗ୍ରହ କରି ମତେ ଆପଣାରବୋଲି ମଣିଛନ୍ତି, ସେତେବେଳେ ଆପଣଙ୍କର ସମସ୍ତ ମୋହର ଅଟେ" କହି ହାତରେ ହାତ ଦେଇ ମିଷ୍ଟାଳାପ ଦ୍ୱାରା ମନ ମୋହି ପୁଣି କହିଲା "ନାଗର, ରାତ୍ରି ଅଧିକ ହେଲାଣି । ଏବେ ରସିକ ବେଶ ଛାଡ଼ି ଶୟନ ବସ୍ତ୍ର ପରିଧାନ କରି ସୁଖ ଭୋଗ ନିମନ୍ତେ ପ୍ରସ୍ତୁତ ହୁଅ ।" ସୁନ୍ଦରୀର କଥା ଶୁଣି ଚିକିତ୍ସକ ଅତି ପୁଲକିତ ହୋଇ ଖଣ୍ଡେ ପରିଧେୟ ବସ୍ତ୍ର ବ୍ୟତୀତ ଅନ୍ୟ ସବୁ ବାହାର କରି ଥୋଇ ଦେଲେ । ଏହି ସମୟେ ପଦାରେ ଦୁଇଜଣଙ୍କର କଥୋପକଥନ ଓ ଦ୍ୱାରେ କରାଘାତ ହେଉଥିବାର ଶୁଣାଗଲା । ବିଚକ୍ଷଣା ଜାଣିଲା କିଏ କରାଘାତ କରୁଅଛି ଜାଣିଆସିବାକୁ ଧୂର୍ତ୍ତିଦାସୀକୁ ପଠାଇଲା । ଦାସୀ ଅଳ୍ପକ୍ଷଣେ ଊର୍ଦ୍ଧ୍ୱଶ୍ୱାସେ ଦୌଡ଼ି ଆସି କହିଲା "ସାନ୍ତ୍ରାଣିଯେ, ସର୍ବନାଶ ତୁମ୍ଭର ଭାଇ ବିଦେଶରୁ ଉଅପସ ଅସି ଥିବାରୁ ଖାଉନ୍ଦ ତୁମ୍ଭ ସଙ୍ଗେ ତାହାଙ୍କୁ ସାକ୍ଷାତ କରାଇବାକୁ ସଙ୍ଗେ ଆଣିଛନ୍ତି ।" ଯୁବତୀ କହିଲା ହାୟ, କି ବିପତ୍ତି, ଆମ୍ଭମାନଙ୍କର ପ୍ରେମର ସୁଖୋତ୍ପତ୍ତି ସମୟେ ଭାଇ କାହୁଁ ଆସି ଜୁଟିଗଲେ, ଯାହା ହେଉ ବର୍ତ୍ତମାନ ଉପାୟ କଣ ? ସେମାନେ ବୈଦ୍ୟଙ୍କୁ ଏଠାରେ ଦେଖିଲେ ଆମ୍ଭମାନଙ୍କୁ ଗୋଟିଏ୨ କରି ବଧ କରିବେ । ଦାସୀ କହିଲା ଭାବନା ନାହିଁ, ମୁଁ ବୈଦ୍ୟଙ୍କୁ ନେଇ ବଡ଼ ସିନ୍ଦୁକରେ ଥୋଇ ଆସୁଛି ।

Digitized by PPRACHIN, SOA

ତୁମ୍ଭର ତାଲ ଟେର ପାଇବେ ନାହିଁ । ତାଙ୍କର କଥାପରେ ବାହାର କରି ଅଣି ତୁମ୍ଭଠାରେ ଭେଟାଇବ । ଯେତେବେଳେ ତୁହେଁ ମଉଜ କରିବ । ଏହା କି ବେଶ୍ ଉପାୟ ନୁହେଁ ? ଜମିଲା କହିଲେ ଆରେ ବାହାଃ ଏତ ବେଶ୍ ଭଲବୁଦ୍ଧି ବାହାର କଲ ! ବୈଦ୍ୟ ମହାରାଜ, ଆପଣ କିଛୁକ୍ଷଣ ସିନ୍ଦୁକରେ ବନ୍ଦୀ କରନ୍ତୁ, ରାତି ହେଲେ ଆପଣଙ୍କୁ ଅଣାଇ ସୁଖେ ରାତି ପୁହାଇବୁ । ହାକମ ସାହେବ ମନ ଖୁସ କରି ଏହି ପ୍ରସ୍ତାବରେ ସମ୍ମତ ହୋଇ ଦାସୀ ସଙ୍ଗେ ଚଳିଲେ । ଦାସୀ ତାହାଙ୍କୁ ସିନ୍ଦୁକରେ ପୂରାଇ ତାଙ୍କୁଞ୍ଚି ଉପର ଭଲରୂପେ ଚାବିଦେଇ ବିବି ନିକଟକୁ ଫେରି ଆସିଲା । ଯୁବତୀ ହସି ହସି କହିଲା ଗୋଟିଏ ଶିକାର ଜାଲରେ ପଡ଼ିଲା । ଆଉ ଦୁଇଟି ଜଞ୍ଜାଳ ଟଳେ ମନୁଷ୍ୟ ଉଦ୍ଧାର ପାଇବ । ଏହିପରି କଥାବାର୍ତ୍ତା ହେବା ସମୟରେ ଦ୍ୱାରେ ପୁଣି କରାଘାତ ହେଲା । ଦାସୀ କବାଟ ଫିଟାଇ ପଚାରିଲା କିଏ ସେ ? ବଗୃରକ କହିଲେ ଆମ୍ଭେ ଅମୁକ, ତୁମ୍ଭର ବିବି ଡାକିଥିଲେ, ତାଙ୍କ ପାଖକୁ ଆସିଛୁ । ଦାସୀ କହିଲା, "ଧୀରେ ଆସନ୍ତୁ, ନତୁବା ମୁନିବ ଉଠିଲେ ସବୁ ସୁଖ ଭାଙ୍ଗିଯିବ ।" ବଗୃରପରି ତାହାର ଉପଦେଶାନୁସାରେ ଧୀରେ ଧୀରେ ଆସି ଯୁବତୀଙ୍କୁ ମୂଲ୍ୟବାନ ଚହ୍ନର ମୁଦ୍ରା ଉପଢୌକନ ଦେଇ ତାହାର ମନୋହରରୂପ ଓ ଅସାମାନ୍ୟଗୁଣର ପ୍ରଶଂସା କଲେ । ସୁନ୍ଦରୀ ତାଙ୍କର ହାତଧରି ଅତି ସମାଦର ସହିତ ପଲଙ୍କରେ ବସାଇ ଚତୁରତା ପୂର୍ଣ୍ଣ ମିଷ୍ଟକଥାରେ ମନ ଭୁଲାଇବାକୁ ଲାଗିଲେ । ବଗୃରକ କଥାବାର୍ତ୍ତାରେ ବେଳ ଯାଉଛି ଦେଖି ଅସଲ କାର୍ଯ୍ୟ ପାଇଁ ଚଞ୍ଚଳ ହୁଅନ୍ତେ, ଛଇଳା ଜମିଲା କହିଲା "ରସିକବର. ଭଲ ଲୁଗା ବାହାର୍ କର, ପଛ ଶୋଚ କେଣି କି ନାହିଁ, ମୁଁ ଠିଆ ଠିଆ ଚାହିଁ ଅଛୁଛି । ବଗୃରକ ଶୀଘ୍ର ସୁଖଭୋଗ ଆଶାରେ ପୁଲକିତ ହୋଇ ଦେହରୁ ଲୁଗାଗୁଡ଼ାକ ବାହାର କରିବାରେ ନିଯୁକ୍ତ ହେଲେ । ଅଳ୍ପକ୍ଷଣପରେ ବାହାରେ କେତେକ ଜଣ କଥାବାର୍ତ୍ତା ହେଉଥିବାର ଶବ୍ଦ ଶୁଣାଗଲା ଏବଂ ସଙ୍ଗେ ସଙ୍ଗେ ରମଣୀ କନ୍ଦନ କରୁ କରୁ ଅସି କହିଲା, "ମହାଶୟ, ଆମ୍ଭ ଘରର ଜଣେ ବୁଢ଼ା ଦାସୀ ଯେ କି ସ୍ୱାମୀଙ୍କର ଅତ୍ୟନ୍ତ ବିଶ୍ୱାସୀ, ଆମ୍ଭମାନଙ୍କର

Digitized by PPRACHIN, SOA

ଏହି ଗୁପ୍ତ ପ୍ରଣୟର ଖବର ଓ ଆପଣଙ୍କର ଶୁଭାଗମନର ଭେଟି ପାଇ ତାଙ୍କଠାରେ ଖତ ଲଗାଇ ଦେଲା । ସେହି ଘରପୋଡ଼ା ତାହାର କଥାରେ ମାତ୍ର ପ୍ରଶଂସା ନେବାପାଇଁ ବାତୁଳ ପରି ହୋଇ ପିତାଙ୍କ ନିକଟକୁ ଯାଇ ତାହାଙ୍କୁ ଠିକଣାର କଥା ଜଣାଇବାରୁ ସେ ଲଜ୍ଜାନ୍ୱିତ ହୋଇ କେତେକ ଜଣ ଗୁଣ୍ଡାର ସହିତ ଆସୁଅଛନ୍ତି ।" କାଜି କହିଲେ ସୁନ୍ଦରି, ସେଥିପାଇଁ ଭୟ କରନା । ତୁମ୍ଭର ପିତା ଓ ଭର୍ତ୍ତା ଉଭୟେ ଆମ୍ଭର ଅନୁଗତ, କଟାକ୍ଷ ପାତରେ ସେମାନଙ୍କୁ ସମ୍ମତ କରିଦେବୁଁ । ରମଣୀ କହିଲା, ମହାଭାଗ, ସେତ ସତକଥା ଯେ ଆପଣଙ୍କ ପ୍ରତାପରେ ଧରଣୀ କମ୍ପୁଅଛି । ମାତ୍ର ଏହିକ୍ଷଣି ଆପଣ ଏକାକୀ, ସେମାନେ ଅନେକ ଲୋକ ଅଛନ୍ତି ଆପଣଙ୍କ କ୍ଷମତାକୁ ନ ଡରି ପିଟାପିଟି କଲେ ଆପଣଙ୍କର ମହତ୍ତ୍ୱ ବୃଥାରେ ନଷ୍ଟ ଓ ଦେହ କଷ୍ଟ ପାଇବ । ମୋହର ମଧ୍ୟ ସତୀତ୍ୱର ସୁଖ୍ୟାତି ଛାରଖାର ହେବ ଓ ମୁଁ ନାରୀସମାଜରେ ବିଶେଷ ଲାଜ ପାଇବି । ଏହି କଥା କହି ଚତୁରୀ କାନ୍ଦିବାକୁ ଲାଗିଲା । ତାହାର ଯୁକ୍ତିପୂର୍ଣ୍ଣ କଥାରେ କାଜୀର ଜ୍ଞାନୋଦୟ ହେଲା ଏବଂ ସେ ନିଜ ସମ୍ମାନ ରକ୍ଷା ନିମିତ୍ତ ବ୍ୟସ୍ତଭାବେ ପଳାୟନ ବାଟ ଅନ୍ୱେଷଣ କରିବାକୁ ଲାଗିଲେ । ମାତ୍ର ଘରେ ଗୋଟିଏ ଦ୍ୱାର, ସେଠାରେ ଲୋକମାନେ ଉପସ୍ଥିତ, ଯିବେ କେଉଁଆଡ଼େ. ଏହି ଚିନ୍ତାରେ ଅସ୍ଥିର ହେଲେ । ବିଚକ୍ଷଣା ଦାସୀ ସୁଯୋଗ ଦେଖି କହିଲା, ଧର୍ମାବତାର, ଏତେ ଡର କାହିଁକି ? ମୋହର କଥାମାନ କରୁକ୍ଷଣି ସିନ୍ଦୁକରେ ରହିବାକୁ ରାଜି ହୁଅନ୍ତୁ । ମୁଁ ଆପଣଙ୍କୁ ସେଥିରେ ଠିକଣା କରି ରଖିଦେଇ ନିଜ କଥାଦ୍ୱାରା ସେମାନଙ୍କର ବୁଦ୍ଧିବଣା କରିଦେବି ଏବଂ ସେମାନେ ଏଣେତେଣେ ଖୋଜି ଆପଣଙ୍କର ସନ୍ଧାନ ନ ପାଇ ଅପ୍ରସ୍ତୁତ ହୋଇ ବାହୁଡ଼ି ଯିବେ । ତେଣିକି ଆପଣ ସିନ୍ଦୁକରୁ ବାହାରି ଅବାଧେ ନାଗରୀ ସଙ୍ଗେ ରାତି କଟାଇବେ । କାଜି ସମ୍ମାନରକ୍ଷାର ଉପାୟ ନ ଦେଖି ଅଗତ୍ୟା ତାହା କରିବାକୁ ରାଜି ହେବାରୁ ଚତୁରୀ ତାହାଙ୍କୁ ସିନ୍ଦୁକରେ ପୂରାଇ ତାଲାଦେଇ ଆସିଲା । ଏ ପାପ ମଧ୍ୟ ଟଳିଲା, ଦେଖି ଜମିଲା ହସ ହସ ମୁଖେ କହିଲା ବୁଢ଼ା ଲମ୍ପଟଙ୍କର ମୁହଁ କଳା ହେଲା । ଏଥର ବନ୍ଧୁ

Digitized by PPRACHIN, SOA

ଜନ୍ତୁର ପାଲା, ଏହାର ହାତରୁ ଅବଳାର ଇଜତ ରଖିବାକୁ ଏକା ଅଲା ତାଲା ଭରସା । ତାହାଙ୍କୁହିଁ ଡ଼ାକୁଥିବ ।

ଅଳ୍ପକ୍ଷଣ ପରେ ରାଜପ୍ରତିନଧି ନାଗର ବେଶ ସାଜି ଦ୍ୱାରେ କରାଘାତ କଲେ । ଦାସୀ ଆସି ତାହାଙ୍କୁ ଘର ମଧ୍ୟକୁ ଘେନିଗଲା । ବଣିକ ପ୍ରିୟା ତାହାଙ୍କୁ ଅତି ଆଦରରେ ବସାଇ ଆପେ ପାଖେ ବସି ମଧୁର କଥାରେ ମନ ତୋଷ କରିବାକୁ ଲାଗିଲା । କଥାରେ କଥାରେ ଉତ୍କଣ୍ଠ ହେଉଅଛି ଦେଖି ରାଜପ୍ରତିନଧି ଶୀଘ୍ର ମାନସ ସିଦ୍ଧି ନିମିତ୍ତ ଜିଦ୍ କଲେ । ନାରୀ ଏହାଙ୍କ କବଳରୁ ଉଦ୍ଧରିବାର ଉପାୟ ନ ଦେଖି ସତୀର ସତୀତ୍ୱ ରକ୍ଷାକାରୀ ପ୍ରଭୁ ଦୈତ୍ୟାରିଙ୍କୁ ଡ଼ାକିଲା । ଏହି ସମୟରେ ଦୈବଯୋଗେ ଅନେକ ଲୋକ ବାଟରେ ଯିବାରୁ ସେମାନଙ୍କ ପଦ ଶବ୍ଦରେ ଘର ଉତ୍କୁଳ ପଡ଼ିଲା । ଦାସୀ କଏ ବାହାରେ ଅଛନ୍ତି ଦେଖିବାକୁ ଯାଇ ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱଶ୍ୱାସେ ଫେରିଆସି କହିଲା, ସର୍ବନାଶ ମୁନିବ ବୈଦ୍ୟ ନାମରେ ଯେଉଁ ଦରଖାସ୍ତ କରିଥିଲେ ତାହା ତଦନ୍ତ କରିବାକୁ ରଜା ମନ୍ତ୍ରୀଙ୍କୁ ଆଦେଶ କରିଥିବାରୁ ମନ୍ତ୍ରୀ ବୈଦ୍ୟକୁ ଧରି ଅନେକ ପ୍ରହରୀ ସହିତ ଦ୍ୱାରେ ଉପସ୍ଥିତ ହୋଇ ମୁନିବଙ୍କୁ ଖୋଜୁ ଅଛନ୍ତି । ସେ ଗଲେ ସମସ୍ତ ଭୃତ୍ୟର ଯବାନବନ୍ଦି ନେବାକୁ ଏଠାକୁ ଆସିବେ । ମନ୍ତ୍ରୀ ଆସିଥିବାର ଶୁଣି ପ୍ରତିନଧିଙ୍କର ବୁଦ୍ଧି ଉଡ଼ିଗଲା । ସେ ପାଗଳପରି ହୋଇ କହିଲେ ହାୟ, ବୁଢ଼ାର କି ଏ ତଦନ୍ତର ବେଳା ? ଆମ୍ଭର କ୍ରୀଡ଼ାବେଳେ ଆସି ସବୁ ସୁଖ ମାଟିକରି ଦେଲା । ବର୍ତ୍ତମାନ ମୋହର ଉପାୟ କଣ ? ସେହି ଦୁର୍ଜନ ମୋତେ ଏଠାରେ ଦେଖିଲେ ଶତଗୁଣ କରି ରାଜାଙ୍କଠାରେ କହି ଅତ୍ୟନ୍ତ ଅପମାନିତ କରାଇବ । ମୁଁ କଣ କରିବି କେଉଁଠାରେ ଲୁଚି ବସିଲେ, ତାହାର ଦୃଷ୍ଟିରୁ ବଞ୍ଚିବି ? ପରଗୃହିକା କହିଲା ତାହାପାଇଁ ଦରକାନାହିଁ । ଆପଣ ଏକା ମୋହର କଥା ମାନି ଅଳ୍ପକ୍ଷଣ ପାଇଁ ସିନ୍ଦୁକରେ ବନ୍ଦ ହେବାକୁ ସମ୍ମତ ହେଲେ ସବୁ ଶଙ୍କା ଦୂର ହେବ । ସେମାନେ ଗଲାପରେ, ମୁଁ ଆପଣଙ୍କୁ ସିନ୍ଦୁକରୁ ବାହାର କରି ଆଣିବି । ଆପଣ ସେତେବେଳେ ନିଶ୍ଚିନ୍ତରେ ରସିକା ସଙ୍ଗେ

Digitized by PPRACHIN, SOA

ଶାନ୍ତି ଯାପନ କରିବେ । ପ୍ରତିନାଥ ମର୍ଯ୍ୟାଦା ରକ୍ଷାର ଉପଯୁକ୍ତ ନ ଦେଖି ସିନ୍ଧୁକରେ ବନ୍ଦ ହେବାକୁ ପସନ୍ଦ କରିବାରୁ ଦାସୀ ତାହାଙ୍କୁ ବନ୍ଦ କରିଦେଲା । ତଦନନ୍ତର ପତିବ୍ରତା ସତୀଶ୍ରେଷ୍ଠା ବଣିକ କାନ୍ତା ଅତି ଆନନ୍ଦିତା ହୋଇ ପତି ନିକଟକୁ ଯାଇଁ ସକଳ ବୃତ୍ତାନ୍ତ ଜଣାଇଲା । ଲମ୍ପଟଙ୍କର ବେଶ୍ ଅନ୍ତ ହେଲା ଜାଣି ବୃଦ୍ଧ ସନ୍ତୁଷ୍ଟ ହୋଇ କହିଲେ, "ସତୀ ଦୁଷ୍ଟଙ୍କୁ ଆଉ କଣ ଶାସ୍ତି ଦେବାକୁ ଇଚ୍ଛା କରୁଛ ? ଜମିଲା କହିଲା ବର୍ତ୍ତମାନ ତୁମ୍ଭଙ୍କୁ କହିବ ନାହିଁ । ଯାହା କରିବ କାଲି ଶୁଣିବ ।

ଅନନ୍ତର ଯୁବତୀ ସକାଳୁ ଉଠି ଆମ୍ଭ ସଭାରେ ଆସି ପହଞ୍ଚିଲା । ଆମ୍ଭେ ତାହାର ଆସିବାର କାରଣ ପଚାରିବାକୁ ମନ୍ତ୍ରୀଙ୍କୁ କହିବାରୁ ସେ ତାହାକୁ ନିକଟକୁ ଡ଼କାଇଲେ । ରମଣୀ ସିଂହାସନ ନିକଟକୁ ଆସି ସସମ୍ମାନ ଅଭିବାଦନ ପୂର୍ବକ କରଯୋଡ଼ି କହିଲା "ପରମେଶ୍ୱର ମହାରାଜାଙ୍କର ଯଶଃ ଓ ଆୟୁଷ ବିଶେଷ କରନ୍ତୁ । ଶ୍ରୀମନ୍ତଙ୍କର ସୁଶାସନରେ ଆମ୍ଭେ ପ୍ରଜାଗଣ ଅତି ଶାନ୍ତିରେ କାଳ ଯାପନ କରୁଅଛୁଁ, ପ୍ରବଳ ଓ ଦୁର୍ବଳ ଏକ ମେଳରେ ରହୁ ଅଛନ୍ତି । କେହି କାହାର ପ୍ରତି କଟୁ କଟାକ୍ଷ କିମା ପ୍ରବଳ ଦୁର୍ବଳ ପ୍ରତି ଅତ୍ୟାଚାର କରିବାକୁ ସାହସୀ ହେଉ ନାହିଁ । କେବଳ ଏ ଦାସୀର ଦୁର୍ଭାଗ୍ୟ ବଶତଃ ଆପଙ୍କ ରାଜ୍ୟରେ ଗୋଟିଏ ଅଭୂତ ଅତ୍ୟାଚାରର ସୂତ୍ରପାତ ହୋଇଅଛି । ଅନୁମତି ହେଲେ ତାହା ନିବେଦନ କରିବ ।" ଆମ୍ଭେ ଅଭୟ ଦେବାରୁ ରମଣୀ କହିଲା "ମହାରାଜ, ଆପଣଙ୍କର ପ୍ରଜା ମଧ୍ୟେ ନୁରୁଲ୍ଲା ନାମରେ ଜଣେ ସଓଦାଗର ଅଛି; ଦାସୀ ତାହାର ସ୍ତ୍ରୀ । କିଛି ଦିନ ହେଲା ସଉଦାଗର ପୀଡ଼ାଗ୍ରସ୍ତ ଓ ବାଣିଜ୍ୟରେ ଅଶକ୍ତ ହୋଇ ନିତାନ୍ତ ଦରିଦ୍ର ହୋଇ ଅଛନ୍ତି । ଆମ୍ଭମାନଙ୍କର ଉତ୍ତମ ଅବସ୍ଥା ସମୟେ ଦାନସମନ୍ଦ ନାମକ ବୈଦ୍ୟ ସହସ୍ର ମୁଦ୍ରା ଋଣ ନେଇଥିଲା । ସ୍ୱାମୀଙ୍କର ଆଦେଶାନୁସାରେ ମୁଁ ଉକ୍ତ ମୁଦ୍ରା ଆଦାୟ ପାଇଁ ବୈଦ୍ୟ ନିକଟକୁ ଯିବାରୁ ସେ ତାହା ନ ଦେଇ ବରଂ କୁକର୍ମ ଦ୍ୱାରା ମୋହର ସତୀତ୍ୱ ନଷ୍ଟ କରିବାକୁ ପ୍ରଲୋଭନ ଓ ଭୟ ପ୍ରଦର୍ଶନ କଲା । ତାହାର ଅସତ୍ ବ୍ୟବହାରରେ ମୁଁ ଅପମାନିତ ହୋଇ ପ୍ରତିକାର ନିମିତ୍ତ କାଜୀଙ୍କଠାରେ ଉପସ୍ଥିତ ହେଲି । ବିଚାରପତି

Digitized by PPRACHIN, SOA

ବିଚାର କରିବା ଦୂରେ ଥାଉ ବରଂ ମୋହର ସତୀତ୍ୱ ନଷ୍ଟ କରିବା ନିମନ୍ତେ ବୈଦ୍ୟଙ୍କୁ ବଳ ଯବରଦସ୍ତି କଲେ । ଈଶ୍ୱରଙ୍କ ଅନୁଗ୍ରହରେ ମୁଁ ସେହି ଦୁର୍ମତଠାରୁ ମୁକ୍ତି ପାଇ ରାଜ ପ୍ରତିନିଧିଠାରେ ଉପସ୍ଥିତ ହୋଇ ସୁବିଚାର ପ୍ରାର୍ଥନା କଲି । ସେହି ଧୂର୍ତ୍ତ ଶସବତ୍ ସ୍ୱରୂପ ମୋହର ଇଜତ୍ ନେବାକୁ ଉଦ୍ୟତ ହେବାରୁ ସେଠାରୁ ପଳାଇ ଛାମୁରେ ଆଶ୍ରୟ ନେଲି । ଧର୍ମାବତାର ଆପଣ ସାକ୍ଷାତ୍ ଧର୍ମ । ନିଜ ସୁବିଚାରଦ୍ୱାରା ପ୍ରବଳର ଅତ୍ୟାଚାରରୁ ଅସହାୟାଙ୍କୁ ଉଦ୍ଧାର କରୁଅଛନ୍ତି । ସୁବିଚାର ପୂର୍ବକ ଦାସୀର ମାନହାନିର ପ୍ରତିବିଧାନ କରି ସୁଯଶ ଅର୍ଜନ କରନ୍ତୁ । ଆମ୍ଭେମାନେ ତାହାର ବର୍ଣ୍ଣନା ଶୁଣି ମନେ୨ କହିଲୁ ଏକ ଏଡ଼େ ସୁନ୍ଦରୀ ଯେ ଏହାର ଧର୍ମନାଶ କରିବା ନିମିତ୍ତ ଏଡ଼େ ମହତ୍ ଲୋକମାନେ ଧରାଧରି କରୁଥିଲେ । ନାରୀ ମାତ୍ରେ ଚତୁରୀ । ଏ ନିଜ ଚତୁରତାଦ୍ୱାରା ସମସ୍ତଙ୍କ ନାମେ ମିଥ୍ୟା ଗୁହାରୀ କରୁଅଛି । ଏହା ଭାବି ଅବିବେକତା ବଶତଃ ତାହାର ରୂପ ଦେଖିବାକୁ ମନେ କୌତୁହଳ ଜାତହେଲା ଏବଂ ଆମ୍ଭେ ପ୍ରକାଶ୍ୟେ କହିଲୁଁ "ଏ ରାଜ ଦରବାର; ଏଠାରେ ମୁଖେ ଓଢ଼ଣା ଦେଇ ଫେରାଦ ହେବାର ହୁକୁମ ନାହିଁ । ଯଦି ତୁମ୍ଭପ୍ରତି କେହି କିଛି ଅତ୍ୟାଚାର କରିଥାଏ ତାହା ହେଲେ ମୁଖ ଆବରଣ ଖୋଲି ପରିଷ୍କାର ଭାବେ କଥାକୁହ । ଆମ୍ଭର ହୁକୁମ ପାଇ ଜମୀଲା ମୁହଁର ଓଢ଼ଣା ଫିଟାଇ ଦେଲା । ଆବରଣ ଉନ୍ମୁକ୍ତ ହୁଅନ୍ତେ ମେଘ ବିମୁକ୍ତଶରଚନ୍ଦ୍ର ସଦୃଶ ଚନ୍ଦ୍ରବଦନ ସଭାଗୃହକୁ ଉଜ୍ଜ୍ୱଳ କଲା ଏବଂ ଆମ୍ଭେ ସମସ୍ତେ କ୍ଷଣକାଳ ବାକ୍ଶକ୍ତିହୀନ ଓ ଜ୍ଞାନଶୂନ୍ୟ ହେଲୁ । ପରେ ପ୍ରକୃତିସ୍ଥ ହୋଇ ଆମ୍ଭେ ମନେ୨ କହିଲୁଁ "ଧନ୍ୟ ଧନ୍ୟରେ ରୂପ, ଏହି ଅପରୂପ ରୂପ ଦେଖିଲେ କାଜୀ ଓ ପ୍ରତିନିଧି କଣ ସେମାନଙ୍କର ବାପ ସୁଦ୍ଧା ଚୂପ୍ ହୋଇ ବସି ପାରନ୍ତେ ନାହିଁ । ଏହି ସୁନ୍ଦରୀ ନିଜ ରୂପର ଦୋଷ ନ ଧରି ପର ନାମରେ ଗୁହାରି କରୁଛି କିଣ ? ଯାହାହେଉ ନିଜ କର୍ତ୍ତବ୍ୟ ପାଳନ ନିମିତ୍ତ ଏହାର ବିଚାର କରିବା ଉଚିତ ।" ପ୍ରକାଶ୍ୟେ କହିଲୁଁ, "ସୁନ୍ଦରି, ତୁମ୍ଭର ଦାବି ଅତି କଠିନ; କେବଳ ତୁମ୍ଭର କଥାରେ ବିଶ୍ୱାସ କରି

Digitized by PPRACHIN, SOA

ତାହା ନଷ୍ଟ ହୋଇ ପାରିବ ନାହିଁ । ପ୍ରମାଣ ନିମିତ୍ତ କୌଣସି ମାନବର ଲୋକ ଦରକାର, ତୁମ୍ଭେ ତାହା କରି ପାରିବ କି ?" ରମଣୀ କହିଲା ମୋହର ଧୃତକର ସାକ୍ଷୀ ଅଛନ୍ତି । ସେମାନଙ୍କୁ ଏଠାକୁ ଆଣାଇଲେ ଠିକ୍ ପ୍ରମାଣ ମିଳିବ । ସାକ୍ଷୀଙ୍କର ବାସସ୍ଥାନ ପଚାରିବାରୁ ସେମାନେ ତାହାର ଘରେ ଅଛନ୍ତି କହିଲା ।

ସଓଦାଗର ଘରୁ ସାକ୍ଷୀମାନଙ୍କୁ ଆଣିବା ନିମିତ୍ତ କେତେକ ପ୍ରହରୀ ପଠାଇଲୁଁ । ସେମାନେ ଅଳ୍ପକ୍ଷଣ ପରେ ଗୋଟାଏ ଗାଡ଼ିରେ ତିନୋଟା ସିନ୍ଦୁକ ବୋଝାଇ କରି ଆଣିଲେ । ଆମ୍ଭେମାନେ ମନୁଷ୍ୟ ପରିବର୍ତ୍ତେ ସିନ୍ଦୁକ ଆସିଥିବାର ଦେଖି "ଏଗୁଡ଼ା କଣ ହେବ" ପଚାରିବାରୁ ରମଣୀ ତିନୋଟା ଚାବି ଦେଇ କହିଲା "ହଜୁର ! ମୋହର ସାକ୍ଷୀମାନେ ପରାଧୀନ ହେତୁ ସିନ୍ଦୁକରେ ଆସୀନ ହୋଇ ଅଛନ୍ତି ଆପଣ ତାଲା ଫିଟାଇ ବାହାରକୁ ଆଣନ୍ତୁ, ସେମାନେ ସବୁକଥା କହିବେ । ଆମ୍ଭେ ରମଣୀର କଥାମତେ ତାଲା ଫିଟାଇ ଦେଖିଲୁ ତିନୋଟି ପୁରୁଷ ଲଜ୍ଜା ବଶତଃ ଆପଣା ମସ୍ତକ ନୁଆଇଁ କରି ବସିଅଛନ୍ତି, ଆମ୍ଭର ଆଦେଶ ମତେ ବାହାରକୁ ବାହାରିବାରୁ ଦେଖିଲୁ ସେମାନେ ଅନ୍ୟ କେହି ନୁହନ୍ତି । ନିଜେ ଆସାମୀ ବୈଦ୍ୟ, କାଜୀ ଓ ରାଜପ୍ରତିନିଧି ଅଟନ୍ତି । ଆମ୍ଭେ ସେମାନଙ୍କୁ ଦେଖି ବିସ୍ମିତ ହୋଇ କିପରି ଫାନ୍ଦରେ ପଡ଼ିଲେ ପଚାରିବାରୁ ତରୁଣୀ ନାରୀ ଆପଣା ବାହାଦୁରୀର କଥାମାନ ଶୁଣାଇଲା । ଆମ୍ଭେ ସମସ୍ତେ ତାହାର ଅଦ୍ଭୁତ କୌଶଳ କଥା ଶୁଣି ମୋହିତ ଏବଂ ତାହାର ଅସାମାନ୍ୟ ଲାବଣ୍ୟ ଓ ଅସାଧାରଣ ଗୁଣ ନିମିତ୍ତ ଧନ୍ୟ୨ କଲୁ । ପରେ ବନ୍ଦୀମାନଙ୍କ ଏପରି କୁକର୍ମରେ ସାହସୀ ହେବାର କାରଣ ପଚାରିବାରୁ ସେମାନେ କରଯୋଡ଼ି କହିଲେ "ମହାଭାଗ, ଆମ୍ଭେମାନେ ନିଜ ଅପରାଧ ନିମିତ୍ତ କଠିନ ଦଣ୍ଡ ପାଇବାର ଉପଯୁକ୍ତ ଅଟୁଁ, ତଥାପି ଶ୍ରୀମୁଖରେ ନିବେଦନ ଦାସ ଗଣଙ୍କର ଦଣ୍ଡବିଧାନ କରିବ । ପୂର୍ବେ ଆପଣ ଥରେ ଏହି ରମଣୀର ରୂପ-ଲାବଣ୍ୟ ସନ୍ଦର୍ଶନ କରନ୍ତୁ, ତାହାହେଲେ ସହଜରେ ପ୍ରତୀୟମାନ ହେବ ଯେ ଆମ୍ଭେମାନେ ଜ୍ଞାନବଳେ ଉକ୍ତ ଦୁଷ୍କୃତରେ ମତ୍ତ କରନାହୁଁ । ରମଣୀର ସୌନ୍ଦର୍ଯ୍ୟ ଆମ୍ଭମାନଙ୍କୁ ଅଧୈର୍ଯ୍ୟ କରିବାରୁ ଆମ୍ଭେମାନେ ସେହି କଦର୍ଯ୍ୟ

Digitized by PPRACHIN, SOA

କାର୍ଯ୍ୟରେ ମନ ବଳାଉଥିଲୁଁ । ଆମ୍ଭେ ସେମାନଙ୍କର ଯୁକ୍ତିପୂର୍ଣ୍ଣ କଥାଶୁଣି କଲିକାତାର ମହର୍ଷି କବିବର ଭକ୍ତିଭାଜନ ରାୟ ମଧୁସୂଦନଙ୍କର "ଆତ୍ମଜ୍ଞାନ ସର୍ବଜ୍ଞାନର ସତ୍ୟତାର ପରିମାପକ ଅଟେ" ଏହି ମହଦୁକ୍ତି ସ୍ମରଣ ପୂର୍ବକ ସେମାନେ ପ୍ରକୃତ ନିର୍ଦ୍ଦୋଷୀ ବୋଲି ପ୍ରତିପନ୍ନ କଲୁ । ମାତ୍ର ନିଜ ସୁଶାସନର ଗୌରବ ରକ୍ଷା ନିମିତ୍ତ ପ୍ରତ୍ୟେକଠାରେ ଏକ ସହସ୍ର ସ୍ୱର୍ଣ୍ଣ ମୁଦ୍ରା ରମଣୀର କ୍ଷତି ପୂରଣ ନିର୍ଦ୍ଧାରଣ କରି ତାହା ଗୁପ୍ତ ଭାବେ ଆପଣା ତହବିଲରୁ ସେମାନଙ୍କ ଦ୍ୱାରା ତାହାକୁ ଦେଇ ବିଦାୟ କଲୁଁ । ସୁବର୍ଣ୍ଣରେ ରମଣୀ ସନ୍ତୁଷ୍ଟ ହେଲା ସତ୍ୟ, ମାତ୍ର କୃତଜ୍ଞତା ପ୍ରକାଶ ପରିବର୍ତ୍ତେ ନିଜସୌନ୍ଦର୍ଯ୍ୟ ଶୃଙ୍ଖଳରେ ମୋହର ମାନସକୁରଙ୍ଗ ବନ୍ଧନ କରି ଘେନିଗଲା । ସେ ଦିନରୁ ଅନ୍ତର ହୁଅନ୍ତେ ରାଜକାର୍ଯ୍ୟରେ ମୋହର ମନ ଲାଗିଲା ନାହିଁ । ମୁଁ ଦରବାର ବରଖାସ୍ତ କରି ଅନ୍ତଃପୁରକୁ ଗଲି । ସେଠାରେ ମଧ୍ୟ ମନସ୍ଥିର ହେଲା ନାହିଁ କିମ୍ବା ପାନ ଭୋଜନରେ ମନ ଲାଗିଲା ନାହିଁ । ଶୟନେ ସ୍ୱପନେ ସବୁବେଳେ ତାହାର ଧ୍ୟାନ ମୋତେ ଅସ୍ଥିର କରିବାକୁ ଲାଗିଲା । ଅତିକଷ୍ଟେ ଦୁଇ ତିନି ଦିନ କଟାଇ ଦିନେ ଗୋଟାଏ ଉପାୟ ପାଇ ତାହାର ସ୍ୱାମୀକି ଡକାଇ ପଠାଇଲି । ସେ ଦୂତଠାରୁ ଆହ୍ୱାନବାର୍ତ୍ତା ଶୁଣି ଅସ୍ତ ବ୍ୟସ୍ତ ଆସି ଦରବାରରେ ପହୁଞ୍ଚିଲା । ଆମ୍ଭେ ତାକୁ ଅତି ଆଦରେ ବସାଇ କହିଲୁ ଖ୍ୱାଜାଜୀ, ଆମ୍ଭେ ତୁମ୍ଭର ସକଳ ବୃତ୍ତାନ୍ତ ଶୁଣିଅଛୁ । ମନ୍ଦଗ୍ରହ ଯୋଗେ ତୁମ୍ଭେ ପୀଡିତ ଓ ଦୈନ୍ୟ ପତିତ ହୋଇ ବହୁତ କଷ୍ଟପାଇଅଛ । ଯାହା ହେଉ ବର୍ତ୍ତମାନ ତୁମ୍ଭ ଉପରୁ ଶନିର ଦୃଷ୍ଟି ଅନ୍ତର ହୋଇ ସୁନକ୍ଷତ୍ର ଚଳିଅଛି କାରଣ ଆମ୍ଭର ସୁଦୃଷ୍ଟି ତୁମ୍ଭ ଉପରେ ପଡିଅଛି । ଆମ୍ଭେ ତୁମ୍ଭକୁ ପ୍ରଚୁର ଧନଦେଇ କ୍ଷଣକେ କୁବେର ବନାଇ ଦେବୁଁ ସେଥି ନିମିତ୍ତ ଆମ୍ଭର ଗୋଟିଏ ଅନୁରୋଧ ରକ୍ଷା କରିବାକୁ ହେବ । ତୁମ୍ଭର ସ୍ତ୍ରୀ ଏଠାକୁ ଆସି ଆମ୍ଭର ମନ ଚୋରିକରି ଘେନିଗଲା । ଆମ୍ଭେ ରାଜ୍ୟେଶ୍ୱର ହୋଇ ସୁଦ୍ଧା ଏହାର ବିଚାର ଭାର ତୁମ୍ଭ ହସ୍ତେ ଦେଇ ଅନୁରୋଧ କରୁଅଛୁ ଯେ ତୁମ୍ଭେ ସ୍ନେହଦୋଷେ ତାହାକୁ ବର୍ଜନ କରି ଆମ୍ଭର ଜୀବନ ରକ୍ଷାକର ।

Digitized by PPRACHIN, SOA

ଅନ୍ୟ ସ୍ତ୍ରୀ ବିବାହ କରିବାର ଇଚ୍ଛାଥିଲେ ରାଜ୍ୟରେ ଅନେକ ସୁନ୍ଦରୀ ସୁଲକ୍ଷଣୀ ନାରୀ ଅଛନ୍ତି; ଯାହାଙ୍କୁ ଇଚ୍ଛା ପସନ୍ଦ କରି ବିବାହ କରାଇ ଦେବୁଁ । ସଉଦାଗର ଅମୀର ପ୍ରସ୍ତାବ ଶୁଣି କ୍ଷଣକାଳ ମୌନଭାବେ ବସି ପରେ କହିଲା "ମହାଭାଗ, ଶ୍ରୀମନ୍ଙ୍କର ଆଦେଶ ଅଲଙ୍ଘନୀୟ ଥିଲେହେଁ ଏ ସ୍ଥଳେ ତାହା ପାଳନ କରି ସହଜ ନୁହେ । କାରଣ ପତିବ୍ରତା ସ୍ୱାମୀ ଅନୁଗତା ସ୍ତ୍ରୀ ଗୃହର ଲକ୍ଷ୍ମୀ ଦେବତା ସ୍ୱରୂପ ଅଟେ । ଧନ ମାତ୍ରରେ ପତି ତାହାକୁ ତ୍ୟାଗକରି ଅମନୁଷ୍ୟର କର୍ମ ଅଟେ । ପୁନଶ୍ଚ ମୋହର ପତ୍ନୀ ଯେ ମୋହର କେତେ ଅନୁରାଗିଣୀ ତାହା ଶ୍ରୀମୁ ଭଲରୂପେ ଜାଣିଅଛନ୍ତି । ଏପରି ପତିସୋହାଗିନୀ ରମଣୀକୁ ପରିତ୍ୟାଗ କରି ଧରଣୀରେ ରହିବା ପୁରୁଷପକ୍ଷେ ବିଶେଷ ନିନ୍ଦାର କଥା ତଥାପି "ମହତି ଦେବତାହ୍ୟେଷା ନର ରୂପେଣ ତିଷ୍ଠତି" ଏହି ଦେବବାକ୍ୟ ଯାହାଙ୍କ ପାଇଁ ପ୍ରଯୁଜ୍ୟ; ଯେ ଆମ୍ଭମାନଙ୍କର ଦେବତା ସଦୃଶ ମାନ୍ୟ ତାହାଙ୍କ ଆଦେଶରେ ସାମାନ୍ୟ ସ୍ତ୍ରୀ ବର୍ଜନ କରିବାକୁ ବିମୁଖ ହେବା ପ୍ରଜାର କର୍ତ୍ତବ୍ୟ ନୁହେଁ; ସୁତରାଂ ଶ୍ରୀମାନଙ୍କର ଆଦେଶ ଶିରୋଧାର୍ଯ୍ୟ କରି ଘରକୁ ଯାଉଛି । କୌଶଳ କ୍ରମେ ଆପଣଙ୍କ ପ୍ରସ୍ତାବରେ ତାହାକୁ ସମ୍ମତ କରାଇ ଅନନ୍ଦ ମନେ ବର୍ଜନ କରିବି ।" ଅମୀରଙ୍କୁ ଏହିପରି ସ୍ତୋକଦେଇ ସେହି ଭଲ ଲୋକ ନିଜଘରକୁ ଯାଇ ନିଜଭାର୍ଯ୍ୟାକୁ ସମସ୍ତ କଥା ଜଣାଇ ଅମୀପାଇଁ ତାହାକୁ ଅନେକ ପ୍ରକାର ବୁଝାଇ କହିଲା "ପ୍ରେୟସି ତୁମ୍ଭେ ମହିଷୀ ହେବ; ଏଥିଁ ବଳି ଆଉ ଖୁସିର କଥା କଣ ? ତୁମ୍ଭେ ସୁନ୍ଦରୀ ଶ୍ରେଷ୍ଠ ଏହି ରୋଗଗ୍ରସ୍ତ ଅଶକ୍ତ ବୃଦ୍ଧ ଦରିଦ୍ରର ଉପଯୁକ୍ତ ନୁହ, ଏତେ ଦିନେ ବିଧାତାଙ୍କର ଦୃଷ୍ଟି ତୁମ୍ଭ ଉପରେ ପତିତ ହୋଇଅଛି ସୁତରାଂ ଏବେ ତୁମ୍ଭର ସମସ୍ତ କଷ୍ଟ ବିଦୂରିତ, ଏବଂ ତୁମ୍ଭେ ନିଜ ସୌନ୍ଦର୍ଯ୍ୟ ପାଇ ଉପଯୁକ୍ତ ସମ୍ମାନ ପ୍ରାପ୍ତ ହେବ । ଅତଏବ ଗୋ ସୁଲକ୍ଷଣୀ ତୁମ୍ଭେ ଏହି ବୁଢ଼ା ପାଇଁ କିଛି ଭାବନା ନ କରି ନବାବଙ୍କ ନଅରକୁ ଯିବାକୁ ପ୍ରସ୍ତୁତ ହୁଅ ।" ରମଣୀ ସ୍ୱାମୀର କଥା ଶୁଣି କହିଲା "ନାଥ ଏହି ଅନୁଚିତ କଥା କାହିଁକି କହୁଛ ? ପତିବ୍ରତା ଯୁବତୀର ଏକ ମାତ୍ର ପତି ଗତି ଓ ମୁକ୍ତିର ପଥ ଅଟନ୍ତି । ପତି ଛାଡ଼ି

Digitized by PPRACHIN, SOA

ସଙ୍ଗୀ ନୃପତି ପାଇଲେ ମଧ୍ୟ ତାହାଠାରେ କ୍ଷଣକ ସୁଦ୍ଧା ଜୀବିତ ରହି ପାରିବ ନାହିଁ । ରାଜା ଆପଣା ଘରକୁ ଗଲା, ବିନା ଅପରାଧେ ସ୍ତ୍ରୀ ପୁରୁଷ ମଧ୍ୟେ ବିଚ୍ଛେଦ ଜନ୍ମାଇବା ତାହାଙ୍କର ଅଜାର କ୍ଷମତା ନୁହେ । ସୁଶାସନ ରାଜାଙ୍କର କର୍ତ୍ତବ୍ୟ ସିନା; ପର ସ୍ତ୍ରୀ ବଳପୂର୍ବକ ଗ୍ରହଣ କରିବାର ବାସନା କରି ଅତ୍ୟାଚାରୀ ଓ ଲମ୍ପଟ ପ୍ରକୃତି ରାଜାଙ୍କର ଲକ୍ଷଣ ଅଟେ । ଏପରି ନୀଚ ପ୍ରକୃତି ଲମ୍ପଟରାଜାଙ୍କର ରାଜ୍ୟରେ ରହିବା ବୁଦ୍ଧିମାନର କାର୍ଯ୍ୟ ନୁହେ । ସୁତରାଂ ଏଠାରୁ ଶୀଘ୍ର ପଳାୟନ କରିବାକୁ ପ୍ରସ୍ତୁତ ହୁଅ । ସଉଦାଗର ଭାର୍ଯ୍ୟାର ନିତାନ୍ତ ଅନୁରକ୍ତି ଓ ତାହାଠାରୁ ଉପଯୁକ୍ତ ଉପଦେଶ ପ୍ରାପ୍ତ ହୋଇ ଅନାୟାସଲବ୍ଧ ଧନ ଗୁଡ଼ିକ ନେଇ ଭାର୍ଯ୍ୟା ସହିତ ଦମିସ୍କରୁ ପଳାୟନ କଲା ।

ଆମ୍ଭେ ଏଣେ ସୁନ୍ଦରୀର ଆଗମନ ଅପେକ୍ଷାରେ ଅଧୈର୍ଯ୍ୟ ଭାବେ ଦିନ ଯାପନ କରି ସେ ଆଉର କୌଣସି ଖବର ନ ପାଇବାରୁ ସନ୍ଧ୍ୟା ସମୟେ ସଉଦାଗରକୁ ଆଣିବାପାଇଁ ସେନାପତିଙ୍କୁ ପଠାଇଲୁଁ । ସେ ସେଠାରେ ଗୋଟିଏ ଦାସୀ ଭିନ୍ନ ଆଉ କାହାରିକୁ ନ ପାଇ ତାହାକୁ ସଙ୍ଗେ ନେଇ ସଭାକୁ ଆସିଲେ । ବୃଦ୍ଧା ସେଠାର ସମସ୍ତ କଥା ଜଣାଇବାରୁ ଆମ୍ଭେ ଅତ୍ୟନ୍ତ ବ୍ୟଥିତ ଓ ଲଜ୍ଜିତ ହୋଇ ପ୍ରହରୀଦ୍ୱାରା ଧରାଇ ଆଣି ସଉଦାଗରକୁ ଉପଯୁକ୍ତ ଦଣ୍ଡ ପ୍ରଦାନ ଓ ତାହାର ସ୍ତ୍ରୀକୁ ବଳପୂର୍ବକ ଛଡ଼ାଇ ନେବାକୁ ଇଚ୍ଛା କରିଥିଲୁଁ, ମାତ୍ର ଧର୍ମ ଭୟେ ତାହା ନ କରି କ୍ଷାନ୍ତ ହେଲୁଁ । ଯଦିଓ ସତୀ ଥିଲା ସତ୍ୟ, ମାତ୍ର ପରମନ ଚୋରୀ କରିବାରେ ପାଶ କରିଥିଲା । ଆମ୍ଭର ମନ ଚୋରୀକରି ଘେନିଗଲା । ତାହାର ପଳାୟନ ଅବଧି ଆମ୍ଭର ମନ ଥୟ ନାହିଁ । ଶୟନେ, ସ୍ୱପନେ ଓ ଭୋଜନେ ସବୁବେଳେ ତାହାରି ଧ୍ୟାନ ଆମ୍ଭକୁ ଉଚ୍ଛନ୍ନ ଓ ତାହାର ବିରହାନଳ ଆମ୍ଭର ମନ ପ୍ରାଣ ଦହନ କରୁଅଛି ।

ରାଜା ନିଜ ବିବରଣ ଶେଷ କରି ମନ୍ତ୍ରୀଙ୍କୁ କହିଲେ ମନ୍ତ୍ରିନ୍ ତୁମ୍ଭର ଉପାଖ୍ୟାନ ଶୁଣିବା ଅବଧି ଆମ୍ଭର ମନ ସଂଶୟାପନ୍ନ ହୋଇଅଛି, କାରଣ ତୁମ୍ଭେ ନିଜ ପିତାକୃତ ଅତ୍ୟାଚାରର ପ୍ରତିଫଳ ଭୋଗ କରୁଅଛ ।

Digitized by PPRACHIN, SOA

ତୁମ୍ଭର ଅବସ୍ଥାନରେ କାଳେ ସେହି ପାପଭାରରେ ଆମ୍ଭ ରାଜ୍ୟର ବିନାଶ ହେବ ଏହି ଚିନ୍ତା ଆମ୍ଭଙ୍କୁ ଅସ୍ଥିର କରୁଅଛି । ସୁତରାଂ ତୁମ୍ଭେ କ୍ଷଣେ ବିଳମ୍ବ ନ କରି ଅନ୍ୟତ୍ର ଗମନ କର । ବିମର୍ଷ ମନ୍ତ୍ରୀ ରାଜାଦେଶ ଶୁଣି ବିରସ ମନେ ଦାମାସ୍କରୁ ପ୍ରସ୍ଥାନ କଲେ

———※———

ରାଜକୁମାରୀ ବଦରୁଲ ବଦୁରର ବିବାହ ବୃତ୍ତାନ୍ତ ଓ ଉପନ୍ୟାସ ସମାପ୍ତ ।

ଉପଦେଶ ଦାତ୍ରୀ ଧାତ୍ରୀ ଗଳ୍ପ ଶେଷ କରନ୍ତେ ଛଇଲା କାଶ୍ମୀରବାଲା କହିଲା "ଧାଈ, ତୁ ନିଜ ଜଗଜ୍ଜେତା ବାକ୍‌ଚାତୁରୀ ବଳରେ ମୋତେ ପରାଜିତା କଲୁ । ଯୁକ୍ତି ଦ୍ୱାରା ତୋହର ମତଖଣ୍ଡନ କରିବାକୁ ଅକ୍ଷମ; ସୁତରାଂ ପୁରୁଷଙ୍କ ପ୍ରତି ଭ୍ରମଯୁକ୍ତ ଦ୍ୱେଷ ଓ ଘୃଣା ପୂର୍ଣ୍ଣ କୁସଂସ୍କାର ଦୂରହେଲା । ସୁପୁରୁଷଙ୍କର ଆଉ ନିନ୍ଦା କରିବି ନାହିଁ, ମାତ୍ର ନିଜ ବିବାହର ଅନୁମତି ଦେବାରେ ମୋର ଗୋଟିଏ ବିଷୟର ଭୀତି ହେଉଅଛି ମୁଁ ଭାବି ଚିନ୍ତି ମତ ଦେବି । କୁମାରୀର କଥା ଶୁଣି ଧାତ୍ରୀ ଅତ୍ୟନ୍ତ ପୁଲକିତା ହୋଇ ତାହାଙ୍କୁ ଆଲିଙ୍ଗନ ଓ ସଖିମାନେ ଧନ୍ୟ ୨ କଲେ । ଏହି ସୁସମ୍ବାଦ ଶୀଘ୍ର ରାଜପୁରୀରେ ବ୍ୟାପ୍ତ ହେଲା । ତାହା ଶୁଣି ରାଜା ପ୍ରଭୃତି ଆନନ୍ଦିତ ହେଲେ, ଏହାର ଅଳ୍ପଦିନ ପରେ ଯୁବରାଜ ଅକସ୍ମାତ ପୀଡ଼ିତ ହେଲେ । ତାହାଙ୍କର ଚିକିତ୍ସା ପାଇଁ ଶତ ୨ ବୈଦ୍ୟ ଆସିଲେ ମାତ୍ର କେହି ରୋଗ ଚିହ୍ନି ନ ପାରିବାରୁ ଆରୋଗ୍ୟ କରିବାକୁ ଅକ୍ଷମ ହୋଇ ଫେରିଗଲେ । ରୋଗ କ୍ରମେ ପ୍ରବଳ ହେଲା, ରାଜକୁମାର ଶଯ୍ୟାଗତ ହେଲେ । ତାହାଙ୍କର ଆରୋଗ୍ୟର ଆଶା କିଛି ମାତ୍ର ରହିଲା ନାହିଁ ସୁତରାଂ ରାଜ୍ୟରେ ହା ହା କାର ପଡ଼ିଗଲା । ନୃପତି ଔଷଧରେ ହତାଶ ହୋଇ ପୁତ୍ରର ଆରୋଗ୍ୟ କାମନାରେ ଉପାସନା ମନ୍ଦିରକୁ ଯାଇ ବଡ଼ ପୁରୋହିତଙ୍କୁ କହିଲେ "ଯତିବର ବର୍ତ୍ତମାନ ଦୈବ ଆମ୍ଭର ପ୍ରତିକୂଳ, ଯୁବରାଜଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ସେ ବଞ୍ଚିବେ ବୋଲି ଆଉ ଆଶା ହେଉନାହିଁ । ନାନା ପ୍ରକାର ଔଷଧ କରାଗଲାଣି କାହିଁରେ କିଛି ନ ହୋଇ ବରଂ ରୋଗ ପ୍ରବଳ ହେଉଅଛି । ଆଉ କି ଉପାୟ କରିବି

ପୁତ୍ରର କଷ୍ଟ ବଦ୍ଧିତ ହେବ ତାହା ସ୍ଥିରକର ନ ପାର ଆପଣଙ୍କଠାରୁ ପରାମର୍ଶ ଗ୍ରହଣ ନିମିତ୍ତ ଆସିଅଛୁଁ । ଆପଣ କୌଣସି ସଦୁପଦେଶ ପ୍ରଦାନକରନ୍ତୁ ।” ପୁରୋହିତ କହିଲେ ‘ମହାରାଜ’ ଯୁବରାଜଙ୍କର କଷ୍ଟ ବୃତ୍ତାନ୍ତ ଆମ୍ଭେ ଭଲରୂପେ ଅବଗତ ଅଛୁଁ, ତାହାଙ୍କର ଜୀବନ ସଂଶୟାପନ୍ନ ଔଷଧ ସେବନଦ୍ୱାରା ରୋଗର ନିବାରଣ ହେବବୋଲି ବିଶ୍ୱାସ ହେଉ-ନାହିଁ । ଏହି ନିଦାନ ବେଳେ ଦୈବକର୍ମ ଅବଲମ୍ବନ କରି ଅତ୍ୟନ୍ତ ପ୍ରୟୋଜନ, କାରଣ ଦୈବ କର୍ମ ଦ୍ୱାରା ଯମନିୟମ ଅନେକ ସମୟେ ଖଣ୍ଡିତ ହୋଇଥାଏ । ଅଦ୍ୟ ରଜନୀରେ ଆମ୍ଭ ଏହିଠାରେ ଅବସ୍ଥାନକରି ରାଜକୁମାରଙ୍କର ଆରୋଗ୍ୟ କାମନାରେ ଈଶ୍ୱରାରାଧନା ଓ ଦେବାର୍ଚ୍ଚନା କରି ତାହାର ଫଳାଫଳ ସକାଳେ ଆପଣଙ୍କୁ ଜଣାଇବୁ । ପୁରୋହିତଙ୍କର କଥାଶୁଣି ରାଜା ସନ୍ତୁଷ୍ଟ ହୋଇ ଗୃହକୁ ଗମନ କଲେ ।

ଏଣେ ପୁରୋହିତ ସମସ୍ତ ରାତ୍ରି ଉପାସନାରେ ଯାପନ କରି ସକାଳେ ହସ୍ୟ ମୁଖେ ରାଜ ସମୀପେ ଉପସ୍ଥିତ ହୋଇ କହିଲେ “ମହାରାଜ, ବ୍ୟସ୍ତ ହୁଅନ୍ତୁ ନାହିଁ; ରାଜସୁତ ଶୀଘ୍ର ରୋଗ ମୁକ୍ତ ହେବେ । କେବଳ ଆମ୍ଭର ଥରେ ତାହାଙ୍କ ଉପରେ ଦୃଷ୍ଟିପାତ ହେବା ଆବଶ୍ୟକ ।” ରାଜା ଏହି ସୁସମ୍ବାଦ ଶୁଣି ପୁରୋହିତଙ୍କର ଅନେକ ପ୍ରଶଂସାବାଦ କରି ତାହାଙ୍କୁ ସଙ୍ଗେନେଇ ଅନ୍ତଃପୁରକୁ ଗମନ କଲେ । ପୁରୋହିତ ରାଜକୁମାରଙ୍କର ଶଯ୍ୟା ନିକଟରେ ବସି ମନ୍ତ୍ରପାଠ କରିବାକୁ ଲାଗିଲେ । କୁମାର ତାହା ଶୁଣି କ୍ରମେ ରୋଗ ମୁକ୍ତ ହୋଇ ଉଠି ବସିଲେ । ମନ୍ତ୍ରର ଅଦ୍ଭୁତ ଶକ୍ତିରେ କୁମାରଙ୍କୁ ରୋଗ ମୁକ୍ତ ଦେଖି ସମସ୍ତେ ଚମତ୍କୃତ ହେଲେ ଏବଂ ପୁରୋହିତଙ୍କର ଯଶଃ ଚତୁର୍ଦ୍ଦିଗେ ବ୍ୟାପ୍ତହେଲା

ରାଜନନ୍ଦିନୀ ପୁରୋହିତଙ୍କର ଯଶୋବୃତ୍ତାନ୍ତ ଶୁଣି ତାଙ୍କର ଚରଣ ଦର୍ଶନ ନିମିତ୍ତ ନିତାନ୍ତ ଇଚ୍ଛୁକ ହୋଇ ସଖିଗଣ ସହିତ ଦେବାଳୟକୁ ଗମନ କଲେ । ଦ୍ୱାର ଦେଶରେ ପହୁଞ୍ଚନ୍ତେ ଦ୍ୱାରୀ ତାହାଙ୍କୁ ଭିତରକୁ ଯିବାକୁ ଦେଲା ନାହିଁ । ରାଜସୁତା ଦ୍ୱାରୀର ବାରଣରେ କୁପିତା ହୋଇ ଉଆସକୁ ଫେରିଯାଇ ପିତାଙ୍କୁ ସକଳ କଥା ଜଣାଇ ଅଭିମାନେ କ୍ରନ୍ଦନ କରିବାକୁ ଲାଗିଲେ । ରାଜା ଦୁହିତାର ମମତା ଯୋଗେ ସେହିକ୍ଷଣି

Digitized by PPRACHIN, SOA

ମନ୍ଦିରକୁ ଯାଇ ପୁରୋହିତଙ୍କୁ ସେହି ନିଷ୍ଠୁରତାର କାରଣ ପଚାରିଲେ । ପୁରୋହିତ କହିଲେ ମହାରାଜ, ଆପଣଙ୍କର କନ୍ୟା ଅତିଉଗ୍ରଚଣ୍ଡୀ । ସେ ଅବଧି ବିବାହ କରି ନାହାନ୍ତି । ବିଶେଷତଃ ପୁରୁଷଙ୍କୁ ଘୃଣା କରନ୍ତି ଏଣୁ ତାଙ୍କୁ ସାକ୍ଷାତ ଦେବାକୁ ଦୈବାଦେଶ ନୁହେ । ଅତଏବ ଆଦେଶ ବିନା ସାକ୍ଷାତ ଦେବାକୁ ସାହାସ କରି ନପାରୁଁ । ରାଜା ପୁରୋହିତଙ୍କର ନିଦାରୁଣ ଉତ୍ତର ଶୁଣି ବ୍ୟଥିତ ହେଲେ ଏବଂ କନ୍ୟାର ମଙ୍ଗଳ ଉଦ୍ଦେଶ୍ୟରେ ଦେବାର୍ଚ୍ଚନା କରିବାକୁ ବିଶେଷ ଅନୁରୋଧ କରି ନଅରକୁ ଫେରିଗଲେ ।

କିଯ୍ଦିନ ପରେ ପୁରୋହିତ ରାଜାଙ୍କୁ ମନ୍ଦିରକୁ ଡକାଇ ଆଣି କହିଲେ ମହାରାଜ ଅନେକ ଆରାଧନା ଓ ଉପାସନାରେ କୁମାରୀକୁ ସାକ୍ଷାତ ଦେଇ ଉପଦେଶ ଦ୍ୱାରା ସତ୍‌ପଥକୁ ଆଣିବା ନିମନ୍ତେ ଦୈବାଦେଶ ପାଇ ଅଛୁଁ । ରାଜା ପୁରୋହିତଙ୍କଠାରୁ ସୁସମ୍ବାଦ ପାଇ ଆନନ୍ଦେ ଉଆସକୁ ଯାଇ କନ୍ୟାକୁ ସମସ୍ତ ଖବର ଶୁଣାଇଲେ । ରାଜଦୁହିତା ପୁରୋହିତଙ୍କର ଅନୁମତି ବାର୍ତ୍ତା ଶୁଣି ପୁଲକିତା ହୋଇ ଦେବାଳୟକୁ ଗମନ କଲେ । ଦ୍ୱାରୀ ଏଥର ପଥରୋଧ ନ କରି ବରଂ ସାଦରେ ମନ୍ଦିର ଭିତରକୁ ଘେନିଗଲେ । ଏଠାରେ ଅନେକ ଗୁଡ଼ିଏ ଦର୍ଶନୀୟ ପଦାର୍ଥ ଥିଲା ଜେମା ସେ ସବୁ ଦେଖୁଁ ନିଦ୍ରାଭିଭୂତା ହୋଇ ଶୋଇପଡ଼ିଲେ ଏବଂ ଶୟନରେ ସ୍ୱପ୍ନ ଦେଖିଲେ ଗୋଟିଏ ହରିଣ ଜାଲବଦ୍ଧ; ହରିଣ ତାହାର ମୁକ୍ତିବାର ନିମନ୍ତେ ବ୍ୟସ୍ତ । ପୁଣି ଦେଖିଲେ ଗୋଟିଏ ମୃଗ ଜାଲରେ ପଡ଼ିତ ମୃଗୀ ତାହାକୁ ଛାଡ଼ି ଚାଲିଗଲା ପୁଣି ଗୋଟିଏ ସ୍ୱପ୍ନ ଦେଖିଲେ ଜଣେ ଯୁବକ ରୋଗଗ୍ରସ୍ତ ଓ ଶଯ୍ୟାରେ ପଡ଼ିତ ତାହାର ଯୁବତୀ ସ୍ତ୍ରୀ ପରପୁରୁଷ ସହିତ ହାସ୍ୟାଳାପରେ ପ୍ରବୃତ୍ତ । ଆଉ ଗୋଟିଏ ସ୍ୱପ୍ନ ଦେଖିଲେ ଗୋଟିଏ ସ୍ତ୍ରୀ ପୀଡ଼ିତା ମାତ୍ର ତାହାର ସ୍ୱାମୀ ଶଯ୍ୟା ପାର୍ଶ୍ୱରେ ବସି କ୍ରନ୍ଦନରେ ନିଯୁକ୍ତ । ଏହିପରି ଚାରୋଟି ବିଭିନ୍ନ ସ୍ୱପ୍ନ ଦେଖି ଜେମାଙ୍କର ନିଦ୍ରାଭଙ୍ଗ ହେଲା । ସେ ନିଦ୍ରାରୁ ଉଠି ବିସ୍ମିତ ହୋଇ ମନେ ମନେ କହିଲେ "କି ଆଶ୍ଚର୍ଯ୍ୟ ମୁଁ କି ଅଦ୍ଭୁତ ସ୍ୱପ୍ନ ଦେଖିଲି, ପୂର୍ବେ ଯେଉଁ ସ୍ୱପ୍ନ ଦେଖିଥିଲି ଆଜିର ସ୍ୱପ୍ନ ତାହାର ଠିକ ବିପରୀତ ଅଟେ ।

Digitized by PPRACHIN, SOA

ସେ ଯାହା ହେଉ ମୁଁ ଯେ ପୁରୁଷଙ୍କୁ ଅକୃତଜ୍ଞ ଓ ପ୍ରେମଶୂନ୍ୟ ବୋଲି ମନେ କରିଥିଲି ମୋହର ସେହି ଭ୍ରମ ଧାତ୍ରିର ଉପନ୍ୟାସ ଶ୍ରବଣ ଓ ଆଜିର ସ୍ୱପ୍ନ ଦର୍ଶନରେ ଦୂରୀଭୂତ ହେଲା । ମୁଁ ଆଉ କେବେହେଁ ପୁରୁଷଙ୍କର ନିନ୍ଦା କିମ୍ବା ତାହାଙ୍କୁ ଘୃଣା କରିବି ନାହିଁ ।

ଉମାଶ୍ୱ ଏହିପରି ଚିନ୍ତାମଗ୍ନ ଥିବା ସମୟେ ପୁରୋହିତ ସେଠାରେ ଉପସ୍ଥିତ ହୋଇ ସହାସ୍ୟେ କହିଲେ, ବତ୍ସେ କି ଭାବନା କରୁଛ ? ଦୈବାନୁଗ୍ରହେ ତୁମ୍ଭର ମନର କଠିନ ଭାବ ପରିବର୍ତ୍ତନ ହୋଇଅଛି ତ ? ରମଣୀ ପୁରୋହିତଙ୍କର ଶବ୍ଦ ଶୁଣି ଚମକି ପଡି ଗାତ୍ରୋତ୍ଥାନ ପୂର୍ବକ ତାହାଙ୍କୁ ସସମ୍ଭ୍ରମେ ଅଭିବାଦନ କଲେ । ପୁରୋହିତ ସୁଆଶୀଷ ଦେଇ କହିଲେ "ଜେମା ପୁରୁଷଙ୍କ ପ୍ରତି ପ୍ରେମଶୂନ୍ୟତା ଓ ସ୍ୱାର୍ଥ ପରତାର ତୁମ୍ଭ ମନେ ଯେଉଁ ଧାରଣା ତାହା ପ୍ରକୃତ ନୁହେ କେବଳ ତୁମ୍ଭର ବାଲ ସୁଲଭ ଚପଳତା ପ୍ରଯୁକ୍ତ ଅଟେ । ବର୍ତ୍ତମାନ ତୁମ୍ଭେ ଯେଉଁ ସ୍ୱପ୍ନ ଦେଖିଲ ସେଥିରୁ ସ୍ପଷ୍ଟରୂପେ ଜାଣିଥିବ ଯେ ପୁରୁଷଙ୍କର ପ୍ରକୃତି ମନ୍ଦ ନୁହେ । ଯଦି ସ୍ୱପ୍ନରେ ସୁଦ୍ଧା ତୁମ୍ଭର ମନ ମାନି ନଥାଏ ତେବେ ଆଉ ଗୋଟିଏ ସହଜ ଉଦାହରଣ କହୁଛୁଁ । ଦେଖ ତୁମ୍ଭର ହାତର ପାଞ୍ଚ ଅଙ୍ଗୁଠି ସମାନ ଅଛି କି ? କେବେ ନୁହେ । କେହି ସାନ କେହି ବଡ଼ ଅଟେ । ସେହିପରି ସଂସାରର ସମସ୍ତେ ସମାନ ନୁହନ୍ତି । କେହି ଧନୀ, କେହି ଦରିଦ୍ର, କେହି କୃତଜ୍ଞ, କେହି କୃତଘ୍ନ, କେହି ପ୍ରେମର ପକ୍ଷପାତୀ, କେହି ଲମ୍ପଟ । ସୁତରାଂ ବିଭିନ୍ନ ଧରଣର ଲୋକେ ଅଛନ୍ତି କେହି କାହାର ସଙ୍ଗେ ସମାନ ନୁହନ୍ତି । ଏବେ ତୁମ୍ଭେ ଆମ୍ଭର ଉପଦେଶ ମାନ ଏବଂ ଯାହା କରିବାକୁ କହୁଅଛୁଁ ତାହା କରିବାକୁ ପ୍ରସ୍ତୁତ ହୁଅ । ରାଜକନ୍ୟା ଯେ ଆଜ୍ଞା କହିବାରୁ ପୁରୋହିତ କହିଲେ "ଆମ୍ଭେ ଧ୍ୟାନ ବଳେ ଜାଣିଅଛୁଁ—ପାରସ୍ୟଦେଶୀୟ ଯୁବରାଜ ସାହାବୁଦ୍ଦୀନସାହା ଅତ୍ୟନ୍ତ ରୂପବନ୍ତ ଓ ଗୁଣବନ୍ତ, ବିଶେଷତଃ ତୁମ୍ଭର ପ୍ରେମାସକ୍ତ । ବିଚ୍ଛେଦରେ ଅତ୍ୟନ୍ତ ବ୍ୟଥିତ ହେଉଛନ୍ତି । ତୁମ୍ଭେ ତାହାଙ୍କୁ ବରଣ ନ କଲେ ତୁମ୍ଭର ବିରହରେ ସେ ନିଶ୍ଚୟ ଆତ୍ମହତ୍ୟା କରି ତୁମ୍ଭଙ୍କୁ ପାପଭାଗୀ କରାଇବେ । ଏଣୁ ତୁମ୍ଭର ଉଚିତ ଯେ ତୁମ୍ଭେ

Digitized by PPRACHIN, SOA

ଆମ୍ଭର ପରାମର୍ଶାନୁସାରେ ତାହାଙ୍କ ସହିତ ବିବାହର ସମ୍ମତି ପ୍ରଦାନ କର । ଆମ୍ଭର ଦୃଢ଼ବିଶ୍ୱାସ ତୁମ୍ଭେ ତାହାଙ୍କର ରୂପେ ଓ ଗୁଣେ ନିଶ୍ଚୟ ଆଶାତୀତ ପ୍ରୀତ ହେବ, ବିଶେଷତଃ ବିବାହଦ୍ୱାରା ତୁମ୍ଭେ ନିଜର ସତୀତ୍ୱ ଓ ଜଣେ ନିରୀହ ଯୁବରାଜର ପ୍ରାଣରକ୍ଷା କରିବାକୁ ସମର୍ଥହୋଇ ଇହକାଳରେ ସୁଖ୍ୟାତି ଓ ପରକାଳରେ ସଦଗତି ପ୍ରାପ୍ତହେବ । ପୁରୋହିତଙ୍କର କଥା ଶୁଣି ଯୁବତୀ ବିସ୍ମିତ ହୋଇ କହିଲେ "ଗୁରୋ, ଆପଣଙ୍କର ବର୍ଣ୍ଣନା ତ ମୋହର ବୁଦ୍ଧି ବଣା କରିଦେଲା । କାରଣ ଯେଉଁ ଲୋକର ନାମ ସୁଦ୍ଧା ମୋହର ଜଣା ଶୁଣା ନାହିଁ କିମ୍ବା ଯାହାଙ୍କ ସହିତ ମୋହର କେବେ ଚାରିଚକ୍ଷୁ ମଧ୍ୟ ହୋଇନାହିଁ ସେ ମୋହର ପ୍ରେମେ ପତିତ ଏହି ଅଦ୍ଭୁତ ଘଟଣା କିପରି ସଂଘଟିତ ହେଲା ତାହା ଜାଣିବାକୁ ମୋହର ମନ ନିତାନ୍ତ ଅସ୍ଥିର, ଅନୁଗ୍ରହ କରି ଶୀଘ୍ର ଜଣାଇଲେ ଉପକୃତ ହେବ ।

ପୁରୋହିତ କହିଲେ ଗୁଣବତୀ ଟିକିଏ ଭାବିବଟି, ଅଳ୍ପଦିନ ପୂର୍ବେ ଦିନେ ତୁମ୍ଭେ ମୃଗୟାକୁ ଯାଇ ଫେରିବା ସମୟେ ରାତ୍ରି ଅଧିକ ହେବାରୁ ସୁବର୍ଣ୍ଣ କାନ୍ତି ବିଶିଷ୍ଟ ଜାଫରାନ ପୁଷ୍ପ ସୁଶୋଭିତ ବେଦମୁସ୍କପୁଷ୍ପ ସୌରଭିତ କୁଞ୍ଜବନେ ଅବସ୍ଥାନ କରି ନ ଥିଲ କି ? ଶୟନକାଳେ ଗୋଟିଏ ଅତି ରୂପବନ୍ତ ଯୁବକକୁ ସ୍ୱପ୍ନେ ଦେଖି ତାହାର ରୂପେ ମୁଗ୍ଧ ହେଲ । ଯୁବକ ମଧ୍ୟ ତୁମ୍ଭର ପ୍ରଣୟାସକ୍ତ ହୋଇ ସ୍ୱପ୍ନେ ପ୍ରେମଭିକ୍ଷା କରିବାରୁ ତୁମ୍ଭେ ଆନନ୍ଦିତ ହୋଇ ପ୍ରଥମେ ତାହପ୍ରତି ପ୍ରୀତିପୂର୍ଣ୍ଣ ଦୃଷ୍ଟିପାତ କଲ । ପରେ ପୁରୁଷ ଜାତିର ସ୍ୱଭାବ ପ୍ରେମ ବର୍ଜିତ ଅକୃତଜ୍ଞ ତାଙ୍କ ସହିତ ପ୍ରେମକରି ବୃଥା ମନେକରି, ଘୃଣାପୂର୍ଣ୍ଣ ଦୃଷ୍ଟିପାତ ପୂର୍ବକ କର୍କଶ ବଚନରେ ତିରସ୍କାର କରିବାରୁ ସେ ଭୟେ ତୁମ୍ଭ ସମ୍ମୁଖରୁ ପଳାୟନ କଲା ଏବଂ ସେହି ସମୟେ ତୁମ୍ଭର ନିଦ୍ରାଭଙ୍ଗ ହେଲା ।" କି, ଆମ୍ଭର ଏହି ବର୍ଣ୍ଣନା କି ସତ୍ୟ ନୁହେ ? ଯୁବରାଜ ନିଜ ଅହେସମହେଲରେ ସେହି ସମୟେ ଠିକ ଏହି ସ୍ୱପ୍ନ ଦେଖି ତୁମ୍ଭର ପ୍ରେମାସକ୍ତ ହୋଇ ଅଛନ୍ତି ।

Digitized by PPRACHIN, SOA

ଭମଣୀ ପୁତ୍ରୋହିତଙ୍କର ବାଣୀ ଶୁଣି ପୂର୍ବାପେକ୍ଷା ଅଧିକ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ "ମନ୍ତ୍ରିବର, ଆପଣ ଯେ ମୋହର ଏହି ଗୂଢ଼ତର ବିବରଣ ଜାଣି ଅଛନ୍ତି ସେଥି ନିମିତ୍ତ ଆପଣଙ୍କର ଅସାମାନ୍ୟ ମହିମାକୁ ଶତ ଶତ ଧନ୍ୟବାଦ ଦେଉଅଛୁ । ଆପଣଙ୍କର ବର୍ଣ୍ଣନା ଅବିକଳ ସତ୍ୟ ଅଟେ, ଲେଶମାତ୍ର ଭୁଲ ନୁହେ । ବାସ୍ତବିକ ମୁଁ କୁଞ୍ଜବନେ ଏହିପରି ସ୍ୱପ୍ନ ଦେଖି ଯୁବକର ରୂପେ ଏପରି ମୁଗ୍ଧ ହୋଇଅଛୁ ଯେ ମୁହୂର୍ତ୍ତିକ ପାଇଁ ସୁଦ୍ଧା ତାହାଙ୍କୁ ପାଶୋରି ପାରୁନାହିଁ । ତାଙ୍କର ମନୋହର ରୂପ ସୁମଧୁର ସ୍ୱର ଏପରି ଦୃଢ଼ ଭାବେ ମୋ ମନରେ ଅଙ୍କିତ ହୋଇଅଛୁ ଯେ କ୍ଷଣକ ସକାଶେ ସୁଦ୍ଧା ତାହା ମନୁ ଅନ୍ତର କରି ପାରୁନାହିଁ, ଏବଂ ମନେ ମନେ ତାହାଙ୍କୁ ଧ୍ୟାନ କରି ବ୍ୟଥିତ ହେଉଅଛୁ । ଆଜ ଆପଣଙ୍କ ମୁଖରୁ ତାଙ୍କର ନାମ ଧାମ ଜାଣି ଆଶାତୀତ ପ୍ରୀତ ହେଲି । ଆପଣ ଆମ୍ଭର ଗୁରୁଦେବ ଓ ହିତାକାଙ୍କ୍ଷୀ ଆପଣ ଯାହା ଆଜ୍ଞା କରିବେ ଆନନ୍ଦ ସହିତ ପାଳନ କରିବାକୁ ପ୍ରସ୍ତୁତ ଅଛୁ ।

ପୁରୋହିତ କୁମାରୀଙ୍କର ବିବାହର ସମ୍ମତିରେ ଅତ୍ୟନ୍ତ ପୁଲକିତ ହୋଇ ଏହି ସୁସମ୍ବାଦ ଶୀଘ୍ର କାଶ୍ମୀରରାଜଙ୍କୁ ଜଣାଇଲେ । ରାଜା ଆଶାତୀତ ମଙ୍ଗଳ ବାର୍ତ୍ତା ଶୁଣି ପୁରୋହିତଙ୍କ ଅସାଧାରଣ ଗୁଣରେ ବିଶେଷ ପ୍ରଶଂସା କରି ତାଙ୍କର ପରାମର୍ଶାନୁସାରେ ଜେମାଙ୍କର ପ୍ରତିମୂର୍ତ୍ତି ସହିତ ବିବାହର ସ୍ୱୀକାରପତ୍ର ପାରସ୍ୟକୁ ପଠାଇଲେ । ସେଠାରେ ଯୁବରାଜ ବଦରୁଲବଦୁରଙ୍କୁ ସ୍ୱପ୍ନରେ ଦେଖିବା ଦିନରୁ ଦିନକ୍ରମେ ଭବ ଭାବ ରୋଗଗ୍ରସ୍ତ ହୋଇଥିଲେ । ବର୍ତ୍ତମାନ ଦୂତ ସେଠାରେ ପହଞ୍ଚିବାରୁ ତାଙ୍କର ମୁଖରୁ ସମସ୍ତ ବୃତ୍ତାନ୍ତ ଶୁଣି ଏବଂ ଜେମାଙ୍କର ଫଟୋ ଦେଖି ହଠାତ୍ ରୋଗମୁକ୍ତ ହେଲେ । ପାରସ୍ୟ ସମ୍ରାଟ ପୁତ୍ରଙ୍କୁ ରୋଗ ମୁକ୍ତ ଏବଂ ତାଙ୍କପାଇଁ ଉପଯୁକ୍ତ କନ୍ୟା ଘଟଣା ହୋଇଥିବାର ଦେଖି ମହା ଆନନ୍ଦେ ବିବାହର ଆୟୋଜନ କରିବାକୁ ଲାଗିଲେ ଏବଂ ସମସ୍ତ ସାମଗ୍ରୀ ପ୍ରସ୍ତୁତ ହେବାରୁ ମହାଆଡ଼ମ୍ବରରେ କାଶ୍ମୀର ଅଭିମୁଖେ ଯାତ୍ରା କରି ଅଳ୍ପଦିନରେ ନିର୍ବିଘ୍ନରେ ସେଠାରେ ପହଞ୍ଚିଲେ । ଏଣେ କାଶ୍ମୀର ରାଜା ବିବାହର ମହା ଆୟୋଜନ କରି ବର ପକ୍ଷର ଆଗମନ

Digitized by PPRACHIN, SOA

ଅପେକ୍ଷା କରୁଥିଲେ ଏବଂ ସେମାନଙ୍କ ପହଞ୍ଚିବା ମାତ୍ରେ ବିବାହର ଧୂମ୍‌ଧାମ ଲାଗିଗଲା । କାଶ୍ମୀରରାଜାଙ୍କର ଅତି ଆଦରର ଦୁହିତା ସେ ପୁଣି ବିବାହରେ ସମ୍ମତା ଥିଲେ । ଅନେକ ବର୍ଷ ଚେଷ୍ଟା ପରେ ତାଙ୍କର ମତ ବଦଳିଲା ଏବଂ ତାଙ୍କର ଇଚ୍ଛା ମତେ ବିବାହ କାର୍ଯ୍ୟ ହେଉଅଛି । ସେଥିରେ ଯେଉଁ ରୋଶନୀ ଆତସବାଜୀ ପ୍ରଭୃତି ମହା ମହୋତ୍ସବ ହେବ ତାହା ସମସ୍ତ ଲେଖିବାକୁ ଗଲେ ଗୋଟିଏ ପ୍ରକାଣ୍ଡ ପୁସ୍ତକ ହେବ । ଏଣୁ ସେ ସମସ୍ତ ଛାଡିଦେଇ ବର କନ୍ୟାଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଜଲିଲ ମିଆଁଙ୍କର ରଚିତ ଯେଉଁ ସୁଶ୍ରାବ୍ୟ ଗୀତଟି ସ୍କୁଲର ବାଳକ ବାଳିକାମାନେ ନଗରର ସ୍ଥାନେ ସ୍ଥାନେ ଦଳବଦ୍ଧ ହୋଇ ଗାନ କରୁଥିଲେ ତାହା ପାଠକଙ୍କୁ ଉପହାର ଦେଇ ବର୍ତ୍ତମାନ ବିଦାୟ ହେବୁଁ । ପରମ ପିତା ପରମେଶ୍ୱରଙ୍କର ଆଶୀର୍ବାଦରେ ସୁସ୍ଥ ଶରୀର ଓ ନିଶ୍ଚିନ୍ତ ଥାଇ ଉତ୍କଳୀୟ ଶିକ୍ଷିତ ପାଠକ ପାଠିକାମାନଙ୍କର ସହାନୁଭୂତି ଓ କ୍ଷୁଦ୍ର ପୁସ୍ତକ ପ୍ରତି ମମତା ଦେଖିଲେ ଆରବୀୟ ସହସ୍ର ଶଣ ବା ହଜାର ନିଶି ନାମକ ପୁସ୍ତକ ଉପହାର ଦେଇ ସାକ୍ଷାତ କରିବୁଁ ।

ମଙ୍ଗଳ ଗୀତ ।

ରାଗ—ଖମ୍ବାଜ ତାଳ ଆଡ଼ତାଳ ।

ଗାଅ କାଶ୍ମୀର ଅଧୀଶ୍ୱର ଜୟ ।
ଗାଅ ତାରପର ଜେମାଙ୍କର ଜୟ ।
ଗାଏ ହିମାଚଳ ଗାଉଛି ଅନିଳ,
ବିହଙ୍ଗ ସକଳ ଗାଉଛନ୍ତି ଜୟ ।
ଗଙ୍ଗା ପୁଣ୍ୟବତୀ ଯମୁନା ତାପତି
ସିନ୍ଧୁ ସରସ୍ୱତୀ ଗାଇଲେଣି ଜୟ ।
ଗାଏ ଦିବାକର ଗାଏ ଶଶଧର
ଗାବନ୍ତି ନକ୍ଷତ୍ର କୋଟି କୋଟି ଜୟ ।

Digitized by PPRACHIN, SOA

ସ୍ୱର୍ଗୁଁ ବିଦ୍ୟାଧରୀ ପୁଷ୍ପ ବୃଷ୍ଟି କରି
ବର ପକ୍ଷଧରି ଗାଉଛନ୍ତି ଜୟ ।
ନୃପତି ଭବନେ ଦୁଃଖି ନକ୍ଷେତେନେ
ଯେଣେ ଦେଖ ଜନେ ଗାଉଛନ୍ତି ଜୟ ।
ବାଟରେ ଘାଟରେ ହାଟରେ ବଜାରେ
ଶୁଭେ ଚୌଦିଗରେ ବରକନ୍ୟା ଜୟ ।
ଦେଖି ଶୁଭବେଳ ମନାସୀ ମଙ୍ଗଳ
ନାଥ ଜଳିଲ ସ୍ୱ ସମ୍ରାଟ ଜୟ ।

ଏହିଠାରେ ବହିଖଣ୍ଡି କରି ସମାପତ
ଭକ୍ତି ଭରେ ବିଭୁ ପଦେ ଶିର କରେ ନତ ।
ପୁଣି ବନ୍ଧୁଗଣେ ମୋର ଏହି ନିବେଦନ
ଭ୍ରମ କିଛି ଥିଲେ ତାହା କରିବେ ମାର୍ଜନ ।

ସମାପ୍ତ ।

କଟକ, ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା
ମେସିନ୍‌ଯନ୍ତ୍ରେ ମୁଦ୍ରିତ । ୧୯୦୯

Digitized by PPRACHIN, SOA

ଭୁଲର ମଜା ।*

ସହଜଭାଷାରେ ଗଳ୍ପ ଲେଖି ପାରିବି କି ନାହିଁ ଜାଣିବା ନିମିତ୍ତ ଜଣେ ବନ୍ଧୁର ଅନୁରୋଧରେ ପଡ଼ି ପାଠକମାନଙ୍କଠାରୁ ବିଦାୟ ନ ହୋଇଣୁ "ଭୁଲର ମଜା" ଗଳ୍ପଟି ଲେଖିବାକୁ ବସିଲି ଦେଖି କେହି ବିରକ୍ତ ହେବେ ନାହିଁ ବୋଲି ଆଶାକରେଁ । ଏହା ଅଜ୍ଞର କଥା ନୁହେ, ଅନେକ ଯୁଗର କଥା ଅଟେ । ୟୁରୋପ ମହାଦେଶରେ ସିରାକୁଜ ଓ ଏସ୍ୱାସ୍ ଓ ଏପିସ୍ୱାସ୍ ନାମରେ ଦୁଇଟି କ୍ଷୁଦ୍ର ରାଜ୍ୟ ଥିଲା । ଏକସମୟରେ ସେହି ଦୁଇ ରାଜ୍ୟର ରାଜାଙ୍କ ମଧ୍ୟରେ ଭାରି ବିବାଦ ହେବାରୁ ଏଫିସାସର ରାଜା ବିରକ୍ତ ହୋଇ ଆପଣା ରାଜ୍ୟରେ ଗୋଟିଏ କଠିନ ନିୟମ ଜାରି କଲେ । ତାହା ଏହି ଯେ ସିରାକୁଜ ରାଜ୍ୟର କୌଣସି ଲୋକ ତାଙ୍କର ରାଜ୍ୟକୁ ଆସି ପାରିବେ ନାହିଁ । ଯଦି କେହି ଏହି ହୁକୁମ ନ ମାନି ଏଠାକୁ ଆସେ ତାହାହେଲେ ସେ ହୁକୁମ ଅମାନ୍ୟ ଦୋଷରେ ଏକହଜାର ସୁନାର ମୋହର ଜରିମାନା ଦେବ ନ ପାରିଲେ ଫାଶୀ ପାଇବ । ରାଜାଙ୍କର ଏହି ନିର୍ଦ୍ଦୟ ହୁକୁମ ଜାରି ହେବାର ଅଳ୍ପଦିନ ପରେ ଦିନେ ଦୈବକ୍ରମେ ସିରାକୁଜର ଅଭାଗା ଇଜିୟନ ନାମକ ଜଣେ ବଣିକ ଏଫିସାସ ସହରର ସଡ଼କରେ ବୁଲୁଥିବାର ଦେଖାଗଲା । ପୁଲିସର ଲୋକେ ତାହାକୁ ଦେଖି "ରଙ୍କ ହାତରେ ଅମୃତ ପଡ଼ିଲା ମନେକରି" ସେହିକ୍ଷଣି ଧରି ରାଜାଙ୍କ ପାଖକୁ ଚଲାଣ କଲେ । ଗରିବ ଇଜିୟନ ଧରା ହୋଇ ରାଜାଙ୍କ ନିକଟକୁ ଆସିଲା । ସେ ତାହାର ବିବରଣ ଶୁଣି ହଜାରେ ସୁନା-ମୋହର ଜରିମାନା ଆଦାୟ କରିବାକୁ ହୁକୁମ ସାଦର କଲେ । ଏତେଗୁଡ଼ିଏ ଟଙ୍କା ଜରିମାନାର କଥା ଶୁଣି ବିଚରା ଇଜିୟନ ଅବାକ୍, କାରଣ "ଥିଲେଟି ଗୋଡ଼ସ୍ତ୍ରୀଭାବ; ନଥିଲେ କାହୁଁ ଆଣିବ" । ବର୍ତ୍ତିମାନ ସେ

* ମହାକବି ସେକ୍ସପିଅର ଅବଲମ୍ବନେ ଲିଖିତ ।

Digitized by PPRACHIN, SOA

ଏଡ଼େ ଗରିବ ଯେ ହଜାର ମୋହର ତ ହଜାର ମୋହର, ହଜାରେ କଉଡ଼ି ଦେବାର ତାହାର ବଳ ନାହିଁ । ଇନ୍ଦ୍ରଦ୍ୟୁମ୍ନଠାରୁ ଜୋରିମାନା ଆଦାୟ ହୋଇ ପାରିବ ନାହିଁ ଦେଖି ରାଜା ଅନ୍ୟ ଦଣ୍ଡ ଅର୍ଥାତ୍ ଫାଶୀ ହୁକୁମ ଶୁଣାଇବାକୁ ବସିଲେ । ଏହି ଭୟଙ୍କର ହୁକୁମ ଶୁଣାଇବା ପୂର୍ବେ ଇନ୍ଦ୍ରଦ୍ୟୁମ୍ନର ବିବରଣ ଜାଣିବାର ଇଚ୍ଛା କରି କହିଲେ; ଇନ୍ଦ୍ରଦ୍ୟୁମ୍ନ, ତୁମ୍ଭେ ଆମ୍ଭର ଶତ୍ରୁ ଦେଶର ଲୋକ, ସେଠାର ଲୋକଙ୍କ ପାଇଁ ଆମ୍ଭର ଯେଉଁ କଡ଼ା ଆଇନ ଜାରି ହୋଇଅଛି ତାହା ଅବଶ୍ୟ ତୁମ୍ଭଙ୍କୁ ଜଣାଥିବ । ଜାଣି ଶୁଣି ଏପରି ଦରିଦ୍ର ଅବସ୍ଥାରେ ଆମ୍ଭ ରାଜ୍ୟକୁ ଆସିଲ କାହିଁକି ? ଯଦି ହଜାର ମୋହର ଜରିମାନା ଦେବାକୁ ତୁମ୍ଭେ ସମର୍ଥ ନୁହ ତେବେ ମନରେ କଣ ବିଚାରି କି ସାହସ ଧରି ଏଠାକୁ ମାଡ଼ି ଆସିଛ ? ଯେ ଯାହାହେଉ ଯେପରି ବଳତ୍କାର କରି ଆସିଛ ତାହାହେଲେ ଅବଶ୍ୟ ଏଠାର ନିୟମ ପାଳିବାକୁ ବାଧ ହୋଇ ପ୍ରାଣଦଣ୍ଡ ଭୋଗିବ । ସୁତରାଂ ଶେଷ ହୁକୁମ ଶୁଣିବା ପୂର୍ବେ ତୁମ୍ଭେ ଆପଣାର ପୂର୍ବ ବୃତ୍ତାନ୍ତ ଶୁଣାଅ, ତାହା ଶୁଣିବାକୁ ଆମ୍ଭର ଭାରି ଇଚ୍ଛା ।

ରାଜାଙ୍କର କଥା ଶୁଣି ବୁଢ଼ା ଇନ୍ଦ୍ରଦ୍ୟୁମ୍ନ ଗୋଟିଏ ଲମ୍ବା ନିଶ୍ୱାସ ଛାଡ଼ି ଅତି ନମ୍ରଭାବରେ କହିଲେ 'ଧର୍ମାବତାର ମରିବି, ସେଥିପାଇଁ ମୋହର ଭୟ ଭାବନା ବା ଦୁଃଖ କିଛି ନାହିଁ । ତାହେଣ ମୋହର ମନରେ ଯେଉଁ ଦୁଃଖ-ଅନଳ ଦାଉ ଦାଉ ହୋଇ ଅନୁବେଳେ ଜଳୁଅଛି, ମରଣ ଯନ୍ତ୍ରଣା ତାହାକୁ ବଳ ନୁହେ । ମରିବା ଭୟରେ ବା ବଞ୍ଚିବା ଆଶାରେ ମୁଁ ଆପଣା ଦୁଃଖକାହାଣୀ କହିବି ନାହିଁ, କେବଳ ଆପଣ ରାଜା ତାହା ଶୁଣିବାକୁ ଇଚ୍ଛା କରୁଅଛନ୍ତି; ଆପଣଙ୍କର ଆଜ୍ଞା ଅଲଙ୍ଘ୍ୟ ହୋଇ ନ ପାରେ ଏଣୁ ତାହା କହୁଛି ଶୁଣନ୍ତୁ ।' ଅଶୀତି ଇନ୍ଦ୍ରଦ୍ୟୁମ୍ନ ଆପଣା କାହାଣୀ ଆରମ୍ଭପୂର୍ବକ ରାଜାଙ୍କୁ ସମ୍ବୋଧନକରି କହିଲେ, "ଦାସର ଘର ସିରାକୁଜ, ବାଣିଜ୍ୟ ମୌରୁସୀ ପେଷା । ବାପ ମରିଯିବା ପରେ ମୁଁ ବେପାରରେ ଅନେକ

Digitized by PPRACHIN, SOA

ଧନ ଅର୍ଜନ କରି ଯୁବାକାଳେ ଗୋଟିଏ ଅତି ସୁନ୍ଦରୀ ସ୍ତ୍ରୀ ସହିତ ବିବାହ କଲି । ବିବାହ ପରେ ଆପଣା ଭାର୍ଯ୍ୟା ସହିତ ଅନେକ ଦିନ ମହାସୁଖରେ କଟାଇଲି । ଏହିପରି କିଛି ଦିନ ପରେ ମୋହର ସ୍ତ୍ରୀ ଗର୍ଭବତୀ ହେଲା ଏବଂ ସେହି ସମୟେ ବିଶେଷ ଦରକାର ଯୋଗେ ମୋତେ ଏପିଦାମ୍ନିୟମ ନଗରକୁ ଯିବାକୁ ପଡ଼ିଲା । ମୁଁ ମନର ଅତିକଷ୍ଟେ ସ୍ତ୍ରୀକୁ ଘରେ ରଖି ସେଠାକୁ ଗଲି । ସେଠାରେ ଛଅମାସ ରହିଲି ତେବେସୁଦ୍ଧା କାର୍ଯ୍ୟ ଶେଷ ହେଲା ନାହିଁ ଦେଖି ନାନାପ୍ରକାର ଭାବନା ଯୋଗେ ସ୍ତ୍ରୀକୁ ଆପଣା ନିକଟକୁ ଅଣାଇଲି । ସେ ପହଞ୍ଚିବାର କିଛି ସମୟପରେ ପୂର୍ବଦିନରେ ଦୁଇଟି ଯାଆଁଳା ପୁଅ ଜନ୍ମ କଲା । ଆଶ୍ଚର୍ଯ୍ୟର ବିଷୟ ସେ ପିଲା ଦୁଇଟି ଏପରି ଏକା ଆକାରର ଥିଲେ ଯେ ଦେଖିଲେ ଲୋକେ ହଠାତ୍ କହୁଥିଲେ କୁଶ ଲବ ବିଦେହେ ଯାଆଁଳା ଭାଇ । ଗୃପ ଏକାଯୋଗେ ଭିନ୍ନ ବାରି ହେଉ ନାହିଁ । ଆହୁରି ଆଶ୍ଚର୍ଯ୍ୟ ଏହି ଯେ ସେହି ଦିନ ଆମ୍ଭ ବସା ପାଖ ବସାରେ ରହୁଥିବା ଗୋଟିଏ କଙ୍ଗାଲୁଣୀ ମଧ୍ୟ ଏକାକାର ଦୁଇଟି ଯାଆଁଳା ପିଲା ଜନ୍ମ କଲା ।

ସେହି ସ୍ତ୍ରୀଟି ନିତାନ୍ତ ଗରିବ, ଆପଣା ପେଟ ପୋଷିବାର ବଳ ନଥିଲା, ସେଥିରେ ପୁଣି "ବୋଝ ଉପରେ ନଳିତାବିଡ଼ା" ଦୁଇ ଦୁଇଟା କୁଥ କିପରି ପୋଷିବ ଭାବି ଚିନ୍ତାରେ ଅସ୍ଥିର ହେବାକୁ ଲାଗିଲା । ତାହାର ବିକଳ ଦେଖି ମୋ ମନରେ ଦୟା ହେଲା ଏବଂ ସେହି ପିଲା ଦୁଇଟି ସମୟରେ ମୋହର ଦୁଇ ପୁଅଙ୍କର ଗୃହର ହେବେ ଭାବି କାଙ୍ଗାଲୁଣୀକୁ କିଛି ଟଙ୍କା ଦେଇ କୁଥ ଦୁହିଙ୍କି ତାହାଠାରୁ କିଣିନେଲି । ସେଠାରେ ମୋହର ସେହି ସୁନ୍ଦର ପିଲା ଦୁଇଟି ଦିନକୁ ଦିନ ବଢ଼ିବା ଓ ତାଙ୍କର ଶୋଭା ଶରତକାଳର ଚନ୍ଦ୍ରକଳା ସଦୃଶ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲା । ତାଙ୍କର ଚନ୍ଦ୍ର ପରି ଗୋରା ଗୋରା ମୁହଁ ଦେଖି ମୋହର ସମସ୍ତ ଭାବନା ଓ ଚିନ୍ତା ଦୂର ହେଉଥିଲା । ମୋହର ସ୍ତ୍ରୀ ପୁଅଙ୍କ ଦୁଃଖ-

Digitized by PPRACHIN, SOA

ପାଣ୍ଡୋର୍ ଟେଡ୍ରେସ୍ ଦେଖି ଆନନ୍ଦରେ ଅସ୍ଥିର ହେଉଥିଲେ ଏବଂ ସେହି ଦୁର୍ଲ୍ଲଭ ରତ୍ନ ଦୁଇଟିକୁ ଶୀଘ୍ର ଦେଶକୁ ନେଇଯାଇ ସଙ୍ଗୀମାନଙ୍କୁ ଦେଖାଇ ସେମାନଙ୍କଠାରୁ ସୁପୌରୁଷ ପାଇବା ଆଶାରେ ତତ୍ପର ହେଉଥିଲେ । ତାଙ୍କର ଏତେ ଶ୍ରଦ୍ଧା ଦେଖି ଶୀଘ୍ର ଘରକୁ ବାହୁଡ଼ି ଯିବା ନିମିତ୍ତ ମୋହର ମଧ୍ୟ ମନ ବଳିଲା । ଯେଉଁ କାର୍ଯ୍ୟପାଇଁ ଏତେ ଦିନ ପ୍ରବାସରେ ପଡ଼ିଥିଲି ତାହା ଶେଷ ନ ହେଉଣୁ ପ୍ରିୟାର ଖାତିରରେ ପଡ଼ି ତାହା ଥପୁଡ଼ା ଥାପୁଡ଼ି କରି ଘରକୁ ଯିବାର ବନ୍ଦୋବସ୍ତ କରିବାକୁ ଲାଗିଲି । ସବୁ ଠିକଠାକ ହୁଅନ୍ତେ, ଭାର୍ଯ୍ୟା ପୁଅ ଓ ଖରିଦ କରିଥିବା ଯଅଁଳା ପିଲା ଚାକର ଦିହିଁକି ନେଇ ଶୁଭବେଳ ଦେଖି ଜାହାଜରେ ଚଢ଼ିଲି । ହାୟ ନାୟକଗଣିତ ସେହି ଶୁଭବେଳା ଆମ୍ଭମାନଙ୍କ ପାଇଁ ମହା କାଳବେଳା ହେଲା । ସେହି କୁବେଳାର ଯାତ୍ରା ମୋତେ ଅକୂଳ ଦୁଃଖ ଦରିଆରେ ଭସାଇ ଦେଲା । ସେହି ନିଷ୍ଠୁରୁଣୀ ଦିନର ଗୋଟିଏ ଘଟଣା ଆଜିପର୍ଯ୍ୟନ୍ତ ଦାରୁଣ ଯନ୍ତ୍ରଣା ଦେଉ ଅଛି । ଆମ୍ଭମାନଙ୍କ ଜାହାଜ ଏପିଦାମିନସ୍ଥିମ ବନ୍ଦର ପାର ହୋଇ ଅଳ୍ପ ଦୂର ଯାଉଛି ଏହି ସମୟେ ଗୋଟିଏ ଭୟାନକ ଝଡ଼ ହେଲା । ତୋଫାନଦ୍ୱାରା ଦରିଆରେ ବଡ଼ ବଡ଼ ଢେଉମାନ ଉଠି ଜାହାଜକୁ ଏଣେ ତେଣେ ଭସାଇ ଶେଷକୁ ବୁଡ଼ାଇବାକୁ ବସିଲା । ମାଝିମାନେ ଜୀବନ ବିକଳେ ଏଣେ ତେଣେ ଦୌଡ଼ ଧାପଡ଼ କରିବାକୁ ଏବଂ କେମନ୍ତେ ଜାହାଜ ରକ୍ଷା ପାଇବ ଉପାୟ ଚିନ୍ତିବାକୁ ଲାଗିଲେ । ଝଡ଼ ବତାସ ଊଣା ନ ହୋଇ ଥରକୁ ଥର ବଢ଼ୁଥିବାର ଦେଖି ସେମାନେ ଜାଣି ପାରିଲେ ଜାହାଜର ଆଉ ରକ୍ଷା ନାହିଁ ଏଣୁ ଖଣ୍ଡେ ଖଣ୍ଡେ ଲାଇଫବୋଟ ଅର୍ଥାତ୍ ଡଙ୍ଗୀରେ ବସି ଖସିଲେ । ସେମାନେ ଖସି ଯିବାରୁ ମୋହର ସମସ୍ତ ଆଶା ଭରସା ସମୁଦ୍ରରେ ଭାସିଗଲା । ମୁଁ ସେହି ଦୁଃସମୟରେ ସେହି ଅକୂଳ ସମୁଦ୍ରରେ ମାଝୀହୀନ ବୁଡ଼ିବାକୁ ତିଆର ଜାହାଜରେ ବସି ଭୟାତୁର ମୋହର ସ୍ତ୍ରୀ ଓ ସାନ ସାନ ପିଲା ଚାକରଟିଙ୍କର ମୁହଁକୁ ଅନାଇ ମରଣର ଅପେକ୍ଷା କରୁଥିଲି ।

Digitized by PPRACHIN, SOA

ମୋହର ଅବଳା ଓ ସରଳା ସ୍ତ୍ରୀଟି ମୋ ମୁହଁକୁ ବଲ ବଲ ଅନାଇ ଆଖିରୁ ଲୁହ ଗଡ଼ାଇ ପକାଉ ଥିଲା । ଅଜ୍ଞାନ ପିଲା ଗୁଡ଼ିକ କଛି ନ ବୁଝି ଶୁଝି ଖାଲି ବା ପା ବାଉ ବାବ ଅଛୁଆ ଅସ୍ଥିର କରୁଥିଲେ । ଏତେ ଗୁଡ଼ିଏ ଅକ୍ଷମ ଜୀବଙ୍କର କ୍ଷଣସ୍ଥ ଜୀବନ ବଞ୍ଚଇବ ଭାବି ଭାବି ଶେଷରେ ଗୋଟିଏ ଫିକର ପାଇଲି । ଜାହାଜର ଏକ ପାଖରେ ଖୁଣ୍ଟରେ ସାନ ପୁଅ ତାହାର ନିକଟ ଜୁଅଟିକୁ ବେଶ ଭଲ ବାନ୍ଧିଦେଇ ଆପେ ପାଖେ ଜଗି ବସିଲି ଓ ଆର ପାଖରେ ବଡ଼ ପୁଅ ଓ ତାହାର ଚାକରକୁ ସେହି ପରି ବାନ୍ଧିଦେଇ ସେମାନଙ୍କୁ ଜଗି ବସିବାକୁ ଭାର୍ଯ୍ୟାକୁ କହିଲି । ସମସ୍ତଙ୍କର ପ୍ରାଣରକ୍ଷା ପାଇଁ ଏହିପରି ସୁବିଧାଟି କରିବାର ଅଳ୍ପକ୍ଷଣ ପରେ ଆମ୍ଭର ଜାହାଜ ଖଣ୍ଡିକ ଗୋଟିଏ ପାହାଡ଼ରେ ଧକ୍କା ଖାଇ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା । ଆମ୍ଭେ ସ୍ତ୍ରୀ ପୁରୁଷ ଦୁହେଁ ଦୁଇ ଦୁଇଟି ପିଲାଙ୍କ ଜଗୁଆଳ ହୋଇ ମାସ୍ତୁଲରୂପ ଭେଲାରେ ବସି ଏଣେ ତେଣେ ଭାସିବାକୁ ଲାଗିଲୁଁ । ଶେଷେ ଗୋଟିଏ ବଡ଼ ଜୋର ପବନ ଯୋଗେ ଆମ୍ଭେମାନେ ଛଡ଼ାଛଡ଼ି ହେଲୁ । ମୋହର ଆଗରେ ମୋହର ସୋହାଗିନୀ ସ୍ତ୍ରୀ ଓ ପିଲା ଦୁଇଟି ଦରିଆରେ ଭାସି ଯାଉଛନ୍ତି ମୁଁ ସେମାନଙ୍କୁ ରକ୍ଷାକରି ପାରୁ ନାହିଁ ଦେଖି ଦୁଃଖେ ମୋହର ଛାତି ଫାଟି ପଡ଼ିଲା । ମାତ୍ର ନାଗର, କରିବି କଣ, ନିଜ ଜୀବନର ତ ଥୟ ନାହିଁ, "ଆପେ ମଲେ ଯୁଗ ଗଲା ପର ପାଇଁ କାନ୍ଦଣା କରେ କିଏ ?" "ପେଟରେ ପଡ଼ିଲେ ପୁଅକୁ ବଗୁଡ଼ି" ଏହି ନୀତିକୁ ଆଦର ସେମାନଙ୍କର କଥା ଆଉ ନ ଭାବି ଯେଉଁ ପୁଅଟି ପାଖରେ ଅଛି ସେ କପଡ଼ ବସ୍ତ୍ର ସଂସାର କରିବ ତାହାହିଁ ଚିନ୍ତିବାକୁ ଲାଗିଲି । ମହାରାଜ, ବବର ମିଆଁ ବାନ୍ଦର ଖୋଦା, ଏ କଥାଟି ଯେ କହୁଛି ତାହା ଠିକ, କାରଣ ମୁଁ ଯେଉଁ ପିଲାଙ୍କୁ ଜଗି ବସିଥିଲି ତାଙ୍କ ସଙ୍ଗେ ଏ ପର୍ଯ୍ୟନ୍ତ ଭସୁଛି ମାତ୍ର ମୋହର ସ୍ତ୍ରୀ ମୋଠାରୁ ଅଳ୍ପ ଅନ୍ତର ହୁଅନ୍ତେ, ଦେଖିଲି ଦଳେ ଡ଼ଙ୍ଗୀବାଲା କାହୁଁ ଆସି ତାହା ନିକଟରେ ପହଞ୍ଚି ପିଲା ଦୁଇଟି ସହିତ ତାହାକୁ ଡଙ୍ଗୀକୁ ଉଠାଇ ନେଲେ ।

Digitized by PPRACHIN, SOA

ସେମାନେ ଏହିପରି ଉପରେ ଉପରେ ବସି ଗଲେ ଦେଖି ଲୋକ ଖୁସି ହେଲେ ଓ ଈଶ୍ୱରଙ୍କୁ କେତେ ଧନ୍ୟବାଦ କଲେ । ମୋତେ ସେଥି ଦିନ ଅଧିକ କ୍ଷଣ ପର୍ଯ୍ୟନ୍ତ ଭାସିବାକୁ ହୋଇ ନ ଥିଲା କାରଣ ସେହିଠାରେ ଦୟାଳୁ ଆଉ ଦଳେ କେଉଟ ଆସି ପାଖରେ ହାବୁଡ଼ି ଆମ୍ଭମାନଙ୍କୁ ତାଙ୍କ ଡଙ୍ଗା ଉପରକୁ ଉଠାଇ ନେଇ ମୋହର ପରିଚୟ ପଚାରିଲେ । ମୁଁ ଆପଣା ଦୁଃଖ କାହାଣୀ ଶୁଣାଇବାରୁ ସେମାନଙ୍କ ମନରେ ଅଧିକ ଦୟା-ହେଲା ଏବଂ ମୋତେ ଆପଣା ଘରକୁ ଆଣି ଦୁଇ ତିନିଦିନ ବେଶ ହିଫା-ଜତରେ ରଖିଲେ ଏବଂ ଝିଅ ପୁଅ ଦୁଇ ଏକାବେଳେକେ ଛାଡ଼ିବାରୁ ପିଲା ଦୁଇଟି ସହିତ ମୋତେ ଡଙ୍ଗାରେ ଆଣି ସିରାକୁଜନଗରରେ ଛାଡ଼ିଦେଲେ । ମୁଁ ଆପଣା ଘରକୁ ଆସି ଧନ ସମ୍ପତ୍ତି ଘେନି ଆରାମରେ ରହିଲି । ଏବେ ଆଉ ନିଜଜୀବନର କିଛି ଚିନ୍ତା ନାହିଁ । ଘରେ କେତେଦିନ ସୁଖରେ ରହିବାରୁ "ଧାନ ହେଲା ଥୋଇ, ମୋ ଭାର୍ଯ୍ୟା ମୋହର" କରିବାକୁ ଇଚ୍ଛା ହେଲା । ବିପଦ ସମୟରେ ଯେଉଁ ସ୍ତ୍ରୀ ପୁତ୍ର ମୋହର ସାମନାରେ ଦରିଆରେ ଭାସି ଯାଉଥିଲେ ଏବଂ ମୁଁ ଆପଣା ଜୀବନ ବଞ୍ଚିଲେ ହେଉ ବା ଅଗତ୍ୟା ହେଉ ତାଙ୍କର ଉପକାର କରି ପାରି ନ ଥିଲି ବର୍ତ୍ତମାନ ଟିକିଏ ନିଶ୍ଚିନ୍ତ ହେବାରୁ ସେମାନଙ୍କର କଥା ମନେ ପଡ଼ିଗଲା । ସେମାନଙ୍କର ଚିନ୍ତା ଦିନରାତି ମୋତେ ଘାରିବାକୁ ଲାଗିଲା । ଦିନ ଦିନ ହୋଇ ମାସ ବର୍ଷ ଯୁଗ ବହିଗଲା, ମାତ୍ର ମୋହର ସେହି ପ୍ରିୟ ଜନମାନଙ୍କର କୌଣସି ଖୋଜ ଖବର ମିଳିଲା ନାହିଁ । କେବଳ ସାନପୁଅଟିର ମୁହଁକୁ ଚାହିଁ ଦୁଃଖେ କଷ୍ଟେ ଦିନ କଟାଉଥିଲି । ପୁଅଟି ବଡ଼ ହୋଇ ମୋହର ମନ କଷ୍ଟର କଥା ବୁଝି ପାରି ଆପଣା ନିରୁଦ୍ଦେଶ ମା ଓ ଭାଇଙ୍କୁ ଖୋଜିବାକୁ ଯିବାପାଇଁ ମନ ବଳାଇଲା । ଠିକ ଅଠରବର୍ଷ ବୟସ ସମୟରେ ଦେଶ ବିଦେଶକୁ ଯାଇ ସେମାନଙ୍କ ଖୋଜ ବାହାର କରିବା ପାଇଁ ଅଣ୍ଟାଭିଡ଼ି ମୋହର ହୁକୁମ ମାଗିଲା । ଇଙ୍ଗର ଧନ ଦରିଦ୍ରର ଶଗଡ଼ିଆ, ଅନ୍ଧର ନୟନ ପରି ମୋହର ସେହି ପୁତ୍ର ରହିଥିଲା ମୁଁ କୌଣସି ମତେ ଛାଡ଼ିବାକୁ ରାଜି

Digitized by PPRACHIN, SOA

ହେଲ ନାହିଁ । ମାତ୍ର ବେଣ୍ଟିଆ ପୁଅ ଏକ୍ଷବାଜିଆ, ତାହାର ଏକେଇ ଜିଦ । ସେକ ମୋହର ବୋଲରେ ଅଛୁ ଯେ ମନା ମାନନ୍ତା । ମୁଁ ଯେତେ ବୁଝାଇଲେ ସୁଦ୍ଧା ତାହାର ମନମଙ୍ଗିଲା ନାହିଁ, ଦେଖି ଈଶ୍ୱରଙ୍କୁ ସମର୍ପଣ କରି ଛାଡ଼ିଦେଲି । ତାହାର ଗୃହର ଲୋକାନ୍ତ ଆପଣା ଭାଇକୁ ଖୋଜିବା ନିମିତ୍ତ ତାହା ସଙ୍ଗେ ଗଲେ । ସେମାନଙ୍କୁ ବିଦାୟ କରି ମୁଁ ଛତ୍ରରେ ପଥର ରଖି ଅତିକଷ୍ଟେ ସନବର୍ଷ କଟାଇଲି । ପ୍ରିୟଜନମାନଙ୍କୁ ହରାଇ ପୁତ୍ରଣୀ ଖଣ୍ଡରେ ବୁଢ଼ା ବିଲ୍ଆପର ଏକାକୀ ବସି "ହୁକେ ହୋ ହୁକେ ହୋ" କରିବାକୁ ଆଉ ଭଲ ଲାଗିଲାନାହିଁ । ସାନପୁଅକୁ ଖୋଜିବା ପାଇଁ ପରୁ- ବାହାର ରୁଷିଆ, ପ୍ରୁଷିଆ, ବ୍ରିଟିଷ, ଗ୍ରୀସ, ଇରାନ ତୁରାନ ଜର୍ମାନ କରପାସ ଇଂଲଣ୍ଡ ପୋଲାଣ୍ଡ ଚିନ୍, ଜାପାନ, ହିନ୍ଦୁସ୍ଥାନ, ମକ୍କା, ଲଙ୍କା, ମହୀଶୂର ବେଙ୍ଗାଲୁର, ନେପାଳ, ଭୂପାଳ ବାକି ନାମ ଗୋଡ଼ଗାଡ଼ି ପ୍ରଭୃତି ନାନାସ୍ଥାନ ଖୋଜିପକାଇଲିଣି ମାତ୍ର ସେହି ଅଭାଗା ପୁଅର କୌଣସିଠାରେ ଠାବନପାଇ ଆଜି ଦୈବ ଦୁର୍ଯୋଗ ବଶତଃ ଏହି ଅବୁଝା ରାଜ୍ୟରେ ପହଞ୍ଚି ହରବର ହେଉଅଛି । ଯାହାହେଉ ଆଜି ମୋହର ନଲଠ ଜୀବର ଶେଷ ପାଳି । ଏ ଜୀବନ୍ତା ଗଲେ ସବୁଚିନ୍ତା ମେଣ୍ଟିଲା ବୋଲି ମଣିବି । ମରିବାପୂର୍ବେ ସେହି ନୟନ ପିତୁଳା ପିଲା ଦୁହିଁଙ୍କ ମଧ୍ୟରୁ ଜଣକୁ ମଧ୍ୟ ଥରେ ଦେଖି ନେଲେ ମନର ସାଧ ମେଣ୍ଟି ଯାଆନ୍ତା । କିନ୍ତୁ ହାୟ ମୋହର ଏତେବଡ଼ ଭାଗ୍ୟ କାହିଁ ? ଏହିକ୍ଷଣିତ ମରିବି ସେମାନଙ୍କର ଆଉ କାହୁଁ ଦେଖା ପାଇବି । ବୁଢ଼ା ଏହିକଥା ଅତିବିକଳ କଣ୍ଠରେ କହି ଆଖିରୁ ଲୁହ ଗଡ଼ାଇ ପକାଇଲା । ତାହାର ବିକଳ ଭାବ ଦେଖି ରାଜା ଓ ତାହାଙ୍କ ପାଖ ଲୋକମାନଙ୍କ ମନକୁ ବାଧିଲା । ରାଜା ମନେ ମନେ କହିଲେ ଲୋକଟା ପିଲାଙ୍କ ମାୟାରେ ପଡ଼ି ବାଉଳା ହୋଇ ଏହି ଆପଦ ଭୋଗୁଅଛି । ଏହାପ୍ରତି ଦୟା କରିବା ଆମ୍ଭର ଉଚିତ ହେଉଛି । ପରେ ବୁଢ଼ାକୁ କହିଲେ "ଇଜମ୍ବାନ୍, ତୁମ୍ଭର ଦୁଃଖ ମୋ ମନକୁ ଭାରି ଲାଗିଛି । ମୁଁ ଅଇନରେ ବନ୍ଧା ହୋଇ ନ ଥିଲେ

Digitized by PPRACHIN, SOA

ଏହିକ୍ଷଣି ତୁମ୍ଭଙ୍କୁ ଖଣ୍ଡ ଦେଇଥାନ୍ତି କିନ୍ତୁ ଅଇନ ମୋତେ ତାହା କରିବାକୁ ଦେଉନାହିଁ । ଯାହାହେଉ ଅଜ୍ଞ ସଞ୍ଜମୁଦ୍ରା ତୁମ୍ଭଙ୍କୁ ମୋହଲତ ଦେଲି । ତୁମ୍ଭେ କରଜ ଦାମଦର ହୋଇ ବା ମାଗି ଯାଚକର ହୋଇ ସୂର୍ଯ୍ୟ ବୁଡ଼ିବା ପୂର୍ବେ ହଜାର ମୋହର ଦାଖଲ କଲେ ଖଲାସ ହୋଇଲେ ସନ୍ଧ୍ୟା ପରେ ଶୂଳଅ ପଦାତର ଶୂଳପାଇବ । ଚାରିପାଞ୍ଚଘଣ୍ଟା ମାତ୍ର ସମୟ ଦେଇ ଅରକ୍ଷିତ ଇଜ୍ଜପୁନ ଉପରେ ବଡ଼ ଗୋଟା ଦୟାକଲେ ଭାବି ରାଜା ମନେ ମନେ ଭାରଖୁସି । ମାତ୍ର ରାଜାଙ୍କର ଏହି ଦୟାରେ ବୁଢ଼ା ଇଜ୍ଜପୁନର କିଛି ମାତ୍ର ଆନନ୍ଦ ହେଲା ନାହିଁ । ସେ ମନେ ମନେ କହିଲା ମୋ ହାତ-ରେତ କିଛି ନାହିଁ । ପୁଣି ଏହି ଶତ୍ରୁ ରାଜ୍ୟରେ ମୋହର କିଏ ଗୋଟାଏ ଦେଣ୍ଡ୍ରାପୁଅ ବଞ୍ଚିଛି ଯେ ମୋ ପାଇଁ ବେଡାଏ ହୁଇବେଡା ଟଙ୍କା ଖୁଆଇ ଦେଇ ମୋତେ ମୁକୁଲାଇ ନେବ ? ସେ ଏହିପରି ଭାବନା କରୁଅଛି ରାଜା ଆପଣା ସୁକୁମଟା ପଟେଇ ଉଆସକୁ ବିଜେ କଲେ ଏବଂ ତାହାଙ୍କର ଅରଦଳି କୁକୁରପରି ଘେରି ବୁଢ଼ାକୁ ସେଠାରୁ ଘେନିଗଲେ ।

ପ୍ରିୟ ପାଠକପାଠିକାଗଣ, ତୁମ୍ଭେମାନେ ପ୍ରାୟ ଇଜ୍ଜପୁନ ପରି ମନେ କରୁଥିବ ଏଠାରେ ତାହାର ବନ୍ଧୁ କୁଟୁମ୍ବ ଆପଣାର ଲୋକ କେହି ନାହିଁ । କିନ୍ତୁ ତାହା ନୁହେ । ଆମ୍ଭେମାନେ ଅନେକ ଖୋଜିଲୁଣି ଗୋଟିଏ ଖୁସିଖବରର ଠେର ପାଇଅଛୁ । ବୁଢ଼ା ଇଜ୍ଜପୁନ ଯେଉଁ ପୁତ୍ର ଦୁଇଟି ପାଇଁ ଏତେ ଆପଦରେ ପଡ଼ିଅଛି, ତାହାର ବଡ଼-ପୁଅ ଆପଣା ଗୁଣର ସହିତ ଅନେକ ଦିନରୁ ଏଠାରେ ରହିଅଛି । ସେ ଝଡ଼ ସମୟରେ ଦଲେ ଡ଼ଙ୍ଗୀବାଲାଙ୍କ ଦ୍ୱାରା ଡ଼ଙ୍ଗୀକୁ ନିଆଯାଇଥିବାର ତୁମ୍ଭେମାନେ ତ ଜାଣ ? ଏଠାକୁ କିପରି ଆସିଲା କହୁଛୁ ଶୁଣ । ଡ଼ଙ୍ଗୀର ମାଝୀମାନେ କୂଳକୁ ଆସି ତାହାର ମାଲୁ ବାହାର କରିଦେଇ ପିଲା ଦୁହିଁଙ୍କି ମେନାଫନ୍ ରାଜାଙ୍କ ହାତରେ ବିକ୍ରି କରିଦେଲେ । ମେନାଫନ୍ ଏଣ୍ଟିଫୋଲସ୍‌କୁ ବୁଦ୍ଧିମାନ ଦେଖି ବଡ଼ ଆଦରରେ ରଖିଲେ ଏବଂ

Digitized by PPRACHIN, SOA

କହୁ ବଡ଼ ହେବାରୁ ତାହାଙ୍କୁ ସ୍କୁଲରେ ପାଠପଢ଼ାଇଲେ । ଦ୍ରୁମି ଓ ମଧ୍ୟ ତାଙ୍କ ପାଖରେ ରହି କାମଯାଇଟି କରୁଥିଲେ । କେତେକ ଦିନପରେ ମେଜାଫନ୍ ତାଙ୍କ ଭଉଣୀ ଅର୍ଥାତ୍ ଏପିସାଷ ରାଜାଙ୍କୁ ଦେଖିବା ପାଇଁ ଏଠାକୁ ଆସିଲେ । ତାଙ୍କ ସହିତ ଏଣ୍ଟିପୋଲସ ଓ ଦ୍ରୁମିଓ ମଧ୍ୟ ଆସିଥିଲେ । ଏପିଶାସ ରାଜା ଏଣ୍ଟିପୋଲସକୁ ଦେଖି ଭାରି ପସନ୍ଦ କରି ମାମୁଁଠାରୁ ତାହାଙ୍କୁ ମାଗିନେଲେ । କାଜେ କାଜେ ଦ୍ରୁମି ଓ ମଧ୍ୟ ଏଠାରେ ରହିଗଲେ । ଏଣ୍ଟିପୋଲସ ବଡ଼ ହୁସିଆର, ଆପଣା ଗୁଣକଦ୍ୱାରା ରାଜାଙ୍କର ମନ ଭୁଲାଇ ନେଇ କ୍ଷଣିଏ ହାବିଲଦାର କାର୍ଯ୍ୟ ମାଡ଼ି ବସିଲେ । ଏହି କାର୍ଯ୍ୟ ସେ କେତେକଦିନ ଚଳାଇବାରୁ ରଜା ତାହାଙ୍କର ବଳ ବୀର୍ଯ୍ୟ ଓ ବୁଦ୍ଧି ଚାତୁର୍ଯ୍ୟ ଦେଖି ସୁବାଦାର କରିଦେଲେ । ଏଣ୍ଟିପୋଲିସ ସୁବାଦାର ହେବାର ଅଳ୍ପଦିନପରେ ଏପିଶାସ ରାଜାଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ମଣ୍ଟିନଗ୍ରୋ ରାଜା ଅନେକ ସୈନ୍ୟ ଘେନି ଆସିଲେ । ଦୁଇ ସୈନ୍ୟଙ୍କ ମଧ୍ୟରେ ଗୋଟିଏ ବଡ଼ଯୁଦ୍ଧ ଲାଗିଲା ଏବଂ ଏପିସାସ ରାଜା ଶତ୍ରୁଙ୍କ ସୈନ୍ୟ ମଧ୍ୟରେ ପଡ଼ିଗଲେ । ଏହି ସମୟରେ ଏଣ୍ଟିପୋଲସ ବିଶେଷ ସାହସ ଓ ଯୁଦ୍ଧ କୌଶଳ ଦେଖାଇ ନ ଥିଲେ ସେ ବଞ୍ଚି ନ ଥାନ୍ତେ । ଏଣ୍ଟି-ପୋଲସ ରାଜାଙ୍କୁ ଆପଦରେ ଦେଖି ଆପଣା ପ୍ରାଣକୁ ଭରସା ନ ରଖି ସୈନ୍ୟ ଭିତରେ ଭଡ଼ି ପଶି ଅତି ସାହସରେ ଯୁଦ୍ଧ କରି ଶତ୍ରୁଙ୍କୁ ଘଉଡ଼ାଇ ଦେଇ ରାଜାଙ୍କୁ ରକ୍ଷାକଲେ । ଏପିସାସ ରାଜା ବନ୍ଦ ଏଣ୍ଟି-ପୋଲସ ପ୍ରସାଦରୁ ଜୀବନ ପାଇ ତାହାଙ୍କୁ ବହୁତ ଆଦର କରିବାକୁ ଲାଗିଲେ ଏବଂ ଅଳ୍ପଦିନରେ ତାହାଙ୍କୁ ସେନାପତି କରିଦେଲେ । ଏବେ ଏଣ୍ଟିପୋଲସର ଗୌରବ ଭାରି ବଢ଼ିଗଲାଣି, ଦଶ ପାଞ୍ଚ ହଜାରରେ ତାଙ୍କର ନାଁ ବାଜିଗଲା । ସହରର ଲୋକେ ତାଙ୍କୁ ଖୁବ୍ ମାନୁଛନ୍ତି ଏବଂ ଗୃହଆଡ଼େ ତାହାଙ୍କର ଜୟ ଜୟ ଘୋଷଣା ହେଉଅଛି ।

Digitized by PPRACHIN, SOA

ପାଠକେ ବଡ଼ ଏଣ୍ଡି ପୋଲିସଙ୍କୁ ଏହିଠାରେ ଛାଡ଼ି ଟିକିଏ ସାନର ଖବର ବୁଝିବକି ? ସେ ଅନେକ ଦିନରୁ ଘର ଦ୍ୱାର ଛାଡ଼ି କେଉଁଆଡ଼େ ବୁଲୁଅଛି ତାହାର ଖୋଜଖବର ନାହିଁ, ତେବେ ଆମ୍ଭର ଚିହ୍ନାପରି ଆଜି ଏ ଲୋକଟି କିଏ ସହର ମଧ୍ୟରେ ବୁଲୁଅଛି ? ଏତ ବଡ଼ ଏଣ୍ଡି ପୋଲିସ ନୁହନ୍ତି । ସେ ଥିଲେ ଭଲ ଭଲ ଲୁଗାପଟା ପିନ୍ଧିଥାନ୍ତେ ସଙ୍ଗରେ ପାଞ୍ଚ ସାତ ପାଖ ଲୋକ ମଧ୍ୟ ଥାନ୍ତେ ଏପରି ଗରିବାନା ଲୁଗା ପିନ୍ଧି ଏକାକୀ ବୁଲନ୍ତେ କାହିଁକି ? କେବଳ ସଙ୍ଗେ ଦ୍ରୁମିଓ ଥିବାରୁ ଆମ୍ଭେ ଏଣ୍ଡି-ପୋଲିସ ବୋଲି କହୁଅଛୁଁ, ଚେହେରା ମଧ୍ୟ ମିଳୁ ଥିବାରୁ ଆମ୍ଭର ସନ୍ଦେହଟା କିଛି କିଛି ମେଣ୍ଟିଅଛି, କେବଳ ଭଲ ପୋଷାକ, ଦୁଇ ଚାରିଟା ତୋଷାମୁଦିଆ ସଙ୍ଗରେ ନ ଥିବାରୁ କିଛି ସ୍ଥିର କରି ପାରୁ ନାହୁଁ । ଆସ ଦେଖାଯାଉ ସହରର ଜଣେ ଭଦ୍ରଲୋକ ଏହାଙ୍କ ପାଖକୁ କାହିଁକି ଦୌଡ଼ିଅଛି ଏହାର ସଙ୍ଗେ କଥା ଭାଷାରୁ ଅମ୍ଭମାନଙ୍କର ସଂଶୟ ଦୂର ହେବ । ଆଗନ୍ତୁକ, "ଭାଇ ଏଣ୍ଡି ପୋଲିସ ତୁମ୍ଭେ ଏଠାକୁ କିପରି ଆସିଲ ?" ଭ୍ରମଣକାରୀ ତାହାକୁ ଚାହିଁ ସହାସ୍ୟେ କହିଲେ, ବନ୍ଧୁ ଯୋନସ, ବଡ଼ଭାଇଙ୍କ ଅନେକ ସ୍ଥାନରେ ଖୋଜି ଖୋଜି ଏଠାରେ ଆସି ପହଞ୍ଚି ଛି । ଯାହା ହେଉ ଆଜି ମୋହର ଭାରି ସୌଭାଗ୍ୟ ତୁମ୍ଭପରି ବନ୍ଧୁଙ୍କୁ ଅନେକ ଦିନପରେ ଦେଖିଲି । ଯୋନସ୍ ଦେଖା ହେଲା ସେତ ଖୁସିର କଥା ମୋ ସଙ୍ଗେ ପ୍ରଥମେ ସାକ୍ଷାତ ହେଲା ସେ ଅତ୍ୟନ୍ତ ଆନନ୍ଦର ବିଷୟ କାରଣ ଯଦି ପୁଲିସ୍ ଆଙ୍କର ହାବୁଡ଼ରେ ପ୍ରଥମେ ପଡ଼ିଥାନ୍ତ ତାହାହେଲେ ବଡ଼ ଆପଦ ହୋଇଥାନ୍ତା, ତୁମ୍ଭେ କି ଜାଣ ନା ଯେ ଏଠାର ରାଜା ତୁମ୍ଭର ରାଜ୍ୟର ଲୋକଙ୍କର ଭାରି ଦୁସମନ । ତାହାଙ୍କୁ ପାଇଲେ ଗୁଡ଼ାଏ ଟଙ୍କା ଯୋରମାନା ଦିଏ ନ ହେଲେ ଫାଶୀ ଦିଏ । ଆଜି ତୁମ୍ଭର ରାଜ୍ୟର ଜଣେ ବୁଢ଼ା ଧରା ପଡ଼ି ହରବର ହେଉଅଛି, ସନ୍ଧ୍ୟା ପୂର୍ବେ ହଜାର ମୋହର ଦେବ ନୋହିଲେ ଫାଶୀ ପାଇବ । ସେ ଯାହା ହେଉ ତୁମ୍ଭେ ଆଉ କାହାରିକି ଚିହ୍ନା ନ ଦେଇ ଯାହା ଦୁଇ ଚାରି ଦିନ ଏଠାରେ

Digitized by PPRACHIN, SOA

ରହିବାର ଇଚ୍ଛା ଏହି ଅଗ ପାନ୍ଥଶାଳାରେ ଯାଇଁ ଗୋପନଭାବେ ରହି ଶୀଘ୍ର ଏଠାରୁ ବାହାରି ଯାଅ । ପାଠକେ ଏ ଲୋକଟି କିଏ ଏବେ ଚିହ୍ନିଲ ତ ? ହେଉ ନ ହେଉ ନିଶ୍ଚୟ ଏ ଆମ୍ଭମାନଙ୍କର ସେହି ସାନ ଏଣ୍ଡିପୋଲିସ । ସେ ବିଚରା ବୁଲି ବୁଲି କପଟ ଏଠାରେ ପହଞ୍ଚି ଗଲାଣି । ଭାଗ୍ୟ ଜଣେ ଭଲ ଲୋକର ଦେଖାହେଲା ନଚେତ୍ ପୁଲିସଅଙ୍କର ହାବୁଡ଼ରେ ପଡ଼ିଥିଲେ କେତେ ହଲପଟା ପାଇଥାନ୍ତା । ଯାହାହେଉ ବନ୍ଧୁଠାରୁ ସବୁ ଖବର ବୁଝି ସାନ ଏଣ୍ଡିପୋଲିସ ନୂଆ ଥର ହୋଇ ଆଉ କାହାରିକି ଚିହ୍ନା ପରିଚ ନ ଦେଇ ସଳଖେ ପାନ୍ଥଶାଳାକୁ ଗଲେ । ସଙ୍ଗରେ ତାହାର କେବଳ ଚାକର ସେହି ସାନ ଟ୍ରିମିଓ ଅଛି । ଠୋକାଠା ଭାରି ଚଗଲା ହେଲେ କଣ ହେବ ତାହାର କେତେକ ଭଲ ଗୁଣ ମଧ୍ୟ ଅଛି । ସେ ବୁଦ୍ଧିମାନ ଚତୁର କୌତୁକୀ ଏବଂ ସହନଶୀଳ । ସାନଏଣ୍ଡିପୋଲିସ ବିଦେଶରେ ଏହି ଟ୍ରିମିଓ ପ୍ରସାଦରୁ ସୁଖରେ ଦିନ କଟାଉଥିଲେ । ବିଦେଶର କୌଣସି କଷ୍ଟ ତାଙ୍କୁ ବାଧୁ ନ ଥିଲା । ଏଣ୍ଡିପୋଲିସ ବାପ, ମା, ଭାଇ ପ୍ରଭୃତିଙ୍କ କଥା ମନେକରି କୌଣସି ସମୟରେ ବିରସ ହେଲେ ଟ୍ରିମିଓ ଅଠା ଓ ନକଲର ଦୁଇ ଚାରିକଥା କହି ତାହାଙ୍କୁ ହସାଇ ଦିଏ । ବୁଲି ବୁଲି କ୍ଳାନ୍ତ ବା ଅସୁସ୍ଥ ହେଲେ ଟ୍ରିମିଓ ନିଜ ଭାଇଠୁଁ ବଳି ତାଙ୍କର ସେବା ପାଇଟି କରେ । ଏଣ୍ଡିପୋଲିସ କେବେ କୌଣସି ସମୟରେ ବିରକ୍ତ ହୋଇ ଟ୍ରିମିଓକୁ ଗାଳି ମନ୍ଦ କଲେ ସେ ସବୁ କଥାକୁ ଖାତିର ନ କରି ହସି ଉଡ଼ାଇ ଦିଏ । ଏହି ସବୁ ଭଲ ଗୁଣ ନିମନ୍ତେ ଏଣ୍ଡିପୋଲିସ ତାହାକୁ ବଡ଼ ଶ୍ରଦ୍ଧା କରୁଥିଲେ ଏବଂ ତାହାର ପରାମର୍ଶାନୁସାରେ ସବୁ କାର୍ଯ୍ୟ କରୁଥିଲେ । ଅଗ ପାନ୍ଥଶାଳାରେ ପହଞ୍ଚି ଏଣ୍ଡିପୋଲିସ ତାହା ଯିମା ଟଙ୍କା ପଇସା ଦେଇ ବଜାରକୁ ବୁଲିବାକୁ ବାହାରିଲେ ଏବଂ କହିଗଲେ ସେ ତାଙ୍କ ଆସିବା ପର୍ଯ୍ୟନ୍ତ ଏହିଠାରେ ରହି ଖୋରାକ ଯୋଗାଡ଼ କରିବ । କେଉଁଠାକୁ ଯିବ ନାହିଁ, କିମ୍ବା କାହାରିକୁ ଆପଣା ପରିଚୟ ଦେବ ନାହିଁ ।

Digitized by PPRACHIN, SOA

ଏଣ୍ଟିଫୋଲସ ପାନ୍ଥଶାଳାରୁ ବାହାରି ଏଣେତେଣେ କେତେ ଯାଗାରେ ବୁଲି ଶେଷେ ଥକପଡ଼ି ଗୋଟିଏ ଗଳିରେ ଗଛ ଛାଇରେ ଛିଡ଼ା ହୋଇ ମା ଓ ଭାଇର କଥା ଭାଳି ଚିନ୍ତା କରିବାକୁ ଲାଗିଲେ । ତାଙ୍କର ଗଭୀର ଚିନ୍ତା ସମୟରେ ଜଣେ ଡ୍ରୋମିଅ ତାଙ୍କ ଆଗରେ ଛିଡ଼ା ହୋଇ ଏକ ଧ୍ୟାନରେ ତାଙ୍କୁ ଚାହିଁ ରହିଲା । ତାହାକୁ ଦେଖି ଏଣ୍ଟିଫୋଲସଙ୍କର ଚିନ୍ତା ଭଙ୍ଗ ହେଲା । ସେ ଚମକି ପଡ଼ି ପଚାରିଲେ ଡ୍ରୁମିଓ ତୁ ଏଠାରେ କାହିଁକି ? ମୁଁ ପରା ତୋତେ କହି ଆସିଥିଲି ମୋହର ଫେରିବା ପର୍ଯ୍ୟନ୍ତ ସେହିଠାରେ ଥିବାକୁ । ତୁ ଫେର ମୋର ବୋଲି ନ ମାନି ମୋ ପଛେ ପଛେ ଚାଲି ଆସିଲୁ । ଟଙ୍କା ଓ ଲୁଗାପଟା ଗୁଡ଼ାକ କଣ କଲୁ, କାହା ଜିମାରେ ଦେଇ ଆସିଲୁ । ଡ୍ରୋମିଅ ଏଣ୍ଟିଫୋଲସଙ୍କର ଏହିପରି କଥାର ଭାବ ଭଙ୍ଗି ବୁଝି ନ ପାରି କିଛି ନ କହି ଚୁପଚାପ ଛିଡ଼ା ହୋଇ ରହିଲା । କିଛିକ୍ଷଣ ପରେ ଭାବି ସ୍ଥିର କଲା ମୁନିବ ବୁଲି ବୁଲି କ୍ଳାନ୍ତ ହୋଇଥିବାରୁ କ୍ଷୁଧା ତୃଷାରେ ତାଙ୍କର ମତି ଖରାପ ହୋଇଛି ପରା ନ ହେଲେ ଏପରି ବାଆରା ବାଆରା କଥା କହନ୍ତେ କିଆଁ ? ଯାହା ହେଉ ତାଙ୍କୁ ଶୀଘ୍ର ଘରକୁ ନେଇ ଯିବାର ବନ୍ଦୋବସ୍ତ କରିବା ଉଚିତ, ଖାଉନ୍ଦାଣୀ ମଧ୍ୟ ତାଙ୍କର ଅପେକ୍ଷାରେ ବସି ରହିଛନ୍ତି । ଏହା ସ୍ଥିର କରି ପ୍ରକାଶ୍ୟେ କହିଲା, "ସାଆନ୍ତେ ଆପଣ ଏତେବେଳ ପର୍ଯ୍ୟନ୍ତ କେଉଁଠାରେ ଥିଲେ କି ? ବେଳ ଗଡ଼ିଗଲାଣି ଖାଇବାକୁ ଡେରି ହେଲାଣି । ସାଆନ୍ତାଣୀ ମଧ୍ୟ ଭୋଜନନମିତ୍ତ ଆପଣଙ୍କର ବାଟ ଚାହିଁ ବସି ରହିଛନ୍ତି, ଶୀଘ୍ର ଘରକୁ ଚାଲନ୍ତୁ । ଏଣ୍ଟିଫୋଲସ ଚାକର ଠାରୁ ଆପଣା ପ୍ରଶ୍ନର ଓଲଟା ଜବାବ ଶୁଣି ବିରକ୍ତ ହୋଇ କହିଲେ ଡ୍ରୁମିଓ ତୋହର ଏକ ଚଗଲା ବୁଦ୍ଧି, ସବୁବେଳେ କି ଥଟ୍ଟା ତମସା ଚଳେ ? ଏ ବିଦେଶ, ବିଶେଷ ବୁଝି ସମୁଝି ଚଳିବାକୁ ହେବ ପୁଣି ଏ ଯାଗାଟା ଆମ୍ଭମାନଙ୍କପାଇଁ ଭାରି ଖରାପ, ଏଠାରେ ଚାରିଆଡ଼କୁ ଦେଖି ଚାହିଁ ଚର୍କରେ ହୁଇ ଏକ ଦିନ ରହି କପଟ ମାନେ ମାନେ ଆପଣା ଜୀବ ହେନ

Digitized by PPRACHIN, SOA

ଏଠାରୁ ଖସି ଯିବା ଉଚିତ। କିନ୍ତୁ ତୁ ତାହା ନ ବୁଝି ସବୁବେଳେ ସେହି ଚଗଲାମି କରୁଛୁ।

ଭେଣ୍ଡିଆ ମୁନସିଙ୍କର ମୁହଁରୁ ହଠେଶ୍ୱର କଥା ଶୁଣି ହସି ଉଠି କହିଲା "ମହାଶୟ ଏକି ଥଟ୍ଟାର ବେଳ ? ଆପଣଙ୍କର ଥଟ୍ଟା ପରିହାସ କରିବାର ଇଚ୍ଛା ଥିଲେ ଘରକୁ ଯାଇଁ ଭାତ ଖାଇ ବିଶ୍ରାମ କରିବା ପରେ ଯେତେ ଇଚ୍ଛା ଥଟ୍ଟା କରିବେ। ବର୍ତ୍ତମାନ ବେଳ ଅନ୍ତ ଗଲାଣି ଖାଇବାକୁ ଉଚ୍ଛୁର ହେଲାଣି ଘରେ ଖାଉଦାଣୀ ବାଟ ଚାହିଁ ବିରକ୍ତ ହେଉଥିବେ। ଅବ୍ୟାହତ ଏଣ୍ଟିଫୋଲିସ ବାରଂବାର ଚାକର ମୁହଁରୁ "ଖାଉଦାଣୀ ବାଟ ଚାହିଁଥିବେ" କଥା ଶୁଣି ରାଗୀ କହିଲେ 'ଦୁର୍ମତି ସତ କଥା କୁକୁରକୁ ମୁହଁ ଦେଲେ ସେ ଉପରକୁ ଚଢ଼ନ୍ତି ଏଥିରେ ସନ୍ଦେହ ନାହିଁ। ଛୋଟଲୋକ ମୁହଁ ପାଇଲେ ମୁଣ୍ଡ ମୋଡ଼ି ଖାଇଯିବାକୁ ମଧ୍ୟ ତ୍ରୁଟି କରିବ ନାହିଁ। ମୁଁ ପରା ତୋତେ ବାରଂବାର ଚେତାଇ କହିଥିଲି ଏ ଯାଗାଟା ଅମ୍ଭପାଇଁ ଭାରି ଭୟଙ୍କର, ଖୁବ ହୁସିଆରରେ ଚଳିବାକୁ ହେବ କିନ୍ତୁ ତୁ ତାହା ଓଲଟାରେ ଟଙ୍କା ଚୋରିକରି କେଉଁଆଡ଼େ ଯୋପାଡ଼ ଦେଇଆସି ପୁଣି କଣ କରୁଛୁନା ମଝି ବାଟଠାରେ ଥଟ୍ଟା ପରିହାସ ଲଗେଇଛୁ। ଟଙ୍କା କଣ କଲୁ କହ ନହେଲେ ଏହିକ୍ଷଣି ଠିକ୍ ବନେଇ ଦେବି।

ଭେଣ୍ଡିଆ କଥା ଗୁଡ଼ାକୁ ଏ ପର୍ଯ୍ୟନ୍ତ ମଧ୍ୟ ଥଟ୍ଟା ବୁଝି କହିଲେ—"ମିଆଁ ସାହେବ ଆପଣଙ୍କ ଆଜି ଭାରି ହଲଦରଥ ହୋଇଛନ୍ତି, ଥଟ୍ଟା ପରିହାସରେ ଖାଲି ଭାସି ଯାଉଛନ୍ତି। ଚାକରଟା ସଙ୍ଗରେ ମଝି ବାଟରେ ଏତେ ଥଟ୍ଟା କରିବା ଉଚିତ ନୁହେଁ। ବାଟୋଇ ଲୋକେ ଦେଖି ହସିବେ ପରା। ବେଳ ଉଚ୍ଛୁର ହୋଇ ପଡ଼ୁଛି ବେଗେ ଘରକୁ ଚାଲନ୍ତୁ ଆଉ ଡେରି ହେଲେ ବଡ଼ ଖପା ହୋଇ ପଦ୍ମଢୋଲା ଶୁଣାଇବେ ଯେ। ଏଣ୍ଟି ଫୋଲିସ ଚାକର ମୁହଁରୁ ଥରକୁଥର ବାବୁ ବାବୁ ଶୁଣି ଟିକିଏ ମୁରୁକି ହସି କହିଲେ ହାରାମଜାଦା ବଦ୍ମାସ ଦୁଷ୍ଟ ତୋହର ପୁଣି,

Digitized by PPRACHIN, SOA

ଗୋଟାଏ ବକ୍ର ଖଏରେ ? ତୁ କାହାକୁ ଲକ୍ଷ କର ଖାଉନ୍ଦାଣୀ କହୁଛୁ ? ଦେଖିଥା—ସେହି ତୁମ୍ଭର ସ୍ତ୍ରୀ, ତୁମ୍ଭର ପ୍ରିୟା ଏବଂ ଯାହା ଯାହାର ନାମଶୁଣି ତୁମ୍ଭର ବୁଦ୍ଧିବଣା ହୋଇଥିବ । ସେହି ମୋହର ଖାଉନ୍ଦାଣୀ, ମୋହର ବଡ଼ । ଗୃହକଇଁଠା ଅଧିକ ବଢ଼ାବଢ଼ି କଲାଣି ତାହାସଙ୍ଗେ ଏଠାରେ ଥାଉ କିଛିକ୍ଷଣ କଥାବାର୍ତ୍ତା ହେଲେ ଆପଣା ଗୁମର ଫିଟିଯିବ ଏହି ଭୟରେ ତାହାକୁ ଆଉ କିଛି ନ କହି ସାନ ଏଣ୍ଟିଫୋଲସ ଆଗକୁ ବଢ଼ିଲେ । ମୁନିବ ଘରଆଡ଼କୁ ନ ଯାଇ ଅନ୍ୟ ବାଟକୁ ମୁହାଁଉଛନ୍ତି, ଦେଖି ସେ ସ୍ଥାନରେ କେଉଁ ଅଡ଼ୁଆ ବାହାର ଯାଉଛନ୍ତି ଭାବି ବାଟ ଓଗାଳି ଛିଡ଼ାହୋଇ କହିଲା—"ହଜୁର ଆପଣଙ୍କର ଆଜି ମେଜାଜ୍ ଏତେ଼କଣ୍ଠା କାହିଁକି ? ହେଉ ଆପଣଙ୍କର ସବୁଗୁଣ ଜଣାଗଲା, ଘରକୁ ଚାଲନ୍ତୁ ବେଳ ଗଡ଼ଗଲାଣି ଖାଉନ୍ଦାଣୀ ଭୋଜନର ଆସନରେ ବସି ଆପଣଙ୍କର ଅପେକ୍ଷା କରୁଛନ୍ତି ।"

ଚାକରର ବ୍ୟବହାରରେ ଏଥର ସାନ ଏଣ୍ଟିଫୋଲସ ଭାରି ରାଗି କହିଲେ "ହାରାମଜାଦା ଟେକା ଭାରିବଗିଡ଼ି ଗଲାଣି, ଏହାକୁ କିଛି ଦକ୍ଷିଣା ନ ଦେଲେ ଚଳିବ ନାହିଁ" ଏହା କହି ହାତରେ ଧରିଥିବା ବାଡ଼ିରେ ଖୁବ୍ ଠାଙ୍କେ ଛେଚିଲେ । ବେଣ୍ଡା ପାହାର ଖାଇ ବାପରେ, ମାଲେ ଧାଇଁପଡ଼ ହୋ, ମାରିପକାଇଲା ରେ ରଡ଼ଛାଡ଼ି କାନ୍ଦି କାନ୍ଦି ବଡ଼ ଏଣ୍ଟିଫୋଲସଙ୍କର ଘରଆଡ଼କୁ ପଳାଇଲା । ସେଠାରେ ତାଙ୍କର ସ୍ତ୍ରୀଙ୍କ ଆଗରେ ଅନ୍ଧାର ଦୁଇଗୁର ପଦ ସତମିଛ ଲଗେଇ କହିଲା ସାଆନ୍ତାଣୀ ବଂଚିଛୁ କଣ, ଖାଉନ୍ଦଙ୍କର ଭୁମ୍ଭ ଉପରେ ଆଉ ମାୟା ନାହିଁ । ସେ ଆଜି ହଜାର ହଜାର ଲୋକଙ୍କ ଆଗରେ କହିଲେ ଆମ୍ଭର ବିବାହ ହୋଇ ନାହିଁ, ଆମ୍ଭର ଭାର୍ଯ୍ୟା ନାହିଁ, ଆମ୍ଭଘରେ ଥିବା ସ୍ତ୍ରୀଟା ଗୋଟାଏ ଛଇଳାଣୀ ସେ ବଳେ ବଳେ ଆମ୍ଭଘରେ ପଶିଛି ସିନା ଏହା କହି ପ୍ରକାଶ୍ୟ *

---

* ଭଲମନ୍ଦ କଥା ଏଠାରେ ହୋଇଲା କ୍ରମଶଃ ।
ବାକୀ କର୍ଦ୍ଦୋଷିର ଖୂନ ପୁସ୍ତକେ ଉଲ୍ଲାସ ।

Digitized by PPRACHIN, SOA

ବିଜ୍ଞାପନ ।

ଛତିଶ ଗୁପ୍ତଗୀତା		ଟ ୦ ।୶
ଅବଧୂତ ଗୀତା		ଟ ୦ ୷
ପାର୍ଥିବ ଗୀତା		ଟ ୦ /
ନାମରତ୍ନଗୀତା	୧ମ	ଟ ୦ ।୶
ଐ	୨ୟ	ଟ ୦ ।
ଐ	୩ୟ	ଟ ୦ ।
ଐ	୪ର୍ଥ	ଟ ୦ ।/
ବୃହତ ନାମରତ୍ନଗୀତା		ଟ ୧ ‹
ମୁକ୍ତାହାର ଗୀତା		ଟ ୦ ୳
ସାରସ୍ୱତଗୀତା		ଟ ୦ ୱ
ଚୈତନ୍ୟ ଗୀତା		ଟ ୦ ।/
ବେଦାନ୍ତସାରଗୁପ୍ତଗୀତା		ଟ ୦ ୳
କୈବର୍ତ୍ତ ଗୀତା		ଟ ୦ ।୶
ହନୁ ଗୀତା		ଟ ୦ ୶
ଶ୍ରୀମଦ୍ଭଗବଦ୍ଗୀତା (କୁଣ୍ଡୀ)		ଟ ୦ ।
ଶ୍ରୀମଦ୍ଭାଗବତ	୧ମ	ଟ ୦ ।
,,	୨ୟ	ଟ ୦ ୷
,,	୩ୟ	ଟ ୦ ।୶
,,	୪ର୍ଥ	ଟ ୦ ୳୶
,,	୫ମ	ଟ ୦ ।
,,	୬ଷ୍ଠ	ଟ ୦ ।
,,	୭ମ	ଟ ୦ ।୶

ଶ୍ରୀମଦ୍ଭାଗବତ	୮ମ	ଟ ୦ ।୶
,,	୯ମ	ଟ ୦ ।୶
,,	୧୦ମ ଗୋପ	ଟ ୦ ୳
,,	ଦ୍ୱାରକା	ଟ ୦ ୳୶
,,	୧୧ଶ	ଟ ୦ ।
,,	ଦ୍ୱାଦଶ	ଟ ୦ ।୶
,,	ତ୍ରୟୋଦଶ	ଟ ୦ ୷
ସାରଳ ମହାଭାରତ	ଆଦି	ଟ ୨ ୳
,,	ମଧ୍ୟ	ଟ ୨ ୳
,,	ସଭା	ଟ ୨ ୳
,,	ବନ	ଟ ୨ ୳
,,	ବିରାଟ	ଟ ୧ ।
,,	ଉଦ୍ୟୋଗ	ଟ ୧ ‹
,,	ଭୀଷ୍ମ	ଟ ୧ ।
,,	ଦ୍ରୋଣ	ଟ ୦ ୱ
,,	କର୍ଣ୍ଣ	ଟ ୦ ।୶
,,	ଶଲ୍ୟ	ଟ ୦ ୷
,,	ଗଦା	ଟ ୦ ୷
,,	କାଉଁଷିକା	ଟ ୦ ।
,,	ନାରୀଶାନ୍ତି	ଟ ୦ ୷
,,	ଆଶ୍ରମିକ	ଟ ୦ ।୶
,,	ମୂଷଲୀ	ଟ ୦ ।୶
,,	ସ୍ୱର୍ଗାରୋହଣ	ଟ ୦ ।୶

ଶ୍ରୀସୁଧାରମଣ ଯନ୍ତ୍ରାଳୟ, ବାଲୁବଜାର, କଟକ ।

Ptd. by H. M. Dutta, Dutta Press Cuttack.

Digitized by PPRACHIN, SOA